# ସଞ୍ଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 235 | ଭାଗ ୩୩ | ସଂଖ୍ୟା ୨୩୫ | Tuesday 18 November 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୧୮ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ଲାଲକିଲ୍ଲା ବିସ୍ଫୋରଣ ପଛରେ ଆର୍‌ଏସ୍‌ଏସ୍ ପୃଷ୍ଠା ୫


### ୨୦୨୪ ହିଂସାକାଣ୍ଡ ମାମଲାର ଶୁଣାଣି

## ଶେଖ ହସୀନାଙ୍କୁ ମୃତ୍ୟୁଦଣ୍ଡାଦେଶ

- ବାଂଲାଦେଶ ଇତିହାସରେ ପ୍ରଥମ ଘଟଣା
- ପୂର୍ବତନ ଗୃହ ମନ୍ତ୍ରୀଙ୍କୁ ବି ସମାନ ଦଣ୍ଡ
- ରାଜସାକ୍ଷୀ ପୂର୍ବତନ ପୁଲିସ୍ ମୁଖ୍ୟଙ୍କୁ ୫ ବର୍ଷ ଜେଲ୍



**ଢାକା,୧୭।୧୧:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସୀନାଙ୍କୁ ମିଳିଛି ମୃତ୍ୟୁଦଣ୍ଡାଦେଶ। ମାନବିକତା ବିରୋଧୀ ଅପରାଧ ପାଇଁ ତାଙ୍କୁ ଏଠାକାର ଅନ୍ତର୍ଜାତୀୟ କ୍ରାଇମ୍ସ ଟ୍ରିବ୍ୟୁନାଲ (ଆଇସିଟି)-୧ ଏପରି ଦଣ୍ଡାଦେଶ ଦେଇଛନ୍ତି। ୭୮ ବର୍ଷୀୟା ହସୀନା ବିଦ୍ରୋହ ଭୟରେ ଭାରତରେ ଆତ୍ମଗୋପନ କରିଥିବା ବେଳେ ତାଙ୍କୁ ଗତ ବର୍ଷ ଦେଶରେ ୧୯୭୧ ପରେ ସର୍ବବୃହତ୍ ରାଜନୈତିକ ଆନ୍ଦୋଳନରେ ୧୪ ଶହ ଜଣଙ୍କ ଜୀବନ ହାନି ମାମଲାରେ ହସୀନାଙ୍କୁ ମାଷ୍ଟରମାଇଣ୍ଡ୍ ବୋଲି କୋର୍ଟ ଦର୍ଶାଇବା ସହ ଚରମ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ବାଂଲାଦେଶ ଇତିହାସରେ ପ୍ରଥମ ଥର ପାଇଁ କୌଣସି ରାଷ୍ଟ୍ରମୁଖ୍ୟଙ୍କୁ ମୃତ୍ୟୁଦଣ୍ଡାଦେଶ ହୋଇଛି। ହସୀନାଙ୍କ ସହ ଦେଶର ପୂର୍ବତନ ଗୃହମନ୍ତ୍ରୀ ଅସଦୁଜାମନ ଖାନ କମାଲଙ୍କୁ ମଧ୍ୟ ମୃତ୍ୟୁଦଣ୍ଡାଦେଶ ମିଳିଛି। ଅସଦୁଜାମନ୍ ମଧ୍ୟ ଛାତ୍ର ବିଦ୍ରୋହ ଦମନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ବୋଲି କୋର୍ଟ କହିଛନ୍ତି। ଗତବର୍ଷ ଅଗଷ୍ଟରେ ସେ ଓ ହସୀନା ଭାରତ ଆସିବା ସହ ଏଠାରେ ଅଦ୍ୟାବଧି ଆତ୍ମଗୋପନ କରିଛନ୍ତି। କିନ୍ତୁ ଢାକାର ପୂର୍ବତନ ପୁଲିସ୍ ମୁଖ୍ୟ ଚୌଧୁରୀ ଅବଦୁଲ୍ଲା ଅଲ ମାମୁନ ଅନ୍ତରୀଣ ସରକାର ସହ ସାଲିସ କରି କଠୋର ଦଣ୍ଡରୁ ବର୍ତ୍ତିଯାଇଛନ୍ତି। ସେ ରାଜସାକ୍ଷୀ ହେବା ସକାଶେ ରାଜି ହେବାରୁ ତାଙ୍କୁ କୋର୍ଟ ମାତ୍ର ୫ ବର୍ଷ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି। ପାଖାପାଖି ମାସେ କାଳ ଧରି ଚାଲିଥିବା ଶୁଣାଣି ଶେଷ ହେବା ପରେ କୋର୍ଟ ରୁମ୍‌ରେ ମହଜୁଦ ଥିବା ପୀଡ଼ିତଙ୍କ ପରିବାର ଓ ଅନ୍ୟ ➪ପୃଷ୍ଠା-୬

# ହାରିଗଲେ ହ୍ୟୁମାନ୍

## ଆଉ ଜଣେ ତାରକାଙ୍କୁ ହରାଇଲା ଓଲିଉଡ୍

- ମାତ୍ର ୩୪ ବର୍ଷ ବୟସରେ ବୁଜିଲେ ଆଖି
- ୧୦ ବର୍ଷରେ ପାଇଥିଲେ ଅଜସ୍ର ସଫଳତା
- ଏକାଧିକ ଅଙ୍ଗ ଅଚଳ ହେବାରୁ ମୃତ୍ୟୁ ସୂଚନା
- ମ୍ୟାନେଜର୍ ବିରୋଧରେ ଅଭିଯୋଗ ଆଣିଲେ ମା'

**ଭୁବନେଶ୍ୱର,୧୭।୧୧(ସଂଚାର ବ୍ୟୁରୋ):** ଯୁବପିଢ଼ିର ହାର୍ଟଥ୍ରବ୍ ପାଲଟିଥିବା ଜଣାଶୁଣା ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ଆଜି ତାଙ୍କ ଲକ୍ଷ ଲକ୍ଷ ପ୍ରଶଂସକମାନଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କରିଛନ୍ତି। ଗତ ୧୪ ତାରିଖରେ ସେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। ୩୪ ବର୍ଷୀୟ ହ୍ୟୁମାନ୍‌ଙ୍କର ଏକାଧିକ ଅଙ୍ଗ ଅଚଳ ହୋଇଯାଇଥିବା ଡାକ୍ତର ସୂଚନା ଦେବା ସହ ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ହ୍ୟୁମାନଙ୍କର 'ମଲ୍ଟି ଅର୍ଗାନ ଡିସଫଙ୍କସନ ସିଣ୍ଡ୍ରୋମ' (ଏମ୍‌ଓଡିଏସ୍) ସହ ଏନସେଫାଲୋପାଥି (ମସ୍ତିଷ୍କ ସମସ୍ୟା), ଶ୍ୱାସକ୍ରିୟାରେ ବିଫଳତା, ତୀବ୍ର ବୃକକ ଆଘାତ, ଯକୃତ ରୋଗ, ଦ୍ୱିପାକ୍ଷିକ ନିମୋନିଆ ଏବଂ ହୃଦ୍‌ଘାତ ଭଳି ସମସ୍ୟା ରହିଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ➪ପୃଷ୍ଠା-୬

### ଅପୂରଣୀୟ କ୍ଷତି: ମୁଖ୍ୟମନ୍ତ୍ରୀ

ଆଜି ରାତିରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଦେହାନ୍ତ ହୋଇଥିବା ବେଳେ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ➪ପୃଷ୍ଠା-୬



ଆବିର୍ଭାବ-୨୫/୧୧/୧୯୯୦
ତିରୋଧାନ-୧୭/୧୧/୨୦୨୫

### ସ୍ୱରର ଯାଦୁ ଅମର ରହିବ: ଧର୍ମେନ୍ଦ୍ର

ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗ ଖବରରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନଙ୍କ ବିୟୋଗ ଖବର ଶୁଣି ମୁଁ ➪ପୃଷ୍ଠା-୬

### ଅବଦାନ ସ୍ମରଣୀୟ ରହିବ: ନବୀନ

ହ୍ୟୁମାନ୍‌ଙ୍କ ଦେହାନ୍ତ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ତାଙ୍କ ଭାବପୂର୍ଣ୍ଣ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି ଓ ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ➪ପୃଷ୍ଠା-୬

### ସାଉଦିରେ ଭୟଙ୍କର ସଡ଼କ ଦୁର୍ଘଟଣା

## ଜଳିଗଲେ ୪୨ ଭାରତୀୟ ଶ୍ରଦ୍ଧାଳୁ



ବସ୍ ସହ ଧକ୍କା ପରେ ଜଳିଗଲା ଟ୍ୟାଙ୍କର୍

**ରିଆଦ,୧୭।୧୧:** ସାଉଦି ଆରବର ମୁଫରିହତରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ମକ୍କାରୁ ମଦିନା ଯାଉଥିବା ଗୋଟିଏ ବସ୍ ସହ ଡିଜେଲ ବୋଝେଇ ଟ୍ୟାଙ୍କର୍‌ର ଧକ୍କା ହେବାରୁ ୪୨ ଜଣ ଭାରତୀୟ ଉମ୍ରା ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ହାଇଦ୍ରାବାଦର ନିବାସୀ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ବସ୍ ଓ ଡିଜେଲ ବୋଝେଇ ଟ୍ୟାଙ୍କର୍‌ରେ ନିଆଁ ଲାଗିଯାଇଥିଲା। ତେଣୁ କିଛି ଯାତ୍ରୀ ପୋଡ଼ି ହୋଇ ଓ ଆଉ କିଛି ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୧୦ ମହିଳା ଓ ୧୦ ଜଣ ଶିଶୁ ମଧ୍ୟ ରହିଛନ୍ତି। ଘଟଣା ପରେ ସ୍ଥାନୀୟ ଅଧିକାରୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ରିଲିଫ ଅପରେସନକୁ ତ୍ୱରାନ୍ୱିତ କରିଥିବା ବେଳେ ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବାରେ ଲାଗିଛନ୍ତି। ପ୍ରାଥମିକ ଯାଞ୍ଚ ଅନୁସାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୬ ଜଣ ହାଇଦ୍ରାବାଦର ବୋଲି ତେଲଙ୍ଗନା ମନ୍ତ୍ରୀ ଡି ଶ୍ରୀଧର ବାବୁ କହିଛନ୍ତି ତାଙ୍କ କହିବା କଥା ଯେ ମୃତକଙ୍କ ମଧ୍ୟରୁ ୧୬ ଜଣଙ୍କ ପରିଚୟ ମିଳିଛି। ସେମାନଙ୍କ ଘର ମାଲ୍ଲେପାଲ୍ଲୀ ଅଞ୍ଚଳର ବଜାରଘାଟରେ। ଅନ୍ୟମାନଙ୍କ ପରିଚୟ ଖୋଜା ଚାଲିଛି। ଏହି ଉମ୍ରା ଶ୍ରଦ୍ଧାଳୁମାନେ ନଭେମ୍ବର ୯ରେ ➪ପୃଷ୍ଠା-୬

## ନୂଆପଡ଼ା ବିକାଶ ପାଇଁ ମୋହନଙ୍କ ରୋଡମ୍ୟାପ

- ଦୁଇ ମାସ ମଧ୍ୟରେ ନୂଆପଡ଼ା ଯିବେ ମୁଖ୍ୟମନ୍ତ୍ରୀ
- ଖୁବଶୀଘ୍ର ଶିଳ୍ପ ତାଲିକାରେ ଯୋଡି ହେବ ଏହି ଜିଲ୍ଲା
- ନିର୍ବାଚନ ଦାୟିତ୍ୱରେ ଥିବା ନେତାଙ୍କୁ ନୂଆ ଟାସ୍କ
- ନିର୍ଦ୍ଧାରିତ ଅଞ୍ଚଳକୁ ଯିବେ ଦାୟିତ୍ୱରେ ଥିବା ନେତା
- ସମସ୍ୟା ନେଇ ଦଳ ଜରିଆରେ ମନ୍ତ୍ରୀଙ୍କୁ ଦିଆଯିବ ରିପୋର୍ଟ



**ଭୁବନେଶ୍ୱର,୧୭।୧୧(ସଂଚାର ବ୍ୟୁରୋ):** ଦୁଇ ମାସ ମଧ୍ୟରେ ନୂଆପଡ଼ା ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସେ ନୂଆପଡ଼ା ବିକାଶର ଦାୟିତ୍ୱ ନେଇଛନ୍ତି। ତେଣୁ ନୂଆପଡ଼ା ବିଜୟ ପରେ ଏହାର ବିକାଶ ନେଇ ସରକାର ଓ ଦଳ ପକ୍ଷରୁ ରୋଡ ମ୍ୟାପ ପ୍ରସ୍ତୁତ କରାଯିବ। ଏଥିସହିତ ବିଜେପିର ଯେଉଁ ନେତାମାନେ ନିର୍ବାଚନ ଦାୟିତ୍ୱରେ ଥିଲେ ସେମାନଙ୍କୁ ନୂଆ ଟାସ୍କ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଯେଉଁ ନେତାମାନେ ଯେଉଁ ଅଞ୍ଚଳରେ ଥିଲେ ସେମାନେ ପୁଣି ସେସବୁ ଅଞ୍ଚଳକୁ ଯିବେ ଏବଂ ଲୋକଙ୍କ ସମସ୍ୟା ବୁଝିବେ। ଲୋକଙ୍କ ସମସ୍ୟା ସମ୍ପର୍କିତ ରିପୋର୍ଟ ସେମାନେ ଦଳର ଉପସଭାପତିଙ୍କ ଜରିଆରେ ନିର୍ଦ୍ଦିଷ୍ଟ ମନ୍ତ୍ରୀମାନଙ୍କୁ ଦେବାକୁ ଦଳ ପକ୍ଷରୁ ଆୟୋଜିତ ଧନ୍ୟବାଦ ସଭାରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏଥିସହିତ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳକୁ କଟୁ ସମାଲୋଚନା କରିଛନ୍ତି। ଦିନ ଥିଲା ସବୁ ପୋଲିଂ ବୁଥରେ ଆମର ଏଜେଣ୍ଟ ନଥିଲେ। ପରାଜୟରୁ ଶିକ୍ଷା ଗ୍ରହଣ କରି ଏବଂ ପରାଜୟର ସମୀକ୍ଷା କରି, ଆଜି ଆମେ ବିଜୟୀ ହୋଇଛୁ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ନିଜ ଆସନ୍ନ ପରାଜୟର ଭୟରେ ଅନେକ ମିଛ କଥା କହି ଆକ୍ରମଣ କଲେ। ଏପରିକି ଭୋଟ ଚୋରୀ, ବେଇମାନ ଭଳି ଅପଶବ୍ଦ ମଧ୍ୟ ବ୍ୟବହାର କରିବାକୁ ପଛାଇଲେ ନାହିଁ। କିନ୍ତୁ ବିରୋଧୀଙ୍କ ମିଛ କାମ ଦେଲା ନାହିଁ ଏବଂ ନୂଆପଡ଼ାବାସୀ ସେମାନଙ୍କୁ ଉଚିତ ଜବାବ୍ ଦେଇଛନ୍ତି। ଅପରେସନ ସିନ୍ଦୁର ଭଳି ଅପରେସନ ନୂଆପଡ଼ା ହେଲା। ନୂଆପଡ଼ାବାସୀ ବହୁଳ ସଂଖ୍ୟାରେ ରେକର୍ଡ ପରିମାଣରେ ନିଜ ମତଦାନ ସାବ୍ୟସ୍ତ କରି ଐତିହାସିକ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରାଇଛନ୍ତି। ଯାହା ରାଜ୍ୟରେ ରାଜନୈତିକ ମୋଡ ବଦଳାଇ ଦେଇଛି ବୋଲି ସେ କହିଚନ୍ତି। ବିଭୀଷଣଙ୍କ ➪ପୃଷ୍ଠା-୬

## ଏବେ ବଦଳିବନି ମନ୍ତ୍ରିମଣ୍ଡଳ

- ଖୁବ୍‌ଶୀଘ୍ର ବୋର୍ଡ-ନିଗମରେ ନିଯୁକ୍ତି

**ଭୁବନେଶ୍ୱର,୧୭।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପରେ ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଚାଲିଥିବା ଚର୍ଚ୍ଚାରେ ରୋକ ଲଗାଇଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର। ବର୍ତ୍ତମାନ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବନି ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ତେବେ ଖୁବଶୀଘ୍ର ବୋର୍ଡ ଓ ନିଗମ ଅଧ୍ୟକ୍ଷ ପଦ ପୂରଣ ହେବ ବୋଲି ସେ କହିଛନ୍ତି।

ରାଜ୍ୟରେ ଏବେ ବି ୫ ମନ୍ତ୍ରୀ ପଦ ଖାଲି ଥିବା ବେଳେ ଅନେକ ମନ୍ତ୍ରୀଙ୍କ ପାଖରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ସେପଟେ ଆଶାୟୀଙ୍କ ତାଲିକା ବି ଧିରେ ଧିରେ ବଢୁଛି। ଏହାକୁ ନେଇ ଗତ କିଛି ମାସ ହେଲା ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ହେଉଥିଲା। କିନ୍ତୁ ସେ ସବୁ ସମ୍ଭାବନାକୁ ଅସ୍ୱୀକାର କରିଛନ୍ତି ତୋମାର। ପରେ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଆଗକୁ ବିଧାନସଭାର ଶୀତ ଅଧିବେଶନ ସାଙ୍ଗକୁ ଆସନ୍ତା ବର୍ଷ ଫେବୃଆରୀରେ ବଜେଟ ଅଧିବେଶନ। ଏ ସମୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ କଲେ ନୂଆ ମନ୍ତ୍ରୀମାନେ ଅଡୁଆରେ ପଡ଼ିବାର ଆଶଙ୍କା ରହିଛି। ତେଣୁ ମୁଖ୍ୟମନ୍ତ୍ରୀ କୌଣସି ରିସ୍କ ନେବାକୁ ଚାହୁଁନଥିବା ଜଣାପଡ଼ିଛି।

ତେବେ ଖୁବଶୀଘ୍ର ନିଗମ ଓ ବୋର୍ଡ ଅଧ୍ୟକ୍ଷ ତାଲିକା ଘୋଷଣା ହେବ ବୋଲି ତୋମାର ସୂଚନା ଦେଇଛନ୍ତି। ନୂଆ ଅଧ୍ୟକ୍ଷଙ୍କ ସମ୍ଭାବ୍ୟ ତାଲିକା ପ୍ରସ୍ତୁତି ➪ପୃଷ୍ଠା-୬

### 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ-୨୦୨୫' ଉଦ୍‌ଘାଟିତ

## ଏଆଇ ସୁଯୋଗର ଲାଭ ନେବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ



### ଇନଟେଲ୍‌ର ସମସ୍ତ ପଦକ୍ଷେପକୁ ପ୍ରଶଂସା

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୭।୧୧:** ସାମ୍ପ୍ରତିକ ସମୟ ଏକବିଂଶ ଶତାବ୍ଦୀର ସମୟ। ଏହି ସମୟରେ ଆମ ଦେଶ ଭାରତ ବିକାଶ ଦିଗରେ ଅଗ୍ରସର ହେଉଥିବା ବେଳେ ଆମକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସୁଯୋଗର ସମ୍ପୂର୍ଣ୍ଣ ଲାଭ ନେବାକୁ ହେବ ବୋଲି ସୋମବାର ନୂଆଦିଲ୍ଲୀରେ ଆୟୋଜିତ 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ୍-୨୦୨୫'କୁ ଉଦ୍‌ଘାଟନ କରିବା ସହ ଏକାଧିକ ଏଆଇ ପଦକ୍ଷେପର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଇନଟେଲ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପକୁ କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ। ସେ କହିଥିଲେ ଯେ ଏହି ପଦକ୍ଷେପଗୁଡ଼ିକ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ଆମ ଛାତ୍ରଛାତ୍ରୀଙ୍କ କଳ୍ପନା ଓ ନବସୃଜନକୁ ଆହୁରି ଅଧିକ ଗତି ଦେବ। ଏହି ନୂତନ କାର୍ଯ୍ୟକ୍ରମଗୁଡ଼ିକ ଏଆଇକୁ ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ କରାଇବାରେ ସହାୟକ ହେବା ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ, ଡିଜିଟାଲ୍-ସଶକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭାରତର ପରିକଳ୍ପନାକୁ ଆଗକୁ ନେବାରେ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ। ଭାରତ ଏଆଇ ପ୍ରଦାନ କରୁଥିବା ସୁଯୋଗଗୁଡ଼ିକୁ ହାତଛଡ଼ା ନକରି ତାହାକୁ ➪ପୃଷ୍ଠା-୬

## ଭାଉସାହେବ! ଆପଣଙ୍କୁ ମାନିଗଲେ କଟକିଆ

- ପାଣ୍ଡିଆନଙ୍କ ଅଣ୍ଡର କଭର ଏଜେଣ୍ଟଙ୍କୁ କିଏ ଦେଉଛି ସୁରକ୍ଷା?
- ସାଂସଦ ପ୍ରତାପ ଷଡ଼ଙ୍ଗୀ କାହିଁକି ଚୁପ?



**କଟକ,୧୭।୧୧(ସଂଚାର ବ୍ୟୁରୋ):** କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଭାରି ପାରିବାର। ଏକଥା ଆମେ କହୁନୁ, ଖୋଦ କଟକିଆଙ୍କ ମଧ୍ୟରେ ଏଭଳି ଚର୍ଚ୍ଚା ଜୋର ଧରିଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କଟକ ସାଂସଦ, ମେୟର, ବିଧାୟକ ସମସ୍ତଙ୍କୁ ଚିତାକାଟି ଦେଇଛନ୍ତି ସେ। ମଧୁର ବଚନ, କିନ୍ତୁ କୌଣସି ବରିଷ୍ଠ ଅଧିକାରୀ କି ରାଜ୍ୟ ଶାସନର ମୁଖ୍ୟ କାହାରି ନିର୍ଦ୍ଦେଶକୁ ସେ ସମ୍ମାନ ଦେଉନାହାଁନ୍ତି। ଦିନେ ଏହି ଆଇଏଏସ ଅଫିସର ପୂର୍ବତନ ୫-ଟି ଅଧ୍ୟକ୍ଷଙ୍କ ଗେହ୍ଲାପୁଅ ଥିଲେ। ରେଡ୍ କରିଡରରେ ଚର୍ଚ୍ଚା ହେଉଛି ଯେ ଏକଦା ଏହି ଅଫିସର ପ୍ରଶାସନିକ ସ୍ତରରେ ଭିକେ ପାଣ୍ଡିଆନଙ୍କ ଅଣ୍ଡର କଭର ଏଜେଣ୍ଟ ଭାବେ କାମ କରୁଥିଲେ। ଏବେ ସରକାର ବଦଳିବା ପରେ ନୂଆ ପ୍ରଶାସନିକ ଢାଞ୍ଚାରେ ବି ନୟନପିତୁଳା ସାଜିଛନ୍ତି ସେ।

ରାଜ୍ୟରେ ସାମ୍ବିଧାନିକ ମୁଖ୍ୟ ରାଜ୍ୟପାଳଙ୍କୁ ଅସମ୍ମାନ କରୁଛନ୍ତି। ରାଜ୍ୟପାଳଙ୍କ ପାଖରେ ଗୋଡ଼ ଉପରେ ଗୋଡ଼ ପକାଇ ରାଜ୍ୟପାଳଙ୍କ ଆଡକୁ ଜୋତା ଦେଖାଇ ବସୁଛନ୍ତି। ଅଥଚ କେହି କିଛି କହୁନାହାଁନ୍ତି। କଟକରେ ଏତେ ବଡ଼ ବାଲିଯାତ୍ରାର ଆୟୋଜନ ହେଲା। ଏହି ଆୟୋଜନରେ ଜିଲ୍ଲାପାଳ ଯଦିଓ ବାଲିଯାତ୍ରା କମିଟିର ମୁଖ୍ୟ, ସ୍ଥାନୀୟ ସାଂସଦ, ବିଧାୟକ ଓ ମେୟରଙ୍କ ଏକ ବଡ଼ ଭୂମିକା ରହିଛି। କିନ୍ତୁ କାହାରି ପରାମର୍ଶ ଗ୍ରହଣ ନ କରି ଏକପାଖିଆ ଭାବେ ସବୁ ନିଷ୍ପତ୍ତି ନେଲେ ଜିଲ୍ଲାପାଳ। ଉପର ବାଲିଯାତ୍ରାରେ ପଡ଼ିଆରେ ଯାତ୍ରା ଆୟୋଜନଠାରୁ ଆରମ୍ଭ କରି ବଲିଉଡର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ ଷ୍ଟେଜ ଶୋ' ପର୍ଯ୍ୟନ୍ତ, ସବୁଠି ଚାଲିଥିଲା କେବଳ ତାଙ୍କର ହାକିମାତି।

ଗତ ୧୩ ତାରିଖରେ ଶ୍ରେୟାଙ୍କ କାର୍ଯ୍ୟକ୍ରମ ପାଇଁ ୧୨ ତାରିଖରେ ଘୋଷଣା ହେଲା। ଏଥିପାଇଁ ପୂର୍ବରୁ ପୁଲିସ ସହ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରାଯିବାର ଥିଲା। କିନ୍ତୁ ଜିଲ୍ଲାପାଳ ସେ ➪ପୃଷ୍ଠା-୬



### କାନ ଡେରିଆ

ପ୍ରତ୍ୟେକ ଦିବସେ
ପ୍ରେସର ପ୍ରେସର
ସାମ୍ବାଦିକ ଏଠି ସହେ
ପ୍ରେସ ଦିବସକୁ
ପାଳିଦେଲେ ପରା
ଅନ୍ତରରୁ ଖୁସି ହୁଏ
କାହାର କି ଅବା ଯାଏ...
ଆବଶ୍ୟକ ବେଳେ ମିଡ଼ିଆ
କ୍ୟାମେରା
ଅନ୍ୟଦିନେ ଗାଳି ଖାଏ

■ ଦେବାଶିଷ

# ଦଳଡିଆଁଙ୍କ ଅଙ୍କ ବିଗାଡ଼ିଦେଲା ନିର୍ବାଚନ ଫଳାଫଳ

### ଏକାଧିକ ନେତା ଦୋ' ଛକିରେ

### କାହାକୁ ଭରସିବେ ଜାଣିପାରୁନାହାନ୍ତି



**ଭୁବନେଶ୍ୱର,୧୭।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପରେ ପରେ ଦଳ ଡେଇଁବାପାଇଁ ସଜବାଜ ହୋଇ ବସିଥିବା ଅନେକ ନେତା ଓ ନେତ୍ରୀଙ୍କ ଅଙ୍କ ବିଗିଡି ଯାଇଛି। ଯେଉଁ ଦଳକୁ ଯିବେ ବୋଲି ମନସ୍ଥିର କରିଥିଲେ ସେହି ଦଳକୁ ଆଉ ଭରସି ପାରୁ ନାହାନ୍ତି। ଏଥିପାଇଁ ଅନେକ ଦୋଛକିରେ ଅଟକିବା ସହିତ ନିଜ ନିଜ ଦଳରେ ମୁହଁମାଡି ବସିଛନ୍ତି।

ଉପନିର୍ବାଚନ ମଝିରେ ନୂଆପଡ଼ାରେ ଅନେକ ନେତା ବଦଳ କରିଥିବାବେଳେ ଭୁବନେଶ୍ୱରରେ ବି ଅମର ପଟ୍ଟନାୟକଙ୍କ ଭଳି ବରିଷ୍ଠ ବିଜେଡି ନେତା ଦଳ ଡେଇଁଥିଲେ। ଅମରଙ୍କ ସହିତ ଆଉ କିଛି ନେତା ବିଜେପିକୁ ଯିବେ ବୋଲି ପ୍ରଚାର ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାହା ବାତିଲ ହୋଇଯାଇଥିଲା। ତେବେ ନିର୍ବାଚନ ପରେ ପରେ ଆଉ କିଛି ନେତା ଦଳଡିଆଁ କରିବେ ବୋଲି ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ବି ବିରାମ ଲାଗିଗଲାଣି।

ବିଶେଷକରି ବିଜେଡିରୁ ନିଲମ୍ବିତ ନେତ୍ରୀ ଶ୍ରୀମୟୀ ମିଶ୍ର ଓ ତାଙ୍କ ସହ ତାଳ ଦେଇ ବିଜେଡିକୁ ବାଣ ମାରୁଥିବା ଏଲିନାଙ୍କ ଭଳି ନେତ୍ରୀ ଦଳ ବଦଳ କରିବେ ବୋଲି ଜୋରଦାର ଆଲୋଚନା ଚାଲିଥିଲା। ଏମାନଙ୍କ ସହିତ ବିଜେଡି ଓ କଂଗ୍ରେସର କିଛି ନେତା ଦଳ ବଦଳାଇବେ ବୋଲି ବି ଚର୍ଚ୍ଚା ଜୋରଦାର ହୋଇଥିଲା। ହେଲେ ନିର୍ବାଚନ ଫଳ ବାହାରିବା ପରେ ଦଳଡିଆଁ ପାଇଁ ସଜବାଜ ହେଉଥିବା ନେତାମାନେ ଧିରେ ଧିରେ ପଛଘୁଞ୍ଚା ଦେବାରେ ଲାଗିଛନ୍ତି।

ଏହି ଦଳଡିଆଁଙ୍କ ମଧ୍ୟରୁ କିଛି ନେତା କଂଗ୍ରେସକୁ ଯିବାପାଇଁ ପ୍ରସ୍ତୁତ ହୋଇଥିଲେ। ଆଶା ବାନ୍ଧିଥିଲେ କଂଗ୍ରେସ ବିଜୟୀ ହେଲେ କିମ୍ବା ପରାଜୟରେ ଭୋଟ ବ୍ୟବଧାନ କମ୍ ରହିଲେ ସେମାନେ କଂଗ୍ରେସରେ ସାମିଲ ହେଲେ। ହେଲେ ନିର୍ବାଚନରେ ଯଦିଓ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଲା, କିନ୍ତୁ ଭୋଟ ବ୍ୟବଧାନ ଢେର ଅଧିକ ହେଲା। ଏହାଛଡା ନିର୍ବାଚନ ସରୁ ସରୁ କଂଗ୍ରେସରେ ବୟାନବାଜି ଓ ଗୋଷ୍ଠୀ କନ୍ଦଳ ଆରମ୍ଭ ହୋଇଗଲାଣି। ଭକ୍ତଙ୍କ ବିଭୀଷଣ ମନ୍ତବ୍ୟକୁ ନେଇ କଂଗ୍ରେସ ଉଠୁଛି ପଡୁଛି। ଏଭଳି ସ୍ଥିତିରେ କଂଗ୍ରେସ ମୁହାଁ ନେତାମାନେ ଅଟକି ଯାଇଛନ୍ତି।

ସେହିଭଳି ଆଉ କିଛି ନେତା ବିଜେପିକୁ ଯିବାପାଇଁ ପ୍ରସ୍ତୁତ ହୋଇ ରହିଥିଲେ। ନିର୍ବାଚନରେ ବିଜେପି-ବିଜେଡିର ଭୋଟ ବ୍ୟବଧାନ ଉପରେ ସେମାନଙ୍କର ନଜର ରହିଥିଲା। ହେଲେ ସବୁ ଅଙ୍କ ଭୁଲ୍ ହୋଇ ବିଜୟର ବ୍ୟବଧାନ ୮୦ ହଜାର ଟପିବାପରେ ଏବେ ଏହି ଆଶାୟୀମାନେ ପଛଘୁଞ୍ଚା ଦେଇଛନ୍ତି। ଦଳରେ ସେମାନେ ମିଶିଲେ ହଠାତ୍ ଗୁରୁତ୍ୱ ପାଇବେ ନାହିଁ ବୋଲି ଅନୁଭବ କରିବା ପରେ ଏବେ ତୁନି ପଡ଼ିଛନ୍ତି। ତଥାପି କିଛି ଯୋଗାଯୋଗରେ ବି ରହିଛନ୍ତି।

ଆସନ୍ତା ବର୍ଷ ଏପ୍ରିଲ୍‌ରେ ରାଜ୍ୟସଭା ନିର୍ବାଚନ ଥିବାବେଳେ ଏବେ ନିଗମ ଓ ଅଧ୍ୟକ୍ଷ ନିଯୁକ୍ତି କରାଯିବ ବୋଲି ଆଲୋଚନା ଆରମ୍ଭ ହୋଇଛି। ଦଳ ବଦଳ ପାଇଁ ଚାହୁଁଥିବା କିଛି ନେତା ମଧ୍ୟ ଏହା ଉପରେ ନଜର ରଖିଛନ୍ତି।

ଦଳରେ ଥିବା ଅନ୍ୟମାନଙ୍କ ଗୁରୁତ୍ୱକୁ ମାପିବାପରେ ସେମାନେ ଦଳ ବଦଳାଇବେ କି ନାହିଁ ସେ ସଂକ୍ରାନ୍ତରେ ଚିନ୍ତା କରିବେ। ଏଭଳି ସ୍ଥିତିରେ କିନ୍ତୁ ବିଜେଡି ଏକ ପ୍ରକାର ଆଶ୍ୱସ୍ତ ହୋଇଛି। କାରଣ ଅମରଙ୍କ ପଛେ ପଛେ ଆଉ କିଛି ନେତା ବିଜେଡିକୁ ବାଏ ବାଏ କହିବେ ବୋଲି ଯେଉଁ ଆଲୋଚନା ଚାଲିଥିଲା ସେଥିରେ ସାମୟିକ ବିରାମ ଲାଗିଛି।

SANCHAR ସଂଚାର

## ଅଗ୍ନିବିପନ୍ନ ପରିବାରକୁ କଂଗ୍ରେସ ଯୁବନେତାଙ୍କ ସହାୟତା



**ରାଜନଗର,୧୭।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ହଂସୁଆ ଗୁଳା ଗାଁରେ ଗତ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ପରିବାରର ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଗାଁର ଫକିର ବିଶ୍ୱାଳ, ଘନଶ୍ୟାମ ବିଶ୍ୱାଳ ଓ ପବିତ୍ର ବିଶ୍ୱାଳ ପ୍ରମୁଖ ୩ ପରିବାରର ୧୦ ବଖରା ଘର ସହିତ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆସବାସ ପତ୍ର ପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗିବା ସମୟରେ ଘର ଭିତରେ ପରିବାର ସଦସ୍ୟ ଥିଲେ। ଭୟାବହ ଅଗ୍ନିକାଣ୍ଡ କାରଣରୁ କୌଣସି ଆସବାସ ପତ୍ର ଉଧାର କରାଯାଇ ପାରିନାହିଁ ଅଗ୍ନିସମ ବାହିନୀ ପହଞ୍ଚିବା ବେଳକୁ ସବୁ ପୋଡି ପାଉଁଶ ହୋଇ ସାରିଥିଲା। ୩ ପରିବାରର ୧୬ ଜଣ ସଦସ୍ୟ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିଲେ ମଧ ସର୍ବସ୍ୱ ହରାଇଛନ୍ତି। ଆଜି ଖବର ପାଇ ବିପନ୍ନ ପରିବାରକୁ ରାଜନଗର ନିର୍ବାଚନ ମଣ୍ଡଳୀର କଂଗ୍ରେସ ଯୁବ ନେତା ପ୍ରଶାନ୍ତ କୁମାର ରାଉତ ପହଁଚି ବିପର୍ଣ୍ଣ ପରି ବାରଙ୍କୁ ଶୁଖିଲା ଖାଦ୍ୟ ଓ ପାଲ ପ୍ରଦାନ କରିବା ସହ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗଇଦେବା ଲାଗି ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

## ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ



**କେନ୍ଦ୍ରାପଡା,୧୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ସଙ୍ଗୀତଜ୍ଞ ପ୍ରବାଦ ପୁରୁଷ ଅକ୍ଷୟ ମହାନ୍ତିଙ୍କ ପୁଣ୍ୟ ୨୩ତମ ଶ୍ରାଦ୍ଧୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ତଥା ଅକ୍ଷୟଙ୍କ ଅନ୍ୟତମ ପଟ୍ଟଶିଷ୍ୟ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୋରଡ ସ୍ଥିତ ଶ୍ରୀ ରାଧାକୃଷ୍ଣଜୀଉ ବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ଡାକ୍ତର ମନୋରଞ୍ଜନ ଦାଶ, ସମ୍ମାନୀତ ଅତିଥି ଭାବରେ ପ୍ରଫେସର ପ୍ରଶାନ୍ତ କୁମାର ସାମଲ, ପଣ୍ଡିତ ପଦ୍ମନାଭ ଦାଶ, କବି ଅମର ପ୍ରସାଦ ରାଉତ, କଣ୍ଠଶିଳ୍ପୀ ଅଜୟ ମହାନ୍ତି, ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଯୋଗଦାନ ପୂର୍ବକ ଅକ୍ଷୟଙ୍କ ଅମ୍ଳାନ ସ୍ମୃତି ଚାରଣ କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶିଷ୍ଟ ଗାୟିକା ନିରୁପମା ଜେନା ଓ ଅର୍ଚ୍ଚନା ପରିଡା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାଇଥିଲେ। ଶିକ୍ଷକ ଅଜୟ ସ୍ୱାଇଁ, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଗୌରବ ଦାସ, କବି ଅଶୋକ ସାହୁ, ନାଟ୍ୟକାର ଭୀମସେନ ପ୍ରଧାନ, ଅଙ୍କିତା ପରିଡା, ଭାଗବତ ଷଡ଼ଙ୍ଗୀ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଙ୍ଗଠନର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ମାଧବ ମଳିକ, ଦେବପ୍ରସାଦ ବିଶ୍ୱାଳ, ଭକ୍ତ ଚରଣ ଦାଶ, ସନ୍ତୋଷ ଦାଶ, ଲିଟନ ଦାଶ, ବିକ୍ରମ କେଶରୀ ସାମଲ, ଅଜୟ ଜେନା, କୃଷ୍ଣ ସାହୁ, ଭବାନୀ ପ୍ରସାଦ ଓଝା , ଶିବରାଜ ରାଉତ, ଅଚ୍ୟୁତାନନ୍ଦ ପରିଡା, ଅଭୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆରମ୍ଭରେ ଅତିଥିମାନେ ଅକ୍ଷୟ ମହାନ୍ତି, ଭିକାରୀ ବଳ, କବି ଭାବଗ୍ରାହୀ ପରିଡା ଓ କବି ପତ୍ନୀ ସରୋଜିନୀ ପରିଡାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ବଡ଼ି ସକାଳୁ ଅନୁଷ୍ଠାନରେ ଅକ୍ଷୟଙ୍କ ଉଦ୍ଦେଶ୍ୟରେ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

# କେନ୍ଦ୍ରାପଡ଼ା ଆର୍ ଆଣ୍ଡ ବି ଡିଭିଜନରେ ଦୁର୍ନୀତି ଅଭିଯୋଗ

## ବିନା ଟେଣ୍ଡରରେ ଦିଆଯାଇଛି ସସାରଫଳ-ମଦନପୁର ରାସ୍ତା କାମ

**କେନ୍ଦ୍ରାପଡ଼ା,୧୭।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଆର ଆଣ୍ଡ ବି ଡିଭିଜନ-୧ ଅଧୀନର ସସାରଫଳ ଠାରୁ ମଦନପୁର ପର୍ଯ୍ୟନ୍ତ ଚାଲୁଥିବା ରୋଡ କାମକୁ ନେଇ ଗୁରୁତର ଅଭିଯୋଗ ଆସିଛି। ଅଭିଯୋଗ ହେଉଛି ଏହି କାମ ବିନା ଟେଣ୍ଡର ଏହି ରାସ୍ତା କାମରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ଆର ଆଣ୍ଡ ବି ଡିଭିଜନରେ ଏଭଳି ବେଆଇନ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି।



ସରକାରୀ ନିୟମ ଅନୁଯାୟୀ ଏହି ରାସ୍ତାକୁ ପ୍ରିମିକ୍ସ ଓ ସିଲକୋଟ ପ୍ରକ୍ରିୟାରେ ପକାଯିବା କଥା। କିନ୍ତୁ ବିନା ଟେଣ୍ଡରରେ ଦିଆଯାଇଥିବା ଏହି ରାସ୍ତାକୁ ଠିକାଦାର ମନଇଚ୍ଛା ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପ୍ରକାର କାମ ସଡ଼କର ଦୀର୍ଘକାଳୀନ ଦୃଢ଼ତାକୁ ପ୍ରଭାବିତ କରିବ ବୋଲି ଅନେକ ଆଶଙ୍କା କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ରାସ୍ତାର ମାନକୁ ଅଣଦେଖା କରି ଅତି ନିମ୍ନମାନର କାମ କରାଯାଉଛି। ବିଭାଗୀୟ ଅଧିକାରୀମାନେ କାମ ତଦାରଖ ପାଇଁ ଘଟଣାସ୍ଥଳକୁ ଯାଉନାହାନ୍ତି। ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଥିବାର ସନ୍ଦେହ ହେଉଛି। ଯେଉଁଥିପାଇଁ ସରକାରୀ ନିୟମର ଉଲଂଘନ କରି କାମ ଦିଆଯାଉଛି ଆଉ ତାର ପୁଣ ତଦାରଖ ହେଉନି। ସାଧାରଣ ଲୋକଙ୍କ ଟିକସ ଅର୍ଥର ଦୁରୁପଯୋଗ କରାଯାଉଥିବା ବେଳେ କେହି ଉତ୍ତରଦାୟିତ୍ୱ ନେଉନାହାଁନ୍ତି। ଏପରିକି ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଗଲେ ବି କିଛି ସୁଫଳ ମିଳୁନି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ଯୁବ ବ୍ୟବସାୟୀଙ୍କ ବିୟୋଗ

**ମହାକାଳପଡ଼ା,୧୭।୧୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବଡକୂଳ ଗ୍ରାମର ଯୁବ ବ୍ୟବସାୟୀ ନିକୁଞ୍ଜ କୁମାର ବେହେରା ଓରଫ ଧୁକୁଡ଼ି(୫୧) ଙ୍କର ଆଜି ପରଲୋକ ହୋଇଯାଇଛି। ହୃଦରୋଗରେ ଆକ୍ରାନ୍ତ ପରେ କଟକରେ ଅସ୍ତ୍ରୋପଚାର ହୋଇ ୩ ଦିନ ତଳେ ଘରକୁ ଫେରିଥିଲେ । ସୋମବାର ଅପରାହ୍ନରେ ଘରେ ଶୋଇଥିବା ବେଳେ ହଠାତ୍ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ମାର୍ଶାଘାଇ ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧୁକୁଡ଼ି ବ୍ୟବସାୟ କରିବା ସହିତ ରାଜନୀତିରେ ବେଶ୍ ସକ୍ରିୟ ଭୂମିକା ଗ୍ରହଣ କରୁଥିଲେ। ତାଙ୍କ ବିୟୋଗରେ ବଡକୂଳର ଯୁବନେତା ନିହାର ରଞ୍ଜନ ଦାସ, ସାମ୍ବାଦିକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସମାଜର ଜିଲ୍ଲା ସମ୍ପାଦକ ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସମୁଦ୍ର ବିକ୍ରିହେବା ଘଟଣା: କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

**ରାଜନଗର, ୧୭।୧୧ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସଲଗ୍ନ ସମୁଦ୍ର ଓ ବେଳାଭୂମିକୁ ସରକାରୀ ସ୍ତରରେ ଦଲିଲ କରି ରାଜ୍ୟ ବାହାର କମ୍ପାନୀ ହାତରେ ଟେକି ଦିଆଯିବା ଖବର ରାଜ୍ୟର ଏକମାତ୍ର ସାମୁଦ୍ରିକ ଅଭୟାରଣ୍ୟର ଭବିଷ୍ୟତ ନେଇ ଆଶଙ୍କା ସୃଷ୍ଟି ହୋଇଛି। କେବଳ ରାଜ୍ୟ ବାହାର କମ୍ପାନୀ ନୁହେଁ ରାଜ୍ୟର କିଛି କମ୍ପାନୀ ଶହ ଶହ ଏକର ସମୁଦ୍ର ଓ ବେଳାଭୂମିକୁ କିଣି ନେଇଛନ୍ତି। ଭୁବନେଶ୍ୱର , କଟକ ଓ ପାରାଦୀପରେ ଥିବା ସୂର୍ଯ୍ୟୋଦୟ ଲିମିଟେଡ କମ୍ପାନୀ ୩୦୦ ଏକର ସମୁଦ୍ର ଓ ବେଳାଭୂମିକୁ କିଣି ନେଇଛି। ଯେଉଁ ଅଞ୍ଚଳରେ ଚାରିଆଡେ କେବଳ ସମୁଦ୍ର, ବେଳାଭୂମି ଓ ଜଙ୍ଗଲ ସେ ଅଞ୍ଚଳର ସମୁଦ୍ର ଓ ଜଙ୍ଗଲ କିପରି ସରକାରୀ ବ୍ୟବସ୍ଥାରେ ବିକ୍ରି ହେଲା ଓ ସରକାରୀ ବାବୁମାନେ କିପରି ସମୁଦ୍ର ଓ ବେଳାଭୂମିକୁ ବିକ୍ରି କରିବାକୁ ଅନୁମତି ଦେଲେ ତାହାକୁ ନେଇ ସବୁ ମହଲରେ ଆଲୋଡନ ସୃଷ୍ଟି ହୋଇଛି।



ସମୁଦ୍ର ଓ ବେଳାଭୂମି ବିକ୍ରି ହେବା ଘଟଣା ଗହୀରମଥା ଓ ଭିତରକନିକାର ଏହି ପ୍ରସଙ୍ଗ ସଂବେଦନଶୀଳ ହୋଇଥିବାରୁ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି କରିଛି। ସଂବେଦନଶୀଳ ଅଞ୍ଚଳରେ କିପରି କମ୍ପାନୀ ଗୁଡିକ ସମୁଦ୍ରକୁ କିଣିନେଲେ ସେ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହିତ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ ଆଜି ଅଖିଲ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ତହସିଲଦାର ଯୀଶୁକୃଷ୍ଣ ଦାସଙ୍କୁ ଦାବିପତ୍ର ଦିଆଯାଇଛି।

## କର୍କଟ ପୀଡ଼ିତାଙ୍କୁ ଅର୍ବାନ ବ୍ୟାଙ୍କର ସହାୟତା



**କେନ୍ଦ୍ରାପଡ଼ା,୧୭।୧୧(ସଂଚାର ବ୍ୟୁରୋ):** କର୍କଟ ପିଡ଼ିତା ଦଶମ ଶ୍ରେଣୀ ଛାତ୍ରୀଙ୍କୁ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । କେନ୍ଦ୍ରାପଡାର ନହଙ୍ଗ ନିବାସୀ ଦିପ୍ତୀ ସାହୁଙ୍କର ଏକମାତ୍ର ଝିଅ ଚିନ୍ମୟୀ ସାହୁ କର୍କଟ ରୋଗରେ ପିଡିତ ହୋଇ ଭୁବନେଶ୍ୱରସ୍ଥିତ କିମିସ୍ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ପିତା ମାତା ଗରିବ ହୋଇଥିବାରୁ ଝିଅର ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି। ଏ ସମ୍ପର୍କରେ ପରିବାର ପକ୍ଷରୁ ବ୍ୟାଙ୍କର ସଭାପତିଙ୍କୁ ଝିଅର ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ସଭାପତି ତୁରନ୍ତ ୫ହଜାର ଟଙ୍କା ତାଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ବ୍ୟାଙ୍କର ସି.ଇ.ଓ.ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବ୍ୟାଙ୍କ ସି.ଇ.ଓ. ଭାଗ୍ୟଲକ୍ଷ୍ମୀ ପଣ୍ଡା ୫ ହଜାର ଟଙ୍କାର ଏକ ଚେକ୍ ପିଡିତାଙ୍କ ମାତାଙ୍କୁ ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ବ୍ୟାଙ୍କର ଜେନେରାଲ ମ୍ୟାନେଜର ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡ଼ା, ଭଞ୍ଜକିଶୋର ଜେନା ଓ ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଚପଲ ଗୋଦାମର ଝରକା ଭାଙ୍ଗି ନଗଦ ଟଙ୍କା ଓ ମୂଲ୍ୟବାନ୍ ଜୋତା ଚୋରି



**ସାଲେପୁର,୧୭।୧୧(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ଚନ୍ଦ୍ରାଦେଇପୁର ଗ୍ରାମର କୁଆଁପାଳରୋଡ୍ ପାର୍ଶ୍ୱରେ ଥିବା ଏକ ଚପଲ ଗୋଦାମର ଝରକା ଭାଙ୍ଗି କେହି ଦୁର୍ବୃତ୍ତ ଗୋଦାମ ଗୃହରେ ଥିବା ନଗଦ ଟଙ୍କା ଓ ବହୁ ମୂଲ୍ୟବାନ୍ ଚପଲ ଚୋରି କରିନେଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ କୁଆଁପାଳ ରୋଡ୍‌ର ଚନ୍ଦ୍ରାଦେଇପୁର ଗ୍ରାମରେ ନାଦୋଳ ଅଞ୍ଚଳର ମହମ୍ମଦ ରସିଦ୍ କରିଥିବା ଏକ ଚପଲ ଗୋଦାମ ଗୃହର ପଛପଟ ଝରକା ଭାଙ୍ଗି କେହି ଦୁର୍ବୃତ୍ତ ଗୋଦାମ ଗୃହରେ ପ୍ରବେଶ କରି ଡ୍ରରେ ଥିବା ପ୍ରାୟ ୪୪ହଜାର ଟଙ୍କା ଓ ବହୁ ମୂଲ୍ୟବାନ୍ ଜୋତା ଓ ଚପଲ ଚୋରି କରିନେଇଥିବାର ମହମ୍ମଦ ରସିଦ୍ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସେହିପରି ନିକଟରେ ଥିବା ୨ରୁ ୩ଜଣ ବ୍ୟକ୍ତିଙ୍କ ବାହାରପଟ ଝରକା ଓ କବାଟ ବାଡେଇବା ସହ ଚୋରି କରିବାକୁ ଉଦ୍ୟମ କରି ବିଫଳ ହେବାରୁ ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ମାର୍ଶାଘାଇ,୧୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ମୋଟ ୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୬୨ ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗ ରହିଥିଲା।



ମୁଖ୍ୟତଃ ଆବାସ ଯୋଜନା, ରାସନ୍ କାର୍ଡ, ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କିତ ଅଭିଯୋଗ ମାନ ରହିଥିଲା। ସାମୂହିକ ଅଭିଯୋଗ ମଧରେ ଗିରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ପାନୀୟ ଜଳ ସମସ୍ୟା, ରାସ୍ତା ଓ ଭିତ୍ତିଭୂମିର ଉନ୍ନତି ପାଇଁ ସ୍କୁଲ ପରିଚାଳନା କମିଟି ସଦସ୍ୟମାନଙ୍କ ଆବେଦନ, ଜନୈକ ଛାତ୍ରୀଙ୍କୁ ନିଜ ଭଡାଘରକୁ ନେଇ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ମାର୍ଶାଘାଇ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ସଂପୃକ୍ତ ଅଧାପକଙ୍କ ବଦଳି ପାଇଁ ପୁରାତନ ଛାତ୍ର ଓ ବୁଦ୍ଧିଜୀବିମାନଙ୍କ ଆବେଦନ ଏବଂ ଅଙ୍ଗୁଲାଇ ପଞ୍ଚାୟତ ଅଙ୍ଗୁଲାଇ ଗ୍ରାମ ପମ୍ପ ହାଉସ୍‌ର ଏସଇଏମ ନିଯୁକ୍ତିରେ ଚଞ୍ଚକତା କରି ନିଯୁକ୍ତ କର୍ମଚାରୀଙ୍କ ବହିଷ୍କାର ଆଦି ଅଭିଯୋଗ ସ୍ଥାନିତ ରହିଥିଲା।

ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ତୃପ୍ତି ମହାନ୍ତି ,ମାର୍ଶାଘାଇ ବିଡିଓ ପଞ୍ଚାନନ ମଲ୍ଲିକ,ତହସିଲଦାର ଶ୍ରୀକାନ୍ତ ପରିଜା ଓ ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକଙ୍କ ସମେତ ଜିଲ୍ଲାସ୍ତରର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୯ ଜୋନରେ ସାଂସଦ ଖେଳ ମହୋତ୍ସବ




**ରାଜକନିକା, ୧୭।୧୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ତରାସ ଖେଳ ପଡିଆରେ ୨୯ ନମ୍ବର ଜୋନ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ରାଜକନିକା ବ୍ଲକ ଉନ୍ନୟନ ଅଧିକାରୀ କୈଳାସ ଚନ୍ଦ୍ର ମହାଳିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ବିଜେପିର ବରିଷ୍ଠ ନେତା ଭକ୍ତ ବନ୍ଧୁ ମିଶ୍ର ଯୋଗ ଦେଇଥିବା ବେଳେ, ସଂମ୍ମାନିତ ଅତିଥି ରୂପେ ରାଜକନିକା ଏବିଓ କୈଳାସ ଚନ୍ଦ୍ର ସାହୁ, ୨୯ନମ୍ବର ଜୋନ ସଭାପତି ଦିଲ୍ଲୀପ କୁମାର ପରିଡା, ସିଲୁ ସିଂହ, ଅଂଚଳ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଖେଳ ମହୋତ୍ସବରେ ଜୁନିଅର, ସିନିଅର ଦୁଇଟି ବିଭାଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ୧୦୦ ମିଟର ଦୌଡ଼, ୨୦୦ମିଟର ଦୌଡ଼, ୪୦୦ମିଟର ଦୌଡ଼, ହାଇ ଜମ୍ପ, ଲଙ୍ଗ ଜମ୍ପ, ସଟ ପୁଟ ଥ୍ରୋ, କବାଡି, ଭଲିବଲ ଆଦି ଖେଳ ଅନୁଷ୍ଠିତ ହୋଇଥିଲା।

### ତୁଳସୀକ୍ଷେତ୍ରକୁ ୧୦୦ କୋଟି ଟଙ୍କାର ଅନୁଦାନ ଘୋଷଣା

## ପୂର୍ବରୁ ଉଦ୍ୟମ ଆରମ୍ଭ କରିଥିବା ବଳଦେବ ସେନାର ଦାବି



**କେନ୍ଦ୍ରାପଡ଼ା,୧୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ଏବଂ ନବୀକରଣ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ରବିବାର ଦିନ ଏକଶହ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି । ଏହି ଘୋଷଣା ପରେ କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ବଳଦେବ ସେନା ଗଣମାଧମକୁ ସୂଚନା ଦେଇଛି ଯେ ରାଜ୍ୟ ସରକାର ଏହି ଟଙ୍କା ଦେବା ପଛରେ ବଳଦେବ ସେନାର ଦାବି ରହିଥିଲା। ଦୀର୍ଘଦିନ ହେବ ବଳଦେବ ସେନା ଦାବି କରିଥିଲା ବଳଦେବଜୀଉଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଯାଉ। ରାଜ୍ୟ ସରକାର ଏହି ଘୋଷଣା କରିଥିବାରୁ ସେନା ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ଏକ ବୈଠକରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି। ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନଙ୍କ ଘୋଷଣା ଅଗଣିତ ଭକ୍ତଙ୍କ ମଧରେ ଆନନ୍ଦର ଲହରୀ ଖେଳିଯାଇଛି।

ବଳଦେବ ସେନା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ଭେଟି ମନ୍ଦିର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ, ପରିକ୍ରମା ପ୍ରକଳ୍ପ ଏବଂ ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଆଇନ୍ ମନ୍ତ୍ରୀ ମଧ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସେନା ପକ୍ଷରୁ ଦେବୋର ଆୟୁକ୍ତଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ସହିତ କେନ୍ଦ୍ରାପଡ଼ା ସାଂସଦ, ମହାକାଳପଡ଼ା ବିଧାୟକ, କେନ୍ଦ୍ରାପଡ଼ା ବିଧାୟକ ଓ ଜିଲ୍ଲାପାଳଙ୍କ ନିକଟରେ ମଧ ବହୁବାର ଦାବି ଉପସ୍ଥାପନ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ଆରମ୍ଭ ନହେଲେ ଅନଶନ କରିବା ପାଇଁ ସାମ୍ବାଦିକ ସମ୍ମିଳନୀ ମାଧମରେ ମଧ ଚେତାବନୀ ଦିଆଯାଇଥିଲା। ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇବାରେ ସାଂସଦ ବୈଜୟନ୍ତ ପଣ୍ଡା ଏବଂ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ରହିଛି ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



**ଗରଦପୁର,୧୭।୧୧(ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅଧିନ ୧୧ ନମ୍ବର ଜୋନ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଆଜି ସକାଳୁ ପାଟକୁରା ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି । ୧୭ଏବଂ ୧୮ ନଭେମ୍ବର ୨ଦିନ ଧରି ୭ଟି ପଞ୍ଚାୟତର ଶତାଧିକ ଛାତ୍ରଛାତ୍ରୀ ୮ ପ୍ରକାର ଖେଳରେ ଭାଗ ନେଉଛନ୍ତି । ୧୦୦ମିଟର ଓ ୪୦୦ମିଟର ରିଲେ ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟପୁଟ ଥ୍ରୋ, ଭଲି ବଲ, କବାଡି ଭଳି ୮ ପ୍ରକାର ଖେଳରେ ସିନିୟର ୮ଟି ଜୁନିୟର ୫ଟି ଖେଳ ହେବ । ୧୨ବର୍ଷରୁ ୧୬ବର୍ଷ ଏବଂ ୧୭ବର୍ଷରୁ ୨୪ବର୍ଷ ବୟସର ପୁଅ ଓ ଝିଅ ଏହି ଖେଳରେ ଭାଗ ନେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସମଗ୍ର କେନ୍ଦ୍ରାପଡ଼ା ଲୋକସଭାରେ ଏହି ଖେଳ ଅନୁଷ୍ଠିତ ହେଉଛି । ପାଟକୁରା ନିର୍ବାଚନ ମଣ୍ଡଳୀ ପାଇଁ ସାଂସଦ ଖେଳ ମହୋତ୍ସବର ମୁଖ୍ୟ ସଂଯୋଜକ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଆଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜନା ଟିମ ପକ୍ଷରୁ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ଜ୍ୟୋତ୍ସ୍ନା ରାଣୀ ଜେନା ଯୋଗଦେଇଥିଲେ। ପୂର୍ବତନ ଶିକ୍ଷାବିତ ତଥା ବରିଷ୍ଠ ସାମ୍ବାଦିକ ବିଚିତ୍ର ପଟ୍ଟନାୟକ ଆଜିର କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧରେ ପାଟକୁରା ଥାନା ଆଇଆଇସି , ଗରଦପୁର ଏବିଓ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଦୁଃଖୀଶ୍ୟାମ ବୃଦ୍ଧାଶ୍ରମ ପରିସରରେ ସ୍ୱାସ୍ଥ୍ୟସେବା ଶିବିର




**ସାଲେପୁର, ୧୭।୧୧ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ଏଲମାପୁରଠାରେ ଥିବା ଦୁଃଖିଶ୍ୟାମ ବୃଦ୍ଧାଶ୍ରମ ପରିସରରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ରୋଟାରୀ ଅଭିନବର ସଭାପତି ବିଶ୍ୱନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ୱାସ୍ଥ୍ୟସେବା ଶିବିରରେ ସାଲେପୁର ଅଞ୍ଚଳର ଯୁବ ଡାକ୍ତର ସନତ୍ ଶୁଭମ୍ ମିଶ୍ରଙ୍କ ସହଯୋଗରେ ଆଶ୍ରମର ସମସ୍ତ ଅନ୍ତେବାସୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଡାକ୍ତର ଶ୍ରୀ ମିଶ୍ର ପ୍ରତିମାସରେ ଏହି ଅନ୍ତେବାସୀମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଡାକ୍ତର ଶ୍ରୀ ମିଶ୍ର ଆଶ୍ରମର ଅନ୍ତେବାସୀମାନଙ୍କ ପାଇଁ ଚାଉଳ, ଡାଲି ଇତ୍ୟାଦି ପ୍ରଦାନ କରିଥିଲେ। ସେହିପରି ରୋଟାରୀ ଅଭିନବ ପକ୍ଷରୁ ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

# ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା

## ଦେଢକୋଟି ବିଲ୍‌ପାସ

## ସନ୍ଦେହରେ ଜଳସମ୍ପଦ ବିଭାଗ

**ଡେରାବିଶ,୧୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ ସଦାନନ୍ଦପୁର (ଗୁଡ଼ିଆ ସାହି) ଗୋବରୀ ନଦୀର ଦକ୍ଷିଣ ପାର୍ଶ୍ୱରେ ହୋଇଥିବା ପଥର ପ୍ୟାକିଂରେ ନୂଆ ପଥର ନ ପକାଇ ଠିକାଦାର ଦେଢ଼ କୋଟି ଟଙ୍କା ନେଇ ଯାଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଏହିପରି ଭାବେ ଟିକସଦାତାଙ୍କ ଅର୍ଥକୁ ତୋଷରପାତ କରାଯାଇଛି।

ନଦୀରେ ବନ୍ୟା ଜଳ ପ୍ରବେଶ ଦ୍ୱାରା ଦୁର୍ବଳ ନଦୀବନ୍ଧରୁ ମାଟି ଅତଡା ଖସିଯାଏ। ଫଳରେ ନିକଟସ୍ଥ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରି ଅନେକ କ୍ଷୟକ୍ଷତି ଘଟାଇ ଥାଏ। ଏହି ସ୍ଥିତିରେ ଡେରାବିଶ ବ୍ଲକର ସଦାନନ୍ଦପୁର, ଗୁଡିଆ ସାହି ଗୋବରୀ ନଦୀବନ୍ଧ ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀବନ୍ଧ ସୁରକ୍ଷା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ଜଳସେଚନ ବିଭାଗ ପକ୍ଷରୁ ୨ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟବରାଦରେ ଜଣେ ବି-କ୍ଲାସ ଠିକାଦାରଙ୍କୁ ଏହି ନଦୀବନ୍ଧରେ ପଥର ପ୍ୟାଙ୍କିଂ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଅଭିଯୋଗ ଅନୁଯାୟୀ କାର୍ଯ୍ୟ ଆରମ୍ଭରୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ପ୍ରମୋଦ କୁମାର ରାୟ ଓ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ଶତପଥୀ କାର୍ଯ୍ୟସ୍ଥଳକୁ ଆସିନଥିଲେ। ଫଳରେ ଠିକାଦାର ମନୋମୁଖୀ ଭାବେ ନିମ୍ନମାନର ଛୋଟ ଛୋଟ (ମେଷ୍ଟାଲ) ପଥର ଲଗାଇ ୭୦ ପ୍ରତିଶତ କାର୍ଯ୍ୟ ସାରିଦେଲେ । ବିଭିନ୍ନ କ୍ଷେତ୍ରରେ ଅଭିଯୋଗ ହେବାର ଖବର ପାଇ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠା କାର୍ଯ୍ୟସ୍ଥଳରେ ପହଁଚି ନିମ୍ନମାନର ପଥର ବଦଳାଇବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ କାର୍ଯ୍ୟସ୍ଥଳକୁ ନ ଆସି ବିଭାଗୀୟ ଯନ୍ତ୍ରୀ ଇଂ. ଶତପଥୀ ପ୍ରାୟ ୮୦ ଲକ୍ଷ ଟଙ୍କାର ବିଲ କରି ଠିକାଦାରକୁ ଧରାଇ ଦେଲେ। ଏହାପରେ ନୂତନ ପଥର ନ ପଡ଼ି ଆଉ ୭୦ ଲକ୍ଷ ଟଙ୍କାର ବିଲ ପାସ କରି ଦେଇଛନ୍ତି। ଏହିପରି ଭାବେ ଦେଢ କୋଟି ଟଙ୍କା ଜନସାଧାରଣଙ୍କ ଟିକସ ଅର୍ଥକୁ ମିଳିମିଶି ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏବେ ଛୋଟ ଛୋଟ ପଥର ଗୁଡ଼ିକ ବନ୍ଧରୁ ଖସି ତଳେ ଗଡ଼ୁଛି । ପୂର୍ବରୁ ଖଞ୍ଜା ଯାଇଥିବା ପଥରର ସ୍ଥାୟୀତ୍ୱକୁ ନେଇ ଏବେ ପ୍ରଶ୍ନ ଉଠିଛି।



## କେନ୍ଦ୍ରାପଡା କଲେଜରେ ଶୂନ୍ୟ ଦୁର୍ଘଟଣା ଜନିତ ମୃତ୍ୟୁ ସପ୍ତାହ




**କେନ୍ଦ୍ରାପଡ଼ା,୧୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଆଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟ୍ ପକ୍ଷରୁ ଶୂନ୍ୟ ଦୁର୍ଘଟଣା ଜନିତ ମୃତ୍ୟୁ ସପ୍ତାହ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ତଥା ଜିଲ୍ଲା ରେଡକ୍ରସ ସମ୍ପାଦକ ଅଧାପକ ବିକାଶ କୁମାର ନାୟକ ସଂଯୋଜନା କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଶାନ୍ତନୁ କୁମାର ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଆଇକ୍ୟୁଏସି ସଂଯୋଜିକା ଡ. ଦିପ୍ତୀ ରାୟ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଆଳିକ ପରିବହନ ଅଧିକାରୀ ଲୋକନାଥ ମେହେର ଓ ସମ୍ମାନିତ ଅତିଥି ଭାବେ ମୋଟରଯାନ ନିରୀକ୍ଷକ ଶ୍ରୀକାନ୍ତ ଟୁଡୁ ଓ ଟ୍ରାଫିକ ଇନସପେକ୍ଟର ରାଜନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ର୍କବ୍ୟ ପ୍ରତି ଅବଗତ କରାଇଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସଡକ ସୁରକ୍ଷା ସମ୍ବନ୍ଧିତ ଏକ ନାଟକ ମଧ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଞ୍ଚ ହୋଇଥିଲା । ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ଫେରିବାଲା କଲା ଦୁଷ୍କର୍ମ

**ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ପୀଡ଼ିତା**

**କେନ୍ଦୁଝର, ୧୭।୧୧ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲା ସଦର ଥାନା ଅଞ୍ଚଳରେ ଜଣେ ୮ ବର୍ଷର ଦିବ୍ୟାଙ୍ଗ ଜନଜାତି ନାବାଳିକାଙ୍କୁ ଆସିଫ୍ ଅନବର ଖାନ୍ ନାମକ ଫେରିବାଲା ଶନିବାର ଅପରାହ୍ନରେ ବାରମ୍ବାର ବଳାତ୍କାର କରି କ୍ଷତାକ୍ତ କରି ଦେଇଥିବା ଯୋଗୁ ପୀଡ଼ିତା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ସହିତ କେନ୍ଦୁଝରରେ ବଢୁଥିବା ଅନୁପ୍ରବେଶକାରୀଙ୍କ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଏ ବିଷୟରେ କେନ୍ଦୁଝର ଜିଲା ପ୍ରଶାସନ ଓ ପୋଲିସକୁ ପୂର୍ବରୁ ଜଣାଇଥିଲେ ମଧ୍ୟ ସେମାନଙ୍କୁ ଚିହ୍ନଟ କରି କେନ୍ଦୁଝରରୁ ବିଦା କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଥିପାଇଁ ବିଶ୍ୱହିନ୍ଦୁ ପରିଷଦ କେନ୍ଦୁଝର ଜିଲା ପକ୍ଷରୁ ଆଜି କେନ୍ଦୁଝର ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଜିଲା ବନ୍ଦର ଡାକରା ଦିଆଯାଇଛି।

## ୨୨ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ !



**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ) :** ପୁଣି ଆଉ ଏକ ଲଘୁଚାପ ସମ୍ଭାବନା । ୨୨ ବେଳକୁ ୨୨ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ପ୍ରଭାବରେ କମିବ ଶୀତ, ବଢ଼ିବ ତାପମାତ୍ରା । ଏପଟେ ଉତ୍ତର ଦିଗରୁ ଶୁଷ୍କ ବାୟୁ ପ୍ରବାହ ଯୋଗୁ କମିଛି ରାତି ତାପମାତ୍ରା। ଆହୁରି ୨୪ ଘଣ୍ଟା ଥରାଇବ । ୨୫ ବର୍ଷର ରେକର୍ଡ ଭାଙ୍ଗିଲା ରାଜଧାନୀ ଶୀତ । ୬ସହରରେ ୧୦ ଡିଗ୍ରୀ ତଳେ ପାରଦ । ବଢ଼ୁଛି ଶୀତ, ଥରୁଛି ଓଡ଼ିଶା । ଆହୁରି ଦୁଇ ଦିନ ହାଡ଼ଭଙ୍ଗା ଶୀତ। ଜାଡ଼ର ପ୍ରକୋପରେ ଅସ୍ତବ୍ୟସ୍ତ ଜନଜୀବନ। ଗତ ୧୦ରୁ ୧୫ ଦିନ ମଧ୍ୟରେ ବାୟୁମଣ୍ଡଳରେ ଜଳୀୟବାଷ୍ପର ମାତ୍ରା କମିଛି । ଉତ୍ତର ଦିଗରୁ ଶୁଷ୍କ ବାୟୁ ପ୍ରବାହ ଯୋଗୁ ଶୀତର ପ୍ରକୋପ ବଢ଼ିଛି। ରାତି ତାପମାତ୍ରା ପାଖାପାଖି ୩ରୁ ୪ ଡିଗ୍ରୀ ଯାଏଁ କମିଛି । ଆହୁରି ୨୪ ଘଣ୍ଟା ଶୀତ ଲହରି ରହିବ । ଏହାପରେ ବଢ଼ିବ ରାତି ତାପମାତ୍ରା । ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲ୍ଲାରେ ହାଡ଼ଭଙ୍ଗା ଶୀତ ସମ୍ଭାବନା । ଏପଟେ ରାଜଧାନୀ ଭୁବନେଶ୍ୱରରେ ରେକର୍ଡ ଭାଙ୍ଗିଲା ଶୀତ। ଗତ ୨୫ ବର୍ଷ ତୁଳନାରେ ସବୁଠାରୁ ଥଣ୍ଡା ରାତି। ହାଡ ଭଙ୍ଗା ଶୀତ ସର୍ବନିମ୍ନ ରାତ୍ରି ତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି। ୨୦୧୮ରେ ସର୍ବନିମ୍ନ ତାପମାତ୍ରା ୧୪.୧ ଡିଗ୍ରୀ ରହିଥିଲା। ସେହିପରି ୬ସହରରେ ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରାତ୍ରି ତାପମାତ୍ରା ରେକର୍ଡ କରାଯାଇଛି ।

## ଆସନ୍ତା ୧ରୁ ବସ୍ ଧର୍ମଘଟ ଚେତାବନୀ

**କଟକ, ୧୭।୧୧ (ସଂଚାର ବ୍ୟୁରୋ) :** ଆସନ୍ତା ୧ ତାରିଖରୁ ବସ୍ ଧର୍ମଘଟ ଚେତାବନୀ। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଏଭଳି ଚେତାବନୀ ଦେଇଛି। ପୋଲିସକୁ ଗାଡ଼ି କାଗଜପତ୍ର ଯାଞ୍ଚ ପାଇଁ ଏମଭିଆଇ କ୍ଷମତା ପ୍ରଦାନ ନିଷ୍ପତ୍ତିକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏଭଳି ଚେତାବନୀ ଦେଇଛି। ଯଦି ସରକାର ଆସନ୍ତା ୧ ତାରିଖରୁ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରନ୍ତି ତେବେ ଡିସେମ୍ବର ୧ରୁ ସମସ୍ତ ଗାଡି ଚଳାଚଳ ବନ୍ଦ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ବସ୍ ମାଲିକ ସଂଘ ସହ ଟ୍ରକ୍ ମାଲିକ ସଂଘ ଗୁଡ଼ିକ ମଧ୍ୟ ଏହି ଧର୍ମଘଟରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଘରୋଇ ବସ୍ ମାଲିକ ସଂଘର ଏହି ନିଷ୍ପତ୍ତି ସମ୍ପର୍କରେ ସରକାରଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯିବ ବୋଲି ସଂଘ କହିଛି।

## ବକ୍ସିପାତ୍ରଙ୍କ ଜୀବନୀ ପ୍ରେରଣାର ଉତ୍ସ ହୋଇ ରହିବ




**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଜଣାଶୁଣା ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନୀ, ସେବା ଓ ମୂଲ୍ୟବୋଧ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଜି ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ୯୨ତମ ଜନ୍ମ ବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ସ୍ୱର୍ଗତଃ ବକ୍ସିପାତ୍ରଙ୍କ ସାହସ, ନମ୍ରତା ଓ ଜନସେବାରେ ଅଟଳ ସମର୍ପଣରୁ ଯୁବପିଢ଼ି ପ୍ରେରଣା ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ସାହସର ସହ ସତ କହିବା, ଆଶା ନ କରି ସେବା କରିବା ଓ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ କାମ କରିବା ସ୍ୱର୍ଗତଃ ବକ୍ସିପାତ୍ରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବକ୍ସିପାତ୍ରଙ୍କୁ ଓଡ଼ିଶାର ଜଣେ ସାହସୀ,ଉତ୍ସାହୀ, ନୀତିବାଦୀ ଏବଂ ଲୋକକେନ୍ଦ୍ରିକ ନେତା ଭାବେ ବର୍ଣ୍ଣନା କରି ତାଙ୍କର ଜୀବନ ଗଣତନ୍ତ୍ରକୁ ସୁଦୃଢ଼ କରିବା, ଅଧିକାର ରକ୍ଷା କରିବା ଓ ଦୁର୍ବଳ ଲୋକଙ୍କର ଉତ୍ଥାନ କରାଇବା ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି ରାଜ୍ୟପାଳ କହିଥିଲେ।

ଜେପି ଆନ୍ଦୋଳନର ପରବର୍ତ୍ତୀ ସମୟରେ ସେ ନିଜେ ୬ ମାସ ପାଇଁ ଜେଲଦଣ୍ଡ ଭୋଗିଥିଲେ। ଆହ୍ୱାନପୂର୍ଣ୍ଣ ସମୟରେ ଗଣତାନ୍ତ୍ରିକ ଅଧିକାର ସୁରକ୍ଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମ୍ବାଦିକତାରେ ବକ୍ସିପାତ୍ରଙ୍କ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଗଣତାନ୍ତ୍ରିକ ବିତର୍କ ଓ ସଚେତନଶୀଳ ନାଗରିକତାକୁ ପ୍ରୋତ୍ସାହିତ କରୁଥିବା ଓଡ଼ିଆ ପାକ୍ଷିକ ଲୋକାନୀତିର ପ୍ରତିଷ୍ଠାତା-ସମ୍ପାଦକ ଭାବେ ତାଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ରାଜ୍ୟର ଭାଷାଗତ ଓ ସାଂସ୍କୃତିକ ପରିଚୟ ପ୍ରତି ବକ୍ସିପାତ୍ରଙ୍କ ଉତ୍ସର୍ଗକୁ ପ୍ରଶଂସା କରି ରାଜ୍ୟପାଳ କହିଛନ୍ତି ଯେ ବିକାଶ ସର୍ବଦା ଐତିହ୍ୟ ସଂରକ୍ଷଣ ସହ ଆଗକୁ ବଢ଼ିବା ଉଚିତ।

ପୂର୍ବତନ ମନ୍ତ୍ରୀ ଏବଂ ସ୍ମୃତି କମିଟିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ସୁପ୍ରିମକୋର୍ଟର ଖ୍ୟାତନାମା ଆଇନଜ୍ଞ ଦୁଷ୍ମନ୍ତ ଡାଭେ ଓ ପ୍ରସିଦ୍ଧ ଲେଖକ ଦାଶ ବେନହୁର ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ସ୍ମୃତି କମିଟିର ସାଧାରଣ ସମ୍ପାଦକ ଲୋପାମୁଦ୍ରା ବକ୍ସିପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଲୋକନୀତିର ଏକ ସ୍ୱତନ୍ତ୍ର ସଂସ୍କରଣ ଓ ସ୍ୱର୍ଗତଃ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଉପରେ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମାରକୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

**ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ସମୀକ୍ଷା ବୈଠକ**

## ଦେଶର ଦ୍ୱିତୀୟ ଆର୍ଥିକ ସ୍ୱାଧୀନତା ସଂଗ୍ରାମ: ମନମୋହନ



**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସ୍ୱଦେଶୀ ସଂକଳ୍ପ ମାଧ୍ୟମରେ ଆତ୍ମନିର୍ଭରଶୀଳ ଭାରତ ଲକ୍ଷ୍ୟ ଏବେ ଆନ୍ଦୋଳନରେ ପରିଣତ ହୋଇଛି। ବିଦେଶୀ ସାମଗ୍ରୀ ଛାଡ଼ି ଦେଶରେ ପ୍ରସ୍ତୁତ ସାମଗ୍ରୀ ଆପଣାଇବାକୁ ପ୍ରୋତ୍ସାହିତ କରିବା ପାଇଁ ସେପ୍ଟେମ୍ବର ୨୫ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀଠାରୁ ଡିସେମ୍ବର ୨୫ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ୯୦ ଦିନ ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହାକୁ ଦେଶର ଦ୍ୱିତୀୟ ଆର୍ଥିକ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ ବୋଲି କୁହାଯାଇପାରେ। ବିଜେପି ସହ ଦେଶର ଅନେକ ସ୍ୱେଚ୍ଛାସେବୀ ସଂଗଠନ ଏହି ଅଭିଯାନରେ ସାମିଲ ହୋଇଛନ୍ତି। କାର୍ଯ୍ୟକର୍ତ୍ତାମାନେ ଏଥିରେ ଯୋଗଦେଇ ସ୍ୱଦେଶୀ ଉତ୍ପାଦ ଆପଣାଇବାକୁ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିବା ସକାଶେ ରାଜ୍ୟ ସଭାପତି ମନମୋହନ ସାମଲ ନିବେଦନ କରିଛନ୍ତି।

ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ସାମଲ କହିଛନ୍ତି ଯେ ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ସମଗ୍ର ସମାଜ ଏବଂ ରାଷ୍ଟ୍ର ପାଇଁ ଏକ ପ୍ରତିଜ୍ଞା। ଏଥିରେ ସମସ୍ତଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଦଳ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ପରିପ୍ରେକ୍ଷୀରେ ବିଧାନସଭା ସ୍ତରରେ ମହିଳା, ଯୁବ, ବ୍ୟବସାୟୀ ଓ ବୃତିଗତ ସମ୍ମିଳନୀ କରାଯିବା ସହ ସ୍ୱଦେଶୀ ମେଳା, ସ୍କୁଲ ଏବଂ କଲେଜ ସ୍ତରରେ ସ୍ୱଦେଶୀ ପ୍ରତିଜ୍ଞା, ଆତ୍ମନିର୍ଭର ଭାରତ ସଂକଳ୍ପ ରଥ ଓ ପଦଯାତ୍ରା ଆଦି ସହ ଘର ଘର ସ୍ୱଦେଶୀ ସମ୍ପର୍କ ଅଭିଯାନ ପାଇଁ ନିଷ୍ପତ୍ତି ହୋଇଛି। ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଏହି ଅଭିଯାନକୁ ସଫଳ କରିବା ପାଇଁ ଶ୍ରୀ ସାମଲ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି।

**ଡିସେମ୍ବର ୯ରେ ବାରବାଟୀ ଲଢ଼େଇ**

## ୧ରୁ ମିଳିବ ଅନଲାଇନ୍ ଟିକେଟ୍

**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ଓଡ଼ିଆ କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର। ପୁଣି ବାରବାଟୀରେ ହେବାକୁ ଯାଉଛି ଛକା-ଚୌକା ବର୍ଷା। ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ବାରବାଟୀରେ ହେବାକୁଥିବା ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ଟିକେଟ୍ ତାରିଖ ଘୋଷଣା କରିଛି ଓସିଏ। ପ୍ରଥମେ ଅନଲାଇନରେ ଟିକେଟ୍ ବିକ୍ରି କରାଯିବା ପରେ ଅଫଲାଇନରେ ଟିକେଟ୍ ପାଇବେ କ୍ରିକେଟପ୍ରେମୀ। ଓସିଏ ସମ୍ପାଦକଙ୍କ ସୂଚନା ମୁତାବକ, ଡିସେମ୍ବର ୧ ତାରିଖରୁ ଅନଲାଇନରେ ଟିକେଟ୍ ବିକ୍ରି କରାଯିବ। ୩ ଓ ୪ ତାରିଖରେ ଅନୁବନ୍ଧିତ ଅନୁଷ୍ଠାନଗୁଡ଼ିକୁ ଟିକେଟ ପ୍ରଦାନ କରାଯିବ। ସେହିପରି ୫ ତାରିଖରେ ଅଫଲାଇନରେ ୬ଟି କାଉଣ୍ଟର ଯୋଗେ ଟିକେଟ ବିକ୍ରି କରାଯିବାର ବ୍ୟବସ୍ଥା ହୋଇଛି। ବଡ଼କଥା ହେଉଛି ଯେ ଚଳିତ ଥର ଟିକେଟ ସଂଖ୍ୟା କମ୍ କରାଯିବ। କାରଣ ବାରବାଟୀର ପାଖାପାଖି ୬ଟି ଗ୍ୟାଲେରୀ ମରାମତି କାମ ଚାଲିଛି। ତେଣୁ ଟିକେଟ ସଂଖ୍ୟା କମ ରହିବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି। ସୂଚନା ମୁତାବକ ୨୦୨୫ରେ ଦ୍ୱିତୀୟ ଥର ବାରବାଟୀରେ ଖେଳାଯିବ ଅନ୍ତର୍ଜାତୀୟ ମ୍ୟାଚ୍। ଏହା ପୂର୍ବରୁ ଚଳିତ ବର୍ଷ ଫେବ୍ରୁଆରି ୯ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା।

## ସର୍ବଭାରତୀୟ ରେଲୱେ ବ୍ରିଜ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ୪୭ତମ ସର୍ବଭାରତୀୟ ରେଲୱେ ବ୍ରିଜ୍ ଚାମ୍ପିଅନସିପ୍‌କୁ ଆଜି ମଞ୍ଚେଶ୍ୱରସ୍ଥିତ ରେଲୱେ ଇନ୍‌ଡୋର ଷ୍ଟାଡିୟମଠାରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବିଏସ୍‌କେ ରାଜକୁମାର ଉଦଘାଟନ କରିଛନ୍ତି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ପ୍ରଥମ ଥର ପୂର୍ବତଟ ରେଳପଥ ପକ୍ଷରୁ ଓ ରେଳବାଇ କ୍ରୀଡ଼ା ପ୍ରମୋସନ୍ ବୋର୍ଡ (ଆର୍‌ଏସ୍‌ପିବି) ସହଯୋଗରେ କରାଯାଉଛି। ଏହି ପଦକ୍ଷେପ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ମାର୍ଗଦର୍ଶିତ କରିଛନ୍ତି। ଓଡ଼ିଶା ବ୍ରିଜ୍ ଆସୋସିଏସନ୍‌ର ସମର୍ଥନ ଏହି ପ୍ରତିଷ୍ଠିତ ଚାମ୍ପିଅନସିପ୍ ଆୟୋଜନକୁ ଆହୁରି ଶକ୍ତି ପ୍ରଦାନ କରିଛି। ପୂର୍ବ ରେଳବାଇ, ଦକ୍ଷିଣ-ପୂର୍ବ ରେଳବାଇ, ମେଟ୍ରୋ ରେଳବାଇ, କେନ୍ଦ୍ରୀୟ ରେଳବାଇ ଓ ପୂର୍ବତଟ ରେଳବାଇ ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦେଶର ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ ଚାମ୍ପିଅନ୍‌ସିପ୍ ଓ ବିଶ୍ୱକପ୍ ଭଳି ପ୍ରମୁଖ ପ୍ରତିଯୋଗିତାରେ ଭାଗ ନେଇଥିବା ବ୍ରିଜ୍ ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ସୁମିତ ମୁଖାର୍ଜୀ, ଦେବବ୍ରତ ମଜୁମଦାର, ସାଗ୍ନିକ୍ ରାୟ, ଗୋପୀନାଥ ମାନ୍ନା, ସାୟନ୍ତନ କୁସୁରୀ ଓ ସନ୍ଦୀପ ଦତ୍ତ ପ୍ରମୁଖ। ଏହି ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରି ପ୍ରତିଯୋଗୀମାନେ ଜାତୀୟସ୍ତରୀୟ ଚାମ୍ପିଅନସିପ୍‌ରେ ଭାରତୀୟ ରେଳବାଇର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ଉଦଘାଟନୀ ଉତ୍ସବରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ (ଇକୋର୍ସା)ର ସଭାପତି ହେମନ୍ତ କାଗ୍ରାଙ୍କ ସମେତ ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ୧ରୁ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ଡିସେମ୍ବର ୧ରୁ ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ। ୨ ଦଫା ଦାବି ନେଇ ଏହି ଆନ୍ଦୋଳନ ହେବ। ନଭେମ୍ବର ୩୦ ସୁଦ୍ଧା ସରକାର ଯଦି ଦାବି ପୂରଣ ନ କରନ୍ତି, ତା'ହେଲେ ଆସନ୍ତା ୧ରୁ ରାଜରାସ୍ତାରେ ପ୍ରାଥମିକ ଶିକ୍ଷକଶିକ୍ଷୟିତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିବେ। ଏଥିପାଇଁ ରାଜ୍ୟ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଯାହା ପରିସ୍ଥିତି ଉପୁଜିବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମୂଳ ପଦବୀକୁ ଉନ୍ନୀତ କରି ୪୨୦୦ ଗ୍ରେଡ୍ ପେ' ପ୍ରଦାନ, ୨୦୦୧ରୁ ୨୦୨୪ ପର୍ଯ୍ୟନ୍ତ ୬ ବର୍ଷର କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରି ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ଦାବି ପୂରଣ ପାଇଁ ମହାସଂଘ ଏହି ନିଷ୍ପତ୍ତି ନେଇଛି। ପ୍ରାଥମିକ ଶିକ୍ଷକ ସରକାରଙ୍କ ଆର୍‌ଟିଇ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା, କିଶୋରୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ସହ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟକ୍ରମର ଅନୁପାଳନ କରୁଛନ୍ତି। ହେଲେ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବା ମହାସଂଘ ଅଭିଯୋଗ କରିଛି। ବୈଠକରେ ଓପିଟିଏ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଓଇବିଟିଏଫ ସଭାପତି ଅଜୟ କୁମାର ଧଳ, ଏଓପିଟିଏ ସଭାପତି ସୁଶାନ୍ତ ବେହେରା, ଓଇଟିଏ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ଦାସ, ଲେବଲ ଭି-ଏ ଆବାହକ ସୁବ୍ରତ କୁମାର ଧଳ, ଅଜିତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗିର ଜେଲକୁ ଫେରିଲା ଗ୍ୟାଙ୍ଗଷ୍ଟର ଧଳସାମନ୍ତ



**ବଲାଙ୍ଗିର, ୧୭।୧୧ (ସଂଚାର ବ୍ୟୁରୋ) :** ପ୍ରାୟ ୫ମାସ ପରେ ଡି- ବ୍ରଦର୍ସ ଗ୍ୟାଙ୍ଗର ମୁଖ୍ୟ ତଥା ଗ୍ୟାଙ୍ଗଷ୍ଟାର ସୁଶାନ୍ତ ଧଳସାମନ୍ତ ବଲାଙ୍ଗିର ଫେରିଛି । ଗତ ପ୍ରାୟ ସପ୍ତାହେ ତଳେ ତାକୁ କଟକ ଚୌଦ୍ୱାର ଜେଲରୁ ବଲାଙ୍ଗିର ଜେଲକୁ ବଦଳି କରାଯାଇଛି । କଡ଼ା ସୁରକ୍ଷା ବଳୟ ଭିତରେ ତାକୁ ବଲାଙ୍ଗିର ଅଣାଯିବା ପରେ ନିର୍ଦ୍ଧାରିତ ବ୍ୟବସ୍ଥାରେ ତାକୁ ବଲାଙ୍ଗିର ଜେଲରେ ରହିଛି । ସେତେବେଳେ ଧଳସାମନ୍ତର ରୀତିମତ କୋର୍ଟ ଟ୍ରାୟଲ ଚାଲୁଥିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ତାକୁ ଚୌଦ୍ୱାର ନିଆଯାଇଥିବା ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରକାଶ।

ସୂଚନାଯୋଗ୍ୟ ଯେ, ୨୦୧୮ ମସିହା ମାର୍ଚ୍ଚମାସରେ ଭୁବନେଶ୍ୱର ଜେଲରେ ଥିବା ସୁଶାନ୍ତ ଧଳସାମନ୍ତକୁ ବଲାଙ୍ଗିର ଜେଲକୁ ଅଣାଯାଇଥିଲା । ଯାହାପରେ ବଲାଙ୍ଗିର ଜେଲ ଭିତରେ ମଧ୍ୟ ତା' ନେତୃତ୍ୱରେ ଗ୍ୟାଙ୍ଗ ତିଆରି ହେଉଥିବା ଅଭିଯୋଗ ଉଠିଥିଲା। ସେହିପରି ୨୦୨୦ ମସିହାରେ ଯେତେବେଳେ ଡି ବ୍ରଦର୍ସଙ୍କ ଘରେ କମିଶନରେଟ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ବନ୍ଧୁକ, ଗୁଳି ଜବତ କରିଥିଲା, ସେତେବେଳେ ବଲାଙ୍ଗିର ଜେଲରୁ ସୁଷାନ୍ତ ରହୁଥିବା ସେଲ ଫଟୋ ଭାଇରାଲ ହୋଇଥିଲା । ଯେଉଁଥିରେ ତାକୁ ଘର ଭଳି ଦୁଇଟି ସେଲ, ମନଇଚ୍ଛା ଖାଇବା, ସାମଗ୍ରୀ, ପଙ୍ଖା, ସାର୍ଟପେଣ୍ଟ ସବୁ ଉପଲବ୍ଧ ଥିବା ଦେଖିବାକୁ ମିଳିଥିଲା ସେହିପରି ଗତ କିଛିମାସ ତଳେ ବଲାଙ୍ଗିର ଜେଲରେ ଗ୍ୟାଙ୍ଗୱାର ନେଇ ଅଭିଯୋଗ ପରେ ପୁଲିସ ପକ୍ଷରୁ ଜେଲ ଚଢ଼ଉ କରାଯାଇଥିଲା । ଅବଶ୍ୟ ପ୍ରଥମ ପର୍ଯ୍ୟାୟରେ କିଛି କୁହାନଯାଇଥିବା ବେଳେ ପରେ ଧଳସାମନ୍ତର ସେଲ ଭିତରୁ ଏକ ମୋବାଇଲ ଫୋନ ବାହାରି ଥିବା କୁହାଯାଇଥିଲା । ଏହାବାଦ୍ ବିଭିନ୍ନ ସମୟରେ ଆଖି ଚିକିତ୍ସା ଏବଂ ହାଜର ପାଇଁ ତାକୁ କଟକ ନିଆଯାଉଥିଲା

**■ ପୀତବାସ ହତ୍ୟା ମାମଲା**

## ଅଭିଯୁକ୍ତଙ୍କର ପୁଣି ହେବ ଟିଆଇ ପରେଡ

**ବ୍ରହ୍ମପୁର, ୧୭।୧୧ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ଆଇନଜୀବୀ ପୀତବାସ ହତ୍ୟା ମାମଲାରେ ଅଭିଯୁକ୍ତଙ୍କର ପୁଣି ହେବ ଟିଆଇ ପରେଡ । କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତଙ୍କର ଆଜି ଟିଆଇ ପରେଡ ହେବ । ଏଥିପାଇଁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ପହଂଚିଛନ୍ତି ଜେଏମ୍‌ଏଫ୍‌ସି ଓ ଟାଉନ ଏସଡିପିଓ । ଆଜି ଆକାଶ ବିଷୋୟୀ ଓ ଏନ୍.କିରଣ କୁମାରଙ୍କୁ ସାକ୍ଷୀ ରୂପେ ନେଇ ମାଜିଷ୍ଟ୍ରେଟ୍, ଜେଲର ଓ ଏସଡିପିଓଙ୍କ ଉପସ୍ଥିତିରେ ଟିଆଇ ପରେଡ କରାଯିବ । ଗତ ଶନିବାର ଏହି ମାମଲାର ଅଭିଯୁକ୍ତ ଶିଶୁପାଳ ପାଣ୍ଡ୍ୱାନ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ବିପିନ ସ୍ୱାଇଁ ଓ ଉମା ଶଙ୍କର ବିଶୋୟୀ ପ୍ରମୁଖଙ୍କର ଟିଆଇ ପରେଡ ହୋଇଥିଲା । ବିଜୟ ଓ ଲକ୍ଷ୍ମଣ ନାମକ ଦୁଇ ସାକ୍ଷୀଙ୍କୁ ନେଇ ଟିଆଇ ପରେଡ କରାଯାଇଥିଲା । ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଚିଣ୍ଟୁ ପ୍ରଧାନ ଘଟଣା ରାତିରେ ବାଇକ ଚଳାଉଥିବା ବେଳେ କୁରୁପତି ଭୂୟାଁ ପୀତବାସଙ୍କ ଉପରକୁ ଗୁଳି ଚଳାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ବ୍ରହ୍ମପୁର ଏସପି ।

## ଆନ୍ତଃ-ମହାବିଦ୍ୟାଳୟ ରକ୍ତଦାନ ଶିବିର



**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆନ୍ତଃ-ମହାବିଦ୍ୟାଳୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟର ଜାତୀୟ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ କମିଶନରେଟ୍ ପୋଲିସର ଡିସିପି ଶ୍ରୀଯୁକ୍ତ ପ୍ରକାଶ ପାଲ୍, ଅତିରିକ୍ତ ଡିସିପି ଶ୍ରୀଯୁକ୍ତ ମାନସ ରଂଜନ ଅଧିକାରୀ ଓ ପୋଲିସ ଅଧିକାରୀ ଜ୍ଞାନାନନ୍ଦ ସାହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଭାରତୀୟ ରେଡକ୍ରସର ଭୁବନେଶ୍ୱର ଶାଖା ଓ କ୍ୟାପିଟାଲ ହସପିଟାଲର ବ୍ଲଡ୍‌ବ୍ୟାଙ୍କ ସହାୟତାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶିବିରକୁ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଓ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ଶାରଦା ପ୍ରସନ୍ନ ଦାସ ପରିଚାଳନା କରିଥିଲେ ।

## ଧନ୍ଦାମୂଳକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ଆଜି ବିଶ୍ୱ ଦକ୍ଷତା କେନ୍ଦ୍ର ଓ ସିଟିଟିସିଠାରେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ଇଲେକ୍‌ଟ୍ରୋନିକ୍ ଏଣ୍ଡ ହାର୍ଡୱାର୍ ଓ ଆଇଟି-ଆଇଟଇଜ୍ ଟ୍ରେଡ୍‌ରେ ୫ଦିବସୀୟ ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଆଜି ଉଦଘାଟିତ ହୋଇଛି। ଏହି ଉତ୍ସବରେ ଉତ୍ସବରେ ଯୋଗଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମନିର୍ଦ୍ଦେଶକ ବିନୀତା ସେନାପତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତା ହାସଲ କରିବା ଦିଗରେ ପ୍ରେରଣା ପ୍ରଦାନ କରିବା ସହ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଡବ୍ଲ୍ୟୁଏସ୍‌ସି ପକ୍ଷରୁ ଅଧ୍ୟକ୍ଷ ଟି ଥମ୍ବି ରାଜା ଯୋଗଦେଇଥିଲେ। ସେହିପରି ସିଟିଟିସି, ଭୁବନେଶ୍ୱରଠାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର, ପରିଚାଳନ ନିର୍ଦ୍ଦେଶକ ଏଲ ରାଜଶେଖର, ସତ୍ୟ ନାରାୟଣ ମିଶ୍ର ତଥା ନିର୍ଦ୍ଦେଶାଳୟର ରିସର୍ଚ୍ଚ ଆସିଷ୍ଟାଣ୍ଟ ସ୍ମିତାରେଖା ମହାନ୍ତି ଯୋଗ ଦେଇଥିଲେ।

## ଲାୟନ୍ସ କ୍ଲବ ଭୁବନେଶ୍ୱର ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ଗତ ଶନିବାର ଲାୟନ୍ସ କ୍ଲବ ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଲକ୍ଷ୍ମୀସାଗରସ୍ଥିତ ସରସ୍ୱତୀ ବିଦ୍ୟା ଭବନଠାରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ସରସ୍ୱତୀ ବିଦ୍ୟା ଭବନର ବିଭିନ୍ନ ସାମାଜିକ କାର୍ଯ୍ୟକଳାପ, ଯୋଗ, ପ୍ରାଣାୟମ ସହ ୧୫୦ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକ ଓ ଗୁରୁମାଗୁରୁଜୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଯେଉଁମାନଙ୍କ ଆଖିରେ କିଛି ଅସୁବିଧା ପରିଲକ୍ଷିତ ହୋଇଥିଲା, ସେମାନଙ୍କୁ ନୟାପଲ୍ଲୀସ୍ଥିତ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟକୁ ଅଧିକ ପରୀକ୍ଷା ପାଇଁ ପଠାଯାଇଥିଲା। କ୍ଲବ୍‌ର ସଭାପତି ଲାୟନ୍ସ ପ୍ରଶାନ୍ତ କୁମାର ପରିଡ଼ା ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଲାୟନ୍ସ କ୍ଲବ୍‌ର ବହୁ ସଦସ୍ୟ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସରସ୍ୱତୀ ବିଦ୍ୟା ଭବନର ଗୁରୁମାଗୁରୁଜୀଙ୍କ ପରିଶ୍ରମରୁ ଏହି ଶିବିର ସୂଚାରୁ ରୂପେ ପରିଚାଳିତ ହୋଇଥିଲା। ସେମାନଙ୍କୁ ଏଥିସକାଶେ ଲାୟନ୍ସ କ୍ଲବ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

## ସପ୍ତାହରେ ତିନି ଦିନ ଚାଲିବ ଅମୃତ ଭାରତ ଏକ୍ସପ୍ରେସ୍



**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ରେଳ ମନ୍ତ୍ରଣାଳୟର ନିରନ୍ତର ପ୍ରୟାସର ଅଂଶସ୍ୱରୂପ ଭାରତୀୟ ରେଳବାଇ ଟ୍ରେନ୍ ନମ୍ବର ୧୯୦୨୧/୧୯୦୨୨ ଉଧନା- ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସର ଚଳାଚଳ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଫଳତଃ, ଉକ୍ତ ଟ୍ରେନ୍‌ଟି ସପ୍ତାହକୁ ଗୋଟିଏ ଦିନ ପରିବର୍ତ୍ତେ ତିନି ଦିନ ଚାଲିବ। ଏହି ପଦକ୍ଷେପ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ ରେଳମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି। ସେହିପରି ଟ୍ରେନ୍ ନମ୍ବର ୧୯୦୨୧ ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍ ପୂର୍ବରୁ କେବଳ ରବିବାର ଚାଲୁଥିଲେ ହେଁ ଏବେ ଏହା ଆସନ୍ତା ୧୯ ତାରିଖଠାରୁ ସପ୍ତାହରେ ତିନି ଦିନ ଅର୍ଥାତ୍ ରବିବାର, ବୁଧବାର ଓ ଶୁକ୍ରବାର ଚଳାଚଳ କରିବ। ତା'ଛଡ଼ା ଟ୍ରେନ୍ ନମ୍ବର ୧୯୦୨୨ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍ ପୂର୍ବରୁ କେବଳ ସୋମବାର ଚଳାଚଳ କରୁଥିବା ବେଳେ ଏବେ ଏହା ଆସନ୍ତା ୨୦ରୁ ସପ୍ତାହରେ ତିନି ଦିନ ଅର୍ଥାତ୍ ସୋମବାର, ଗୁରୁବାର ଓ ଶନିବାର ଚଳାଚଳ କରିବ। ବର୍ତ୍ତମାନର ଅମୃତ ଭାରତ ଏକ୍ସପ୍ରେସର ସମୟ, ରହଣି ସ୍ଥାନ କିମ୍ବା କୋଚ୍ ଗଠନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ସମ୍ପର୍କରେ ଜାରି କରାଯାଇଥିବା ସମସ୍ତ ପୂର୍ବ ନିର୍ଦ୍ଦେଶ ଅପରିବର୍ତ୍ତିତ ରହିଛି।

## ୪୦ ଲକ୍ଷର ବ୍ରାଉନସୁଗର ଜବତ, ଜଣେ ଗିରଫ



**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** କମିଶନରେଟ ପୁଲିସର ସ୍ପେସିଆଲ କ୍ରାଇମ ୟୁନିଟ (ଏସସିୟୁ) ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଏଥିସହ ତା' ନିକଟରୁ ୪୦୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ବାଲେଶ୍ୱର ଅଞ୍ଚଳର ସେକ ଆକବର ବୋଲି ଜଣାପଡ଼ିଛି। ତାଙ୍କୁ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ଷ୍ଟେସନରୁ ଏସସିୟୁ ୟୁନିଟ କାବୁ କରିଛି। ସେ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳରେ ନିଶା ବେପାର କରୁଥିଲା। ଚଢ଼ାଉ ସମୟରେ ତା' ନିକଟରୁ ୪୦୦ ଗ୍ରାମ୍ ଓଜନର ବ୍ରାଉନସୁଗର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ। ଏହି ସିଣ୍ଡିକେଟର ମାଷ୍ଟରମାଇଣ୍ଡ ସେକ ସଦିକ ହୋଇଥିବା ବେଳେ ସେ ଜଣେ ଆନ୍ତରାଜ୍ୟ ନିଶା ମାଫିଆ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଡ୍ରାଇଭିଂ ଲାଇସେନ୍ସ, ଦଲାଲମୁକ୍ତ କେବେ ?




**ଭୁବନେଶ୍ୱର, ୧୭।୧୧:** ସଡ଼କ ଦୁର୍ଘଟଣା ରୋକିବା ପାଇଁ ସରକାର ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରୁଥିବାବେଳେ ରାଜ୍ୟରେ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥା କିନ୍ତୁ ଦଲାଲମୁକ୍ତ ହୋଇପାରୁନାହିଁ। ପ୍ରତ୍ୟେକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦପ୍ତରର ଅଧିକାଂଶ କାର୍ଯ୍ୟ ଦଲାଲଙ୍କ ସହାୟତାରେ ହେଉଥିବାରୁ ରାଜ୍ୟରେ ଦକ୍ଷ ଗାଡିଚାଳକ ବାହାରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସଡ଼କରେ ଯେକୌଣସି ଯାନବାହାନ ଚଳାଇବା ପାଇଁ ଡ୍ରାଇଭିଂ ଲାଇସେନ୍ସ ଜରୁରୀ। ଏଥିପାଇଁ ଚାଳକଙ୍କୁ ପ୍ରଥମେ ଲର୍ଣ୍ଣିଂ ଲାଇସେନ୍ସ ଓ ପରେ ସ୍ଥାୟୀ ଲାଇସେନ୍ସ ନେବାକୁ ପଡିଥାଏ। ନିଜ ନିଜ ଅଞ୍ଚଳର ଥିବା ଆରଟିଓ ଦପ୍ତରଗୁଡିକରୁ ଏହି ଲାଇସେନ୍ସ ମିଳିଥାଏ। ଲାଇସେନ୍ସ ପାଇବାପାଇଁ ସାଧାରଣ ବ୍ୟକ୍ତି ଅନ୍‌ଲାଇନ୍‌ରେ ଆବେଦନ କରି ଅର୍ଥ ଦାଖଲ କରିବାପରେ ପରୀକ୍ଷା ଦେବାକୁ ପଡିଥାଏ। ତେବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ସଂଖ୍ୟାଧିକ ଲୋକେ ଦଲାଲଙ୍କ ସହାୟତା ନେଇଥାନ୍ତି ଓ ସହଜରେ ଉତ୍ତୀର୍ଣ୍ଣ ହୋଇଥାନ୍ତି। ଲର୍ଣ୍ଣିଂ ଲାଇସେନ୍ସ ପାଇଁ ପରୀକ୍ଷାଠାରୁ ଆରମ୍ଭକରି ସ୍ଥାୟୀ ଲାଇସେନ୍ସ ପାଇଁ ଗାଡି ଚାଳନା ପରୀକ୍ଷା ଦେବା ପର୍ଯ୍ୟନ୍ତ ଦଲାଲମାନେ ସବୁ ଦାୟିତ୍ୱ ନେଇଯାଇଥାନ୍ତି।

ଗୋଟିଏ ଗୋଟିଏ ଲାଇସେନ୍ସ କରାଇ ଦେବା ପାଇଁ ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ପ୍ରଦାନ କରିବାକୁ ପଡୁଛି। ଯେଉଁମାନେ ଅର୍ଥ ଦିଅନ୍ତି ସେମାନେ ଖାଲି ପରୀକ୍ଷାରେ ବସିଗଲେ କିମ୍ବା ପଡ଼ିଆରେ ଗାଡି ଗଡ଼ାଇଦେଲେ ସେମାନଙ୍କୁ ଲାଇସେନ୍ସ ମିଳିଯାଉଛି। ଏହାଛଡା ଯେଉଁମାନେ ଘରୋଇ ତାଲିମ କେନ୍ଦ୍ରରେ ଗାଡ଼ି ଚାଳନା ଶିଖିଥାନ୍ତି, ସମ୍ପୃକ୍ତ ସଂସ୍ଥା ସହଯୋଗରେ ବି ସେମାନଙ୍କୁ ସହଜରେ ଲାଇସେନ୍ସ ମିଳିଯାଉଛି।

ମୋଟାମୋଟି ଭାବେ ଯେଭଳି ଭାବେ ପରୀକ୍ଷାରେ ବସିବା ବା ପଡ଼ିଆରେ ସଫଳତାର ସହ ଗାଡ଼ି ଚାଳନା ପରେ ଡ୍ରାଇଭିଂ ଲାଇସେନ୍ସ ମିଳିବା କଥା, ଅଧିକାଂଶଙ୍କ କ୍ଷେତ୍ରରେ ତାହା ହେଉନାହିଁ। ଲାଇସେନ୍ସ ପାଇବାକୁ ଥିବା ବ୍ୟକ୍ତି ଆବଶ୍ୟକ କାଗଜପତ୍ର ଦେବା ସହ ଅର୍ଥ ପ୍ରଦାନ କରିଦେଲେ ଅବଶିଷ୍ଟ ସମସ୍ତ କାର୍ଯ୍ୟ ଦଲାଲମାନେ ସମ୍ପାଦନ କରିଆସୁଛନ୍ତି।

ପରିବହନ ବିଭାଗରେ ଏଭଳି ଦଲାଲି କାରବାର ସଂକ୍ରାନ୍ତରେ ବିଭାଗର ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଜାଣିଛନ୍ତି। ଆରଟିଓ ଓ ଏମ୍‌ଭିଆଇ ମାନେ ସବୁ ଦେଖୁଥିଲେ ବି ଠିକଣା ସମୟରେ ଆଖିବୁଜି ଦିଅନ୍ତି। ରାଜଧାନୀ ଠାରୁ ଆରମ୍ଭକରି ରାଜ୍ୟର ପ୍ରାୟ ସମସ୍ତ ଆରଟିଓ ଅଫିସ ନିକଟରେ ମାଳ ମାଳ ଦଲାଲି କାଉଣ୍ଟରକୁ ଦେଖିଲେ ଲାଇସେନ୍ସ କିଭଳି ସ୍ୱଚ୍ଛତା ଉପାୟରେ ପ୍ରଦାନ କରାଯାଉଛି ଓ ଅନ୍ୟାନ୍ୟ ପରିବହନ କାର୍ଯ୍ୟ କିଭଳି ହେଉଛି ତାହା ସହଜରେ ଯେ କେହି ଅନୁମାନ କରିପାରିବ। ବର୍ତ୍ତମାନ ରାଜ୍ୟ ସରକାର ଶୂନ୍ୟ ଦୁର୍ଘଟଣା ପକ୍ଷ ପାଳନ ସହିତ ସୁରକ୍ଷିତ ଗାଡିଚାଳନା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଯେଉଁମାନେ ଦଲାଲଙ୍କ ମାଧ୍ୟରେ ଲାଇସେନ୍ସ ହାସଲ କରି ସଡରେ ଗାଡି ଚଳାଉଛନ୍ତି ସେମାନେ କିଭଳି ସୁରକ୍ଷିତ ଗାଡିଚାଳନା କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେଣୁ ଦୁର୍ଘଟଣା ରୋକିବାକୁ ହେଲେ ପ୍ରଥମେ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନକୁ ସ୍ୱଚ୍ଛ କରିବା ଆବଶ୍ୟକ। ଅତି କମ୍‌ରେ ଗାଡିଚାଳକମାନେ ଟ୍ରାଫିକ ନିୟମ ସଂକ୍ରାନ୍ତରେ ସର୍ବନିମ୍ନ ଜ୍ଞାନ ଆହରଣ ସହିତ ଚଳାଉଥିବା ଗାଡି ସଂକ୍ରାନ୍ତରେ ଜାଣିବା ଦରକାର ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ହେଲେ ଲାଇସେନ୍ସ ପ୍ରଦାନ ପାଇଁ ଚାଲିଥିବା ଦଲାଲି କାରବାର ଯୋଗୁଁ ସଡ଼କରେ ଗାଡି ଚଳାଚଳ ଦିନକୁ ଦିନ ଅସୁରକ୍ଷିତ ହେବାରେ ଲାଗିଛି ଓ ରାଜ୍ୟରେ ଦୁର୍ଘଟଣା ସଂଖ୍ୟା ବଢ଼ି ବଢ଼ି ଚାଲିଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ମଙ୍ଗଳବାର ୧୮ ନଭେମ୍ବର ୨୦୨୫, ଭୁବନେଶ୍ୱର

Tuesday 18 November 2025, Bhubaneswar

# ଏନ୍‌ଡିଏ ବିଜୟରେ ପ୍ରଶାନ୍ତ କିଶୋର ଓ ବିଏସପି

ବିହାରର ୨୦୨୫ ବିଧାନସଭା ନିର୍ବାଚନ ଏକ ବଡ଼ ରାଜନୈତିକ ଘଟଣା ଭାବରେ ଇତିହାସରେ ଅମର ହୋଇଯାଇଛି। ଏହି ନିର୍ବାଚନରେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାୟ ୨୦୨ ସିଟ୍ ଜିତି ଏକ ବଡ଼ ବିଜୟ ହାସଲ କରିଛି। ବିଜେପି ୮୯ ସିଟ୍, ଜେଡିୟୁ ୮୫ ସିଟରେ ଜିତି ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରକୁ ଫେରିଛି । ଏହା ୨୦୧୦ର ବିଜୟକୁ ସ୍ମରଣ କରାଇଥାଏ। କିନ୍ତୁ ଏହି ନିର୍ବାଚନରେ ଛୋଟ ଖେଳାଳିମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଓ ମାୟାୱତୀଙ୍କ ବହୁଜନ ସମାଜ ପାର୍ଟି (ବିଏସପି) ଏହାର ଉଦାହରଣ। ଏମାନଙ୍କ ପ୍ରୟାସ ମଧ୍ୟରେ କେତେ ପ୍ରଭାବ ପଡ଼ିଥିଲା ଏବଂ କାହିଁକି ବିଫଳ ହେଲା, ତାହା ବିଶ୍ଳେଷଣ ଆବଶ୍ୟକ।

ପ୍ରଶାନ୍ତ କିଶୋର, ଯିଏ ପୂର୍ବରୁ ମୋଦୀଙ୍କ ୨୦୧୪ର ପ୍ରଚାର ଓ ନିତୀଶଙ୍କ ୨୦୧୫ର ବିଜୟରେ ମୁଖ୍ୟ ରଣନୀତିବିତ ଥିଲେ, ଏବେ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ୨୦୨୨ରେ ଜନ ସୁରାଜ ପାର୍ଟି ଗଠନ କରି ତିନି ବର୍ଷ ଧରି ବିହାର ଭ୍ରମଣ କରି ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ନିର୍ବାଚନରେ ସେ ୪୩ ସିଟରୁ ଆଶାୟୀ ରହି, ନିଜେ ରାଘୋପୁର ବା କରଗହରରୁ ଲଢ଼ିବାକୁ ଘୋଷଣା ଦେଇଥିଲେ। ତାଙ୍କ ପ୍ରଚାର ମୁଖ୍ୟତଃ ନୀତୀଶ ସରକାରଙ୍କ ବିଫଳତା, କୋଭିଡ୍ ପରେ ଅର୍ଥନୀତିର ଅବ୍ୟବସ୍ଥା ଓ ଯୁବକମାନଙ୍କ ବେକାରୀ ଉପରେ କେନ୍ଦ୍ରୀଭୂତ ଥିଲା। ସେ ଜିପିଏସ୍ (ଗ୍ରାମୀଣ ପ୍ରଶାସନିକ ସେବା) ଓ ଶିକ୍ଷା ସଂସ୍କାର ଭଳି ନୂତନ ପ୍ରସ୍ତାବ ଦେଇ ଭୋଟରଙ୍କ ମଧ୍ୟରେ ନିଜପାଇଁ ସ୍ଥାନ ସୃଷ୍ଟି କରିଥିଲେ। କିନ୍ତୁ ଫଳାଫଳ ଆଶାନୁରୂପ ହେଲାନି। ଜନ ସୁରାଜ ଗୋଟିଏ ହେଲେ ସିଟ ଜିତିପାରିନଥିଲା। କିଶୋରଙ୍କ ପ୍ରତିବାଦୀ ଜେଡିୟୁ ୨୫ ପାର ହେବନି ବୋଲି ସେ ଘୋଷଣା କରିଥିଲେ, କିନ୍ତୁ ସେମାନେ ୮୫ ସିଟ୍ ଜିତିଥିଲେ। ଏହା କିଶୋରଙ୍କ ରାଜନୈତିକ ଅଭିଜ୍ଞତାର ସୀମାକୁ ପ୍ରକାଶ କରେ। ତାଙ୍କ ପ୍ରଚାର ମିଡ଼ିଆରେ ଧୂମ ମଚାଇଥିଲା, କିନ୍ତୁ ଭୋଟରଙ୍କୁ ଆକୃଷ୍ଟ କରିପାରିନଥିଲା। ସେ ମହାଗଠବନ୍ଧନର ଭୋଟ ବିଭାଜନରେ ସାହାଯ୍ୟ କରିଥିଲେ, ଯାହା ଏନ୍‌ଡିଏର ବିଜୟକୁ ସୁଗମ କରିଥିଲା।



ଅନ୍ୟପକ୍ଷରେ, ବିଏସପିର ଭୂମିକା ମଧ୍ୟ ଆକର୍ଷଣୀୟ। ମାୟାବତି ୧୯୨ ସିଟରୁ ଆଶାୟୀ ହୋଇ ଦଳିତ-ପଛୁଆ ସମାଜର ସାମାଜିକ ଇଞ୍ଜିନିୟରିଂ କରିବାକୁ ଚେଷ୍ଟା କରିଥିଲେ। ବିହାରରେ ଦଳିତ ଭୋଟରେ (ପ୍ରାୟ ୧୬%) ଏନ୍‌ଡିଏର ପ୍ରଭାବ ରହିଛି, କିନ୍ତୁ ବିଏସପି ଏହାକୁ ବିଭାଜନ କରିବାକୁ ଚେଷ୍ଟା କରିଥିଲା। ଫଳାଫଳରେ ଏକମାତ୍ର ରାମଗଡ଼ (କୈମୁର) ସିଟରେ ସତୀଶ କୁମାର ଯାଦବ ୩୦ ମତର ସୂକ୍ଷ୍ମ ଜିତି ପାଇଥିଲେ, ଯାହା ବିଜେପିକୁ ପରାସ୍ତ କରିଥିଲା। ଏହା ବିଏସପିର ସମ୍ପୂର୍ଣ୍ଣ ବିଫଳତାକୁ ସୂଚାଇଥାଏ। ମାୱାବତୀ ନିର୍ବାଚନ ନିର୍ପେକ୍ଷ ନହେଲା ବୋଲି ଅଭିଯୋଗ କରିଛନ୍ତି, କିନ୍ତୁ ବାସ୍ତବରେ ତାଙ୍କ ପ୍ରଚାରରେ ସ୍ଥାନୀୟ ନେତୃତ୍ୱର ଅଭାବ ଓ ରାଜନୈତିକ ଗଠବନ୍ଧନର ଅନୁପସ୍ଥିତି ମୁଖ୍ୟ କାରଣ। ବିଏସପିର ଭୋଟ ବିଭାଜନ ମଧ୍ୟରେ ଆରଜେଡି ଓ ଏନ୍‌ଡିଏ ଉଭୟଙ୍କୁ କ୍ଷତି ପହଞ୍ଚାଇଥିଲା, କିନ୍ତୁ ସାମଗ୍ରିକ ଭାବରେ ଏନ୍‌ଡିଏର ଜାତିଗତ ଗଠବନ୍ଧନ (ଉଚ୍ଚ ଜାତି, ଅନ୍ୟାୟାଦବ୍ ଓବିସି, ଇବିସି ଓ ଦଳିତ) ସଫଳ ହୋଇଥିଲା।

ଏହି ନିର୍ବାଚନରୁ ପାଠ ଗ୍ରହଣ କରିବାକୁ ରହିଛି। ପ୍ରଶାନ୍ତ କିଶୋରଙ୍କ ପରି ରାଜନୈତିକ ଉଦ୍ୟୋଗୀମାନେ ମିଡ଼ିଆ ଓ ସଂସ୍ଥାନିକ ଶକ୍ତିରେ ନିର୍ଭର କରନ୍ତି, କିନ୍ତୁ ରାଜନୀତି ବ୍ୟବସାୟ ନୁହେଁ। ତାଙ୍କ ବିଫଳତା ନୂତନ ଦଳଗୁଡ଼ିକର ପାଇଁ ଚେତାବନୀ। ସେମାନେ ମହାଗଠବନ୍ଧନର ଭୋଟ କେତେକ ଜାତିରୁ ବିଭାଜନ କରି ଏନ୍‌ଡିଏକୁ ଲାଭ ଦେଇଥିଲେ। ଏହା ବିହାରର ରାଜନୈତିକ ସ୍ଥିରତାକୁ ପ୍ରଭାବିତ କରିଛି। ବିଏସପି ମାତ୍ର ଗୋଟିଏ ସିଟ୍ ଜିତି ଦଳିତ ରାଜନୀତିରେ ଏକ ସୂଚନା: ସ୍ଥାନୀୟ ସଂଗଠନ ବିନା ରାଷ୍ଟ୍ରୀୟ ନାମରେ ସଫଳତା ଅସମ୍ଭବ। ମାୟାବତୀଙ୍କ ଅଭିଯୋଗ ସତ୍ୟ ହୋଇପାରେ, କିନ୍ତୁ ନିର୍ବାଚନ ପ୍ରକ୍ରିୟାର ସ୍ୱାଧୀନତା ଉପରେ ପ୍ରଶ୍ନଚିହ୍ନ ଉଠାଇବା ରାଜନୈତିକ ସ୍ଥିରତାକୁ ଭାଙ୍ଗିବ।

ଅନ୍ତରେ, ଏହି ନିର୍ବାଚନ ବିହାରର ରାଜନୀତିକୁ ନୂତନ ମୁହଁ ଦେଇଛି। କିଶୋର ଓ ବିଏସପି ଭଳି ଛୋଟ ଖବରଦାରୀମାନେ ପ୍ରଭାବ ପକାଇପାରନ୍ତି, କିନ୍ତୁ ବଡ଼ ଗଠବନ୍ଧନର ସାମୁ ଟିକିପାରନ୍ତି ନାହିଁ। ଏହା ଭବିଷ୍ୟତରେ ରାଜନୈତିକ ରଣନୀତିରେ ନୂତନ ଚିନ୍ତାଧାରା ଆଣିବ। ବିହାରର ଯୁବକ ଓ ପଶ୍ଚାତ ସମାଜ ଏହାରୁ ଆଶା ରଖିବାକୁ କୁହାଯାଏ, କାରଣ ପରିବର୍ତ୍ତନର ବୀଜ ଏବେ ମଧ୍ୟ ରହିଛି।

# ଉଜ୍ଜ୍ୱଳ ଭବିଷ୍ୟତ ପାଇଁ



ଇଂ ସୁସ୍ମିତା ମହାନ୍ତ

ସୂର୍ଯ୍ୟ ଯେପରି ସକଳ ଶକ୍ତିର ଆଧାର ଠିକ୍ ସେହିପରି ଶିକ୍ଷା ମଧ୍ୟ ସବୁ ସାମାଜିକ ଉନ୍ନତିର ଉତ୍ସ। ପ୍ରାର୍ଥିବ ସମାଜରେ ଶିକ୍ଷାର ସ୍ଥାନ ସର୍ବୋପରି। ଶିକ୍ଷା ମଣିଷକୁ ବିବେକବନ୍ତ କରାଏ , ଠିକ୍/ଭୁଲ୍ ବିଚାର କରିବାର ଶକ୍ତି ପ୍ରଦାନ କରିବା ସହିତ ଚେତନତ୍ମକ ଭାବ ବୃଦ୍ଧି କରାଇଥାଏ। ଶିକ୍ଷା ଦ୍ୱାରା ଜଣେ ସାମାଜିକ ପ୍ରାଣୀ ଭାବେ ସମାଜରେ ବସବାସ କରିବାରେ ସାମର୍ଥ ହୋଇଥାଏ। ଯଥାର୍ଥ ଏଇୟା ଶିକ୍ଷା ହେଉଛି ପୂର୍ଣ୍ଣ ମାନବୀୟ କ୍ଷମତା ପ୍ରାପ୍ତ କରିବା ପାଇଁ ଏକ ନ୍ୟାୟ ସଙ୍ଗତ ଓ ସମାନତା ଯୁକ୍ତ ସମାଜର ବିକାଶ ତଥା ରାଷ୍ଟ୍ରୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରାଚୀନ ଓ ଶାଶ୍ୱତ ଭାରତୀୟ ଜ୍ଞାନ ଏଓ୍ୱଂ ଚିନ୍ତାଧାରାର ସମୃଦ୍ଧ ଐତିହ୍ୟ ପାଇଁ ମାର୍ଗଦର୍ଶକ ଅଟେ। ଏହି ଧାରଣା ସୂଚାଏ ଯେ ଭାରତ ଐତିହାସିକ ଭାବରେ ବିଶ୍ୱ ପା ଇଁ ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଜ୍ଞାନର ଉତ୍ସ ଭାବରେ କାର୍ଯ୍ୟ କରିଛି। ଭାରତର ପ୍ରାଚୀନ ଏବଂ ନିରନ୍ତର ଯୋଗଦାନ ବିଶ୍ୱ ସଭ୍ୟତାକୁ, ବିଶେଷ କରି ଜ୍ଞାନ, ଆଧ୍ୟାତ୍ମିକତା ଏଓ୍ୱଂ ଔଷଧ କ୍ଷେତ୍ରରେ। ତେଣୁ ଭାରତକୁ ବିଶ୍ୱ ଗୁରୁ ବୋଲି ବିବେଚନା କରାଯାଏ। କିନ୍ତୁ ବର୍ତ୍ତମାନର ଶିକ୍ଷା ପଦ୍ଧତି ଦ୍ୱାରା ଆମ ସମାଜର ସଂସ୍କୃତି, ସଂସ୍କାର ଓ ପରମ୍ପରା ବିଲୁପ୍ତ ଧାରାରେ ଧାବମାନ। ମାନବ ସଭ୍ୟତାର ବିକାଶ ପଛରେ ଶିକ୍ଷା ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରି ଆସୁଥିବା ବେଳେ, ବର୍ତ୍ତମାନର ସେହି ଶିକ୍ଷା ଶିକ୍ଷିତ ମାନଙ୍କୁ ଶିକ୍ଷିତ ବେକାରୀ ଭାବରେ ପରିଚୟ ଦେଉଅଛି। ଶିକ୍ଷାର ପ୍ରକୃତ ଅର୍ଥ ଯୁବ ପିଢ଼ି ପାସୋରି ଦେଲାଣି। ଶିକ୍ଷାକୁ ବର୍ତ୍ତମାନ ଏପରି ଏକ ରୋମାଞ୍ଚକର ଢଙ୍ଗରେ ପ୍ରସ୍ତୁତ କରାଯାଉଛି ଯାହା ଏକ ଫ୍ୟାସନ ପ୍ରଦର୍ଶନ ପରି ମନେ ହେଉଛି। ଜୀବନ ଚର୍ଯ୍ୟାର ସୋପାନ ଭଳି ଶିକ୍ଷା ମଧ୍ୟ ବିଭିନ୍ନ ସୋପାନରେ ସାଇତା । ପିଲାଟିଏ ସମାଜକୁ ଜାଣିଲା ପରେ ନିକଟତମ ପାରିବେଶ ଯାହା ଶିକ୍ଷା ଦେଇଥାଏ ତାହା ପ୍ରଥମ ସୋପାନ/ ପ୍ରାଥମିକ ଶିକ୍ଷା ଯାହା ଶିକ୍ଷା ସୋପାନର ପରବର୍ତ୍ତୀ ସୋପାନ ଗୁଡ଼ିକୁ ଅଙ୍ଗୀକାର କରିବାରେ ସହାୟକ ହୋଇଥାଏ। ସେ ଶିକ୍ଷା ପୁସ୍ତକ ଗତ ହେଉ ଅଥବା ନୈତିକ କିମ୍ବା ଆଧ୍ୟାତ୍ମିକ, ପ୍ରାଥମିକ ଶିକ୍ଷା ହିଁ ମୂଳଦୁଆ ଭାବେ ଦଣ୍ଡାୟମାନ ହୋଇଥାଏ। ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନାକୁ ଗ୍ରହଣ କରିବା ପାଇଁ ସରକାରଙ୍କ ବିଭିନ୍ନ ପ୍ରକାର ତାଲିମ କାର୍ଯ୍ୟକ୍ରମ ମଧ୍ୟ ନିଆଯାଉଛି ଯେପରି ପାଠ୍ୟ ପୁସ୍ତକ ପରିବର୍ତ୍ତନ, ଶିକ୍ଷକ ପ୍ରସ୍ତୁତି, ଆନୁଷ୍ଠାନିକ ଭିତ୍ତିଭୂମିର ସୁବିଧା ସୁଯୋଗ ପାଇଁ କଳାପଟା ଅଭିଯାନ ଓ ଶିକ୍ଷକ ତାଲିମ ଇତ୍ୟାଦି ଇତ୍ୟାଦି.....। କିନ୍ତୁ ଦୁଃଖର କଥା ଏତେ ସବୁ ଯୋଜନା ଥାଇ ମଧ୍ୟ ଅଧିକାଂଶ ଛାତ୍ର/ ଛାତ୍ରୀ ବିଦ୍ୟାଳୟ ମାନଙ୍କରେ ଅନୁପସ୍ଥିତ ରହୁଛନ୍ତି, କିଛିଦିନ ପୂର୍ବରୁ ଗଣମାଧ୍ୟମରେ ପ୍ରସାରିତ ଭିଡିଓ ରୁ ଅନୁମାନ କରିହବ ଯେ ପିଲାଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ମଧ୍ୟ ବ୍ୟତିକ୍ରମ ହେଉଅଛି। ଆମେ ଏହା ଗ୍ରହଣ କରିବା ଦରକାର ଯେ ସରକାରଙ୍କ ସମସ୍ତ ଯୋଜନା ପ୍ରୋତ୍ସାହନ ମୂଳକ ଯାହା ସୂଚାରୁ ରୂପେ କାର୍ଯ୍ୟକାରୀ ହେଉଅଛି ବୋଲି ଦସ୍ତାବେଜ ମାନଙ୍କରେ ଉଲ୍ଲେଖନୀୟ କିନ୍ତୁ ତାହା କେତେଦୂର ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟରତ ତାହା ତଦାରଖ ମଧ୍ୟ କରିବା ଅତ୍ୟନ୍ତ ଆବଶ୍ୟକ। ଶିକ୍ଷା ଜଣେ ଛାତ୍ର ଜୀବନରେ ସାମାଜିକ ତଥା ଭୌତିକ ସଫଳତା ପ୍ରଦାନ କରିଥାଏ। ଯଥାର୍ଥ ଏଇୟା ଯେ ସମାଜ ଓ ଶିକ୍ଷା ଦୁହେଁ ପରସ୍ପର କୁ ପ୍ରଭାବିତ କରିଥାନ୍ତି। ଶିକ୍ଷା ଯଦି ଉତ୍ତମ ଗୁଣ ଯୁକ୍ତ ହୋଇଥାଏ ତେବେ ସମାଜକୁ ସକାରାତ୍ମକ ଦିଗରେ ଅଗ୍ରସର ହେବା ପାଇଁ ସହାୟକ ହୋଇଥାଏ। ପ୍ରାଚୀନ ଭାରତରେ ଶିକ୍ଷା ର ଉଦ୍ଦେଶ୍ୟ କେବଳ ପୃଥିବୀରେ ଜୀବନ ଧାରଣର ପ୍ରସ୍ତୁତି କିମ୍ବା ବିଦ୍ୟାଳୟ ଶିକ୍ଷା ବାହାର ଜୀବନ ପାଇଁ ଜ୍ଞାନ ଆହରଣ ନୁହେଁ ବରଂ ନିଜର ପୂର୍ଣ୍ଣତା ପ୍ରାପ୍ତି ଓ ମୁକ୍ତି ପାଇଁ ଥିଲା । ପୂର୍ବରୁ ଭାରତରେ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ଦେଶ ବିଦେଶରୁ ବିଦ୍ୱାନ ଓ ଶିକ୍ଷାର୍ଥୀ ମାନଙ୍କୁ ଆମନ୍ତ୍ରଣ କରୁଥିଲା। କିନ୍ତୁ ବର୍ତ୍ତମାନ ର ଚିତ୍ର ଓଲଟା ଛାତ୍ରଟିର ଶିକ୍ଷା ଗ୍ରହଣ ସମ୍ପୂର୍ଣ୍ଣ ହେବାପରେ ନିଜ ଜନ୍ମ ମାଟି ପରିବର୍ତ୍ତେ ବିଦେଶକୁ ଯିବା ପାଇଁ ଆଶାୟୀ ପରିଲକ୍ଷିତ। ବ୍ୟକ୍ତିବିଶେଷ, ସମାଜ, ଦେଶ ଓ ବିଶ୍ୱ ର ମଙ୍ଗଳ ପାଇଁ ଆମ ଦେଶର ସମୃଦ୍ଧ ପ୍ରତିଭା ଏବଂ ସମ୍ବଳର ବିକାଶ ତଥା ସର୍ବୋଚ୍ଚି- କରଣ ପାଇଁ ସାର୍ବଜନୀନ ଉଚ୍ଚମାନର ଶିକ୍ଷା ହେଉଛି ସର୍ବୋତ୍ତମ ମାର୍ଗ। ପାଶ୍ଚାତ୍ୟ ସଭ୍ୟତାକୁ ତ୍ୟାଗ କରି ପ୍ରାଚୀନ ସଭ୍ୟତାକୁ ସ୍ମରଣ କଲେ , ଗୁରୁକୁଳର ଶିକ୍ଷାନୀତି ଯାହା ଶୈକ୍ଷିକ ଓ ଅଣଶୈକ୍ଷିକ କ୍ଷେତ୍ର ରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରେ , ତାହା ଜୀବନରେ ବୃହତ୍ ମାର୍ଗଦର୍ଶନର କାର୍ଯ୍ୟ କରିବାରେ ସହାୟକ ହବ। ଏହା ଗୁରୁତ୍ୱପୂର୍ଣ୍ଣ ଯେ, ପିଲାମାନେ କେବଳ ଶିଖନ୍ତି ନାହିଁ ବରଂ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି କିପରି ଶିଖିବାକୁ ହୁଏ ତାହା ଶିଖିବା। ଏହା ଦ୍ୱାରା କିପରି ଭାବେ ଜଟିଳ ଚିନ୍ତନ କରିବାକୁ ହବ ଓ ସମସ୍ୟା ସମାଧାନ କରାଯିବ ଏବଂ ନୂତନ ଜୀବନ ଶୈଳୀକୁ ସରଳି କରଣ କରାଯିବ ତାହା ଜାଣିବା। ସାମାଜିକ ମୂଲ୍ୟବୋଧର ଅବକ୍ଷୟ କୁ ରୋକିବା ପାଇଁ ପିଲାମାନଙ୍କର ପଢ଼ା , ଲେଖା , ସାମାଜିକ ମୂଲ୍ୟବୋଧର ଦକ୍ଷତା ସହିତ ଗୁଣାତ୍ମକ, ଜୀବନ ନିର୍ବାହ କରିବାର ଶୈଳୀ ବିଷୟରେ ଜ୍ଞାନ ପ୍ରଦାନ କରିବା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରି ପାରିଲେ ପ୍ରାଥମିକ ଶିକ୍ଷାରେ ନିଶ୍ଚିତ ଭାବେ ଆଶାନୁରୂପକ ସଫଳତା ହାସଲ କରିବା ଏବଂ ଶିଶୁ ଟିଏ ଆମ ମାନବ ସମାଜର ଉଜ୍ଜ୍ୱଳ ଭବିଷ୍ୟତ " ସା ବିଦ୍ୟା, ଯା ବିମୁକ୍ତତୟେ "ର ଅର୍ଥ ବୁଝି ନିଜ ଜୀବନରେ ସାଂସ୍କୃତିକ, ଆଧ୍ୟାତ୍ମିକ, ଉନ୍ନୟନ ମୂଳକ ଆଚରଣ ଆଣି ସୁସ୍ଥ ସମାଜ ଟିଏ ଗଢ଼ି ତୋଳିବାରେ ସଫଳ କାମ୍ୟ ହୋଇ ପରିବା।

ସରଧା, କରଞ୍ଜିଆ
ମୋବାଇଲ୍: ୭୦୦୮୭୭୮୩୦୦



# ବର୍ତ୍ତମାନର ଆଣବିକ ଶକ୍ତି ଓ ତା'ର ଭୟାବହତା



ଡଃ ଅମୂଲ୍ୟ କୁମାର ପଣ୍ଡା

ବର୍ତ୍ତମାନ ଆଣବିକ ଅସ୍ତ୍ର ଯେକୌଣସି ଦେଶର ଶକ୍ତିର ସବୁଠାରୁ ମଜବୁତ ଅସ୍ତ୍ର ଅଟେ। ବର୍ତ୍ତମାନ ଭାରତ ସମେତ ବିଶ୍ୱର ୯ ଟି ଦେଶରେ ଆଣବିକ ଅସ୍ତ୍ର ରହିଛି। ଗତ ବର୍ଷ ୨୦୨୨ ସୁଦ୍ଧା ଭାରତରେ ୧୬୦ ପରମାଣୁ ଅସ୍ତ୍ର ଥିଲା। ଭାରତ ପରମାଣୁ ଅସ୍ତ୍ରଶସ୍ତ୍ରର ଭଣ୍ଡାରକୁ ଆହୁରି ବୃଦ୍ଧି କରୁଛି। ଷ୍ଟକହୋମ ଆନ୍ତର୍ଜାତୀୟ ଶାନ୍ତି ଅନୁସନ୍ଧାନ ପ୍ରତିଷ୍ଠାନ (SIPRI) ଦାବି କରିଛି ଯେ, ଭାରତ ଆଣବିକ ଅସ୍ତ୍ର ସଂଖ୍ୟା ବୃଦ୍ଧି କରୁଛି। ରିପୋର୍ଟ ଅନୁଯାୟୀ, ଭାରତରେ ଲମ୍ବା ରେଞ୍ଜର କ୍ଷେପଣାସ୍ତ୍ର ଅଛି, ଯାହା ପଡୋଶୀ ଦେଶ ପାକିସ୍ଥାନ ଏବଂ ଚୀନ୍ କୁ ମଧ୍ୟ ନଷ୍ଟ କରିପାରେ। ଆସନ୍ତୁ ଜାଣିବା ଭାରତ କିପରି ଏହାର ଭଣ୍ଡାର ବୃଦ୍ଧି କରୁଛି, ଯଦି ପରମାଣୁ ଅସ୍ତ୍ରଶସ୍ତ୍ର ସହିତ ଆକ୍ରମଣ କରିବାର ଆବଶ୍ୟକତା ଥାଏ, ତେବେ ଏହା କେତେ ଧ୍ୱଂସ ଘଟାଇବ ଏବଂ ପାକିସ୍ତାନ ଏବଂ ଚୀନ୍ କ'ଣ ପ୍ରସ୍ତୁତି କରୁଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଭାରତରେ ୧୫୬ ପରମାଣୁ ଅସ୍ତ୍ର ଥିଲା, ଯାହାର ସଂଖ୍ୟା ୨୦୨୨ ରେ ୧୬୦ କୁ ବୃଦ୍ଧି ପାଇଛି। ଏଥି ସହିତ ପାକିସ୍ତାନରେ ୧୬୫ ପରମାଣୁ ଅସ୍ତ୍ର ରହିଛି। କିନ୍ତୁ ଯଦି ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ଆବଶ୍ୟକ ପଡେ, ତେବେ ପାକିସ୍ତାନ ଅପେକ୍ଷା ଭାରତ ଭଲ ବୋଲି ପ୍ରମାଣ କରିବ। କାରଣ ଭାରତରେ ଲଞ୍ଚ ପ୍ୟାଡ NEWSURYAPRAVA@GMAIL.COM ଏବଂ ଅସ୍ତ୍ରଶସ୍ତ୍ର ପରିବହନ ଅଧିକ ରହିଛି। ପରମାଣୁ ଅସ୍ତ୍ରଗୁଡ଼ିକରେ ନଜର ରଖୁଥିବା ବିଶେଷଜ୍ଞଙ୍କ ମୁତାବକ ପାକିସ୍ତାନ ପାଖରେ ବର୍ତ୍ତମାନ ୧୪୦ ରୁ ୧୫୦ ପରମାଣୁ ଅସ୍ତ୍ର ରହିଛି। ଯଦି ପରମାଣୁ ଅସ୍ତ୍ର ନିର୍ମାଣର ଏହି ଗତି ଜାରି ରହେ, ତେବେ ୨୦୨୫ ପର୍ଯ୍ୟନ୍ତ ଏହାର ସଂଖ୍ୟା ୨୨୦ ରୁ ୨୫୦ ପର୍ଯ୍ୟନ୍ତ ହୋଇଯିବ। ଏଭଳି ପାକିସ୍ତାନ ବିଶ୍ୱର ସର୍ବବୃହତ୍ ପରମାଣୁ ଅସ୍ତ୍ର ସମ୍ପନ୍ନ ରାଷ୍ଟ୍ର ହୋଇଯିବ। ଆମେରିକା ଗୁପ୍ତଚର ସଂସ୍ଥା ସି.ଆଇ.ଏ ର ପୂର୍ବତନ ଗୁଇନ୍ଦା ଅଧିକାରୀ କେବିନ ହଲବର୍ଟ କହିଛନ୍ତି ଯେ ପାକିସ୍ତାନ ଦୁନିଆର ସବୁଠାରୁ ଅଧିକ ବିପଦପୂର୍ଣ୍ଣ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ପାକିସ୍ତାନ ଅଧିକ ଭୟଙ୍କର ରୂପ ନେଇଛି, କାରଣ ଏହା ତିନିଟି ମୁଖ୍ୟ ସମସ୍ୟା ସହିତ ରହୁଛି। ଆତଙ୍କବାଦ, ଅର୍ଥବ୍ୟବସ୍ଥାର ଅଧୋଗତି ଆଉ ପରମାଣୁ ଅସ୍ତ୍ରର ଅଧିକ ସଂଗ୍ରହ। ଆର୍ଥିକ ସଙ୍କଟ ଦିଗରେ ଏହାଠାରୁ ଖରାପ ଅବସ୍ଥା ଉତ୍ତର କୋରିଆରେ ରହିଛି। ଏହି ଦୁଇ ଦେଶ ଭାରତ ଆଉ ଆମେରିକା ଉପରେ ପରମାଣୁ ଆକ୍ରମଣର ଧମକ ଦେଉଛନ୍ତି।

ବର୍ତ୍ତମାନ ବିଶ୍ୱରେ ୯ଗୋଟି ପରମାଣୁ ଶକ୍ତି ସମ୍ପନ୍ନ ଦେଶ ଅଛନ୍ତି: ଆମେରିକା, ରୁଷ, ଫ୍ରାନ୍ସ, ଚୀନ, ବ୍ରିଟେନ, ଭାରତ, ପାକିସ୍ତାନ, ଇସ୍ରାଏଲ ଏବଂ ଉତ୍ତର କୋରିଆ। ଏମାନଙ୍କ ମଧ୍ୟରୁ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଆଉ ବ୍ରିଟେନ ପାଖରେ ପରମାଣୁ ବୋମାର ବିଶାଳ ଭଣ୍ଡାର ରହିଛି। ତେବେ ପାଞ୍ଚ ଗୋଟି ଦେଶ ପରମାଣୁ ଅପ୍ରସାର ଚୁକ୍ତିରେ ସାମିଲ ଅଛନ୍ତି। ଏହି ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ପରମାଣୁ ଅସ୍ତ୍ରର ନିର୍ମାଣ ଓ ବିକାଶକୁ ସ୍ଥଗିତ ରଖିବା। ତେବେ ଏସବୁ ଦେଶ ଏହି ଉଦ୍ଦେଶ୍ୟକୁ ପୂରଣ କରିବାକୁ ଚେଷ୍ଟା କରୁନାହାନ୍ତି। ପାକିସ୍ତାନ ଚୋରି ମାଧ୍ୟମରେ ଉତ୍ତର କୋରିଆକୁ ପରମାଣୁ ଅସ୍ତ୍ରର ନିର୍ମାଣ କୌଶଳ ହସ୍ତାନ୍ତରିତ କରିଥିଲା; ତେଣୁ ଆଜି ସେ ମଧ୍ୟ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୂପେ ଗଢିଉଠିଛି। ପରମାଣୁ ଅସ୍ତ୍ର ଯଦି ଅପରିଣାମଦର୍ଶୀ ଶାସକ ବା ବ୍ୟକ୍ତିଙ୍କ ହାତରେ ପଡ଼େ, ତେବେ ତାହା ପୃଥିବୀ ଧ୍ୱଂସର କାରଣ ହେବା ବିଚିତ୍ର ନୁହେଁ। ବିଶ୍ୱର ୯ ଟି ଦେଶ - ଆମେରିକା, ଋଷ, ବ୍ରିଟେନ, ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ଥାନ, ଉତ୍ତର କୋରିଆ ଏବଂ ଇସ୍ରାଏଲର ଆଣବିକ ଅସ୍ତ୍ର ରହିଛି। ଜାନୁୟାରୀ ୨୦୨୩ ସୁଦ୍ଧା, ବିଶ୍ୱରେ ୧୨,୫୧୨ ପରମାଣୁ ଅସ୍ତ୍ର ଅଛି, ସେଥିମଧ୍ୟରୁ ୯,୫୭୬ ଟି ଅସ୍ତ୍ରଶସ୍ତ୍ର ସେନାବାହିନୀ ନିକଟରେ ଅଛି। ସେଥିମଧ୍ୟରୁ ୩,୮୪୪ ଟି କ୍ଷେପଣାସ୍ତ୍ର ଏବଂ ବିମାନ ସହିତ ନିୟୋଜିତ କରାଯାଇଛି। ବିଶେଷ ଭାବରେ ଋଷ ଏବଂ ଆମେରିକା ପ୍ରାୟ ୯୦% ସମସ୍ତ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ଅଟନ୍ତି। ଆଣବିକ ଅସ୍ତ୍ରଶସ୍ତ୍ରକୁ ଦୀର୍ଘଦିନଧରି ବିରୋଧ କରିବା ଏବଂ ଆଣବିକ ନିରସ୍ତ୍ରୀକରଣ ଉପରେ ଆବଶ୍ୟକ ପ୍ରକ୍ରିୟାର ଅଭାବ ସମ୍ପର୍କରେ ଆମ ଉଭୟଙ୍କ ଯେଉଁ ବିଚାର ରହିଛି ତା'ର ଏବେ ପ୍ରାସଙ୍ଗିକତା ରହିଛି। ତେବେ ୧୯୯୦ ଦଶକର ପ୍ରାରମ୍ଭରେ ଆଣବିକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବା ପ୍ରକ୍ରିୟାରେ ତୀବ୍ର ହ୍ରାସ ଘଟିବା ଦ୍ୱାରା କିଛି ଭୟ କମିଥିଲା। କିନ୍ତୁ ଯେଉଁ ଧାରାରେ ଗଚ୍ଛିତ ପ୍ରକ୍ରିୟାରେ ହ୍ରାସ ହେଉଥିଲା ତାହା ବନ୍ଦ ହୋଇଗଲା। ଏହା ମଧ୍ୟରେ ତିନି ଦଶନ୍ଧି ବିତିଗଲାଣି। ୯ଟି ଆଣବିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ନିକଟରେ ପ୍ରାୟ ୧୩,୦୦୦ ଆଣବିକ ବୋମା ରହିଛି। ଏହି ଦେଶଗୁଡ଼ିକ ପର୍ଯ୍ୟାୟକ୍ରମେ ଏହାକୁ ହ୍ରାସ କରିବା ବଦଳରେ ଆଣବିକ ଅସ୍ତ୍ରର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କରିବାରେ ଲିପ୍ତ ରହୁଛନ୍ତି। ଫଳରେ ଆଣବିକ ଅସ୍ତ୍ରଶସ୍ତ୍ର ବୃଦ୍ଧି ହେଉଛି। ଏହାର ଭୁଲ୍ ମୂଲ୍ୟାୟନ କରାଯିବା ଯୋଗୁ



ଦୁର୍ଘଟଣା ମଧ୍ୟ ବଢୁଛି। ଏପରି କି ଆଣବିକ ଅସ୍ତ୍ରଶସ୍ତ୍ରସବୁ ବ୍ୟବହାର କଲେ ଏହାର ପ୍ରଳୟଙ୍କରୀ ପରିଣାମଗୁଡ଼ିକ କ'ଣ ହେବ ସେ ସମ୍ପର୍କରେ ଆମେ ଭଲ ଭାବେ ଅବଗତ ଥାଇ ମଧ୍ୟ ନିରସ୍ତ୍ରୀକରଣ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଜାତୀୟ ନିରାପତ୍ତା ଦୃଷ୍ଟିରୁ ନିଆଯାଉଥିବା ଏକ ପଦକ୍ଷେପ, ଯାହା ସେହି ଦେଶ ଓ ଅନ୍ୟ ଦେଶର ଲୋକମାନଙ୍କ ଉପରେ ଏବଂ ଏବେ ମାନବତା ଉପରେ ଯେଉଁ ବିପଦ ସୃଷ୍ଟି କରୁଛି , ତାହାର ସ୍ଥାୟିତ୍ୱ ସମ୍ପର୍କରେ ସେମାନେ ବିଚାର କରିବା ଦରକାର। ତେବେ ଅସ୍ତ୍ରଶସ୍ତ୍ର ଆମକୁ ସୁରକ୍ଷା ଦେବ ବୋଲି ଯେଉଁ ବିଶ୍ୱାସ ଅଛି ତାହା ଏକ ମୌଳିକ ତ୍ରୁଟି ବୋଲି ଆମର ହୃଦ୍‌ବୋଧ ହୋଇଛି। ବାସ୍ତବରେ, ସେସବୁ ଆମ ସମସ୍ତଙ୍କ ତଥା ଆଗାମୀ ପିଢ଼ି ଉପରେ ବଡ଼ ବିପଦ ସୃଷ୍ଟି କରୁଛି।

ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ରରେ ସ୍ୱଳ୍ପ ଦୂରଗାମୀ ନସ୍ରା, ହତଫ, ଗଜନଭି ଏବଂ ଅବଦାଲି କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ, ଯାହା ୬୦ ରୁ ୩୨୦ କିଲୋମିଟର ଦୂରତାରେ ଆକ୍ରମଣ କରିପାରିବ। ଯେଉଁଠାରେ ମଧ୍ୟମ ରେଞ୍ଜର କ୍ଷେପଣାସ୍ତ୍ର ଗୌରୀ ଏବଂ ଶାହିନ୍। ସେଗୁଡ଼ିକର ଷ୍ଟ୍ରାଇକ୍ ପରିସର ୯୦୦ ରୁ ୨୭୦୦ କିଲୋମିଟର ଅଟେ। ଯଦି ଏହି ଦୁଇ ଅସ୍ତ୍ର ମଧ୍ୟରେ ଆକ୍ରମଣ କରାଯାଏ, ତେବେ ଦିଲ୍ଲୀ, ଜୟପୁର, ଅହମ୍ମଦାବାଦ, ମୁମ୍ବାଇ, ପୁଣେ, ଭୋପାଳ, ନାଗପୁର ଏବଂ ଲକ୍ଷ୍ନୌ ପ୍ରଭାବିତ ହୋଇପାରେ। ଯଦି ଆମେ ଭାରତର ଶକ୍ତି ବିଷୟରେ କହିବା, ତେବେ ଏଥିରେ ବହୁ ଦୂରଗାମୀ କ୍ଷେପଣାସ୍ତ୍ର ଅଛି। ସର୍ଟ ରେଞ୍ଜ୍ କ୍ଷେପଣାସ୍ତ୍ରଗୁଡ଼ିକ ହେଉଛି ପୃଥ୍ୱୀ ଏବଂ ଅଗ୍ନି -୧, ଯାହାର ପରିସର ୩୫୦ ରୁ ୭୦୦ କିଲୋମିଟର ପର୍ଯ୍ୟନ୍ତ। ଯେଉଁଠାରେ, ଅଗ୍ନିର ପ୍ରକାରଗୁଡ଼ିକ ହେଉଛି ଅଗ୍ନି-୨ ଏବଂ ଅଗ୍ନି -୩, ଯାହାର ପରିସର ୨ ହଜାରରୁ ୩ ହଜାର କିଲୋମିଟର ପର୍ଯ୍ୟନ୍ତ। ଏହା ବ୍ୟତୀତ ଅଗ୍ନି-ଭି କ୍ଷେପଣାସ୍ତ୍ରର ଷ୍ଟ୍ରାଇକ୍ ରେଞ୍ଜ ହେଉଛି ୫ ହଜାର କିଲୋମିଟର। ଏହି କ୍ଷେପଣାସ୍ତ୍ରଗୁଡ଼ିକ ସାହାଯ୍ୟରେ ଭାରତ ପାକିସ୍ତାନର ଯେକୌଣସି କୋଣକୁ ପରମାଣୁ ଅସ୍ତ୍ର ଛାଡିପାରେ। ଅର୍ଥାତ୍ ଯଦି ଭାରତ ଅଳ୍ପ ଦୂରରୁ ଆଫଗାନିସ୍ତାନ ସୀମା ପର୍ଯ୍ୟନ୍ତ ଆଣବିକ ଅସ୍ତ୍ର ଛାଡିଦିଏ, ତେବେ ରାୱଲପିଣ୍ଡି, ଲାହୋର, ଇସଲାମାବାଦ ଏବଂ କରାଚିର ନାମ ଏବଂ ଚିହ୍ନ ଲିଭିଯିବ। ଆମେରିକାର ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନ୍‌ର ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଚୀନ୍‌ରେ ୪୦୦ ପରମାଣୁ ଅସ୍ତ୍ର ଥିଲା, ଯାହାର ସଂଖ୍ୟା ୨୦୨୩ ମସିହାରେ ୫୦୦ରୁ ଅଧିକ ହୋଇଯାଇଥିଲା। ପେଣ୍ଟାଗନ୍ ଅନୁଯାୟୀ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି ଦିଗରେ ନିରନ୍ତର କାର୍ଯ୍ୟ କରୁଛି, ଯେଉଁ କାରଣରୁ ୨୦୩୦ ସୁଦ୍ଧା ସେଗୁଡ଼ିକର ସଂଖ୍ୟା ୧୦୦୦ ଏବଂ ୨୦୨୫ ସୁଦ୍ଧା ୧,୫୦୦ ରେ ପହଞ୍ଚିପାରେ।

ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ବଢୁଛି ପାକିସ୍ତାନର ଆଣବିକ ଧମକ। ଯଦି ପାକିସ୍ତାନର ସ୍ଥିତି ପ୍ରତି ବିପଦ ଆସେ ତେବେ ଆଣବିକ ଅସ୍ତ୍ର ପ୍ରୟୋଗ ଲାଗି ପଛଘୁଞ୍ଚା ଦିଆଯିବ ନାହିଁ ବୋଲି କହିସାରିଛନ୍ତି ପାକ୍ ମନ୍ତ୍ରୀ ହନିଫ ଆବାସି, ଆମେରିକା ଲାଗି ନିଯୁକ୍ତ ରାଷ୍ଟ୍ରଦୂତ ରିଜଓ୍ୱାନ ଶେଖ ଓ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ। ଦୁଇ ଦେଶ ମଧ୍ୟରେ ସୃଷ୍ଟ ଉତ୍ତେଜନା ପ୍ରଶମିତ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ନିକଟରେ ଅନୁରୋଧ କରିଥିଲେ ରାଷ୍ଟ୍ରଦୂତ ଶେଖ୍। ଏବେ ପ୍ରଶ୍ନ ଉଠୁଛି ସମ୍ଭାବ୍ୟ ଆଣବିକ ଟେନସନରେ ଆମେରିକାର ଭୂମିକା କଣ ରହିବ। ଅତୀତରେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଓ ଜର୍ଜ ଡବ୍ଲୁ ବୁଶଙ୍କ ସମୟରେ ପାକିସ୍ତାନର ଆଣବିକ ଅସ୍ତ୍ରର ସୁରକ୍ଷା ଲାଗି ଆମେରିକା ପଦକ୍ଷେପ ନେଇଥିଲା। ତେଣେ ବେଲାରୁଷ ଓ ଚୀନ ସହାୟତାରେ ପାକିସ୍ତାନ ଲଙ୍ଗରେଞ୍ଜ ମିସାଇଲ ଓ ପେଲୋଡ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ ଜାରି ରଖିଛି। ଏହି ଯୋଜନା ବଳରେ କିଛି ବର୍ଷ ମଧ୍ୟରେ ପାକିସ୍ତାନ ୩ ହଜାର କିଲୋମିଟର ଦୂରକୁ ହିଟ୍ କରିପାରୁଥିବା କ୍ଷେପଣାସ୍ତ୍ରର ଅଧିକାରୀ ହେବ। ପାକିସ୍ତାନକୁ ଆଣବିକ ଯନ୍ତ୍ରାଂଶ ସହଯୋଗ କରୁଥିବାରୁ ଚୀନ ଓ ବେଲାରୁଷର କେତେକ ଫାର୍ମ ସମେତ ପାକିସ୍ତାନର କେତେକ ସରକାରୀ ସଂସ୍ଥା ବିରୋଧରେ ଆମେରିକା କଟକଣା ଜାରି କରିସାରିଛି। ୨୦୧୫ରେ ପ୍ରଥମେ ପାକିସ୍ତାନ ପରୀକ୍ଷା କରିଥିବା ସାହିନ-୩ ମିସାଇଲର କ୍ଷମତା ୨ ହଜାର ୭୫୦ କିଲୋମିଟର ଥିଲା। ଏହାର ଅର୍ଥ ଭାରତର ଯେ କୌଣସି ସ୍ଥାନକୁ ହିଟ୍ କରିବାର କ୍ଷମତା ପାକିସ୍ତାନ ନିକଟରେ ରହିଛି।

ଜାପାନର ଆଣବିକ ବିଧ୍ୱଂସରେ ବିଚଳିତ ହୋଇ ୯ ଜୁଲାଇ ୧୯୫୫ରେ ଆଲବର୍ଟ ଆଇନଷ୍ଟାଇନ ଓ ପ୍ରସିଦ୍ଧ ବ୍ରିଟିଶ ଦାର୍ଶନିକ ବର୍ଟ୍ରାଣ୍ଡ୍ ରସେଲ ସଂଯୁକ୍ତ ବିଜ୍ଞପ୍ତି ଜାରିକରି ଶାନ୍ତିର ଉପାୟ ଅବଲମ୍ବନ କରିବାକୁ ନିବେଦନ କରି କହିଥିଲେ, ''ଏହା ନିଶ୍ଚିତ ଯେ ତୃତୀୟ ବିଶ୍ୱଯୁଦ୍ଧରେ ପରମାଣୁ ଅସ୍ତ୍ରର ପ୍ରୟୋଗ ହେବ। ଏଥିଯୋଗୁଁ ମଣିଷଜାତିର ଅସ୍ତିତ୍ୱ ସଙ୍କଟ ଦେଖାଯିବ; କିନ୍ତୁ ଚତୁର୍ଥ ବିଶ୍ୱଯୁଦ୍ଧ ଲାଠି ଆଉ ପଥର ମାଧ୍ୟମରେ ହେବ।'' ଏହି ବିଜ୍ଞପ୍ତିରେ କୁହାଯାଇଥିଲା ଯେ, ନରସଂହାର କଳାଭଳି ସମସ୍ତ ଅସ୍ତ୍ରକୁ ନଷ୍ଟ କରିଦିଆଯିବା ଆବଶ୍ୟକ। ଆମର ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏହି ଭୟାବହତାକୁ ଅନୁଭବ କରିପାରିଥିଲେ। ସେଥିପାଇଁ ସେ ସଂଯୁକ୍ତ ରାଷ୍ଟ୍ରରେ ଆଣବିକ ଅସ୍ତ୍ରର ସମୂଳ ନଷ୍ଟ ପାଇଁ ପ୍ରସ୍ତାବ ରଖିଥିଲେ; କିନ୍ତୁ ପରମାଣୁ ମହାଶକ୍ତିଗୁଡ଼ିକ ଏହି ପ୍ରସ୍ତାବ ଉପରେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ, କାରଣ ପରମାଣୁ ପ୍ରଭୁତ୍ୱରେ ହିଁ ସେମାନଙ୍କ ଶକ୍ତି ଅନ୍ତର୍ନିହିତ ରହିଛି। ବର୍ତ୍ତମାନ ପରମାଣୁ ଶକ୍ତି ସଂପନ୍ନ ଦେଶଗୁଡ଼ିକର ୟୁରାନିୟମର ବେପାର କରୁଛନ୍ତି। ସେମାନେ ପରମାଣୁ ଅସ୍ତ୍ରର ବିପଦକୁ ସାଉଁଟିବାରେ ବ୍ୟସ୍ତ ଅଛନ୍ତି। ଏପରି ରହିଲେ ସମ୍ଭାବ୍ୟ ବିଶ୍ୱ ଧ୍ୱଂସ କୁ ଏଡ଼ାଇ ଦିଆଯାଇ ନ ପାରେ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ: ୮୨୪୯୫୦୨୭୭୬

# ମହିଳା ଭୋଟର ନିର୍ଣ୍ଣାୟକ

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ବିହାର ବିଧାନସଭା ଏବଂ ଓଡ଼ିଶାର ନୂଆପଡ଼ା ବିଧାନସଭା ଆସନରେ ବିଜେପି ଐତିହାସିକ ସଫଳତା ହାସଲ କରିଛି। ବିହାରରେ ବିଜେପି ନେତୃତ୍ୱରେ ଏନଡିଏ ଦୁଇ ତୃତୀୟାଂଶ ଆସନରେ ବିଜୟୀ ହୋଇଥିବାବେଳେ ନୂଆପଡ଼ାରେ ବିଜେପି ପ୍ରାର୍ଥୀ କେବଳ ବିଜୟୀ ହୋଇନାହାଁନ୍ତି, ବିଜୟ ବ୍ୟବଧାନରେ ସମସ୍ତ ରେକର୍ଡ ଭଙ୍ଗ କରିଛନ୍ତି। ତେବେ ଏହା କେବଳ ସମ୍ଭବ ହୋଇଛି ମହିଳାଙ୍କ ମତଦାନ ହାର ବୃଦ୍ଧି ଯୋଗୁଁ ଉଲ୍ଲେଖଯୋଗ୍ୟ ଯେ, ବିହାରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଚଳିତ ମତଦାନ ହାର ସମସ୍ତ ରେକର୍ଡ ଭଙ୍ଗ କରିଥିଲା। ନିର୍ବାଚନ କମିଶନଙ୍କ ପ୍ରାଥମିକ ତଥ୍ୟ ଅନୁଯାୟୀ ବିହାରରେ ପୁରୁଷଙ୍କ ତୁଳନାରେ ଅତିକମରେ ୪.୩୪ ଲକ୍ଷ ଅଧିକ ମହିଳା ଭୋଟ ଦେଇଥିବା ଜଣାଯାଇଛି। ନିକଟରେ ବିହାରରେ ସ୍ପେଶିଆଲ ଇଟେଂନିସିଭ ରିଭିଜନ(ଏସଆଇଆର) ଅନୁଯାୟୀ ପୁରୁଷ ମତଦାତା ବା ଭୋଟରଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ୪୨ଲକ୍ଷ କମ ଥିବା କୁହାଯାଏ। କିନ୍ତୁ ମତଦାନରେ ପୁରୁଷ ଭୋଟଦାତାଙ୍କୁ ମହିଳା ଟପି ଯାଇଛନ୍ତି। ତେବେ ଏହା କେବଳ ମହିଳା କେନ୍ଦ୍ରିକ ଜନହିତକର ଯୋଜନା, ଭୌଗୋଳିକ ବାସ୍ତବତା ଏବଂ ଭୋଟର ତାଲିକାର ସଂହତି



ନେଇ ବାରମ୍ବାର, ଅଭିଯୋଗର ପ୍ରତିଫଳନ ବୋଲି କୁହାଯାଇପାରିବ। ନିର୍ବାଚନର ଅବ୍ୟବହିତ ପୂର୍ବରୁ ଯୋଗ୍ୟ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ନଗଦ ୧୦ହଜାର ଟଙ୍କା ପ୍ରଦାନ ତଥା ଟଙ୍କା ବଣ୍ଟନ ଏବଂ କାମଧନ୍ଦା ଅନ୍ୱେଷଣରେ ପୁରୁଷଙ୍କ ରାଜ୍ୟନ୍ତର ବା ସ୍ଥାନାନ୍ତର ହେଉଛି ମହିଳାଙ୍କ ମତଦାନ ହାର ବୃଦ୍ଧିର ମୁଖ୍ୟ କାରଣ। ବିହାରରେ ଏସଆଇଆର ପରେ ୪୭ଲକ୍ଷ ଭୋଟଦାତା ଚୂଡାନ୍ତ ଭୋଟର ତାଲିକାରୁ ବାଦ ପଡ଼ିଥିବା ବେଳେ ସେମାନଙ୍କ ମଧ୍ୟରେ ମହିଳାଙ୍କ ଅନୁପାତ ସର୍ବାଧିକ। ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଏସଆଇଆର ପରେ ବିହାରରେ ପ୍ରତି ୧୦୦୦ପୁରୁଷରେ ମହିଳା ଭୋଟଦାତା ସଂଖ୍ୟା ୮୯୨କୁ ହ୍ରାସ ପାଇଛି। କିନ୍ତୁ ଗୋଟିଏ ବର୍ଷ ପୂର୍ବରୁ ଅର୍ଥାତ ୨୦୨୪ ସାଧାରଣ ନିର୍ବାଚନ ବେଳେ ମହିଳା ଭୋଟଦାତାଙ୍କ ସଂଖ୍ୟା ୯୦୭ ଥିଲା। ଉଲ୍ଲେଖ କରାଯାଇପାରେ ଯେ, ସୁପ୍ରିମକୋର୍ଟଙ୍କ ରାୟ ପରେ ପ୍ରକାଶିତ ଏସଆଇଆର ଚିଠା ପ୍ରସ୍ତାବ ଏବଂ ବାଦ ପଡ଼ିଥିବା ରିପୋର୍ଟ ଅନୁଯାୟୀ ୧୮ରୁ ୨୯ ବର୍ଷ ବୟସ ମଧ୍ୟରେ ସର୍ବାଧିକ ମହିଳା ଭୋଟ ତାଲିକାରୁ ବାଦ ପଡ଼ିଥିବା ଜଣାଯାଏ। ବିଶେଷ କରି ବିବାଦ ପରେ ସ୍ଥାୟୀ ଭାବେ ସ୍ଥାନାନ୍ତର ହୋଇଥିବା ମହିଳାଙ୍କ ସଂଖ୍ୟା ଅଧିକ। କିନ୍ତୁ ନୂତନ ସ୍ଥାନରେ ସେମାନଙ୍କ ନାମ ଭୋଟର ତାଲିକାରେ ଯୋଡାଯାଇଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସର୍ବାଧିକ ମହିଳା ଭୋଟର ତାଲିକାରୁ ବାଦପଡ଼ିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ସରକାରର ମହିଳାଙ୍କ ପାଇଁ ବହୁବିଧ କଲ୍ୟାଣକାରୀ ଯୋଜନା ଯୋଗୁଁ ମହିଳା ଭୋଟହାର ଆଶାତୀତ ଭାବେ ବୃଦ୍ଧି ପାଇଛି। ନୀତିଶଙ୍କ ଦୁଇ ଦଶନ୍ଧି ଅଛି ଶାସନକାଳ ମଧ୍ୟରେ ମହିଳା ସଶକ୍ତିକରଣ ପାଇଁ ବଛା ବଛା ଯୋଜନା କାର୍ଯ୍ୟକାରୀ କରିଥିଲେ। କିନ୍ତୁ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଗତ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଏବଂ ମହିଳାଙ୍କୁ ୧୦ହଜାର ଟଙ୍କା ନଗଦ ବଣ୍ଟନ ନିର୍ବାଚନରେ ବେଶ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଯାହାକି ତାଙ୍କ ନେତୃତ୍ୱ ସପକ୍ଷରେ ବେଶ ପ୍ରଭାବିତ ହୋଇଛି। ଓଡ଼ିଶାର ନୂଆପଡ଼ା ବିଧାନସଭା ଆସନ ଉପନିର୍ବାଚନରେ ମଧ୍ୟ ମହିଳାଙ୍କ ଭୋଟହାର ପୁରୁଷଙ୍କ ମତଦାନ ହାର ଠାରୁ ଟପିଯାଇଛି। ବିଶେଷ କରି ଆଦିବାସୀ ବହୁଳ ସୀମାନ୍ତ ଅଞ୍ଚଳରେ ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାରେ ଗତ ଦେଢବର୍ଷର ଶାସନକାଳ ମଧ୍ୟରେ ଯୋଗ୍ୟ ମହିଳାଙ୍କୁ ୧୫ହଜାର ଟଙ୍କା ପ୍ରଦାନ ନିର୍ବାଚନରେ ବେଶ ଅନୁଭୂତ ହୋଇଛି। ଯାହାର ପ୍ରଭାବରେ କେବଳ ମତଦାନ ହାର ୮୩ପ୍ରତିଶତ ଅତିକ୍ରମ କରି ରେକର୍ଡ ଭଙ୍ଗ କରିନାହିଁ, ବିଜେପିର ବିଜୟ ବ୍ୟବଧାନ ମଧ୍ୟ ରେକର୍ଡ ଭଙ୍ଗ କରିଛି। ଏବେ ମହିଳା ଭୋଟର ହିଁ ନିର୍ଣ୍ଣାୟକ ଏଥିରେ ସନ୍ଦେହ ନାହିଁ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ମାର୍ଚ୍ଚ ୫ରେ ନେପାଳ ନିର୍ବାଚନ

କାଠମାଣ୍ଡୁ,୧୭।୧୧: ନେପାଳରେ ନିର୍ବାଚନ ହେବାକୁ ଯାଉଛି। ମାର୍ଚ୍ଚରେ ହେବାକୁ ଥିବା ସଂସଦୀୟ ନିର୍ବାଚନ ଲାଗି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଜାନୁଆରୀ ୨୦, ୨୦୨୬ ସକାଳ ୧୦ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ପ୍ରାର୍ଥୀ ନିଜର ନାମାଙ୍କନ ଭରିପାରିବେ। ସେହିଦିନ ପ୍ରାର୍ଥୀପତ୍ର ଯାଞ୍ଚ ହେବ ଏବଂ ସୂଚୀ ପ୍ରକାଶ ପାଇବ। କୌଣସି ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗ କରିବାକୁ ହେଲେ ଜାନୁଆରୀ ୨୧ରେ କରାଯାଇପାରିବ। ଜାନୁଆରୀ ୨୧ ତାରିଖ ସକାଳ ୧୦ରୁ ଅପରାହ୍ଣ ୩ ମଧ୍ୟରେ ଅଭିଯୋଗ ଗ୍ରହଣ କରିବେ ନିର୍ବାଚନ କମିଶନ। ଯେଉଁ ପ୍ରାର୍ଥୀ ନାମ ପ୍ରତ୍ୟାହାର କରିବାକୁ ଚାହିଁବେ, ସେମାନଙ୍କୁ ଜାନୁଆରୀ ୨୩ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ସମୟ ମିଳିବ।ଏହା ପରେ ପ୍ରାର୍ଥୀଙ୍କ ଅନ୍ତିମ ତାଲିକା ସେହି ଦିନ ଅପରାହ୍ଣ ୩ଟାରେ ପ୍ରକାଶ ପାଇବ। ସେହିଭଳି ନିର୍ବାଚନୀ ଚିହ୍ନ ବଣ୍ଟନ କରାଯିବ। ନିର୍ବାଚନ କମିଶନଙ୍କ ଅନୁସାରେ, ନିର୍ବାଚନ ମାର୍ଚ୍ଚ ୫ରେ ଅନୁଷ୍ଠିତ ହେବ। ସକାଳ ୭ରୁ ମତଦାନ ଆରମ୍ଭ ହେବ ଏବଂ ସନ୍ଧ୍ୟ ୫ଟା ଯାଏଁ ଚାଲିବ। ନେପାଳ ସମ୍ବିଧାନ ଅନୁସାରେ, ପ୍ରତିନିଧି ସଭାର ୧୬୫ ସଦସ୍ୟଙ୍କ ଲାଗି ନିର୍ବାଚନ ପ୍ରତ୍ୟେକ୍ଷ ପଦ୍ଧତିରେ ହୋଇଥାଏ।

ସୂଚନାଯୋଗ୍ୟ, ନେପାଳରେ ଜେନ-ଜି ଆନ୍ଦୋଳନ ତୀବ୍ର ହେବା ପରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ କେପି ଶର୍ମା ଓଲି। ତାଙ୍କର ଇସ୍ତଫା ପରେ ଦେଶରେ ଏକ ନିର୍ବାଚନର ଆବଶ୍ୟକତା ପଡ଼ିଥିଲା। ମାର୍ଚ୍ଚ ୫ରେ ନିର୍ବାଚନ ହେବାକୁ ଯାଉଛି। ତେବେ ଦେଶରେ ବଢ଼ୁଥିବା ଦୁର୍ନୀତି ବିରୋଧରେ ଜେନ-ଜି ରାସ୍ତାକୁ ଓହ୍ଲାଇଥିଲେ। ବହୁ କ୍ଷୟକ୍ଷତିର ସାମ୍ନା କରିଥିଲା ନେପାଳ। ଏହା ପରେ ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ ସୁଶୀଲା କାର୍କି।

# ୧୯ରେ ଇସ୍ତଫା ଦେବେ ନୀତୀଶ

# ୨୦ରେ ଶପଥ ନେବେ ନୂଆ ସିଏମ୍

## ୨୨ରେ ସରୁଛି ବିଧାନସଭା କାର୍ଯ୍ୟକାଳ

## ଶପଥଗ୍ରହଣ ଉତ୍ସବରେ ଯୋଗଦେବେ ମୋଦି



ପାଟନା,୧୭।୧୧: ଆସନ୍ତା ୧୯ ତାରିଖରେ ଇସ୍ତଫା ଦେବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ବିଜୟ ହେବା ପରେ ପୁଣି ଥରେ ସରକାର କରିବାକୁ ସଜବାଜ ଚାଲିଛି। ଏନ୍‌ଡିଏ ଏହାରି ଭିତରେ ନୀତୀଶ ନିଜ ଇସ୍ତଫା ପତ୍ର ରାଜ୍ୟପାଳଙ୍କୁ ଦେଇଛନ୍ତି। ଏହାରି ଭିତରେ ବିହାରରେ ସରକାର ଗଠନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଆସନ୍ତା ୩ ଦିନ ମଧ୍ୟରେ ବିହାରରେ ସରକାର ଗଠନ ହେବ। ସୂଚନାନୁଯାୟୀ, ନଭେମ୍ବର ୨୦ ତାରିଖରେ ଶପଥ ଗ୍ରହଣ ଉତ୍ସବ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି। ଶପଥ ଗ୍ରହଣ ଉତ୍ସବ ପାଇଁ ପାଟନାର ଗାନ୍ଧୀ ମଇଦାନରେ ଜୋରଦାର ପ୍ରସ୍ତୁତି ଚାଲିଛି।

ଜେଡିୟୁ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ସକାଳ ୧୧ଟା ୩୦ରେ ଶେଷ କ୍ୟାବିନେଟ୍ ବୈଠକ ଡାକିଥିଲେ। ଏହି ବୈଠକରେ ବର୍ତ୍ତମାନର ବିଧାନସଭାକୁ ଭଙ୍ଗକରିବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନଙ୍କୁ ଭେଟିଥିଲେ। ବର୍ତ୍ତମାନ ସରକାରଙ୍କ ବିଧାନସଭା କାର୍ଯ୍ୟକାଳ ନଭେମ୍ବର ୨୨ରେ ଶେଷ ହେଉଛି। ନୀତୀଶଙ୍କ ଇସ୍ତଫା ପରେ ଜେଡିୟୁ ବିଧାୟକ ଦଳ ବୈଠକ ବସି ନୀତୀଶ କୁମାରଙ୍କୁ ବିଧାୟକ ଦଳର ନେତା ନିର୍ବାଚିତ କରାଯିବ। ଏହା ପରେ ବିଜେପି ବିଧାୟକ ଦଳର ଏକ ବୈଠକ ହେବ ଏବଂ ଶେଷରେ ଏନଡିଏ ବିଧାୟକ ଦଳର ଏକ ମିଳିତ ବୈଠକ ହେବ, ଯେଉଁଠାରେ ନୀତୀଶ କୁମାରଙ୍କୁ ମେଣ୍ଟ ନେତା ଘୋଷଣା କରାଯିବ ବୋଲି ଆଶା କରାଯାଉଛି । ଏହା ପରେ, ଏନଡିଏ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ପାଖକୁ ଯାଇ ସରକାର ଗଠନ ପାଇଁ ଦାବି କରିବେ ।

# ଗାଡ଼ି ଡିକିରୁ ବାହାରିଲା ପାଞ୍ଚ କୋଟି ଟଙ୍କା




କୋଲକାତା, ୧୭।୧୧ (ସଂଚାର ବ୍ୟୁରୋ): ବଙ୍ଗଳାରେ ଏକ ଗାଡ଼ିଡିକିରୁ ଏସ୍‌ଟିଏଫ୍ ପ୍ରାୟ ପାଞ୍ଚ କୋଟି ଟଙ୍କା ଉଦ୍ଧାର କରିଛି। ଗାଡିଟିକୁ ଜବତ କରାଯାଇଛି ଏବଂ ଗାଡି ମାଲିକ ସମେତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଏବେ ତାଙ୍କୁ ପଚରାଉଚରା କରୁଛନ୍ତି। ଏହି ଟଙ୍କା ଏପରି ସମୟରେ ଉଦ୍ଧାର କରାଯାଇଛି ଯେତେବେଳେ ବଙ୍ଗଳାରେ ଏସ୍‌ଆଇଆର୍ କାର୍ଯ୍ୟାନୁଷ୍ଠାନ ଚାଲିଛି। ଆଗକୁ ୨୦୨୬ ମସିହା ନିର୍ବାଚନ ଅଛି ଏବଂ ଜାତୀୟ ନିର୍ବାଚନ କମିଶନର ଏକ ପ୍ରତିନିଧି ଦଳ କିଛି ଦିନ ପୂର୍ବରୁ ରାଜ୍ୟ ଗସ୍ତ କରିଛନ୍ତି। ଫଳସ୍ୱରୂପ, ହଠାତ୍ ପାଞ୍ଚ କୋଟି ଟଙ୍କା ଉଦ୍ଧାର ହେବା ସ୍ୱାଭାବିକ ଭାବରେ ସନ୍ଦେହ ବୃଦ୍ଧି କରିଛି। ଗତ ସପ୍ତାହରେ, କୋଲକାତାର ତାରତାଲାରେ ଜଣେ ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ କରି ବିପୁଳ ପରିମାଣର ଟଙ୍କା ଜବତ କରିଥିଲା ପୌର ନିଯୁକ୍ତି ଦୁର୍ନୀତି ମାମଲାର ତଦନ୍ତରେ। ଇଡି ବେଲେଘାଟା ସମେତ ସହରର ବିଭିନ୍ନ ସ୍ଥାନରେ ତଲାସି କରିଥିଲା। ଏଥର ଏସ୍‌ଟିଏଫ୍ ଦ୍ୱାରା ଜବତ ହୋଇଥିବା ଟଙ୍କାର ବିଶାଳ ପାହାଡ଼ ନୂଆ ପ୍ରଶ୍ନ ଉଠାଇଛି। ନିର୍ବାଚନ ପୂର୍ବରୁ କ'ଣ ଏକ ନୂତନ ଗ୍ୟାଙ୍ଗ ସକ୍ରିୟ ଅଛି? ନା ଦୁର୍ନୀତିର ଆଉ ଏକ ଛାୟା ଲୁଚି ରହିଛି? ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ଚାଲିଛି।

● କଂଗ୍ରେସ ନେତାଙ୍କ ବିବାଦୀୟ ବୟାନ

# ଲାଲକିଲ୍ଲା ବିସ୍ଫୋରଣ ପଛରେ ଆର୍‌ଏସ୍‌ଏସ୍



ମୁମ୍ବାଇ,୧୭।୧୧ : ଲାଲକିଲ୍ଲା ନିକଟରେ ହୋଇଥିବା କାର୍ ବୋମା ବିସ୍ଫୋରଣ ସମ୍ପର୍କରେ ମହାରାଷ୍ଟ୍ରର କଂଗ୍ରେସ ନେତା ହୁସେନ ଦଲୱାଇ ଏକ ବିବାଦୀୟ ବୟାନ ଦେଇଛନ୍ତି। ସେ ଏହି ଆକ୍ରମଣ ଲାଗି ଆରଏସଏସ୍‌କୁ ଦାୟୀ କରିଛନ୍ତି।

ସେ ଦାବି କରିଛନ୍ତି ଯେ, କାଶ୍ମୀରରେ ହେଉଥିବା ଅନ୍ୟାୟ ଏବଂ ଅତ୍ୟାଚାର ଦିଲ୍ଲୀରେ ଅନୁଭୂତ ହେଉଛି। ଯଦି କଶ୍ମୀର ଘାଟିରେ ଅତ୍ୟାଚାର ବୃଦ୍ଧି ପାଏ, ତେବେ ଦେଶର ଅନ୍ୟ ସ୍ଥାନରେ ପ୍ରତିକ୍ରିୟା ଦେଖାଦେଇପାରେ। ଏହା ବ୍ୟତୀତ, ଦଲୱାଇ ଏହି ପ୍ରସଙ୍ଗକୁ ସିଧାସଳଖ ବିହାର ନିର୍ବାଚନ ସହିତ ଯୋଡ଼ି ଆରଏସଏସକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଏହି ଘଟଣା ପଛରେ ଆରଏସଏସ ଭୂମିକାର ମଧ୍ୟ ତଦନ୍ତ କରାଯିବା ଉଚିତ। ତାଙ୍କର ଏହି ବୟାନ ରାଜନୈତିକ ପରିବେଶକୁ ଗରମ କରିଛି, କାରଣ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ବିସ୍ଫୋରଣ ପଛରେ ଏକ ଆତଙ୍କୀ ମଡ୍ୟୁଲ୍ କାମ କରୁଥିଲା ଏବଂ ଏଥିରେ ସ୍ଥାନୀୟ ସହଯୋଗୀମାନେ ସମ୍ପୃକ୍ତ ଅଛନ୍ତି। କିନ୍ତୁ କଂଗ୍ରେସ ନେତାଙ୍କ ଏହି ବୟାନ ଏବେ ଏକ ନୂତନ ରାଜନୈତିକ ବିବାଦ ସୃଷ୍ଟି କରୁଥିବା ପରି ମନେ ହେଉଛି।

ଏହା ପୂର୍ବରୁ ୨୬/୧୧ ମୁମ୍ବାଇ ଆକ୍ରମଣକୁ ମଧ୍ୟ ଆରଏସଏସ ସହ ଯୋଡ଼ିଥିଲେ କେତେକ କଂଗ୍ରେସ ନେତା। ଏହାକୁ ନେଇ ସେତେବେଳେ ବଡ଼ ବିବାଦ ଦେଖାଦେଇଥିଲା। ଏହା ପରେ ବି କଂଗ୍ରେସ ଆରଏସଏସକୁ ଆତଙ୍କବାଦ ସହ ଯୋଡ଼ିବାକୁ ଉଦ୍ୟମ କରିଥିଲା। ଏପରିକି ସଂସଦରେ ମଧ୍ୟ କଂଗ୍ରେସ ଗୈରିକ ଆତଙ୍କବାଦ କଥା ଉଠାଇଥିଲା। କିନ୍ତୁ ଏହାକୁ ପ୍ରମାଣ କରିପାରିନଥିଲା। ଏହା ସତ୍ତ୍ୱେ କଂଗ୍ରେସ କେବେବି କ୍ଷମା ମାଗିନଥିଲା। ଗତ ମାସରେ ପୂର୍ବତନ ଗୃହମନ୍ତ୍ରୀ ପି. ଚିଦାମ୍ବରମ କହିଥିଲେ ଯେ, ମୁମ୍ବାଇ ଆକ୍ରମଣ ପରେ ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାରଣ କରାଯାଇଥିଲା, ଯାହା ବିଦେଶୀ ଚାପକୁ ସିଧାସଳଖ ଇଙ୍ଗିତ କରୁଥିଲା।

# ପାକିସ୍ତାନକୁ ସେନା ମୁଖ୍ୟଙ୍କ କଡ଼ା ଚେତାବନୀ



ନୂଆଦିଲ୍ଲୀ, ୧୭।୧୧: ଆତଙ୍କୀସ୍ତାନ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି ସ୍ଥଳ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ଯଦି ପଡ଼ୋଶୀ ନିଜର ଆଭିମୁଖ୍ୟ ନ ବଦଳାଇବ, ତା'ହେଲେ ଭାରତ ତା'କୁ କେମିତି ଦାୟିତ୍ୱବାନ ଭାବେ ବ୍ୟବହାର କରିବାକୁ ହୋଇଥାଏ ସେକଥା ବୁଝାଇ ଦେବ ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି।

ଚାଣକ୍ୟ ଡିଫେନ୍ସ ଡାଏଲଗରେ ଯୋଗଦେଇ ସ୍ଥଳସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଅପରେସନ ସିନ୍ଦୂର କେବଳ ଗୋଟିଏ ଟ୍ରେଲର ଥିଲା। ଏହା ମାତ୍ର ୮୮ ଘଣ୍ଟାରେ ଶେଷ ହୋଇଥିଲା। ଆମେ ଭବିଷ୍ୟତର ସବୁ ପ୍ରକାରର ପରିସ୍ଥିତି ପାଇଁ ପ୍ରସ୍ତୁତ। ଯଦି ପାକିସ୍ତାନ ଗୋଟିଏ ସୁଯୋଗ ଦେବ, ତା'ହେଲେ ଗୋଟିଏ ପଡ଼ୋଶୀ ଦେଶ କେମିତି ଦାୟିତ୍ୱବାନ ଭାବେ ବ୍ୟବହାର କରେ ସେକଥା ଆମେ ଶିଖାଇ ଦେବୁ।

ଆତଙ୍କବାଦ ଓ ଆଲୋଚନା ଏକାଠି ଚାଲିପାରିବ ନାହିଁ କଥାକୁ ଦୋହରାଇ ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ, ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ପୂର୍ବଭଳି ଜାରି ରଖିଛି। ରାଜନୀତିକ ଇଚ୍ଛାଶକ୍ତି, ସୈନ୍ୟ ଶକ୍ତି ଉପରେ ବିଶ୍ୱାସ ଓ ଆବଶ୍ୟକ ସୈନ୍ୟ କ୍ଷମତା ରହିଥିଲେ ନିବାରଣ ସଫଳ ହୋଇଥାଏ। ଏବେ ଆମ ପାଖରେ ସମସ୍ତ ୩ଟି ଯାକ ରହିଛି।

ଧାରା ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ-କଶ୍ମୀରର ସ୍ଥିତି କେମିତି ବଦଳିଛି, ସେକଥା ମଧ୍ୟ ଜେନେରାଲ ଦ୍ୱିବେଦୀ କହିଛନ୍ତି। ଏହାର ଅନେକ ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଛି। ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ, ଯଦି କେହି ଆମ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରିବ, ତା'ହେଲେ ଆମେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବୁ। ଭାରତ ଆଜି ଏପରିସ୍ଥିତିରେ ପହଞ୍ଚିଛି, ଆଉ ବ୍ଲାକମେଲ ଉଦ୍ୟମକୁ ଡରିବ ନାହିଁ।

# ପୁଣି ଜେଲ ଯିବେ ଆଜମ ଖାନ



ନୂଆଦିଲ୍ଲୀ,୧୭।୧୧: ପୂର୍ବତନ ଏସପି ବିଧାୟକ ଅବଦୁଲ୍ଲା ଆଜମଙ୍କ ସହ ଜଡିତ ଦୁଇଟି ପାନ କାର୍ଡ ମାମଲାରେ ସୋମବାର କୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି। ଏମପି-ଏମଏଲଏ ମାଜିଷ୍ଟ୍ରେଟ କୋର୍ଟ ଉଭୟ ଆଜମ ଖାନ ଏବଂ ଅବଦୁଲ୍ଲା ଆଜମଙ୍କୁ ଦୋଷୀ ସାବ୍ୟସ୍ତ କରି ସାତ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ଏମପି-ଏମଏଲଏ ମାଜିଷ୍ଟ୍ରେଟ କୋର୍ଟ ଉଭୟ ଆଜମ ଏବଂ ଅବଦୁଲ୍ଲା ଆଜମଙ୍କୁ ଦୋଷୀ ସାବ୍ୟସ୍ତ କରି ସାତ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫୦,୦୦୦ ଟଙ୍କା ଜରିମାନା ମଧ୍ୟ ଦେଇଛନ୍ତି। କୋର୍ଟଙ୍କ ରାୟ ପରେ, ଆଜମ ଏବଂ ଅବଦୁଲ୍ଲାଙ୍କୁ ବିଚାର ବିଭାଗୀୟ ହାଜତକୁ ନିଆଯାଇଛି। ଆଜମ ଖାନଙ୍କ ଓକିଲ ଆଜମ ଖାନ ଏବଂ ଅବଦୁଲ୍ଲା ଆଜମଙ୍କୁ ସମାନ ଜେଲରେ ରଖିବା ପାଇଁ କୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ସେମାନଙ୍କୁ ଏବେ କେଉଁଠାରେ ରଖାଯିବ ତାହା କୋର୍ଟ ନିଷ୍ପତ୍ତି ନେବ। ଉଲ୍ଲେଖଯୋଗ୍ୟ ଯେ ଭାଜପା ନେତା ଏବଂ ବର୍ତ୍ତମାନର ନଗର ବିଧାୟକ ଆକାଶ ସାକ୍ସେନା ୨୦୧୯ରେ ସିଭିଲ ଲାଇନ୍ସ ପୁଲିସ ଷ୍ଟେଶନରେ ଅବଦୁଲ୍ଲା ଆଜମଙ୍କ ବିରୋଧରେ ଏକ ମାମଲା ଦାୟର କରିଥିଲେ। ଏଥିରେ ଅଭିଯୋଗ କରାଯାଇଥିଲା ଯେ, ଅବଦୁଲ୍ଲା ଆଜମ ଦୁଇଟି ଭିନ୍ନ ଜନ୍ମ ପ୍ରମାଣପତ୍ର ବ୍ୟବହାର କରି ଦୁଇଟି ପାନ କାର୍ଡ ହାସଲ କରିଥିଲେ। ଅଭିଯୋଗ ହୋଇଛି ଯେ, ଏସପି ନେତା ଆଜମ ଖାନଙ୍କ ନିର୍ଦ୍ଦେଶରେ ଅବଦୁଲ୍ଲା ସମୟ ସମୟରେ ଉଭୟ ପାନ କାର୍ଡ ବ୍ୟବହାର କରିଥିଲେ। ଏହି ମାମଲାର ବିଚାର ଏମପି-ଏମଏଲଏ ମାଜିଷ୍ଟ୍ରେଟ କୋର୍ଟରେ ଚାଲିଥିଲା, ଯେଉଁଠାରେ ଉଭୟ ପକ୍ଷର ଯୁକ୍ତି ସମାପ୍ତ ହୋଇଥିଲା।

# ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଆଉ ୨ମୃତ, ମୃତ୍ୟୁସଂଖ୍ୟା ୧୫

ନୂଆଦିଲ୍ଲୀ,୧୭।୧୧: ନଭେମ୍ବର ୧୦ ତାରିଖରେ ହୋଇଥିବା ଦିଲ୍ଲୀ ବୋମା ବିସ୍ଫୋରଣରେ ଆହତ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଯାଇଛି। ଏହା ସହ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ଦିଲ୍ଲୀ ପୁଲିସ ପକ୍ଷରୁ ସୂଚନା ମିଳିଛି। ଦିଲ୍ଲୀର ଏଲଏନଜେପି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଲୁକମାନ ଏବଂ ବିନୟ ପାଠକଙ୍କ ମୃତ୍ୟୁ ଘଟିଛି। ଗତ ଗୁରୁବାର ଜଣେ ଆହତ ବିଲାଲଙ୍କ ମୃତ୍ୟୁ ହେବା ସହିତ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଥିଲା। ଏହି ବିସ୍ଫୋରଣ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ପରେ କେନ୍ଦ୍ର ସରକାର ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ଘୋଷଣା କରିଥିଲେ। ଏନଆଇଏ ଏହି ମାମଲାର ତଦନ୍ତ କରୁଛି। ଏନଆଇ ଏହି ମାମଲାରେ ପ୍ରଥମ ଗିରଫଦାରୀ କରିଛି। ତଦନ୍ତକାରୀ ସଂସ୍ଥା ଆମିର ରଶିଦ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଆମିର ବିରୋଧରେ ଷଡ଼ଯନ୍ତ୍ର ଏବଂ ଆକ୍ରମଣ ଘଟାଇବାର ଅଭିଯୋଗ ରହିଛି। ଗିରଫ ହେବା ପରେ, ଆମିରକୁ ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାକୁ ୧୦ ଦିନ ପାଇଁ ଏନଆଇଏ ହେପାଜତକୁ ପଠାଇଛନ୍ତି।

# ଦିଲ୍ଲୀରେ 'ଅଟଳ କ୍ୟାଣ୍ଟିନ' ଯୋଜନା

## ୫ ଟଙ୍କାରେ ମିଳିବ ପେଟପୁରା ଖାଦ୍ୟ



ନୂଆଦିଲ୍ଲୀ ୧୭।୧୧: ଦିଲ୍ଲୀ ସରକାର ଜାତୀୟ ରାଜଧାନୀରେ ଶସ୍ତା ଓ ଭଲ ଖାଦ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ 'ଅଟଳ କ୍ୟାଣ୍ଟିନ' ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଅନୁସାରେ କ୍ୟାଣ୍ଟିନରେ ଲୋକଙ୍କୁ ମାତ୍ର ୫ ଟଙ୍କାରେ ପୌଷ୍ଟିକ ଓ ପୁରା ପେଟ ଖାଇବାକୁ ମିଳିବ। ସେହିପରି ଏହି କ୍ୟାଣ୍ଟିନ ଆରମ୍ଭ କରିବାରେ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ସ୍ୱଳ୍ପ ଆୟକାରୀ ଶ୍ରମିକ, ରିକ୍ସା ଚାଳକ ଓ ଅନ୍ୟାନ୍ୟ କାମ କରୁଥିବା ଲୋକଙ୍କୁ ଦିନତମାମ କାମରେ ଅଳ୍ପ ମୂଲ୍ୟରେ ଉତ୍ତମ ମାନର ଖାଦ୍ୟ ଯୋଗାଇଦେବା ବୋଲି ରେଖା ଗୁପ୍ତା କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଅଟଳ କ୍ୟାଣ୍ଟିନକୁ ନେଇ କହିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୨୫ ଡିସେମ୍ବର ଜନ୍ମଦିନ ଶୁଭ ଅବସରରେ ରାଜଧାନୀରେ ଅଟଳ କ୍ୟାଣ୍ଟିନ ଯୋଜନାର ଶୁଭାରମ୍ଭ ହେବ। ଦିଲ୍ଲୀ ସରକାର ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀର ୧୦୦ଟି ସ୍ଥାନରେ ଏକ ସଙ୍ଗରେ ଅଟଳ କ୍ୟାଣ୍ଟିନ ଯୋଜନା ଆରମ୍ଭ କରିବେ। ଏହି ସବୁ କ୍ୟାଣ୍ଟିନରେ ଦିନ ଓ ରାତିରେ ଉଭୟ ବେଳା ଖାଦ୍ୟ ମିଳିବ ଓ ପ୍ରତ୍ୟେକ ଥର ୫୦୦ ଥାଳି ଉପଲବ୍ଧ ହେବ। ଦିଲ୍ଲୀ ସରକାରଙ୍କ ଲକ୍ଷ ରାଜଧାନୀ ଦିଲ୍ଲୀରେ ଯେପରି କେହି ଭୋକରେ ନ ସୁଏ।

# ଦିଲ୍ଲୀ ବିସ୍ଫୋରଣ ମାମଲାରେ ଆଉ ଜଣେ ଗିରଫ

## ଡ୍ରୋନକୁ ବଦଳାଇ ରକେଟ ତିଆରି କରିବାକୁ ଚାହୁଁଥିଲା

ନୂଆଦିଲ୍ଲୀ, ୧୭।୧୧: ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ଡାକ୍ତର ଉମର ନବିର ଆଉ ଜଣେ ସହଯୋଗୀ ଯସିର ବିଲାଲ ୱାନି ଓରଫ ଡାନିଶକୁ ଶ୍ରୀନଗରରୁ ଗିରଫ କରିଛି ଏନଆଇଏ। ଡାନିଶର ଘର ଅନନ୍ତନଗର କାଜିଗୁଣ୍ଡ ଅଞ୍ଚଳରେ। ଦିଲ୍ଲୀ ବିସ୍ଫୋରଣ ପଛରେ ହୋଇଥିବା ଷଡ଼ଯନ୍ତ୍ରରେ ଡାନିଶ ସାମିଲ ଥିଲା। ଆତଙ୍କୀ ଉମର ନବି ସହ ମିଶି ସେ ହମଲା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ଉମର ସହ ମିଶି ସେ କେବଳ ବିସ୍ଫୋରଣର ଯୋଜନା କରି ନଥିଲା, ବରଂ ଆତ୍ମଘାତୀ ହମଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ପାଇଥିଲା। ସୂତ୍ର ଅନୁସାରେ, ଉମର ଓ ଡାନିଶ ପରସ୍ପରକୁ କଶ୍ମୀରର ଗୋଟିଏ ମସଜିଦରେ ପ୍ରଥମଥର ପାଇଁ ଭେଟିଥିଲେ। ଏହି ସମୟରେ ଉମର ବେଶ କୌଶଳକ୍ରମେ ଡାନିଶକୁ ନିଜ ଜାଲରେ ଫସାଇଥିଲା। ଏଥିସହ ତା' ବ୍ରେନୱାଶ କରି ଆତ୍ମଘାତୀ ହମଲା ପାଇଁ ପ୍ରସ୍ତୁତ ରହିବାକୁ କହିଥିଲା। ଏନଆଇଉର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଡାନିଶ ଆତଙ୍କବାଦୀ ହମଲାରେ ବୈଷୟିକ ସହାୟତା ଯୋଗାଉଥିଲା।

ସେ ଡ୍ରୋନକୁ ମୋଡିଫାଏ କରୁଥିଲା। ଏପରି କି ଡ୍ରୋନକୁ ବିଭିନ୍ନ ଜ୍ଞାନକୌଶଳରେ ବଦଳାଇ ଆହୁରି ଅତ୍ୟାଧୁନିକ କରୁଥିଲା। ସେହିପରି ସେ ରକେଟ ତିଆରି କରିବାକୁ ଚେଷ୍ଟା ଚଳାଇଥିଲା। ଏହି ରକେଟ ଜରିଆରେ ସେ ବଡ଼ଧରଣର ଆତଙ୍କୀ ହମଲା କରିବାକୁ ଚାହୁଁଥିଲା। ଡାନିଶ ୩ ଦିନ ହେଲା ପୁଲିସ୍ ହେପାଜତରେ ଥିବା ବେଳେ ଆଜି ଏନଆଇଏ ତା'କୁ ବିଧିବଦ୍ଧ ଭାବେ ଗିରଫ କରିଛି। ଏବେ ବି ପୁଲିସ୍ ସହାୟତାରେ ଏନଆଇଏ ଟିମ ବିଭିନ୍ନ ସ୍ଥାନରେ ରେଡ୍ କରି ହମଲା ପଛରେ ଥିବା ନେଟୱର୍କର ପର୍ଦ୍ଦାଫାସ କରିବାରେ ଲାଗି ପଡ଼ିଛି।

# ତେଜସ୍ୱୀ ବିରୋଧୀ ଦଳର ନେତା ନିର୍ବାଚିତ



ପାଟନା,୧୭।୧୧: ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ନେତା ତେଜସ୍ୱୀ ଯାଦବ ସୋମବାର ଦିନ ବିହାର ବିଧାନସଭାରେ ବିରୋଧୀ ଦଳର ନେତା ଭାବରେ ନିର୍ବାଚିତ ହୋଇଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ଭାବରେ ସ୍ୱୀକୃତି ପାଇବା ପାଇଁ ଗୃହର ମୋଟ ସଂଖ୍ୟା (୨୪୩ ଆସନ)ର ଅତି କମରେ ୧୦ ପ୍ରତିଶତ ଆସନ ହାସଲ କରିବା ଆବଶ୍ୟକ। ଏହି ହିସାବରେ, ଦଳକୁ ସର୍ବନିମ୍ନ ୨୫ଟି ଆସନରେ ବିଜୟୀ ହେବାକୁ ପଡ଼ିବ। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ଆରଜେଡି ସଠିକ୍ ୨୫ଟି ଆସନ ହାସଲ କରି ଏହି ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପୂରଣ କରିଛି।

## ଦୁର୍ଗାପୁର ଗଣଦୁଷ୍କର୍ମ ମାମଲା

# ବୁଧବାରଠାରୁ ସାକ୍ଷ୍ୟଗ୍ରହଣ ପର୍ବ ଆରମ୍ଭ

କୋଲକାତା,୧୭।୧୧(ସଂଚାର ବ୍ୟୁରୋ): ଦୁର୍ଗାପୁର ଗଣଦୁଷ୍କର୍ମ ମାମଲାରେ ଆସନ୍ତା ବୁଧବାରଠାରୁ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ। ସରକାର ପ୍ରଥମ ଦିନରେ ପୀଡିତାଙ୍କ ଗୁପ୍ତ ବୟାନକୁ ସାକ୍ଷୀ ଭାବରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଆଗରେ ଉପସ୍ଥାପନ କରିବେ। ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ ରାଜ୍ୟ ସାକ୍ଷୀ ହେବାକୁ ଇଚ୍ଛା ପ୍ରକାଶ କରିବା ପରେ ପଛକୁ ହଟିବା ସରକାରଙ୍କୁ ଅଡୁଆରେ ପକାଇଛି।

ପୀଡିତାଙ୍କ ବୟାନ ସହିତ ସବୁଠାରୁ ବଡ଼ ଉପକରଣ ହେଉଛି ତାଙ୍କ ମୋବାଇଲ୍ ଫୋନ୍। ଯାହା ଘଟଣା ସମୟରେ ପୀଡିତାଙ୍କ ପାଖରେ ଥିଲା। ପରେ, ଅଭିଯୁକ୍ତମାନେ ଏହାକୁ ନେଇଯାଇଥିଲେ। କିଛି ଅଭିଯୁକ୍ତ ସେହି ଫୋନ୍‌ରେ ଫୋନ୍ ମଧ୍ୟ କରିଥିଲେ। ଏହା ମାଧ୍ୟମରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ଏବଂ ସେମାନଙ୍କର ସ୍ଥାନ ସ୍ପଷ୍ଟ ହୋଇଛି। ସରକାର ପ୍ରଥମ ଦିନ ସେହି ମୋବାଇଲ ଫୋନ୍‌ର ଡକ୍ୟୁମେଣ୍ଟ ଯୋଗାଇଥିବା ଟେଲିକମ୍ କମ୍ପାନୀର ନୋଡାଲ ଅଫିସରଙ୍କୁ ମଧ୍ୟ ସାକ୍ଷୀ ଭାବରେ ଉପସ୍ଥାପନ କରୁଛନ୍ତି। ସରକାରଙ୍କ ମନୋଭାବରୁ ସ୍ପଷ୍ଟ ଯେ, କୋର୍ଟରେ ଜଣେ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବ।

ପୋଲିସ ପୀଡିତାଙ୍କ ସହପାଠୀ ୱାସିଫ ଅଲିଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ସରକାରୀ ଓକିଲ ବିବାସ ଚାଟାର୍ଜୀ କହିଥିଲେ ଯେ, ପ୍ରଥମ ଦିନରେ କମ୍ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କୁ ଅଣାଯିବ। ସେ ମୌଖିକ ଭାବରେ ଜଣାଇଥିଲେ ଯେ ବିଏଲ୍‌ଆର୍‌ଓ, ଏଆର୍‌ଟିଓ ଏବଂ ଖାଦ୍ୟ ଯୋଗାଣ କମ୍ପାନୀର କର୍ମଚାରୀମାନଙ୍କୁ ଡକାଯିବ। ପୁଲିସ ୨୦ ଦିନ ପରେ ଚାର୍ଜସିଟ୍ ଦାଖଲ କରିଥିଲା।

## ମୁଁ ଏଲନ ମସ୍କଙ୍କଠାରୁ ଧନୀ

# ଜିହାଦ ପାଇଁ ଅର୍ଥାଭାବ ନାହିଁ: ମାସୁଦ ଆଝାର



ନୂଆଦିଲ୍ଲୀ,୧୭।୧୧ : ଜୈଶ-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଝାରର ଏକ ଅଡିଓ ରେକର୍ଡିଂ ସାମ୍ନାକୁ ଆସିଛି। ସେ ନିଜକୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ବୋଲି ଦାବି କରିଛି। ଏପରିକି ସେ ନିଜକୁ ଏଲନ ମସ୍କ ଏବଂ ଫେସବୁକ୍ (ବର୍ତ୍ତମାନ ମେଟା) ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କଠାରୁ ଧନୀ ବୋଲି ଦାବି କରିଛି।

ସେ ଆହୁରି ମଧ୍ୟ କହିଛି ଯେ, ଜିହାଦ ପାଇଁ ଅର୍ଥର ଅଭାବ ନାହିଁ । ଆମ ପାଖରେ ଅସ୍ତ୍ରଶସ୍ତ୍ର ଏବଂ ବନ୍ଧୁକ କିଣିବା ପାଇଁ ଓ ଜିହାଦ ପାଇଁ ଅର୍ଥର ଅଭାବ ନାହିଁ। ନଭେମ୍ବର ୧୦ ତାରିଖରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ବିସ୍ଫୋରଣ ହୋଇଥିଲା। ଆତ୍ମଘାତୀ ଆକ୍ରମଣକାରୀ ଉମର ମହମ୍ମଦ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ସଂଗଠନ ସହିତ ଜଡିତ ଥିଲା। ବିସ୍ଫୋରଣ ପରେ ଜଣାପଡିଥିଲା ଯେ, ବିସ୍ଫୋରଣ ସନ୍ଦିଗ୍ଧ ଉଭୟ ଉମର ମହମ୍ମଦ ଏବଂ ମୁଜାମ୍ମିଲ ଶକିଲ ଦିଲ୍ଲୀ ବିସ୍ଫୋରଣ ପୂର୍ବରୁ ତୁର୍କୀ ଯାତ୍ରା କରିଥିଲେ। ଏହା ମଧ୍ୟ କୁହାଯାଉଛି ଯେ, ସେମାନେ ତୁର୍କୀରେ ଥିବା ସମୟରେ ଜୈଶ-ଏ-ମହମ୍ମଦର ଜଣେ ହ୍ୟାଣ୍ଡଲର ସହିତ ସାକ୍ଷାତ କରିଥିଲେ। ଆଫଗାନିସ୍ତାନରେ ରହୁଥିବା ଜଣେ ଜୈଶ କମାଣ୍ଡର ସେଗୁଡ଼ିକୁ ପରିଚାଳନା କରୁଥିଲେ।

## ଏୟାର ଇଣ୍ଡିଆର ବଡ଼ ଘୋଷଣା

# ଦିଲ୍ଲୀରୁ ଚାଇନାକୁ ନନ୍‌ଷ୍ଟପ୍ ବିମାନ ସେବା

ନୂଆଦିଲ୍ଲୀ,୧୭।୧୧: ଏୟାର ଇଣ୍ଡିଆ ୧ ଫେବୃଆରୀ ୨୦୨୬ରୁ ଦିଲ୍ଲୀ ଏବଂ ଚାଇନାର ସାଂଘାଇ ମଧ୍ୟରେ ନନ୍‌ଷ୍ଟପ ବିମାନ ସେବା ପୁନଃ ଆରମ୍ଭ କରିବ। ଏୟାର ଇଣ୍ଡିଆ କର୍ତ୍ତୃପକ୍ଷ ସୋମବାର ଏହି ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ଭାରତ ଏବଂ ଚାଇନା ମଧ୍ୟରେ ବିମାନ ସଂଯୋଗକୁ ଉନ୍ନତ କରିବ ଯାହା ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ହୋଇଛି। ଏୟାର ଇଣ୍ଡିଆ ଏହା ମଧ୍ୟ ଘୋଷଣା କରିଛି ଯେ, ଏହା ମୁମ୍ବାଇରୁ ସାଂଘାଇକୁ ଉଡ଼ାଣ ପୁନଃ ଆରମ୍ଭ କରିବାକୁ ଯୋଜନା କରୁଛି। ତଥାପି ଏହି ଉଡ଼ାଣଗୁଡ଼ିକ କେବଳ ନିୟାମକ ଅନୁମୋଦନ ପାଇବା ପରେ ସମ୍ଭବ ହେବ। ଦୀର୍ଘ ବିଳମ୍ବ ପରେ ସାଂଘାଇ ରୁଟ୍‌ର ପ୍ରତ୍ୟାବର୍ତ୍ତନ ଯାତ୍ରୀ ଏବଂ ବ୍ୟବସାୟିକ ସମ୍ପ୍ରଦାୟକୁ ଯଥେଷ୍ଟ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଭାରତ ଏବଂ ଚାଇନା ମଧ୍ୟରେ ବର୍ଦ୍ଧିତ ବାଣିଜ୍ୟ ଏବଂ ଯାତ୍ରା ସମ୍ପର୍କକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆର ଏହି ନିଷ୍ପତ୍ତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ନନ୍‌ଷ୍ଟପ୍ ବିମାନ ସେବା ପୁନଃ ଆରମ୍ଭ ହେବା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ସମୟ ସଞ୍ଚୟ ହେବ ଏବଂ ଦୁଇ ଦେଶ ମଧ୍ୟରେ ଯାତ୍ରାକୁ ଯଥେଷ୍ଟ ସହଜ ହେବ।

**ଭାରତକୁ ବାଂଲାଦେଶର ଦାବି**

# ଶେଖ ହାସିନାଙ୍କୁ ତୁରନ୍ତ ପ୍ରତ୍ୟର୍ପଣ କର

ଢାକା,୧୭।୧୧: ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇବା ପରେ ବାଂଲାଦେଶ ସୋମବାର ତାଙ୍କୁ ତୁରନ୍ତ ଭାରତକୁ ହସ୍ତାନ୍ତର କରିବାକୁ ଆନୁଷ୍ଠାନିକ ଭାବେ ଦାବି କରିଛି। ଢାକା କହିଛି ଯେ, ଦ୍ୱିପାକ୍ଷିକ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ନୂଆଦିଲ୍ଲୀ ଏହା କରିବାକୁ ବାଧ୍ୟ ଅଟେ।

ଗତ ବର୍ଷ ହୋଇଥିବା ଦେଶବ୍ୟାପୀ ଛାତ୍ର ବିଦ୍ରୋହ ଉପରେ ହିଂସାତ୍ମକ ଦମନରେ ଶେଖ ହାସିନାଙ୍କ କଥିତ ଭୂମିକା ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ଅଶାନ୍ତି ସମୟରେ ଦେଶରୁ ପଳାଇ ଯାଇଥିବା ହାସିନା ଭାରତରେ ଆଶ୍ରୟ ନେଇଥିବା ଢାକା ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ ଚେତାବନୀ ଦେଇଛି ଯେ, ଯେକୌଣସି ଦେଶ ତାଙ୍କୁ ଆଶ୍ରୟ ଦେଲେ ତାହା 'ଏକ ଅତ୍ୟନ୍ତ ଅବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ନ୍ୟାୟ ପ୍ରତି ଅବମାନନା' ହେବ।

ମନ୍ତ୍ରଣାଳୟ କହିଛି, ଭାରତ ସରକାର ତୁରନ୍ତ ଏହି ଦୁଇ ଦୋଷୀ ବ୍ୟକ୍ତିଙ୍କୁ ବାଂଲାଦେଶ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ଉଚିତ। ଆଇସିଟି ସମାନ ମାମଲାରେ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅସଦୁଜ୍ଜମାନ ଖାନ କମଲଙ୍କୁ ମଧ୍ୟ ଅନୁପସ୍ଥିତିରେ ବିଚାର କରି ମୃତ୍ୟୁଦଣ୍ଡ ଦେଇଛନ୍ତି। ଢାକା ଉଭୟ ହାସିନା ଏବଂ କମଲଙ୍କୁ ବିଳମ୍ବ ନକରି ପ୍ରତ୍ୟର୍ପଣ କରିବାକୁ ଦାବି କରିଛି, ଯାହାକୁ ପ୍ରଚଳିତ ଚୁକ୍ତି ଅନୁଯାୟୀ ବାଧ୍ୟତାମୂଳକ କର୍ତ୍ତବ୍ୟ ବୋଲି ଦର୍ଶାଇଛି। ଏହି ଦାବି ଭାରତ ଉପରେ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଚାପ ସୃଷ୍ଟି କରିବାର ସମ୍ଭାବନା ଅଛି। ଏହି ରାୟ କିମ୍ବା ଢାକାର ପ୍ରତ୍ୟର୍ପଣ ଦାବି ଉପରେ ନୂଆଦିଲ୍ଲୀ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇ ନାହିଁ।

## ମୃତ୍ୟୁଦଣ୍ଡ ରାୟକୁ ସମାଲୋଚନା କଲେ ହସିନା



ଡାକା, ୧୭।୧୧: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କହିଛନ୍ତି ଯେ, ଏହି ରାୟ ନିର୍ବାଚିତ ହୋଇ ନଥିବା ସରକାରରେ ଥିବା ଚରମପନ୍ଥୀ ଲୋକଙ୍କ ନିର୍ଲଜ ଓ ଜୀବନ ନେବା ଆଭିମୁଖ୍ୟକୁ ଉଜାଗର କରିଛି। ହସିନା ତାଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଓ କୋର୍ଟ ତାଙ୍କ ଦଳ ଆବାମୀ ଲିଗକୁ କିମ୍ବା ତାଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେବା ଘଟଣାକୁ ତୀବ୍ର ସମାଲୋଚନା କରିଛନ୍ତି।

ରାୟ ଦେଇଥିବା ଟ୍ରିବ୍ୟୁନାଲ ଓ ଏହାର ସଦସ୍ୟମାନେ ନିରପେକ୍ଷ ନୁହନ୍ତି। ବିଚାରପତି ଓ ଆଇନଜୀବୀମାନେ ଖୋଲାଖୋଲି ଭାବେ ବର୍ତ୍ତମାନର ପ୍ରଶାସନ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ମଧ୍ୟ ହସିନା ନିଜ ବୟାନରେ କହିଛନ୍ତି। ସେ ଗୋଟିଏ ବିବୃତିରେ କହିଛନ୍ତି ଯେ, ଆଇସିଟିରେ ମୋ ବିରୋଧରେ କରାଯାଇଥିବା ସମସ୍ତ ଅଭିଯୋଗକୁ ମୁଁ ବିଧିବଦ୍ଧ ଭାବେ ଖଣ୍ଡନ କରୁଛି। ଗତବର୍ଷ ଜୁଲାଇ ଓ ଅଗଷ୍ଟରେ ହୋଇଥିବା ମୃତ୍ୟୁରେ ମୁଁ ଶୋକ ପ୍ରକାଶ କରୁଛି। କିନ୍ତୁ ମୁଁ କିମ୍ବା ଅନ୍ୟ କୌଣସି ରାଜନୀତିକ ନେତା ବିକ୍ଷୋଭକାରୀଙ୍କୁ ମାରିବା ପାଇଁ ନିର୍ଦ୍ଦେଶ ଦେଇ ନଥିଲେ। ମୋତେ ନିଜର ପକ୍ଷ ରଖିବାକୁ କୋର୍ଟରେ ସୁଯୋଗ ମିଳିନାହିଁ। ମୋ ଅନୁପସ୍ଥିତରେ ମୋ ପସନ୍ଦର ଆଇନଜୀବୀମାନଙ୍କୁ ପକ୍ଷ ରଖିବାକୁ ଦିଆଗଲା ନାହିଁ। ଆଇସିଟିରେ ନାଁ ଅନୁସାରେ କିଛି ବି ଅନ୍ତର୍ଜାତୀୟ ନାହିଁ। ଏହା ନିରପେକ୍ଷ ମଧ୍ୟ ନୁହେଁ। ନ୍ୟାୟ ଦେବା ଏହାର ଉଦ୍ଦେଶ୍ୟ ନଥିଲା। ଆବାମୀ ଲିଗକୁ ବଳିର ବୋଦା ବନାଇବା ହିଁ ସେମାନଙ୍କ ଉଦ୍ଦେଶ୍ୟ। ଏସବୁ ଅନ୍ତର୍ଜାତୀୟ ଗଣମାଧ୍ୟମ, ଏନଜିଓ ଓ ନିରପେକ୍ଷ ସଂସ୍ଥାଗୁଡ଼ିକ ଉଲ୍ଲେଖ କରିଛନ୍ତି।

# ସରକାରୀ ବିଜ୍ଞାପନ ପାଇଁ ସଂଶୋଧିତ ଦର ଅନୁମୋଦିତ

■ ମୁଦ୍ରିତ ଗଣମାଧ୍ୟମ ଇକୋସିଷ୍ଟମ ହେବ ସୁଦୃଢ଼

■ ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାପନ ଦରରେ ୨୬% ବୃଦ୍ଧି ଘୋଷଣା

■ ରଙ୍ଗୀନ ବିଜ୍ଞାପନ ପାଇଁ ପ୍ରିମିୟମ ପ୍ରଚଳନ କଲା ମନ୍ତ୍ରଣାଳୟ



ନୂଆଦିଲ୍ଲୀ, ୧୭।୧୧: ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାପନର ଦରକୁ ସଂଶୋଧନ କରି ୨୬% ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ମୁଦ୍ରିତ ଗଣମାଧ୍ୟମ ପାଇଁ ସରକାରୀ ବିଜ୍ଞାପନ ଦରକୁ ୨୬% ବଢ଼ାଇଛି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ। ଦୈନିକ ୧ଲକ୍ଷ କପି ପ୍ରକାଶିତ ହେଉଥିବା ଖବରକାଗଜରେ କଳାଧଳା ବିଜ୍ଞାପନ ଦର ବର୍ଗ ସେଣ୍ଟିମିଟର ପିଛା ୪୭.୪୦ ଟଙ୍କାରୁ ୫୯.୬୮ ଟଙ୍କାକୁ ବୃଦ୍ଧି କରାଯାଇଛି। ରଙ୍ଗୀନ ବିଜ୍ଞାପନ ଏବଂ ପସନ୍ଦଯୋଗ୍ୟ ସ୍ଥାନରେ ବିଜ୍ଞାପନକୁ ସ୍ଥାନିତ କରିବା ଲାଗି ପ୍ରିମିୟମ ଦର ସକାଶେ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ଲାଗି ସରକାର ରାଜି ହୋଇଛନ୍ତି। ମୁଦ୍ରିତ ଗଣମାଧ୍ୟମକୁ ପ୍ରୋତ୍ସାହିତ କରିବା ଦ୍ୱାରା ବିଜ୍ଞାପନର ଦର ବୃଦ୍ଧି କରିବା ଦ୍ୱାରା ସରକାର ଏବଂ ଗଣମାଧ୍ୟମ କ୍ଷେତ୍ର ଉଭୟ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିବ। ସରକାରୀ ବିଜ୍ଞାପନର ଉଚ୍ଚ ଦର ମୁଦ୍ରିତ ଗଣମାଧ୍ୟମକୁ ଅତ୍ୟନ୍ତ ଆବଶ୍ୟକ ଗଜସ୍ୱ ସହାୟତା ଯୋଗାଇବ, ବିଶେଷକରି ବିଭିନ୍ନ ଅନ୍ୟାନ୍ୟ ଗଣମାଧ୍ୟମ ପ୍ଲାଟଫର୍ମରୁ ମିଳୁଥିବା ପ୍ରତିଯୋଗିତା ଏବଂ ଗତ କିଛି ବର୍ଷ ମଧ୍ୟରେ ଖର୍ଚ୍ଚ ବୃଦ୍ଧିର ମୁକାବିଲାରେ ସହାୟକ ହେବ। ଏହା ପରିଚାଳନା କାର୍ଯ୍ୟକୁ ବଜାୟ ରଖିବା ସହିତ ଗୁଣାତ୍ମକ ସାମ୍ବାଦିକତା ବଜାୟ ରଖିବା ଏବଂ ସ୍ଥାନୀୟ ସମାଚାର ପରିବେଷଣକୁ ସମର୍ଥନ କରିବାରେ ସାହାଯ୍ୟ କରିପାରିବ। ଆର୍ଥିକ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଦ୍ୱାରା ମୁଦ୍ରିତ ଗଣମାଧ୍ୟମଗୁଡ଼ିକ ଉନ୍ନତ ବିଷୟବସ୍ତୁରେ ନିବେଶ କରିପାରିବେ। ବିଜ୍ଞାପନ ଦରରେ ଏହି ବୃଦ୍ଧି ଗଣମାଧ୍ୟମ ଉପଯୋଗର ବ୍ୟାପକ ଧାରା ସହିତ ସୁସଙ୍ଗତ। ସରକାର ନିଜ ସମ୍ବାଦ ରଣନୀତିକୁ ଲକ୍ଷ୍ୟଭିତ୍ତିକ ପହଞ୍ଚାଇପାରିବେ।

■ ବାଂଲା ଅନୁପ୍ରବେଶକାରୀ ଚିହ୍ନଟ ପ୍ରସଙ୍ଗ

## ନିୟମିତ ଯାଞ୍ଚ ହେଉଛି, ସନ୍ଦିଗ୍ଧଙ୍କ ଉପରେ ନଜର ରହିଛି

**ସ୍ପଷ୍ଟ କଲେ କେନ୍ଦ୍ରାଞ୍ଚଳ ଡିଆଇଜି, ଏସ୍‌ପି ଓ ଜିଲ୍ଲାପାଳ**



ଜଗତସିଂହପୁର, ୧୭।୧୧ (ସଂଚାର ବ୍ୟୁରୋ): ଆଜି ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବେଦେରାମପୁର ଓ ଧନପୁରଠାରେ ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ସମ୍ପର୍କରେ ସୂଚନା ଦେଇଛନ୍ତି। ଶ୍ରୀ ନାୟକ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଡିଜିପିଙ୍କ ନିର୍ଦ୍ଦେଶରେ ସମଗ୍ର ରାଜ୍ୟରେ ସନ୍ଦେହଜନକ ଓ ବେଆଇନ ଭାବେ ରହୁଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାରେ ମଧ୍ୟ ଜିଲ୍ଲାପାଳ ଓ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିଭଳି ସ୍ଥାନରେ ଚଢ଼ାଉ କରାଯାଉଛି। ସେହିପରି ଜିଲ୍ଲାପାଳ ଜେ ସୋନାଲ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାର ୧୩୦ଠରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ଓ ୧୯୮ ପଞ୍ଚାୟତରେ ନିୟମିତ ଭାବେ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି।

● ଗଙ୍ଗାସାଗର ମେଳାରେ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ

## ପାଣି ଟାଙ୍କି ଜୀବାଣୁମୁକ୍ତ କରିବା ଉପରେ ଜୋର

କୋଲକାତା, ୧୭।୧୧ (ସଂଚାର ବ୍ୟୁରୋ): ଆଗାମୀ ଗଙ୍ଗାସାଗର ମେଳାରେ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି, ସ୍ୱାସ୍ଥ୍ୟ ବିଭାଗ ଜଳ ବିଶୋଧନ ଉପରେ ଗୁରୁତ୍ୱ ଦେଉଛି। ଅନେକ ଆଶ୍ରମ ବା ସ୍ୱେଚ୍ଛାସେବୀ ସଂଗଠନ ମେଳାରେ ତୀର୍ଥଯାତ୍ରୀଙ୍କୁ ଖାଦ୍ୟ, ପାଣି ଇତ୍ୟାଦି ଯୋଗାଇ ଦିଅନ୍ତି। ଡାଇମଣ୍ଡ ହାର୍ବର ସ୍ୱାସ୍ଥ୍ୟ ଜିଲ୍ଲା ସେମାନେ ବ୍ୟବହାର କରୁଥିବା ପାଣି ଯେପରି ଜୀବାଣୁମୁକ୍ତ ହେବ ତାହା ନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ପରିକଳ୍ପନା କରିଛି। ତେଣୁ, ମେଳା ଆରମ୍ଭ ହେବା ପୂର୍ବରୁ ଆଶ୍ରମ ବା ସ୍ୱେଚ୍ଛାସେବୀ ସଂଗଠନର ପାଣି ଟାଙ୍କିଗୁଡ଼ିକୁ ଜୀବାଣୁମୁକ୍ତ କରାଯିବ। ଖାଦ୍ୟ ପରୀକ୍ଷା ପାଇଁ ଏକ ଭ୍ରାମ୍ୟମାଣ ଯାନ ମଧ୍ୟ ରହିବ। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଦୋକାନ, ଷ୍ଟଲ ଏବଂ ବିଭିନ୍ନ ଲଙ୍ଗରଖାନାରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରିବେ। ଯଦି ଗୁଣବତ୍ତା ଖରାପ ବୋଲି ଜଣାପଡ଼େ, ତେବେ ସମସ୍ତ ଖାଦ୍ୟ ଜବତ କରାଯିବ। ସ୍ୱାସ୍ଥ୍ୟ ଜିଲ୍ଲାର ମୁଖ୍ୟ ଅଧିକାରୀ ଜୟନ୍ତ ସୁକୁଲ କହିଛନ୍ତି ଯେ, ଲକ୍ଷ ଲକ୍ଷ ଭକ୍ତ ମେଳାକୁ ଆସିବେ। ସେମାନଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଅନେକ ପଦକ୍ଷେପ ନିଆଯିବ। ଜିଲ୍ଲା ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଥର ମେଳା ପାଇଁ ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ୭୫୦ ରୁ ଅଧିକ ବ୍ୟକ୍ତିଙ୍କୁ ନିୟୁକ୍ତି ଦିଆଯିବ। ପାଞ୍ଚଟି ଅସ୍ଥାୟୀ ହସ୍ପିଟାଲ ନିର୍ମାଣ କରାଯିବ।

● ପୋଲିସ ଏସଆଇ ନିଯୁକ୍ତି କେଳେଙ୍କାରୀ ମାମଲା

## ଆଜି ବ୍ରହ୍ମପୁର ଆସିବ ସିବିଆଇ!



ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ): ପୋଲିସ ଏସଆଇ ପରୀକ୍ଷା ନିଯୁକ୍ତି ଦୁର୍ନୀତି ଘଟଣାରେ ଆଜି ବ୍ରହ୍ମପୁର ଆସିପାରେ ସିବିଆଇ। ମାମଲାରେ ସିବିଆଇ ଟିମର ତଦନ୍ତ ଆରେଉଛି। ଏକ ତଦନ୍ତକାରୀ ଦଳ ବ୍ରହ୍ମପୁର ଆସିବ ବୋଲି ସୂଚନା ମିଳିଛି। ଦୁର୍ନୀତିରେ ସଂପୃକ୍ତ ଦଲାଲମାନଙ୍କ ରିମାଣ୍ଡ ପାଇଁ ଅଦାଲତରେ ଆବେଦନ କରିବେ ବୋଲି ଜଣାପଡିଛି। ତଦନ୍ତ ପାଇଁ ଜଣେ ଡିଏସପିଙ୍କ ନେତୃତ୍ୱରେ ଟିମ୍ ଗଠନ ହୋଇଛି। ସିବିଆଇ ଆଣ୍ଟି କରପସନ ବ୍ୟୁରୋ - ଏସିବିର ଅତିରିକ୍ତ ଏସପି ବି. ସାମଲ ଏହାର ତଦାରଖ କରିବେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସିବିଆଇକୁ ଏଫଆଇଆର କପି ହସ୍ତାନ୍ତର ହୋଇ ସାରିଛି। ତଦନ୍ତ ସଂପର୍କିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଖୁବଶୀଘ୍ର ସିବିଆଇକୁ ହସ୍ତାନ୍ତର କରିବ କ୍ରାଇମବ୍ରାଞ୍ଚ। ମାମଲାରେ ସିବିଆଇ ମୂଳରୁ ତଦନ୍ତ କରିପାରେ। ପୂର୍ବରୁ ତଦନ୍ତ କରୁଥିବା ପୋଲିସ ଅଧିକାରୀଙ୍କ ସହ କଥା ହୋଇପାରେ ସିବିଆଇ ଟିମ୍। ସିଲିକନ ଟେକ ଲ୍ୟାବର ସିଇଓ ସୁରେଶ ନାୟକ ଓ ପଞ୍ଚସପ୍ତର ନିର୍ଦ୍ଦେଶକ ତଥା ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟି ଓ ଅନ୍ୟତମ କାର୍ପଟଦାର ମୁନା ମହାନ୍ତି ସହ ମୋଟ ୭ଜଣଙ୍କୁ ରିମାଣ୍ଡରେ ନେବାକୁ ସିବିଆଇ କୋର୍ଟରେ ଆବେଦନ କରିପାରେ।

## ଆଜି ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ

ଢେଙ୍କାନାଳ, ୧୭।୧୧ (ସଂଚାର ବ୍ୟୁରୋ): ଆଜି ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ। ଗଗ ପାଓ୍ୱାରର ମନମୁଖୀ କାର୍ଯ୍ୟ ଓ ସ୍ମାର୍ଟ ମିଟର ବିରୋଧରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଛି। ଢେଙ୍କାନାଳ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ବନ୍ଦ ପାଳନ କରାଯାଉଛି। ବନ୍ଦ ଯୋଗୁଁ ଗାଡ଼ି ମୋଟର ଚଳାଚଳ ଠପ୍ ହୋଇଛି। ସହ ଦୋକାନ ବଜାର ବନ୍ଦ ରହିଛି। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ୫୫ ନମ୍ବର ଜାତୀୟ ରାଜପଥ ଉପରେ ଅଟକି ରହିଛି ଶହ ଶହ ଗାଡ଼ି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି।

**ବାଇକ୍‌ରେ ଷ୍ଟଣ୍ଟ ହେଲା କାଳ**

## ପଲିଟେକ୍ନିକ୍ ଛାତ୍ରଙ୍କ ମୃତ୍ୟୁ



କୋଲକାତା, ୧୭।୧୧ (ସଂଚାର ବ୍ୟୁରୋ): ମୁକୁନ୍ଦପୁରରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ମନୋଜିତ ମାହାତୋ (୨୧)। କସାବତୀ ଜଳାଶୟରେ ଗ୍ରୀନ କ୍ଲବ ପାଖରେ ରାସ୍ତାରେ ୬୮ ନମ୍ବର ଲାଇଟ ପୋଷ୍ଟ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ମନୋଜିତ ଜଳାଶୟର କୂଳରେ ରାସ୍ତାରେ ତାଙ୍କ ବାଇକ ଚଲାଉଥିବା ସମୟରେ ନିୟନ୍ତ୍ରଣ ହରାଇ ଲ୍ୟାମ୍ପ ପୋଷ୍ଟକୁ ଜୋରରେ ଧକ୍କା ଦେଇଥିଲେ। ଗୋରାବାଡି ଫାଣ୍ଡିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ମନୋଜିତଙ୍କୁ ଖଡଗା ମହକୁମା ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମନୋଜିତଙ୍କ ଘର ରାୟପୁର ବ୍ଲକର ଶ୍ୟାମସୁନ୍ଦରପୁର ଅଞ୍ଚଳ। ସେ ରାୟପୁର ପଲିଟେକ୍ନିକ୍ କଲେଜର ଛାତ୍ର ଥିଲେ। ସେ ମାମୁଁ ଘର ରାୟପୁରର ହାଲୁଦକାନାଲିକୁ ଆସିଥିଲେ। ରବିବାର ମନୋଜିତ ସେଠାରୁ କିଛି ବନ୍ଧୁଙ୍କ ସହ ମୁକୁଟମଣିପୁର ବୁଲିବାକୁ ଯାଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ସେହି ଦିନ ମନୋଜିତ ତାଙ୍କ ବାଇକ୍‌ରେ ଦ୍ରୁତ ଗତିରେ ଷ୍ଟଣ୍ଟ କରୁଥିଲେ। ହଠାତ୍ ସେ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଏକ ଲ୍ୟାମ୍ପପୋଷ୍ଟରେ ପିଟି ହୋଇଯାଇଥିଲେ। ମନୋଜିତଙ୍କ ମୁଣ୍ଡ ଏବଂ ମୁହଁରେ ଗୁରୁତର ଆଘାତ ଲାଗିଥିଲା।

● ଆଇଏସ୍‌ଏଫ୍ - ତୃଣମୂଳ କର୍ମୀ ସଂଘର୍ଷ

## ଭାଙ୍ଗଡରେ ଫୁଟିଲା ଗୁଳି, ପୁଲିସ ସଜାଗ

କୋଲକାତା, ୧୭।୧୧ (ସଂଚାର ବ୍ୟୁରୋ): ଦକ୍ଷିଣ ୨୪ ପ୍ରଗଣାର ଭାଙ୍ଗଡରେ ପୁଣି ଉତ୍ତେଜନା ଦେଖାଦେଇଛି। ରବିବାର ସନ୍ଧ୍ୟାରେ, ପୋଲେରହାଟ ଅଞ୍ଚଳରେ ଏକ ରକ୍ତଦାନ ଶିବିର ପ୍ରସ୍ତୁତିକୁ ନେଇ ତୃଣମୂଳ ଏବଂ ଆଇଏସ୍‌ଏଫ୍ କର୍ମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା, ଯାହା ଫଳରେ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଥିଲା। ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିବା ସହିତ ଅନେକ ରାଉଣ୍ଡ ଗୁଳିଚାଳନା ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି ଏବଂ ସଶସ୍ତ୍ର ପୁଲିସ ମୁତୟନ କରାଯାଇଛି। ସ୍ଥାନୀୟ ବାସିନ୍ଦା ଆତଙ୍କିତ ଅବସ୍ଥାରେ ଅଛନ୍ତି। ପରିସ୍ଥିତି ଯେପରି ଆହୁରି ଖରାପ ନ ହୁଏ ତାହା ନିଶ୍ଚିତ କରିବା ପାଇଁ ପୁଲିସ ବର୍ତ୍ତମାନ ସମଗ୍ର ଅଞ୍ଚଳକୁ ନିୟନ୍ତ୍ରଣ କରୁଛି। ରକ୍ତଦାନ ଶିବିରରେ ଆଇଏସ୍‌ଏଫ୍ ବିଧାୟକ ନୌସାଦ ସିଦ୍ଦିକୀଙ୍କ ଫଟୋ ଲଗାଯାଉଥିବା ବେଳେ ତୃଣମୂଳ ସହିତ ଜଡିତ ଦୁର୍ବୃତ୍ତମାନେ ସେମାନଙ୍କୁ ଅଟକାଇଥିଲେ। ପ୍ରାରମ୍ଭରେ, ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ତୃଣମୂଳ କର୍ମୀ ଗୁଳି ଚଳାଇଥିଲେ। ଅନ୍ୟପକ୍ଷରେ, ତୃଣମୂଳ ବିଧାୟକ ସଓ୍ୱକତ ମୋଲ୍ଲା ପାଲଟା ଅଭିଯୋଗ କରିଛନ୍ତି ଯେ, ଆଇଏସ୍‌ଏଫ୍ କର୍ମୀ ପ୍ରଥମ ଗୁଳି ଚଳାଇଥିଲେ। ସମସ୍ତ ଅଭିଯୋଗର ତଦନ୍ତ କରାଯାଉଛି।

## ନିଃଶୁଳ୍କ ଯୋଗ ଶିକ୍ଷା କାର୍ଯ୍ୟକ୍ରମ



କୋଲକାତା, ୧୭।୧୧ (ସଂଚାର ବ୍ୟୁରୋ): ଶ୍ରୀ ଶ୍ରୀ ରାମକୃଷ୍ଣ ପାଠଚକ୍ର ଓ ବିବେକାନନ୍ଦ ଆଦର୍ଶ ମିଳନ ମନ୍ଦିରର ସଂଯୁକ୍ତ ପରିଚାଳନାରେ ପ୍ରିନ୍ସ ଅନଓ୍ୱାର ଶାହା ରୋଡସ୍ଥିତ ଇନ୍ଦ୍ରାଣୀ ପାର୍କ କେନ୍ଦ୍ରରେ ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନିଃଶୁଳ୍କ ଯୋଗ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଯୋଗ ପ୍ରଶିକ୍ଷକ ସନାତନ ମହାକୁଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ବ୍ୟାୟାମ, ଆସନ ଓ ପ୍ରାଣାୟାମ ଆଦି ଶିକ୍ଷା ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ତଥା ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ପାଇଁ ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା ଆୟୋଜନ କରି ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଏସ୍‌ଏସ୍‌ସି: ନୂଆ ତାଲିକାରେ ଅଯୋଗ୍ୟଙ୍କ ନାମ

**ହାଇକୋର୍ଟରେ ମାମଲା**

କୋଲକାତା, ୧୭।୧୧ (ସଂଚାର ବ୍ୟୁରୋ): ଅନେକ ଅଯୋଗ୍ୟ ପ୍ରାର୍ଥୀଙ୍କ ନାମ ଏସ୍‌ଏସ୍‌ସିର ଏକାଦଶ- ଦ୍ୱାଦଶ ଇଣ୍ଟରଭ୍ୟୁ ଲିଷ୍ଟରେ ରହିଛି। ଏହି ଅଭିଯୋଗ ଉଠାଇ ହାଇକୋର୍ଟରେ ଜଣେ ପାର୍ଟ ଟାଇମ୍ ଶିକ୍ଷକ ମାମଲା ଦାୟର କରିଛନ୍ତି। ସୁପ୍ରିମକୋର୍ଟ କହିଥିଲେ ଯେ, ଚିହ୍ନଟ ହୋଇଥିବା ଅଯୋଗ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ କେହି ଯେପରି ଏହି ନୂତନ ନିଯୁକ୍ତିରେ ଅଂଶଗ୍ରହଣ କରିପାରିବେ ନାହିଁ ତାହା ନିଶ୍ଚିତ କରିବାକୁ ହେବ। କିନ୍ତୁ ଏସ୍‌ଏସ୍‌ସି ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଅଣଦେଖା କରିଛି। ସ୍କୁଲ ସର୍ଭିସ କମିଶନର ନୋଟିସ୍ ବିନା ଏହି ପ୍ରାର୍ଥୀମାନେ କିପରି ଅଂଶଗ୍ରହଣ କଲେ ସେ ବିଷୟରେ ସେ କୋଲକାତା ହାଇକୋର୍ଟରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟ ଶିକ୍ଷକଙ୍କ ମତରେ, ଏସ୍‌ଏସ୍‌ସି (ଶିକ୍ଷକ ନିଯୁକ୍ତି) ଅଭିଜ୍ଞତା ପାଇଁ ଅତିରିକ୍ତ ମାର୍କ ଦିଆଯିବ ବୋଲି କହିଥିଲେ, ଏହି ପ୍ରକ୍ରିୟା ବିଷୟରେ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଅନିୟମିତତାର ଅଭିଯୋଗ ଆସିଛି। ଦେଖାଯାଇଛି ଯେ, ଯେଉଁମାନେ ପ୍ରାଥମିକ ଶିକ୍ଷକ ଥିଲେ, ଯେଉଁମାନେ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ, ସେମାନଙ୍କ ବିରୁଦ୍ଧରେ ଏକାଦଶ-ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅତିରିକ୍ତ ନମ୍ବର ପାଇବାର ଅଭିଯୋଗ ଆସିଛି। ଜଣେ ପ୍ରାଥମିକ ଶିକ୍ଷକ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଅଭିଜ୍ଞତା ନମ୍ବର କାହିଁକି ପାଇବେ? ବିଚାରପତି ଅମୃତା ସିହ୍ନା ମାମଲାକୁ ଗ୍ରହଣ କରିଛନ୍ତି। ବୁଧବାର ଶୁଣାଣି ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହାରିଗଲେ...

କୌଣସି ପ୍ରକାର ଉନ୍ନତି ଆସିନଥିଲା। ଶେଷରେ ଆଜି ରାତିରେ ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଇଣ୍ଟେନ୍‌ସିଭିଷ୍ଟ ତଥା ଇସିଏମ୍‌ଓ ସ୍ପେଶାଲିଷ୍ଟ୍ ଡାକ୍ତର ଶ୍ରୀକାନ୍ତ ବେହେରା ତାଙ୍କ ପରଲୋକ ନେଇ ସୂଚନା ଦେଇଛନ୍ତି। ସେ କହିଥିଲେ ଯେ ହ୍ୟୁମାନ୍‌ଙ୍କ ଏକାଧିକ ଅଙ୍ଗ ଅକାମୀ ହୋଇଯାଇଥିବାରୁ ଶରୀର କୌଣସି ପ୍ରକାର ଚିକିତ୍ସା ଗ୍ରହଣ କରିପାରିନଥିଲା। ତେଣୁ ରାତି ପ୍ରାୟ ୯ଟା ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଡା. ବେହେରା କହିଛନ୍ତି। ଫଳତଃ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନାନୁସାରେ, ପାଖାପାଖି ଦୁଇ ବର୍ଷ ତଳେ ହ୍ୟୁମାନଙ୍କଠାରେ ଲିଭର୍ ସମସ୍ୟା ଦେଖାଦେଇଥିଲା। ସେ ଡାକ୍ତରଙ୍କ ସହ ପରାମର୍ଶ କରିବା ସହ ଔଷଧ ସେବନ ଜାରି ରଖିଥିଲେ। କିନ୍ତୁ ଗତ ସପ୍ତାହରେ ସେ କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ହେଁ ସ୍ଥିତିରେ କୌଣସି ପ୍ରକାର ଉନ୍ନତି ହୋଇନଥିଲା। ଶେଷରେ ତାଙ୍କୁ ଗତ ଶୁକ୍ରବାର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ବେଳକୁ ତାଙ୍କ କିଡ୍‌ନୀ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ସେ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗତ ଶୁକ୍ରବାର ଏମ୍ସ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଏକ ବିଶେଷଜ୍ଞ ଟିମ୍ ବହୁ ଚେଷ୍ଟା କରିବା ପରେ ବି ହ୍ୟୁମାନ୍‌ଙ୍କ ମରଣ ମୁହଁରୁ ଫେରାଇ ଆଣିପାରି ନଥିଲେ। ଚିକିତ୍ସାଧୀନ ଥିବା ସମୟରେ ଗତ ଶନିବାର ହ୍ୟୁମାନ୍‌ଙ୍କ ମା' ରାଜ୍ୟ ସରକାର ଓ ରାଜ୍ୟବାସୀଙ୍କୁ ତାଙ୍କ ପୁଅର ସୁସ୍ଥତା ପାଇଁ ପ୍ରାର୍ଥନା କରିବା ସକାଶେ ନିବେଦନ କରିଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏମ୍ସର ଡାକ୍ତରୀ ଟିମ୍ ସହ ଆଲୋଚନା କରିବା ସହ ହ୍ୟୁମାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଆବଶ୍ୟକ ସ୍ଥଳେ ତାଙ୍କୁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର କରାଯିବା ନେଇ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାର ମାତ୍ର ୪୮ ଘଣ୍ଟା ମଧ୍ୟରେ ହ୍ୟୁମାନ୍ ଆର ପାରିକୁ ଚାଲିଯାଇଛନ୍ତି। ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ଶୋକ ସାଗରରେ ଭସାଇ ହ୍ୟୁମାନ୍ ଆର ପାରିକୁ ଚାଲିଯିବା ଫଳରେ ଓଲିଉଡ୍ ଓ ଆଲବମ୍ ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଟିଟିଲାଗଡ଼ରେ ଜନ୍ମଗ୍ରହଣ କରିଥିବା ହ୍ୟୁମାନ୍ ଏକ ଘରୋଇ ଓଡ଼ିଆ ଚ୍ୟାନେଲ୍‌ର ରିଆଲିଟି ଶୋ'ର ବିଜେତା ହେବା ପରେ ପ୍ରଥମ ଥର ପାଇଁ ୨୦୧୫ରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ଇସ୍କ ତୁ ହି ତୁ' ମାଧ୍ୟମରେ ଓଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହି ଚଳଚ୍ଚିତ୍ରର ଅଧିକାଂଶ ଗୀତ ହିଟ୍ ହେବା ଫଳରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ହ୍ୟୁମାନ୍ ପୂରାପୂରି ଛାଇଯାଇଥିଲେ। ଚଳଚ୍ଚିତ୍ର ସହ ଆଲବମ୍ ଜଗତରେ ବି ତାଙ୍କର ଦବ୍‌ଦବା କ୍ରମାଗତ ଭାବେ ବଢ଼ିଚାଲିଥିଲା। ଫଳତଃ ଓଡ଼ିଆ ସଙ୍ଗୀତ ଜଗତର ସେ ଜଣେ ଚର୍ଚ୍ଚିତ ଚେହେରା ପାଲଟିଯାଇଥିଲା। ଚଳଚ୍ଚିତ୍ର ଓ ଆଲବମ୍ ବ୍ୟତୀତ ମେଲୋଡି ଜଗତରେ ବି ତାଙ୍କର ପ୍ରତିଷ୍ଠା କାହିଁରେ କ'ଣ ଥିଲା। କୌଣସି ମେଲୋଡି କାର୍ଯ୍ୟକ୍ରମ ପାଇଁ ଆୟୋଜନ ସବୁବେଳେ ତାଙ୍କୁ ପ୍ରଥମ ପସନ୍ଦ ଭାବେ ଚାହୁଁଥିଲେ। ବିଶେଷକରି ଯୁବପିଢ଼ି ମଧ୍ୟରେ ତାଙ୍କ ପ୍ରତି ରହିଥିଲା ଜବରଦସ୍ତ କ୍ରେଜ୍। ୨୦୧୫ରେ ଡେବ୍ୟୁ କରିବା ପରେ ମାତ୍ର ୧୦ ବର୍ଷ ମଧ୍ୟରେ ସେ ଯେପରି ସଫଳତା ପାଇଥିଲେ, ତା' ବୋଧହୁଏ ଅନ୍ୟ କୌଣସି ଓଡ଼ିଆ ଗାୟକଙ୍କ ଭାଗ୍ୟରେ ଜୁଟି ନଥିଲା। ତାଙ୍କ କଣ୍ଠସ୍ୱରର ଚମତ୍କାରିତା ଏପରି ଥିଲା ଯେ ସେ ଯେଉଁ ଅଭିନେତାଙ୍କ ପାଇଁ ଗୀତ ଗାଉଥିଲେ, ତା' ତାଙ୍କ ସହ ପୂରାପୂରି ମ୍ୟାଚ୍ କରିଯାଉଥିଲା। ଫଳସ୍ୱରୂପ ସେ ଓଲିଉଡ୍ ସଙ୍ଗୀତ ଜଗତର ବାଦ୍‌ଶାହ ପାଲଟିଯାଇଥିଲେ। ଏପରିକି ତାଙ୍କୁ ଓଲିଉଡ୍‌ର ପ୍ରଖ୍ୟାତ ଗାୟକ ଅରିଜିତ୍ ସିଂ ବୋଲି କୁହାଯାଉଥିଲା। ପାଖାପାଖି ୫୦ଟି ସିନେମାରେ ସେ ୧୫୦ରୁ ଉର୍ଦ୍ଧ୍ୱ ଗୀତ ଗାଇଥିଲେ, ଯେଉଁଥିରୁ ସିଂହଭାଗ ଗୀତ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ ରଙ୍ଗିନ ପରଦାରେ ସୁନ୍ଦର କଣ୍ଠସ୍ୱର ପାଇଁ ବେଶ୍ ପ୍ରସିଦ୍ଧି ହାସଲ କରିଥିବା ହ୍ୟୁମାନ୍‌ଙ୍କ ବ୍ୟକ୍ତିଗତ ଜୀବନ କିନ୍ତୁ ବେଶ୍ ଫିକା ଥିଲା। ଗତ ୨୦୧୭ରେ ସେ ଶ୍ରୀୟା ମିଶ୍ରଙ୍କୁ ବିବାହ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା। ତେଣୁ ବ୍ୟକ୍ତିଗତ ଜୀବନର ଦୁଃଖ ଭୁଲିବା ସକାଶେ ସେ ଅଧିକ ମାତ୍ରା ନିଶା ସେବନ କରୁଥିଲେ। ସଙ୍ଗୀତ ଜଗତ ବ୍ୟତୀତ ସେ ଗତ ୨୦୧୯ରେ ବିଜେଡିରେ ଯୋଗଦେଇଥିଲେ। ତାଙ୍କ କଣ୍ଠରେ ବିଜେଡିର ପ୍ରଚାର ଗୀତ 'ହେ ନବୀନ ବାବୁ...' ବି ବେଶ୍ ଚହଳ ସୃଷ୍ଟି କରିଥିଲା। ମୃତ୍ୟୁ ପରେ ତାଙ୍କ ପାର୍ଥିବ ଶରୀରକୁ କଟକସ୍ଥିତ ବାସଭବନକୁ ନିଆଯାଇଥିବା ବେଳେ ପରେ ଜନ୍ମସ୍ଥାନ ଟିଟିଲାଗଡ଼ ନିଆଯିବ ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁଇ ଦିନ ତଳେ ନିଜ ପୁଅ ପାଇଁ ସମସ୍ତଙ୍କୁ ନିବେଦନ କରିଥିବା ହ୍ୟୁମାନ୍‌ଙ୍କ ମା' ଆଜି ତାଙ୍କ ମୃତ୍ୟୁ ପାଇଁ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଗତ ଅଗଷ୍ଟରେ ତାଙ୍କ ଶରୀର ଯଥେଷ୍ଟ ଅସୁସ୍ଥ ଥିଲେ ମଧ୍ୟ ଆୟୋଜକ ତାଙ୍କୁ ଜୋର୍‌ଜବରଦସ୍ତି ବିଭିନ୍ନ ପ୍ରୋଗ୍ରାମ୍‌ରେ ଭାଗ ନେବା ସକାଶେ ବାଧ୍ୟ କରୁଥିଲେ। ଯେଉଁ ସମୟରେ ସେ ଚିକିତ୍ସା ଆବଶ୍ୟକ କରୁଥିଲେ, ସେତେବେଳେ ତାଙ୍କୁ ବାଧ୍ୟ କରି ପ୍ରୋଗ୍ରାମ୍‌ରେ ଯୋଗଦେବାକୁ କୁହାଯାଉଥିବାରୁ ଏହା କେଉଁଠି ନା କେଉଁଠି ହ୍ୟୁମାନ୍‌ଙ୍କ ମୃତ୍ୟୁ ପାଇଁ ଦାୟୀ ବୋଲି ମା' ପ୍ରକାରାନ୍ତରେ ଅଭିଯୋଗ କରିଛନ୍ତି। ସେହିପରି ହ୍ୟୁମାନ୍‌ଙ୍କ ମ୍ୟୁଜିକାଲ ଜର୍ଣ୍ଣି ଆରମ୍ଭରୁ ବେଶ ସଫଳ ଥିଲା। ଜଣେ ପ୍ଲେ ବ୍ୟାକ ସିଙ୍ଗର ଭାବେ ସେ ରାଜ୍ୟବାସୀଙ୍କ ମନ ଜିଣିଥିଲେ। ଆଲବମ ଜଗତରେ ସେ ନିଜକୁ ପ୍ରତିଷ୍ଠା କରିପାରିଥିଲେ। ୨୦୧୨ରେ ତରଙ୍ଗ ଟିଭିର ରିଆଲିଟି ଶୋ' 'ଭଏସ୍ ଅଫ୍ ଓଡ଼ିଶା' ସିଜନ-୨ ତାଙ୍କୁ ସୁନାମ ଆଣିଦେଇଥିଲା। ୨୦୧୫ରେ 'ଇସ୍କ ତୁ ହି ତୁ' ରେ ସେ କମାଲ କରିଥିଲେ। ସେ ୫୦ ଫିଲ୍ମ, ୨୫୦ ଆଲବମରେ କାମ କରି ୧୫୦ରୁ ଉର୍ଦ୍ଧ୍ୱ ଗୀତ ଗାଇ ଲୋକପ୍ରୀୟ ହୋଇଥିଲେ। 'କେମିତି ଭୁଲିବି ସେ ଅଭୁଲା ଦିନ' ଗୀତଟି ତାଙ୍କୁ ବେଶ ଲୋକପ୍ରିୟ କରିଥିଲା। 'ନିଃଶ୍ୱାସ ତୋ ବିନା ମୋର ଚାଲେନା', 'ସୁନ୍ଦରା ସୁନ୍ଦରା', 'ହେଲା କି ପ୍ରେମ', 'ଇସ୍କ ହେ ତୁ ହି ତୁ',' ଗେଲି ତୁ ଚିପୁଡ଼ିଦେଲୁ ଦିଲ୍‌ଟା', ନବୀନ ବାବୁ ତମେ ଆମ ଫ୍ୟାନ୍', ଶେହଜାଦୀ ଓ ଶେହଜାଦୀ', 'ସୁନ ଜରା', ମୁଁ ପରଦେଶୀ ଚଢ଼େଇ', 'ଗୋଟେ ଶୁଆ ଗୋଟେ ଶାରୀ', 'ତୁ ମୋ ଲଭ୍ ଷ୍ଟୋରୀ', 'ପ୍ୟାର ବାଲା ହିକ୍‌କି' ଭଳି ଅନେକ ହିଟ୍ ଗୀତ ସେ ଗାଇ ଶ୍ରୋତାଙ୍କ ମନ ଜିଣିପାରିଛନ୍ତି।

## ଶେଖ...

ଲୋକମାନେ ଏହି ରାୟକୁ ସ୍ୱାଗତ କରି କରତାଳି ଦେଇଥିଲେ। କେତେକ କୋର୍ଟ ରୁମ୍ ବାହାରେ ଆଣ୍ଠୁ ମାଡ଼ି ଉପରକୁ ହାତ ଟେକି ଏପରି ଏକ ଦଣ୍ଡାଦେଶ ପାଇଁ ଭଗବାନଙ୍କୁ ଧନ୍ୟବାଦ ଦେଉଥିବା ମଧ୍ୟ ଦେଖିବାକୁ ମିଳିଥିଲା।

ଗତବର୍ଷ ଛାତ୍ର ସଂଗଠନର ବିଶାଳ ବିକ୍ଷୋଭ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ହସୀନା ହିଁ ନିର୍ଦ୍ଦେଶ ଦେଇଥିଲେ ବୋଲି ପୂର୍ବତନ ପୁଲିସ୍ ମୁଖ୍ୟ କୋର୍ଟଙ୍କୁ ଜଣାଇଥିଲେ। ସେ ପୂରା ମାମଲାରେ ପ୍ରମୁଖ ସାକ୍ଷୀ ବନିଥିଲେ। ତେବେ ତାଙ୍କ ପ୍ରତି ହୋଇଥିବା ଦଣ୍ଡ ବିଧାନ ନେଇ ବିକ୍ଷୋଭ ସମୟରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ପ୍ରତି ହୋଇଥିବା ଦଣ୍ଡାଦେଶକୁ ହସୀନା ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଓ ବିଭ୍ରାନ୍ତିକର ବୋଲି କହିଛନ୍ତି। ବାଂଲାଦେଶର ଅନ୍ତରୀଣ ସରକାର ତାଙ୍କ ରାଜନୈତିକ ଦଳ ଆଓ୍ୱାମୀ ଲିଗ୍‌କୁ ଅକାମୀ କରିଦେବା ସକାଶେ ଷଡ଼ଯନ୍ତ୍ର ରଚି ମୃତ୍ୟୁସଂଖ୍ୟାକୁ ଯଥେଷ୍ଟ ଅଧିକ ଦର୍ଶାଇଥିବା ହସୀନା ଅଭିଯୋଗ କରିଛନ୍ତି। କିନ୍ତୁ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାର ଏହାକୁ ଐତିହାସିକ ରାୟ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ଦେଶବାସୀଙ୍କୁ ଶାନ୍ତି ବଜାୟ ରଖିବା ସକାଶେ ମହମ୍ମଦ ନିବେଦନ କରିବା ସହ କୌଣସି ପ୍ରକାର ବିଶୃଙ୍ଖଳାକୁ କଠୋର ହସ୍ତରେ ଦମନ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ସେହିପରି ପାଖାପାଖି ୧୬ ମାସ ହେଲା ଆଶ୍ରୟ ନେଇଥିବା ହସୀନା ଓ ଅସଦୁଜମାନ୍‌ଙ୍କୁ ଭାରତ ତୁରନ୍ତ ପ୍ରତ୍ୟର୍ପଣ କରିବା ଦିଗରେ ପଦକ୍ଷେପ ନେବା ସକାଶେ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ନିବେଦନ କରିଛି। ଏନେଇ ଭାରତ ସରକାର ବିଶେଷ କିଛି ପ୍ରତିକ୍ରିୟା ଦେଇନଥିଲେ ହେଁ ହସୀନା ଓ ଅସଦୁଜମାନ୍‌ଙ୍କ ପ୍ରତି ହୋଇଥିବା ଦଣ୍ଡାଦେଶ ପରିପ୍ରେକ୍ଷୀରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ବର୍ଷ ଜୁଲାଇ ୧୫ରୁ ଅଗଷ୍ଟ ୫ ତାରିଖ ମଧ୍ୟରେ ଦେଶରେ ଭୟଙ୍କର ବିକ୍ଷୋଭ ଓ ହିଂସାକାଣ୍ଡ ଦେଖାଯାଇଥିଲା। ଏହି ସରକାର ବିରୋଧୀ ବିକ୍ଷୋଭକାରୀମାନଙ୍କୁ ଦମନ କରିବା ସକାଶେ ସୁରକ୍ଷାକର୍ମୀମାନେ ଗୁଳି ଚଳାଇଥିଲେ। ଏଥିରେ ପାଖାପାଖି ୧୪୦୦ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସହସ୍ରାଧିକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଅନେକ ଛାତ୍ରନେତା ରହିଥିଲେ। କିନ୍ତୁ ଏହା ସତ୍ତ୍ୱେ ବି ବିକ୍ଷୋଭକାରୀମାନେ ଥମିନଥିଲେ। ବରଂ ହିଂସାକାଣ୍ଡ ମାତ୍ରା କ୍ରମଶଃ ବଢ଼ିଚାଲିଥିଲା। ବିକ୍ଷୋଭ ଭୟାବହ ହେବା ଫଳରେ ଭୟରେ ହସୀନା ଓ ଅସଜୁଦମାନ ଭୟରେ ଦେଶ ଛାଡ଼ିଥିଲେ। ସେବେଠାରୁ ସେ ଭାରତରେ ରାଜନୀତିକ ଆଶ୍ରୟ ନେଇଛନ୍ତି। ନ୍ୟାୟରୁ ବଞ୍ଚିତ କରିବା, ହତ୍ୟା ପାଇଁ ନିର୍ଦ୍ଦେଶ ଦେବା ଓ ଦଣ୍ଡାତ୍ମକ ହତ୍ୟାକୁ ରୋକିବାରେ ବିଫଳ ହେବା ଭଳି ୩ଟି ଅପରାଧରେ ହସୀନା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେଣୁ ତାଙ୍କୁ ଏ କ୍ଷେତ୍ରରେ କେବଳ ଗୋଟିଏ ଦଣ୍ଡ ବିଧାନ କରାଯିବ ଆଉ ତା' ହେଉଛି ମୃତ୍ୟୁଦଣ୍ଡାଦେଶ ବୋଲି ବିଚାରପତି ଗୋଲାମ୍ ମୋରତୁଜା ମୋଜୁମଦାର ରାୟ ଶୁଣାଇବା ସମୟରେ କହିଛନ୍ତି। ବିଚାରପତି ମୋଜୁମଦାର କହିଛନ୍ତି ଯେ ଢାକାରେ ବିକ୍ଷୋଭକାରୀଙ୍କ ବିରୋଧରେ ହେଲିକପ୍ଟର ଓ ମାରାତ୍ମକ ଅସ୍ତ୍ର ବ୍ୟବହାର କରିବାକୁ ହସୀନା ହିଁ ନିର୍ଦ୍ଦେଶ ଦେଇଥିଲେ। ଆଇସିଟିର ନେତୃତ୍ୱ ନେଉଥିବା ବିଚାରପତି ମଜମୁଦାର ରାୟ ଶୁଣାଇବା ସମୟରେ ଏହାର ସିଧା ପ୍ରସାରଣ କରାଯାଇଥିଲା। ବିଚାରପତି ୪୫୩ ପୃଷ୍ଠାର କିଛି ଅଂଶ ପଢ଼ି ହସୀନାଙ୍କ ପ୍ରତି ହୋଇଥିବା ଦଣ୍ଡାଦେଶ ନେଇ ସମଗ୍ର ବିଶ୍ୱକୁ ଅବଗତ କରାଇଛନ୍ତି।

## ନୂଆପଡ଼ା...

ପାଇଁ କଂଗ୍ରେସ ପରାଜୟବରଣ କରିଲା ଏବଂ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସ କହିଛନ୍ତି। ଯଦି ତାହା ହୁଏ, ତାହେଲେ ୭୦ ପ୍ରତିଶତ ବିଭୀଷଣ ଥିବା କଂଗ୍ରେସ ଦଳ ସଂପୂର୍ଣ୍ଣ ମୂଳପୋଛ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୂଆପଡ଼ା ଉପନିର୍ବାଚନରେ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମରୁ ଦଳ ବଡ ବିଜୟ ହୋଇଛି। ଯେଉଁ ନେତା, ବିଧାୟକ, ସାଂସଦ, ମନ୍ତ୍ରୀମାନେ ଯେଉଁ ଅଂଚଳରେ ଥିଲେ, ସେ ଅଂଚଳର ସ୍ଥାନୀୟ ସମସ୍ୟାଗୁଡିକର ତାଲିକା ପ୍ରସ୍ତୁତ କରିବେ ସମସ୍ତ ସମସ୍ୟାର ସମାଧାନ କରାଯିବ। ନୂଆପଡ଼ାର ବିକାଶ ଦାୟୀତ୍ୱ ମୋର ବୋଲି ମୁଁ ପୂର୍ବରୁ କହିସାରିଛି। ଯାହା ଘୋଷଣା ହୋଇଛି, ସେ ସବୁକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବି। ନୂଆପଡ଼ାରେ ଜଳସେଚନଠାରୁ ଆରମ୍ଭ କରି ଶିଳ୍ପ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଅତିଶୀଘ୍ର ନୂଆପଡ଼ା ଯାଇ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇବି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଆମେ ସଂଗଠିତ ହୋଇ ନିର୍ବାଚନ ଲଢିବା ସହ ରଣନୀତିର ସଠିକ ଭାବେ କାର୍ଯ୍ୟକାରୀ କରାଯିବାରୁ ବିଜୟ ହୋଇଛି। ନୂଆପଡ଼ା ପାଇଁ ପ୍ରଥମେ ପାଞ୍ଚଟି ସଂସଦୀୟ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କୁ ନେଇ ରଣକ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା। ପରବର୍ତ୍ତୀ ସମୟରେ ମନ୍ତ୍ରୀମାନଙ୍କୁ ମଣ୍ଡଳ, ବିଧାୟକମାନଙ୍କୁ ପଂଚାୟତ ଦାୟୀତ୍ୱ ଦିଆଗଲା। ରାଜ୍ୟସ୍ତରରୁ ପଂଚାୟତସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ସ୍ଥାନରେ ଦାୟୀତ୍ୱ ଦିଆଗଲା। ଯେଉଁ କାର୍ଯ୍ୟକର୍ତ୍ତାଙ୍କୁ ଯେଉଁଠି ଦାୟୀତ୍ୱ ଦିଆଗଲା, ସେମାନେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିଥିବାରୁ ରାଜ୍ୟ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସ୍ଥାନୀୟ ଲୋକ ନିର୍ବାଚନ ଲଢିଲେ ଏବଂ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ବାହାରୁ ଯାଇଥିବା ନେତା ଓ ମନ୍ତ୍ରୀ କେବଳ ସହଯୋଗ କରିଲେ। ଭୋଟଦାନର ୭ ଦିନ ପୂର୍ବରୁ ଏକପାଖିଆ ବିଜୟ ହେବ ବୋଲି ସ୍ପଷ୍ଟ ଜଣାପଡିଥିଲା। ଗତ ସାଧାରଣ ନିର୍ବାଚନରେ ତୃତୀୟ ସ୍ଥାନରେ ଥିବା ବିଜେପି ପ୍ରତି ନୂଆପଡ଼ାବାସୀଙ୍କ ବିଶ୍ୱାସ ବୃଦ୍ଧି ପାଇଲା ଓ ରେକର୍ଡ ସଂଖ୍ୟାରେ ଭୋଟ ଦେଇ ଆମକୁ ପ୍ରଥମ କରିଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଯୋଗଦେଇ କହିଛନ୍ତି ଯେ, ନୂଆପଡ଼ା ଉପନିର୍ବାଚନରେ ଅକ୍ଲାନ୍ତ ପରିଶ୍ରମ କରି ବୃହତ ବିଜୟ ପ୍ରଦାନ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଏଥି ସହ ନୂଆପଡ଼ାବାସୀଙ୍କୁ ମଧ୍ୟ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## ଏଆଇ...

ଆପଣାଉଛି। ଦେଶର ମାନବ ବୁଦ୍ଧିମତା ଓ କୃତ୍ରିମ ବୁଦ୍ଧିମତାର ମିଳିତ ଶକ୍ତି ଏକ ବିକଶିତ ଭାରତ ଗଠନ କରିପାରିବ। ଏଆଇ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଇଣ୍ଟରନେଟ୍ ଏବେ ଦୈନନ୍ଦିନ ଜୀବନରେ ବେଶ୍ ଜରୁରୀ ହୋଇପଡ଼ିଛି। ଆଗାମୀ ଦିନରେ ଏଆଇ ମଧ୍ୟ ବ୍ୟବହାରବହୁଳ ହେବ। ଆମକୁ ଏଆଇର ସୁବିଧାଗୁଡ଼ିକର ଲାଭ ନେବାକୁ ହେବ। ଭାରତ ଏଆଇର ସକାରାତ୍ମକ ବ୍ୟବହାରକୁ ଆଗେଇ ନେବାକୁ ହେବ। ତା'ହେଲେ ହିଁ ଦେଶ ପ୍ରଗତି ପଥରେ ଅଗ୍ରସର ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି କେନ୍ଦ୍ର ମନ୍ତ୍ରୀ ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ୍ - ୨୦୨୫ରେ ପ୍ରଦର୍ଶିତ ଏଆଇ ଇନୋଭେସନ୍ ଶୋକେସ୍‌ରେ ବୁଲି ଦେଖିଥିଲେ। ସ୍କୁଲ ଓ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଏଆଇ ପରୀକ୍ଷଣ ଓ ପ୍ରୋଜେକ୍ଟଗୁଡ଼ିକୁ ଦେଖି ସେ ପ୍ରଶଂସା କରିବା ସହ ଏହି ଇନୋଭେସନ ଜେନେରେସନ ଭାରତକୁ ବିଶ୍ୱର ଏକ ବଡ଼ ପ୍ରଯୁକ୍ତି ଶକ୍ତି କେନ୍ଦ୍ର ଭାବେ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଭାଉସାହେବ...

ଗାଇଡଲାଇନକୁ ପାଳନ କରିନଥିବା ଖୋଦ୍ ପୁଲିସ ଡିଜି ବି ସ୍ୱୀକାର କରିଛନ୍ତି। ବିଧି ବ୍ୟବସ୍ଥା ଅନୁଯାୟୀ, ବାଲିଯାତ୍ରା କମିଟି ଭିନ୍ନ, ସାଂସଦ, ବିଧାୟକ, ମେୟର, କିଛି କର୍ପୋରେଟର ଓ ସାହି ମୁରବୀଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ ହୁଏ। ଏହି କମିଟି ପରାମର୍ଶରେ ଯାତ୍ରା ଆୟୋଜନକୁ ଶୃଙ୍ଖଳିତ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ତାହା ବି ହେଲାନି। ଗତବର୍ଷ ଗଣକବି ବୈଷ୍ଣବ ପାଣିଙ୍କୁ ମଞ୍ଚରେ ଆଧୁନିକ ଗୀତର ଆସର ଜମିଥିଲା। ଏଥର ବାଲିଯାତ୍ରାରେ ଓଡ଼ିଆ ବହି ବିକ୍ରିରେ ବି ଦୁର୍ନୀତି ଅଭିଯୋଗ ଉଠିଛି। କଟକ ସାଂସଦଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଉପର ପଡ଼ିଆରେ ମଧ୍ୟ ବାଲିଯାତ୍ରା କରିବା ସକାଶେ ନିର୍ଦ୍ଦେଶ ଦେଲେ। ହେଲେ ଜିଲ୍ଲାପାଳଙ୍କ ଆଗ୍ରହ ନ ଥିବାରୁ ବିନା ଲାଇଟ୍ ଓ ସାଜସଜ୍ଜାରେ ଯାତ୍ରା କରାଗଲା। ଏହା ମୁଖ୍ୟମନ୍ତ୍ରୀଙ୍କୁ ଅବମାନନା ନୁହେଁ କି ବୋଲି କିଛି ସାହି ମୁରବୀ ପ୍ରଶ୍ନ କରୁଛନ୍ତି। ଯାତ୍ରା ସମୟରେ ଉଠାଦୋକାନୀଙ୍କୁ ବୁଲଡୋଜର ଲଗାଇ ହଟାଇ ସରକାରଙ୍କୁ କାଠଗଡ଼ାରେ ଛିଡା କରାଇଛନ୍ତି ଜିଲ୍ଲାପାଳ। ଇଏ ସେଇ ଅଫିସର, ଯିଏ ବାଲେଶ୍ୱର ଜିଲ୍ଲାପାଳ ଥିବା ସମୟରେ ୨୦୨୪ରେ ବାଲେଶ୍ୱର ସାଂସଦଙ୍କୁ ଅପମାନିତ କରିଥିଲେ। ଏକ ସରକାରୀ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ତାଙ୍କୁ ଆମନ୍ତ୍ରଣ କରିଥିଲେ। କିନ୍ତୁ ସାଂସଦଙ୍କ ଟିକେ ବିଳମ୍ବ ହେବାରୁ ତାଙ୍କୁ ଅପେକ୍ଷା ନ କରି ଜିଲ୍ଲାପାଳ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଥିଲେ। ସାଂସଦ ପହଞ୍ଚିବା ପରେ ମଧ୍ୟ ଜିଲ୍ଲାପାଳ କି ଅନ୍ୟ କୌଣସି ଅଧିକାରୀ ତାଙ୍କୁ ଷ୍ଟେଜ୍‌କୁ ଆସିବା ସକାଶେ ଆମନ୍ତ୍ରଣ ବି କରିନଥିଲେ। ତେଣୁ ସାଂସଦ ତଳେ ବସିବାକୁ ବାଧ୍ୟ ହୋଇଥିଲେ। ସେ ସମୟରେ ବି ଶିନ୍ଦେଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ପୂର୍ବ ସରକାରରେ ସେ ଭିକେ ପାଣ୍ଡିଆନଙ୍କ ଅଣ୍ଡର କଭର ଏଜେଣ୍ଟ ଭାବେ କାମ କରୁଥିଲେ ଓ ପ୍ରଶାସନିକ ସ୍ତରରେ ହେଉଥିବା ଚର୍ଚ୍ଚାର ଖବର ତାଙ୍କୁ ଦେଉଥିଲେ। ଏବେ ଏହି ଅଫିସରଙ୍କୁ କିଏ ଦେଉଛି ସୁରକ୍ଷା ଓ କାହା ଛତ୍ରଛାୟାରେ ସେ ଏତେ ବହପ ପାଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଅପୂରଣୀୟ...

ବିୟୋଗ ଆମ ସଙ୍ଗୀତ ଓ ସିନେମା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ରହିବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ଏଥିସହ ସେ ହ୍ୟୁମାନ୍‌ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇଛନ୍ତି।

## ସ୍ୱରର...

ଦୁଃଖିତ ଓ ମର୍ମାହତ । ଅନେକ ଗୀତରେ କଣ୍ଠଦାନ କରି ବହୁତ କମ ସମୟ ମଧ୍ୟରେ ସେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତର ଜଣେ ଉଜ୍ଜ୍ୱଳ ତାରକାକୁ ହରାଇଲା। ତାଙ୍କ ସ୍ୱରର ଯାଦୁ ସବୁଦିନ ପାଇଁ ଓଡ଼ିଆ ଶ୍ରୋତାଙ୍କ ମନରେ ଅମର ହୋଇ ରହିବ ବୋଲି ଶ୍ରୀ ପ୍ରଧାନ କହିବା ସହ ହ୍ୟୁମାନ୍‌ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ଅବଦାନ...

ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇଛନ୍ତି।

## ଜଳିଗଲେ...

ହାଇଦ୍ରାବାଦରୁ ଯାଇଥିଲେ। ସେମାନେ ମକ୍କାରେ ଉମ୍ରା ପ୍ରାର୍ଥନା କରିବା ପରେ ମଦିନା ଫେରୁଥିଲେ। ଏହି ସମୟରେ ଭୟଙ୍କର ସଡ଼କ ଦୁର୍ଘଟଣା ହୋଇଛି। ଦୁଘର୍ଟଣା ବେଳେ ବସ୍‌ରେ ଯାତ୍ରୀମାନେ ଶୋଇଥିଲେ। ତେଣୁ ସେମାନେ ଠିକଣା ସମୟରେ ବାହାରିବାକୁ ସକ୍ଷମ ହୋଇ ନଥିଲେ। ସମସ୍ତେ ଅଲ ମୀନା ଓ ଅଲ ମକ୍କା ଟ୍ରାଭେଲସ ଜରିଆରେ ସେଠାକୁ ଯାଇଥିଲେ। ରିୟାଦରେ ଥିବା ଭାରତୀୟ ଦୂତାବାସ ଓ ଜେଦାସ୍ଥିତ କନସୁଲେଟ ପକ୍ଷରୁ ପ୍ରଭାବିତ ଲୋକଙ୍କ ପରିବାରକୁ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯାଉଥିବା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସୂଚନା ଦେଇଛନ୍ତି। ସେ ଘଟଣାରେ ସ୍ତବ୍ଧ ହେବା ସହ ମୃତକଙ୍କ ପରିବାରୁ ସମବେଦନା ଜଣାଇଛନ୍ତି। ରିୟାଦରେ ଥିବା ଦୂତାବାସ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ମୁଖ୍ୟ ଶାସନ ସଚିବ କେ ରାମକୃଷ୍ଣ ଓ ଡିଜିପି ଶିବାଧର ରେଡ୍ଡୀଙ୍କୁ ପୀଡ଼ିତଙ୍କ ତଥ୍ୟ ହାସଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଏବେ...

ସରିଛି। କେନ୍ଦ୍ରୀୟ ମଞ୍ଜୁରୀ ପରେ ତାଲିକା ଘୋଷଣା ହେବ ବୋଲି ସେ କହିଛନ୍ତି। କେନ୍ଦ୍ରକୁ ଉକ୍ତ ତାଲିକାଟି ଦିଆଯାଇଛି। ସେଠାରେ ତାଲିକା କିମ୍ବା ସେମାନଙ୍କ ଅନୁମତି ଆସିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଏଥିସହ ନୂଆପଡ଼ାରେ ବିଜେପିର ଏକତରଫା ଭାବେ ବିଜୟୀ ପାଇଁ ସେ ନୂଆପଡ଼ାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅଣଓଡ଼ିଆ ସନ୍ଦିଗ୍ଧଙ୍କୁ ଥାନାକୁ ନେଲା ପୁଲିସ



**କାକଟପୁର/ଅସ୍ତରଙ୍ଗ,୧୭।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପୋଲିସ ଦ୍ୱାରା ନଗର ପଂଚାୟତ ଦକ୍ଷିଣ ପଡ଼ା ଗ୍ରାମର ରମେଶ ପଲେଇ ଙ୍କ ଦୋକାନ ନିକଟରୁ ଜଣେ ସନ୍ଦିଗ୍ଧ ଅଣଓଡ଼ିଆ ଛଦ୍ମବେଶିକୁ ପୁଲିସ ଧରିଛି। ନିଜକୁ ମାନସିକ ବିକୃତ ପରିଚୟ ଦେଇ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଦିଲ୍ଲୀରେ ବିସ୍ଫୋରଣ ପରେ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ପ୍ରଭାବିତ କରିଛି। ଆଉ ଏହି ବ୍ୟକ୍ତି ବିଶେଷ ଚଲାବୁଲା ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢ଼ିଥିବାରୁ ସ୍ଥାନୀୟ ଲୋକେ ଅସ୍ତରଙ୍ଗ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅସ୍ତରଙ୍ଗ ଥାନା ଏଏସଆଇ ସମେତ ଅନ୍ୟ କର୍ମଚାରୀ ପହଂଚି ଅଣଓଡ଼ିଆ ବ୍ୟକ୍ତିଙ୍କୁ ଯାଞ୍ଚ କରିବା ସହ ଉକ୍ତ ସ୍ଥାନରୁ ଅସ୍ତରଙ୍ଗ ଥାନାକୁ ଆଣିଥିଲେ। ଯାହା ସୂଚନା ମିଳିଛି ପୋଲିସ ତଦପରୁ ବ୍ୟକ୍ତିଟି ମାନସିକ ବିକୃତ ହୋଇଥିବାରୁ ତାକୁ ନିମାପଡା ସେବା ଆଶ୍ରମକୁ ପଠାଯାଇଛି।

### ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା

# ଆଇଟିଆଇ ଛାତ୍ରଙ୍କ ଦୁଃଖ ବୁଝିବ କିଏ ?

**କିଏ ଲିଫ୍ଟ ମାଗି ଯାଏ ତ, ଆଉ କିଏ ଚାଲି ଚାଲି**

**ସରକାରୀ ବସ୍ ବ୍ୟବସ୍ଥା କରିବାକୁ ଦାବି**




**ହିଂଜିଳିକାଟୁ,୧୭।୧୧ (ସଂଚାର ବ୍ୟୁରୋ):** କିଏ ଲିଫ୍ଟ ମାଗି ଯାଏ ତ କିଏ ଚାଲି ଚାଲି ଯାଏ। ସକାଳ ହେବା କ୍ଷଣି ପିଲାଙ୍କୁ ଘାରିଥାଏ କଲେଜରେ ଠିକ ସମୟରେ ପହଞ୍ଚିବୁ ତ ? ଏଥିପାଇଁ ଆରମ୍ଭ ହୁଏ ପ୍ରତିଯୋଗିତା । ସେଇ ବାଟ ଦେଇ ଯେଉଁ ଗାଡି ଯାଏ ଛାତ୍ରମାନେ ଲିଫ୍ଟ ମାଗି ଲଦାଲଦି ହୋଇ ବିପଦସଙ୍କୁଳ ଅବସ୍ଥାରେ ଯାଆନ୍ତି। ଆଉ କିଛି ଛାତ୍ର ଖୋଲାଗାଡ଼ିରେ ଠିଆ ହୋଇ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗଂଜାମ ଜିଲ୍ଲା ହିଂଜିଳିକାଟୁ ପୋଚିଲିମା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଛାତ୍ରମାନଙ୍କ କ୍ଷେତ୍ରରେ।

ଶିକ୍ଷାକୁ ସରକାର ପ୍ରାଧାନ୍ୟ ଦେଉଥିବା ବିଭିନ୍ନ ସଭା ସମିତିରେ ଡେଙ୍ଗୁରା ପିଟୁଥିବା ବେଳେ ହିଂଜିଳିକାଟୁ ପୋଚିଲିମା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନକୁ ପିଲାଙ୍କ ସଂଘର୍ଷମୟ ଯାତ୍ରା ଦେଖିଲେ ଯିଏ ବି ତାଜୁବ ହୋଇଯିବ। ସକାଳ ହେବା ମାତ୍ରେ କିଏ କେଉଁ ଅଞ୍ଚଳରୁ ଆସିକି ହିଂଜିଳିକାଟୁ ଆରଏମ୍‌ସି ଗେଟ ତଥା ନୂତନ ମେଡିକାଲ ଛକ ନିକଟରେ ପ୍ରତିଦିନ ପିଲାଙ୍କ ଭିଡ଼ ହୋଇଥାଏ। ପରେ କିଏ ଲିଫ୍ଟ ମାଗିକି ଯାଏ ତ ଆଉ କିଏ ଚାଲି ଚାଲି ବି ଯାଏ । କଲେଜ ଯିବା ସମୟରେ ଯେମିତି ଅବସ୍ଥା,ଫେରିବା ବେଳେ ମଧ ସେହିପରି ଅବସ୍ଥା ହୁଏ। ତେବେ ସୋମବାର ସକାଳେ କିଛି ଆଇଟିଆଇ ଛାତ୍ର ସମୟ ବିଳମ୍ବ ହୋଇଯାଉଥିବାରୁ ଏକ ଟ୍ରାକ୍ଟର ଯାଉଥିବା ଦେଖି ହାତ ମାରି ଲିଫ୍ଟ ମାଗିଥିଲେ। ପରେ ସେଇ ଟ୍ରାକ୍ଟର ଯୋଗେ ଲଦାଲଦି ହୋଇ ଭର୍ତ୍ତି ହୋଇ ଅସୁରକ୍ଷିତ ଭାବେ ଯାତ୍ରା କରିଥିଲେ। ଏଭଳି ଯାତ୍ରା ସମୟରେ ଅଘଟଣ ଘଟିଲେ କିଏ ଦାୟୀ ହେବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଥିବା ବେଳେ ସରକାରୀ ବସ ବ୍ୟବସ୍ଥା କରିବାକୁ ସବୁସ୍ତରରେ ଦାବି ହେଉଛି।

ପିଲାଙ୍କ କହିବାନୁଯାୟୀ,ବସ ସେବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ବି ସ୍ଥିତି ଯଥା ପୂର୍ବଂ ତଥା ପରଂ। ଏ ନେଇ କଲେଜ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇପାରିନାହିଁ ।

## ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କଠାରୁ ଜରିମାନା ଆଦାୟ



**ଖୋର୍ଦ୍ଧା,୧୭।୧୧ (ସଂଚାର ବ୍ୟୁରୋ):** ସଡକ ସୁରକ୍ଷା ଏବଂ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପିଏସ୍ ଅଞ୍ଚଳ ଏବଂ ଜାତୀୟ ରାଜପଥରେ ଏକ ପ୍ରମୁଖ ମିଳିତ ଏମଭି ଏବଂ ମଦ୍ୟପାନ ଡ୍ରାଇଭ୍ କାର୍ଯ୍ୟକାରୀ କରାଯାଇଥିଲା। ଏହି ଅଭିଯାନର କଡ଼ା ଫଳାଫଳ ମିଳିଛି। ମୋଟ ୫୫ ଚାଲାଣ ଜାରି କରାଯାଇଛି ଏବଂ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୬,୦୬,୨୨୨ ଟଙ୍କା ଜରିମାନା ସଂଗ୍ରହ କରାଯାଇଛି। ମଦ୍ୟପାନ କରି ଗାଡି ଚାଳନା ମାମଲାରେ ୧୨ ଓ ୧୦ ଡିଏଲ୍‌ର ନିଲମ୍ବନ ପାଇଁ ସୁପାରିଶ କରାଯାଇଛି। କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି ଯେ ଏପରି ନିରନ୍ତର ମିଳିତ କାର୍ଯ୍ୟାନୁଷ୍ଠାନ ବେପରୁଆ ଗାଡି ଚାଳନା ରୋକିବା ଏବଂ ଟ୍ରାଫିକ୍ ଆଇନ ପାଳନ ସୁନିଶ୍ଚିତ କରିବା ପାଇଁ ଜାରି ରହିବ।

## ବେଆଇନ୍ ତେଲଚୋରକୁ ଧରିଲା ପୁଲିସ

● ୧୦୦ ଲିଟର ଡିଜେଲ୍ ଜବତ




**ମାର୍ଶାଘାଇ,୧୭।୧୧(ସଂଚାର ବ୍ୟୁରୋ):** ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥ - ୫୩ ର ମାର୍ଶାଘାଇ ଅଞ୍ଚଳରେ ଅସାଧୁ ବ୍ୟକ୍ତିମାନେ ଟ୍ରକ୍ ରୁ ବେଆଇନ୍ ଭାବେ ତେଲ ଚୋରି କରୁଥିବା ଗଣମାଧ୍ୟମରେ ସାମ୍ନାକୁ ଆସିବା ପରେ ସମଗ୍ର ଜିଲ୍ଲାରେ ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ପୁଲିସ ତତ୍ପରତା ଦେଖାଇଛି। ଆଜି ମାର୍ଶାଘାଇ ଥାନା ଅଧୀନରେ କୁସୁନପୁର ଗ୍ରାମର ଗିରିଶ ଚନ୍ଦ୍ର ନାୟକ (୩୬) ଙ୍କୁ ମାର୍ଶାଘାଇ ପୁଲିସ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୦୦ ଲିଟର ପାଖାପାଖି ଡିଜେଲ ଜବତ କରିଛି ପୁଲିସ। ଏନେଇ ୩୫୧/୨୫ ରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ମାର୍ଶାଘାଇ ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

## ପଟ୍ଟାମୁଣ୍ଡାଇରେ ସାଂସଦ ଖେଳ ମହୋତ୍ସବ

**ପଟ୍ଟାମୁଣ୍ଡାଇ, ୧୭।୧୧ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଛାତ୍ରଛାତ୍ରୀଙ୍କ କ୍ରୀଡା ପ୍ରତିଭା ବିକାଶ ପାଇଁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଏମଏନ ହାଇସ୍କୁଲ ସମେତ ବ୍ଲକର ୩ଟି ହାଇସ୍କୁଲରେ ୨ଦିନିଆ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି ।

ସିଆରସିସି ମଳୟ କୁମାର ଜେନାଙ୍କ ପୌରହିତ୍ୟରେ ଏମଏନ ହାଇସ୍କୁଲ ଠାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅଭିମନ୍ୟୁ ଗୋଛାୟତ ମୁଖ୍ୟଅତିଥି, ଏମଏନ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ ମୁଖ୍ୟବକ୍ତା, ବ୍ଲକ ଓ୍ୱିଆରସିସି ପ୍ରେମବାଳା ମହାପାତ୍ର, ସାଂସଦ ଖେଳ ମହୋତ୍ସବ ସଂଯୋଜକ ମିଟୁ ମନୋଜ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ବିନୋଦ ଦାସ ପରେଶ ସାହୁ ସୁଧାଂଶୁ ତ୍ରିପାଠୀ, ଉପେନ୍ଦ୍ର ନାୟକ, ରଶ୍ମିତା ସାହୁ, ଶର୍ମିଷ୍ଠା ପାତ୍ର, ତୁଳସୀ ବିଶ୍ୱାଳ, ବସନ୍ତ ସାହୁ, ରାଜେଶ ବାରିକ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ।

ଏଇ ଅବସରରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ସ୍କୁଲର ଶହ ଶହ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଶେଷରେ ଗୋଦାବରୀଶ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ୩ଟି ହାଇସ୍କୁଲରେ ଯଥା- ମଦନପୁର ହାଇସ୍କୁଲ, କାଠିଆ ପଡା ଦକ୍ଷିଣେ ଶ୍ୱର ହାଇସ୍କୁଲ ଓ ଅରଡ଼ପଲ୍ଲୀ ଆଞ୍ଚଳିକ ହାଇସ୍କୁଲରେ ସାଂସଦ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଇ ଅବସରରରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ତୀର୍ଥଯାତ୍ରାରେ ଗଲେ ୮୯ ଜଣ ବରିଷ୍ଠ ନାଗରିକ



**ଫୁଲବାଣୀ,୧୭।୧୧ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୮୯ ଜଣ ବରିଷ୍ଠ ନାଗରିକ ଏବଂ ତିନିଜଣ ଏସ୍କର୍ଟ ଅଧିକାରୀ ଉଜ୍ଜୈନ ଓ ଓମକାରେଶ୍ୱର ଆଧାତ୍ମିକ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ଦୁଇଟି ବସ୍ ଯୋଗେ ବ୍ରହ୍ମପୁର ଯାଇଛନ୍ତି। ବ୍ରହ୍ମପୁର ରେଳ ଷ୍ଟେସନଠାରୁ ଟ୍ରେନଯୋଗେ ଉଜ୍ଜୈନ ଓ ଓମକାରେଶ୍ୱର ଯିବାର କାର୍ଯ୍ୟକ୍ରମ ରହିଛି।

ଏହି ଅବସରରେ ଆଇଆଇସି, ସର୍ତ୍ତାଗୁଡାଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ, ଫୁଲବାଣୀ ଉମା ଚରଣ ମଲ୍ଲିକ, ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ ହରିଶ ବି. ସି, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା ଯୋଗ ଦେଇଥିଲେ । ଅତିଥିମାନେ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।

## ବିନା ଫୁଡ୍ ଲାଇସେନ୍ସରେ ଚାଲିଛି ବେପାର

**ଖାଦ୍ୟ ସୁରକ୍ଷା ବିଭାଗ ନିଦାବିଷ୍ଟୁ**



**ଆନନ୍ଦପୁର,୧୭।୧୧ (ସଂଚାର ବ୍ୟୁରୋ):** ଧରପଗଡ ନଥିବାରୁ ବେପାରୀ କରୁଛନ୍ତି ନିମ୍ନମାନର ଖାଦ୍ୟ ପ୍ରସ୍ତୁତି। ନିମ୍ନମାନର ଖାଦ୍ୟ ଖାଇ ଲୋକେ ହେଉଛନ୍ତି ଅସୁସ୍ଥ। ବିନା ଲାଇସେନ୍ସରେ ଆନନ୍ଦପୁରରେ ଚାଲିଛି ବେଧଡକ ବେପାର। ମାଲେମାଲ୍ ମାଲିକ, ବିଭାଗୀୟ ଅଧିକାରୀ ଚୁପ୍। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ଏବେ ଛତୁ ଫୁଟିଲା ପରି ହୋଟେଲ, ରେଷ୍ଟୁରାଣ୍ଟ, ଉଠା ଗୁପଚୁପ ଦୋକାନ, ଫାଷ୍ଟ ଫୁଡ୍, ଜଳଖିଆ ଦୋକାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କିଛି ଦୋକାନରେ ଫୁଡ୍ ଲାଇସେନ୍ସ ଅଛି ତ, ଆଉ କିଛି ଦୋକାନରେ ନାହିଁ। ଆଉ କିଏ ନକଲି ଲାଇସେନ୍ସ କରି ବେପାର କରି ମାଲେମାଲ ହେଉଛି।

ଖାଦ୍ୟର ମାନ କଥା ନକହିବା ଭଲ। ବାସୀ ଖାଦ୍ୟକୁ ଗରମ କରି ଦିଆଯାଉଛି। ପୋଡ଼ାତେଲରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକମାନଙ୍କୁ ପରସି ଦିଆଯାଉଛି। ଉପଖଣ୍ଡରେ ଥିବା କିଛି ଗୁପଚୁପ୍ ଦୋକାନୀ ତେନ୍ତୁଳିରେ ଖଟା ପାଣି ପ୍ରସ୍ତୁତ କରିବା ବଦଳେ କେମିକାଲ ରଙ୍ଗ ଦ୍ୱାର ଖଟା ପାଣି ପ୍ରସ୍ତୁତ କରୁଛନ୍ତି। ତାହା ସହିତ ବାସୀ ଆଳୁ, ମଟର ମଧ ବ୍ୟବହାର କରି ଗ୍ରାହକଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ସେହିପରି ବିଭିନ୍ନ ହୋଟେଲ୍ ରେଷ୍ଟୁରାଣ୍ଟରେ ମଧ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି।

ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କଡ଼ା କଡ଼ି ଚେକିଙ୍ଗ ନହେବା କାରଣରୁ ଦିନକୁ ଦିନ ଅବ୍ୟବସ୍ଥା ବୃଦ୍ଧି ପାଇବାରେ ଲାଗିଛି। ତେବେ ଆନନ୍ଦପୁର ଉପଖଣ୍ଡରେ ବିନା ଲାଇସେନ୍ସରେ ମାଲିକ ବେପାର କରି ମାଲେମାଲ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ନିଦାବିଷ୍ଟୁ ସାଜିଛନ୍ତି। ଏହି ବିଷୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନିଲ କୁମାର ରଣାଙ୍କୁ ପଚାରିବାରୁ ସେ କହିଛନ୍ତି ଏହି ସମସ୍ୟା ଗୁଡିକ ଉପରେ ଖୁବ୍ ଶୀଘ୍ର ଦୃଷ୍ଟି ଦିଆଯିବ। ତେବେ ଦେଖିବାକୁ ବାକି ରହିଲା କେବେ ଏହି ସମସ୍ୟା ସମାଧାନ ହେଉଛି।

## ବୁଲା ଗାଈଗୋରୁ ବିରୋଧରେ ଏନ୍ଏସିର କଡ଼ା କାର୍ଯ୍ୟାନୁଷ୍ଠାନ

**ଛତ୍ରପୁର,୧୭।୧୧ (ସଂଚାର ବ୍ୟୁରୋ):** ସହରରେ ଦୀର୍ଘଦିନ ଧରି ଚାଲୁଥିବା ବୁଲା ଗାଈଗୋରୁ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଛତ୍ରପୁର ଏନଏସି ପକ୍ଷରୁ ଆଜି ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଅମାନିଆ ଗୋରୁମାଲିକଙ୍କ ବିରୁଦ୍ଧରେ କଡା ଆଭିମୁଖ୍ୟ ଗ୍ରହଣ କରି, ଛତ୍ରପୁର

**ସୁଧାରିବ ଟ୍ରାଫିକ ସମସ୍ୟା, ହ୍ରାସ ପାଇବ ଦୁର୍ଘଟଣା**



ଏନଏସି ପ୍ରଥମ ପର୍ଯ୍ୟାୟରେ ସହର ଭିତରେ ଓ ଜାତୀୟ ରାଜପଥରେ ବୁଲୁଥିବା ୬ଟି ଗାଈକୁ ଧରି ସୁରକ୍ଷିତ ଭାବେ ଦିଗପହଣ୍ଡି ନିକଟରେ ଥିବା ଶ୍ରୀଶ୍ରୀ ରାଧାମଦନ ଗୋ ସେବା ଆଶ୍ରୟସ୍ଥଳରେ ଛଡାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସଙ୍କ ନେତୃତ୍ୱରେ ସଫଳଭାବେ କାର୍ଯ୍ୟକାରୀ ହୋଇଅଛି।

ଧରପକଡ଼ ପାଇଁ ଏନଏସି ପକ୍ଷରୁ ବିଶେଷ ଟିମ୍ ଓ ବ୍ୟବସ୍ଥା କରାଯାଇଥିବା ଦେଖାଦେଇଛି। ସହରର ମୁଖ୍ୟ ରାସ୍ତା, ଜାତୀୟ ରାଜପଥ, ବଜାର ଅଞ୍ଚଳ ଓ ଅତ୍ୟଧିକ ଭିଡ଼ ଥିବା ସ୍ଥାନରେ ଗାଈଗୋରୁ ଅବାଧ ପ୍ରବେଶ ଯୋଗୁଁ ପ୍ରତିଦିନ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଥିଲା ଯାହା ଲୋକଙ୍କ ସୁରକ୍ଷା ପ୍ରତି ଆଶଙ୍କା ସୃଷ୍ଟି ହେଉଥିଲା। ଫଳରେ ଏହି ପଦକ୍ଷେପ ଦ୍ୱାରା ସହରବାସୀ ବିପଦମୁକ୍ତ ଯାତାୟାତ ସୁବିଧା ପାଇବେ ବୋଲି ଅଞ୍ଚଳବାସୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଏନଏସିର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଏନଏସି ଇଓ ଶ୍ରୀ ଦାସ କହିଛନ୍ତି "ସହରର ଶୃଙ୍ଖଳା, ଯାତାୟାତ ବ୍ୟବସ୍ଥା ଏବଂ ଲୋକସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଗୋ—ଧରା ଅଭିଯାନକୁ ନିୟମିତ କରାଯିବ। ଅନେକ ମାଲିକ କ୍ଷୀର ଦେଉନଥିବା ଗାଈକୁ ରାସ୍ତାରେ ଛାଡ଼ିଦେଉଥିବାରୁ ସମସ୍ୟା ଦିନକୁ ଦିନ ଗମ୍ଭୀର ରୂପ ଧାରଣ କରୁଛି। ଏହି ଅଭିଯାନ ଫଳରେ ଅମାନିଆ ପଶୁମାଲିକମାନେ ଏବେ ସତର୍କ ହେବେ।"

## ବ୍ଲକ୍‌ରେ ବିଡିଓଙ୍କ ଅବ୍ୟବସ୍ଥାର ରାଜ

**ଅଟକିଛି ଜନକଲ୍ୟାଣ ଯୋଜନା, ଲୋକେ ହତାଶ**

**ଯାଜପୁର,୧୭।୧୧ (ସଂଚାର ବ୍ୟୁରୋ):** ଯାଜପୁର ବିଡିଓ ହେମନ୍ତ କୁମାର ମହାନ୍ତଙ୍କ ଅବ୍ୟବସ୍ଥାତ୍ମକ ଚାଲ ଓ କାର୍ଯ୍ୟାଳୟରେ ଚାଲୁଥିବା ବେପରୁଆ ଶାସନ ନେଇ ସାଧାରଣ ଲୋକଙ୍କ ଅସନ୍ତୋଷ ସୃଷ୍ଟି ହୋଇଛି। ଅନ୍ତ୍ୟୋଦୟ ଗୃହ, ପିଏମ୍ଏୱାଇ, ପେନ୍ସନ, ରାସନ କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦି ଯୋଜନା ଯାହା ଗାଁ ଗାଁରେ ପହଞ୍ଚିବାକୁ ଥିଲା, ସେସବୁ ବିଡିଓଙ୍କ ଅବହେଳାରୁ ଅଟକି ରହିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ବିଡିଓ ହେମନ୍ତ ମହାନ୍ତ ଓ କାର୍ଯ୍ୟାଳୟର କେତେକ କର୍ମଚାରୀ ପୂର୍ବ ସରକାରଙ୍କ ସହ ଘନିଷ୍ଠତା ରଖି ଇଚ୍ଛାକୃତ ଭାବରେ ଲୋକକଲ୍ୟାଣ ଯୋଜନାର ଫାଇଲ୍ ଅଟକାଇ ରଖୁଛନ୍ତି। ପିଏମ୍ଏୱାଇ ଘର ପାଇଁ ଲୋକ ବାରଦୁଆର ହେଉଥିବା ସତ୍ତ୍ୱେ କାର୍ଯ୍ୟାଳୟର ଫାଇଲ୍ ମାନଙ୍କ ଚାହିଦାରେ ପଦେ ପଦେ ଅଟକିଯାଉଛି। ପେନ୍ସନ ଓ ରାସନ କାର୍ଡ ପାଇଁ ଆବେଦକମାନେ 'ଭିକ୍ଷୁକ ପରି' ପ୍ରତିଦିନ ଦୌଡୁଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପିଇଓମାନଙ୍କ ମନମାନି, ଅନିୟମିତ ଆଚରଣ, କାହାକୁ ଦେବା, କାହାକୁ ନଦେବା" ଭାବନାରେ ଲୋକମାନଙ୍କ ହକ ହରାଉଛି। ଫଳରେ ବିଡିଓଙ୍କ କାର୍ଯ୍ୟାଳୟରେ ଫାଇଲ୍ ନୁହେଁ, ଲୋକଙ୍କ ସ୍ୱପ୍ନ ଅଟକି ଯାଉଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ବ୍ଲକ୍ କାର୍ଯ୍ୟାଳୟରେ ଚାଲୁଥିବା ଅବ୍ୟବସ୍ଥାର ତଦନ୍ତ ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସାଧାରଣ ଜନତା। ଏଥିସହିତ ଏହି ଅବ୍ୟବସ୍ଥାକୁ ତୁରନ୍ତ ବନ୍ଦ କରି ସୁଶାସନ ଫେରାଇ ଦିଆ ନ ଗଲେ ଆଗାମୀ ଦିନରେ ବିଡିଓଙ୍କ ବିରୁଦ୍ଧରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

### ଯୁବକର ଉନ୍ମତ୍ତକାଣ୍ଡ

## ତିନି ବର୍ଷର ଶିଶୁକୁ ରାସ୍ତାରେ କଚାଡ଼ିଲା

**ନବରଙ୍ଗପୁର/ଡାବୁଗାଁ,୧୭।୧୧ (ସଂଚାର ବ୍ୟୁରୋ):** ସୀମା ଟପିଲା ବର୍ବରତା । ତିନି ବର୍ଷର ଶିଶୁକୁ ଦୁଇ ଗୋଡ ଧରି ରାସ୍ତାରେ କଚାଡ଼ିଲା ଯୁବକ। ସିସିଟିଭିରେ କଏଦ ହତ୍ୟା ଉଦ୍ୟମ ଦୃଶ୍ୟ। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ବୋରିଗାଁ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଡାବୁଗାଁ ଥାନା ଅନ୍ତର୍ଗତ ବୋରିଗାଁ ଗ୍ରାମର ଅରୁଣ ପନକାଙ୍କ ୩ ବର୍ଷର ଶିଶୁ ପୁତ୍ର ଯଶପ୍ରିତ ପନକା ନିଜ ଘର ବାରଣ୍ଡାରେ ଖେଳୁଥିଲା। ସେହି ସମୟରେ ଅରୁଣ ପନକାର ପଡୋଶି ମିଥୁଳା ପନକା ଶିଶୁ ପୁତ୍ରକୁ ଧରି ତା ପଡୋଶି ତୁଳସୀ ପନକା ଘରକୁ ନେଇଥିଲା। ତୁଳସୀ ପନକା ଘର ମଧରେ ଖେଳୁଥିବା ଏହି ତିନି ବର୍ଷର ଶିଶୁକୁ ବୋରିଗାଁ ଗ୍ରାମର ଡମ୍ବୁ ପନକା ହଠାତ୍ ଘର ମଧରେ ପ୍ରବେଶ କରି ଶିଶୁ ପୁତ୍ରକୁ ଘୋଷାଡି ବାହାରକୁ ଆଣିଥିଲା। ରାସ୍ତା ଉପରେ ଶିଶୁକୁ ଦୁଇ ଗୋଡ଼ ଧରି ଉପରୁ ତଳକୁ କଚାଡି ଥିଲା। ଏଥିରେ ଶିଶୁଟି ଗୁରୁତର ହୋଇ ଅଚେତ ହୋଇ ପଡ଼ିଥିଲା। ପାଖରେ ଥିବା ଗ୍ରାମବାସୀ ଉନ୍ମତ୍ତ ଯୁବକ ନିକଟରୁ ଶିଶୁଟିକୁ ଉଦ୍ଧାର କରିଥିଲେ। ସେଠାରୁ ଡମ୍ବୁ ପନକା ଚମ୍ପଟ ମାରିଥିଲା। ଗୁରୁତର ଶିଶୁ କୁ ପରିବାର ଲୋକେ ତୁରନ୍ତ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଶିଶୁର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ ଉମରକୋଟର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ଏ ନେଇ ଶିଶୁର ବାପା ଗତ ଶୁକ୍ରବାର ଡାବୁଗାଁ ଥାନାରେ ଏତଲା ଦେବାପରେ ପୁଲିସ କେସ ନମ୍ବର ୨୨୯/୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ଜଣେ ତିନି ବର୍ଷର ଶିଶୁକୁ ଡମ୍ବୁ ପନକା ହତ୍ୟା ଉଦ୍ୟମ କରୁଥିଲା ତାହା ସନ୍ଦେହ ରହିଥିବା ବେଳେ ଆଜି କୌଣସି ସୂତ୍ରରୁ ଡାବୁଗାଁ ପୁଲିସ ଅଭିଯୁକ୍ତ ଡମ୍ବୁ ପନକା ବୋରିଗାଁରେ ଥିବା ଖବର ପାଇ ତାକୁ ଗିରଫ କରିଥିଲେ। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି ।

## ଶାଳିଜଙ୍ଗା ମଠରେ ଉତ୍ତେଜନା



**ପାରାଦୀପ,୧୭।୧୧ (ସଂଚାର ବ୍ୟୁରୋ):** ଶାଳିଜଙ୍ଗା ମଠରେ ଉତ୍ତେଜନା। ଗତ ଏକ ସପ୍ତାହ ଧରି ମଠ ପରିସରରୁ ମଠାଧିସ ରାତି ଅଧରେ ମଠ ଛାଡି କେଉଁଆଡ଼େ ଚାଲିଯାଇଥିବା ବେଳେ ଆଜି ମଠକୁ ଆସୁଥିବା ଗ୍ରାମବାସୀମାନେ କୌଣଷି ସୂତ୍ରରୁ ଖବର ପାଇ ମଠ ପାଖରେ ଏକତ୍ରୀତ ହେବା ସହ ବାବାଙ୍କୁ ମଠ ଭିତରେ ପୁରାଇ ନଦେବାକୁ ଜଗି ବସିଥିଲେ। ବାବା ଶେଷ ମୁହୂର୍ତ୍ତରେ ଆଉ ଆସି ନଥିବା ବେଳେ ମଠ ମଧରେ ଥିବା ସ୍ୱର୍ଗତଃ ବାବା କ୍ଷୀରୋଦ ସ୍ୱାଇଁଙ୍କ ପତ୍ନୀ ମନି ସ୍ୱାଇଁଙ୍କୁ ମଠ ପରିସର ମଧରୁ ବିଦା କରିବା ପାଇଁ ଗ୍ରାମବାସୀ ଅଡି ବସିଛନ୍ତି। ଫଳରେ ମଠ ପରିସରରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ନାଉଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିଛନ୍ତି।

ସ୍ଥାନୀୟ ଗ୍ରାମବାସୀ ଆଜି ଏକତ୍ରିତ ହୋଇ ଦିନ ତମାମ ପ୍ରତିବାଦ କରୁଥିବା ବେଳେ ମଠର ସମସ୍ତ ଟଙ୍କା, ଜମି ହଡ଼ପ ହୋଇଥିବା ଗ୍ରାମବାସୀ ଓ ବାବା ଗଦାଧର ଦାସ ଗତ ସପ୍ତାହକ ତଳେ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଅଚାନକ ବାବା ଗଦାଧର ଦାସ ମଠ ଛାଡି ରାତି ଅଧରେ ଉଭାନ ହୋଇ ଯାଇଥିଲେ। ଆଜି ସ୍ଥାନୀୟ ଦେବୀଦୋଳ ସବରେଜିଷ୍ଟ୍ରି କାର୍ଯ୍ୟାଳୟକୁ ଆସି ବାକି ଜମି ଗୁଡ଼ିକୁ ଅନ୍ୟ ଜଣଙ୍କ ନାମରେ ରେଜିଷ୍ଟ୍ରି କରିବାକୁ କୁଆଡେ ମସୁଧା କରୁଥିବା କିମ୍ବା ମଠକୁ ଏକ ଟ୍ରଷ୍ଟ ନାମରେ ପଞ୍ଜୀକରଣ କରିବାକୁ ଯୋଜନା କରୁଥିବା ଖବର ପାଇ ଗ୍ରାମବାସୀ ଆସି ଦେବୀଦୋଳ ନିକଟରେ ପହଂଚି ସେଠାରେ ପ୍ରବଳ ବିରୋଧ କରିଥିଲେ। ଦିନ ତମାମ ମଠରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ତୁରନ୍ତ ମଠରେ ହୋଇଥିବା ଜାଲିଆତି ବିଷୟରେ ପ୍ରଶାସନ ତଦନ୍ତ କରି ଦୋଷୀ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଦୁର୍ଘଟଣା ଘଟାଇଥିବା କାରର ମିଳୁନି ପତ୍ତା

**ସାଲେପୁର,୧୭।୧୧ (ସଂଚାର ବ୍ୟୁରୋ):** ସାଲେପୁର -କେନ୍ଦ୍ରାପଡ଼ା ରାସ୍ତାର କଳାଗ୍ନୀ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ମୋଟର ସାଇକେଲରେ ଯାଉଥିବା ସ୍ୱାମୀ-ସ୍ତ୍ରୀ ଓ ପୁତ୍ର ଗୁରୁତର ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଦୁର୍ଘଟଣା ଘଟାଇଥିବା କାରଟିର ଅଦ୍ୟାବଧି ପୁଲିସ କୌଣସି ଟେର ପାଇନାହିଁ। ପୁଲିସ ପକ୍ଷରୁ ସି.ସି.ଟି.ଭି. ଯାଞ୍ଚ କରାଗଲେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳିବ ବୋଲି ସାଧାରଣରେ ଜଣାଯାଇଛି।

**AFFIDAVIT**

I, Sambit Routray, aged about 52 years, S/o-Dr. Damodar Rout, residing at Plot No-334, At/Po- Saheed Nagar, P.S. Saheed Nagar, Bhubaneswar, Odisha, do here by on Solemn Affirmation, Declare and State:-

That I am the deponent of this affidavit and residing over the above address. That, I have lost the Document: RSD No-1501 dated 18.05.1992 executed by Sushanta Mahapatra, Pradipta Kumar Sahoo and another in favor of Abhijit Routray RSD No-2517 dated 24.08.1991 executed by Doli Sahu in favor of Sushanta Mahapatra, Pradipta Kumar Sahoo and another

That, I have lost my above deed and other papers somewhere while shifting from forest park Quarter to Saheed Nagar, which were kept in my Bag and in spite of my best efforts, I could not able to trace those documents for which, a station diary is lodged at Saheed Nagar Police Station further declare and say that I have not at any time deposited above Registered Sale Deed and other documents with any person or persons or any Bank or Financial Institution whomsoever as and by way of security, equitable mortgage by depost of title deeds whatsoever and that the said property is free from all encumbrances, claims and demands. Further this RSD has not been deposited in any Court for obtaining bail.

That no claim has ever been made against me or against the said property on the ground of any deposit of all or any of the title deeds, documents writings or any one or more of them as security or on any other ground whatsoever I make this declaration solemnly, sincerely and conscientiously knowing the same to be true and knowing that on the faith of the said declaration the Bank has given and agreed to give banking and financial facilities to my wife Bhagyashree Sahoo.

That, I say that the property is not subject matter of any suit or legal proceedings nor any attachment before or after judgment, nor has any trust, secret or otherwise, has been created or will be created in respect of the said property and/or the said Plant and Machinery.

That, I am aware about all the facts and declarations made in this affidavit and also aware that appropriate civil/criminal proceedings can be initiated against us if it turns out that the declarations/representations made by me here in above turn out to be incorrect, false or misleading.

That, I swear this affidavit to produce before the Bank Authorities of BANK OF INDIA, Kapila Prasad Branch, in order to avail a loan by mortgaging the aforesaid property till liquidation of the loan amount.

That, if no objection will received from any corner within a period of 15 days from the date of publication of this notice/advertisement, it will be deemed and presumed that the property in question is free from encumbrances That, the facts of this Affidavit are read over and, after understanding the contents to be true, I signed in this affidavit.



**ଧୋଇଯାଉଛି ମୃତ୍ତିକା**

**ଉପକୂଳକୁ ମାଡ଼ି ଆସୁଛି ସାମୁଦ୍ରିକ ଜୁଆର**

## ନିଷ୍ଚିହ୍ନ ହୋଇଗଲାଣି ସବୁଜ ପାଚେରି

**କାକଟପୁର/ଅସ୍ତରଙ୍ଗ,୧୭।୧୧ (ସଂଚାର ବ୍ୟୁରୋ):** ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳକୁ ସୁରକ୍ଷା ହେଉ କି ସାମୁଦ୍ରିକ ଜୁଆରକୁ ରୋକିବା ଦିଗରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ଉପକୂଳ ଅଂଚଳରେ ଥିବା ସବୁଜ ପାଚେରୀ କ୍ରମଶଃ ନିଷ୍ଚିହ୍ନ ହୋଇଗଲାଣି। ଏଥିପାଇଁ ଉପକୂଳ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଖଣ୍ଡାସାହି-ଓସିଆଁ ନିକଟବର୍ତ୍ତୀ ବାବା ଧବଳେଶ୍ୱର ପୀଠ, କେଉଟଜଙ୍ଘା ନିକଟସ୍ଥ ବେଲେଶ୍ୱରପୀଠ ସହ ବିଭିନ୍ନ ସ୍ଥାନରେ ମୃତ୍ତିକା ମଧ ଅବକ୍ଷୟ ହେଉଛି। ଏଥିପାଇଁ ଉପକୂଳ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି।

ସବୁଜ ପାଚେରୀ ସୃଷ୍ଟି ଫଳରେ ପ୍ରତିବର୍ଷ ଆସୁଥିବା ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା ଆଦିରୁ ସହଜରେ ନ ହେଲେ ବି କେତେକାଂଶରେ ପ୍ରତିହତ କରି ହେଉଥିଲା। ନଦୀ ଓ ସମୁଦ୍ର କୂଳରେ ବନୀ ଜଙ୍ଗଲର ପ୍ରଭାବ ଆମେ ଗତକିଛି ଦିନ ତଳେ ହୋଇଥିବା ବାତ୍ୟାରେ ଦେଖିବାକୁ ପାଇଛେ। ୧୯୬୫ ବାତ୍ୟା, ୧୯୭୧, ୧୯୮୨ ମସିହା ବନ୍ୟା, ବାତ୍ୟା, ୧୯୯୯ ମହାବାତ୍ୟା, ୨୦୧୩ ଫାଇଲିନି, ୨୦୧୪ ହୁଡହୁଡ, ୨୦୧୮ ତିତିଲି, ୨୦୧୯ ଫନି ଓ ବୁଲବୁଲ, ୨୦୨୦ ଅମ୍ଫାନ, ୨୦୨୧ରେ ୟାସ ଓ ଗୁଲାବ, ୨୦୨୨ରେ ଯଓ୍ୱାଦରେ ମଧ ଏହି ବନୀ ଜଙ୍ଗଲ ଓ ସବୁଜ ପାଚେରୀର ପ୍ରଭାବ ଦେଖିବାକୁ ପାଇଛେ ବୋଲି ଅସ୍ତରଙ୍ଗ ଅଞ୍ଚଳର ପରିବେଶବିତି ତଥା ସମାଜସେବୀ ବିଜୟ କୁମାର ବେହେରା କହିଛନ୍ତି। ତାଙ୍କ ମତରେ ସମୁଦ୍ର, ନଦୀ ତଥା ପ୍ରତି ଗ୍ରାମର ଶେଷ ମୁଣ୍ଡରେ ଯଦି ସବୁଜ ପାଚେରୀ ସୃଷ୍ଟି ଆଳରେ କ୍ରମାନ୍ୱୟରେ କାଇଁଚ, କିଆ, କଣ୍ଟା ବାବୁଲା, କରଞ୍ଜ, ଖଜୁରୀ, ତାଳ ଓ ଝାଉଁ ଗଛ ଲଗାଯାଇ ପାରିବ ତେବେ ଏହା ବାତ୍ୟା ଓ ବନ୍ୟାର ପ୍ରଭାବରୁ ୭୦ ରୁ ୮୦ପ୍ରତିଶତ କମାଇ ପାରିବା ସହିତ ମୃର୍ତ୍ତିକା ସଂରକ୍ଷଣ ଦିଗରେ ସହାୟକ ହୋଇପାରିବ। ଏଥିସହିତ ସାମାଜିକ ଅର୍ଥ ବ୍ୟବସ୍ଥାରେ ମଧ ପ୍ରଭାବ ପକାଇବ। ବାତ୍ୟା ପରେ ରିଲିଫି ସାମଗ୍ରୀକୁ ଯେପରି ଅଗ୍ରାଧିକାର ଦିଆଯାଉଛି। ସେହି ଭଳି ବନ୍ୟା, ବାତ୍ୟା ଓ ଲଘୁଚାପରୁ ମୁକ୍ତି ପାଇବାକୁ ହେଲେ ନଦୀ, ସମୁଦ୍ର ଓ ଗ୍ରାମ ମାନଙ୍କରେ ସବୁଜ ପାଚେରୀ ମାଧ୍ୟମରେ ଗଛ ଲଗାଇବାକୁ ଅନୁରୋଧ କରିଛନ୍ତି। ଏଥିପାଇଁ ଉଭୟ ବନବିଭାଗ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ତତ୍ପରତା ଦେଖାଇବାକୁ ଦାବୀ ହେଉଛି।

ବ୍ରହ୍ମକୁମାରୀ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# 'ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା' ଅଭିଯାନର ଶୁଭାରମ୍ଭ




## ବ୍ରହ୍ମକୁମାରୀ ଅନୁଷ୍ଠାନ ଏକ ବିଶ୍ୱ ଆନ୍ଦୋଳନର ରୂପନେଉ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୧୧(ସଂଚାର ବ୍ୟୁରୋ):** ଆଜି ଜନତା ମୈଦାନଠାରେ ଭୁବନେଶ୍ୱର ବ୍ରହ୍ମକୁମାରୀ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅନୁଷ୍ଠାନର 'ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବ୍ରହ୍ମକୁମାରୀ ଅନୁଷ୍ଠାନର ଏହି ପଚାଶ ବର୍ଷର ଯାତ୍ରା କେବଳ ସମୟର ଯାତ୍ରା ନୁହେଁ, ଏହା ମାନବତାର ଜାଗରଣ, ଆଧ୍ୟାତ୍ମିକ ଉନ୍ନତି ଏବଂ ଦିବ୍ୟ ସେବାର ଯାତ୍ରା।

ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦିଏ। ଏହାଦ୍ୱାରା ଆମେ ପ୍ରକୃତିର ସମ୍ପଦକୁ ବିଚାରଯୋଗ୍ୟ ବ୍ୟବହାର କରିଥାଉ। ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ ଏବଂ ଏହି ଶିକ୍ଷା, ବ୍ରହ୍ମକୁମାରୀ ସିଷ୍ଟର ଶିବାନୀ, ଜଣେ ଆଧ୍ୟାତ୍ମିକ ଶିକ୍ଷକ ଭାବେ ସାରା ବିଶ୍ୱକୁ ଶିଖାଇ ଆସୁଛନ୍ତି। ତାଙ୍କର ତ୍ୟାଗ ଓ ସେବା ମନୋବୃତ୍ତି ପାଇଁ ସେ ଆଜି ଦେଶର ଆଧ୍ୟାତ୍ମିକ ଜଗତରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହଠାରୁ ଆରମ୍ଭ କରି ଆଗାମୀ ଦିନରେ ଏହି ଅନୁଷ୍ଠାନ ଏକ ବିଶ୍ୱ ଆନ୍ଦୋଳନର ରୂପନେଉ, ମାଉଣ୍ଟଆବୁ ଠାରୁ ଆରମ୍ଭ କରି ନ୍ୟୁୟର୍କ ଏବଂ ନାଇରୋବି ଠାରୁ ଆରମ୍ଭ କରି ଲଣ୍ଡନ ପର୍ଯ୍ୟନ୍ତ ବିଶ୍ୱ ଶାନ୍ତିର ବାର୍ତ୍ତା ପହଞ୍ଚାଉ। ଭୁବନେଶ୍ୱର ବ୍ରହ୍ମକୁମାରୀ ପକ୍ଷରୁ ମଧ୍ୟ ସୁଶାସନ ପ୍ରୟାସ ଜାରି ରହୁଛି ସରକାରଙ୍କର ଏବଂ ବ୍ରହ୍ମ କୁମାରୀ ଅନୁଷ୍ଠାନର ସମ୍ମିଳିତ ପ୍ରୟାସ, ସମାଜରେ ନିଶ୍ଚୟ ଫଳପ୍ରଦ ପରିବର୍ତ୍ତନ ଆଣିବ ବୋଲି ସେ କହିଥିଲେ।

ରାଜ ଯୋଗ ଓ ଧ୍ୟାନର ପଥ ଶୃଙ୍ଖଳା ଓ କରୁଣା ଶିଖାଏ। ଏହା ପ୍ରଶାସନରେ ସୁଶାସନ ପାଇଁ ଆବଶ୍ୟକ। ଯେତେବେଳେ ପ୍ରଶାସନ ସହାନୁଭୂତି ସହିତ ଗତି କରେ ସେତେବେଳେ ଲୋକମାନେ ବିଶ୍ୱାସ ଅନୁଭବ କରନ୍ତି ଏବଂ ସେମାନେ ସମାଜର ନୈତିକ ଗଠନକୁ ମଜଭୁତ କରନ୍ତି। ଆଜିଠାରୁ ଭଳି ବ୍ରହ୍ମକୁମାରୀ ଅନୁଷ୍ଠାନ ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା ଅଭିଯାନ ଆରମ୍ଭ କରିଛି, ସେହିଭଳି ଆମେ ମଧ୍ୟ ଲକ୍ଷ୍ୟ ରଖିଛୁ ୨୦୩୬ ସୁଦ୍ଧା ଆମ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା ଭାବେ ଗଢ଼ି ତୋଳିବୁ। ଏହି ଅବସରରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ବ୍ରହ୍ମକୁମାରୀ ଅନୁଷ୍ଠାନ ସମାଜକୁ ସକାରାତ୍ମକ କାର୍ଯ୍ୟ ଓ ମଣିଷକୁ ସୁଧାରିବାର କାର୍ଯ୍ୟ କରୁଛି। ୫୦ ବର୍ଷ ଧରି ଏହି ଅନୁଷ୍ଠାନ ଆମ ସମସ୍ତଙ୍କୁ ଶାନ୍ତି ଏବଂ ମୈତ୍ରୀର ମାର୍ଗ ଦେଖାଉଛି। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବ୍ରହ୍ମକୁମାରୀ ସିଷ୍ଟର ଶିବାନୀ, ଡକ୍ଟର ବନାରସୀ ଭାଇ, ଶକ୍ତିରାଜ ଭାଇ, ବ୍ରହ୍ମକୁମାରୀ, ଭୁବନେଶ୍ୱର ଶାଖାରୁ ଗୀତା ଦିଦି ପ୍ରମୁଖ ମଞ୍ଚାସୀନ ଥିଲେ।

● ଓଡ଼ିଶା ରାଜ୍ୟ ଚିଠା ସମବାୟ ନୀତି ଉପରେ ମତାମତ କାର୍ଯ୍ୟକ୍ରମ

# 'ସମବାୟ ଅନୁଷ୍ଠାନ ହେବ ଆତ୍ମନିର୍ଭରଶୀଳ'



**ଭୁବନେଶ୍ୱର, ୧୭।୧୧(ସଂଚାର ବ୍ୟୁରୋ):** ଓଡ଼ିଶାର ସମବାୟ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିବା ସହ ସମବାୟ ଅନୁଷ୍ଠାନ ହେବ ଆତ୍ମନିର୍ଭରଶୀଳ। ପ୍ରଗତିର ପ୍ରମୁଖ ଇଞ୍ଜିନ୍ ସାଜିବ ଓ ତୃଣମୂଳ ସ୍ତରରେ ସମବାୟ ଅନୁଷ୍ଠାନ ଲୋକଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇଦେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି। ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ଓଡ଼ିଶା ରାଜ୍ୟ ଚିଠା ସମବାୟ ନୀତି ୨୦୨୫ ଉପରେ ଆଲୋଚନାତ୍ମକ ଓ ମତାମତ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦାନ କରି ସେ ଏହା କହିଛନ୍ତି। ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ଆଧୁନିକୀକରଣ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର 'ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫' ପ୍ରଣୟନ କରିବାକୁ ଯାଉଛନ୍ତି। ସମବାୟ ସଂସ୍ଥାଗୁଡ଼ିକୁ ଦୀର୍ଘସ୍ଥାୟୀ, ଆତ୍ମନିର୍ଭର, ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ, ନାଗରିକ-କେନ୍ଦ୍ରିକ ଓ ତୃଣମୂଳ ସ୍ତରରେ ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ 'ୱାନ୍ ଷ୍ଟପ୍ ସପ୍' ଅନୁଷ୍ଠାନରେ ପରିଣତ କରିବାକୁ ଏହି ନୀତି ଲକ୍ଷ୍ୟ ରଖିଛି ବୋଲି ସମବାୟ ବିଭାଗର କମିଶନର ତଥା ଶାସନ ସଚିବ କହିଛନ୍ତି।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃଷି, ମତ୍ସ୍ୟ, ଦୁଗ୍ଧ, ଆବାସ, ବିପଣନ, ହସ୍ତଶିଳ୍ପ, ବୟନ, ରେଶମ ଚାଷ ଆଦି କ୍ଷେତ୍ରରେ ସମବାୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଆଲୋଚନାତ୍ମକ ଓ ମତାମତ ଗ୍ରହଣ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଓଡ଼ିଶା ବୋର୍ଡର ସାଧାରଣ ପରିଚାଳକ ଧରିତ୍ରୀ ମିଶ୍ର, ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି, ରାଜ୍ୟ ସମବାୟ ୟୁନିୟନର ସଭାପତି ପ୍ରବାସିନୀ ଷଡ଼ଙ୍ଗୀ, ବରିଷ୍ଠ ସମବାୟବିତ୍ ଯଜ୍ଞେଶ୍ୱର ବାବୁ, ପବିତ୍ର ଦାଶ, ଅବସରପ୍ରାପ୍ତ ପ୍ରଶାସକ ଗୋପବନ୍ଧୁ ଶତପଥି, ହରେକୃଷ୍ଣ ମିଶ୍ର, ସୁଦର୍ଶନ ନାୟକ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଅତିରିକ୍ତ ନିବନ୍ଧକ ଭକ୍ତବନ୍ଧୁ ସାହୁ, ଅତିରିକ୍ତ ନିବନ୍ଧକ ଗୋକୁଳିନ ସେନାପତି, ଯୁଗ୍ମ ସଚିବ ସଂଗ୍ରାମ ରାଉତ, ଯୁଗ୍ମ ସଚିବ ଲିଙ୍ଗରାଜ ନାୟକ, ଅର୍ଥ ପରାମର୍ଶଦାତା ସୁରେନ୍ଦ୍ର କୁମାର ସାହୁ, ଶୀର୍ଷ ସମବାୟ ସମିତିର କର୍ମକର୍ତ୍ତା, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମବାୟବିତ୍ ପ୍ରମୁଖ ଯୋଗ ଦେଇଥିଲେ।

● ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

# ସରିଲା ଅଡିଶନ, ଆଜି କଂସ ନାଁ ଘୋଷଣା



**ବରଗଡ଼,୧୭।୧୧(ସଂଚାର ବ୍ୟୁରୋ):** ସରିଲା ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ କଳାକାର ଚୟନ ପ୍ରକ୍ରିୟା। ବରଗଡ଼ ସହର ସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ଠାରେ ତିନି ଦିନ ଧରି ଚାଲିଥିବା କଳାକାର ଚୟନ ପ୍ରକ୍ରିୟା ଶେଷ ଦିବସରେ ୪୪ ଜଣଙ୍କ ମଧ୍ୟରୁ ୩୬ ଜଣ କଳାକାର କଂସ ଭୂମିକା ପାଇଁ ଦେଇଥିଲେ ଅଡିସନ। ମଞ୍ଚ ଉପରେ କଳାକାରଙ୍କ ଅଭିନୟ ବେଶ ଆକର୍ଷଣୀୟ ଥିଲା। ଜଣକ ପରେ ଜଣେ କଳାକାର ମଞ୍ଚକୁ ଆସି ଅଭିନୟ କରିବା ସହ ବିଚାରକ ମଣ୍ଡଳୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଆସନ୍ତା ଡିସେମ୍ବର ୨୪ ତାରିଖରୁ ଜାନୁଆରୀ ୩ ତାରିଖ ଯାଏ ୧୧ ଦିନ ଧରି ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିବ ବରଗଡ଼ ଧନୁଯାତ୍ରା। ବରଗଡ଼ ସହର ମଥୁରା ନଗରୀର ମାନ୍ୟତା ପାଇବାକୁ ଥିବା ବେଳେ ଅମ୍ବାପାଲି ସାଜିବ ଗୋପପୁର। ମହାରାଜ କଂସଙ୍କ ଅଜ୍ଞାବଳରେ ପ୍ରକମ୍ପିତ ହେବ ମଥୁରା ନଗରୀ। କୃଷ୍ଣ ପ୍ରେମରେ ବିମୋହିତ ହେବ ଗୋପପୁର। ଦର୍ଶକଙ୍କୁ ମନମୁଗ୍ଧ କରିବା ପାଇଁ ଚାଲିଥିବା କଳାକାର ଚୟନ ପ୍ରକ୍ରିୟାରେ ସବୁ ଦିଗକୁ ଧ୍ୟାନ ଦିଆଯାଇଛି। ଯେଉଁ କଳାକାର ଚୟନ ହେବେ ସେ ନିଶ୍ଚିତ ଭାବେ ନିଜ ନିଜର ପରାକାଷ୍ଠା ଦେଖାଇବେ ବୋଲି ଆଶା କରିଥିଲେ ବିଚାରକ ସୁବାସ ଚନ୍ଦ୍ର ପ୍ରଧାନ। ଆସନ୍ତାକାଲି ଦିନ ୧୧ଟାରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଘୋଷଣା ହେବ କଳାକାରଙ୍କ ନାମ। କଂସ ଭୂମିକା ପାଇଁ କିଏ ଚୟନ ହେବେ ତା ଉପରେ ରହିଛି ନଜର।

# ପୋଖରୀରେ ବୁଡ଼ି ଭାଇ ଭଉଣୀ ମୃତ

**ଭଦ୍ରକ,୧୭।୧୧(ସଂଚାର ବ୍ୟୁରୋ):** ପୋଖରୀରେ ବୁଡ଼ି ଦୁଇ ଶିଶୁ ମୃତ୍ୟୁବରଣ କରିଛନ୍ତି। ଭଦ୍ରକ ଜିଲ୍ଲା ପୀରହାଟ ଥାନା ସାହାପୁର ପଞ୍ଚାୟତ ସିଣୀପୁର ଗାଁରେ ଏହି ଅଘଟଣ ଘଟିଛି। ଗାଁର ବୁଲୁ ବାରିକଙ୍କ ୩ ବର୍ଷର ପୁଅ ସହ ତାଙ୍କ ୪ ବର୍ଷର ଭଣଜା ସାଙ୍ଗ ହୋଇ ଖେଳୁଥିଲା ବେଳେ ଏହି ଅଘଟଣ ଘଟିଥିଲା। ଅସାବଧାନତା ବଶତଃ ସେହି ଦୁଇ ଜଣ ପାଖରେ ଥିବା ପୋଖରୀ ପାଖକୁ ଚାଲି ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସିଯିବାରୁ ଦୁଇଜଣ ଶିଶୁ ବୁଡି ଯାଇଥିଲେ। ଗ୍ରାମବାସୀ ପୋଖରୀରେ ପଶି ଶିଶୁ ଦୁଇ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ତିହିଡି ଓ ପରେ ଭଦ୍ରକ ଜିଲ୍ଲା ହସ୍ପିଟାଲକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବୁଲୁ ବାରିକଙ୍କ ପୁଅ ସହିତ ତାଙ୍କ ଭଣଜା ସାଙ୍ଗ ହୋଇ ଖେଳୁଥିଲା ବେଳେ ଏହି ଅଘଟଣ ଘଟିଛି।

■ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ଓଡ଼ିଶା ପାଭିଲିୟନ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୧୭।୧୧(ସଂଚାର ବ୍ୟୁରୋ):** ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଓ 'ଆତ୍ମନିର୍ଭର ଭାରତ' ଆହ୍ୱାନ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ଓଡ଼ିଶା ଭିଜନ ୨୦୩୬' ଦୃଷ୍ଟିକୋଣର ଏକ ସମ୍ମିଳିତ ପ୍ରୟାସ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରକାଶ କରିଛନ୍ତି। ସୁଦୃଶ୍ୟ ହସ୍ତଶିଳ୍ପ ପାଇଁ ବିଶ୍ୱ ଦରବାରରେ ସୁପରିଚିତ ଓଡ଼ିଶା, ଆଜି ପୁଞ୍ଜିନିବେଶର ଏକ ଉପଯୁକ୍ତ କ୍ଷେତ୍ରର ପରିଚିତି ଲାଭ କରିଛି। ଯାହାକି, କୃଷିଜାତ ପଦାର୍ଥ ଏବଂ ଗ୍ରାମୀଣ ଶିଳ୍ପୀମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତଶିଳ୍ପ ସାମଗ୍ରୀ ଠାରୁ ଆରମ୍ଭ କରି ଶିଳ୍ପାୟନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ର ସମସ୍ତଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଓଡ଼ିଶା ପାଭିଲିୟନ ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହା କହିବା ସହିତ ପାଭିଲିୟନରେ ଦର୍ଶିତ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ।

ଚଳିତ ନଭେମ୍ବର ୧୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ପରିସରରେ ଚାଲିଥିବା ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଚତୁର୍ଥ ଦିବସରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା ପାଭିଲିୟନକୁ ପରିଦର୍ଶନରେ ଆସି ଅଂଶଗ୍ରହଣକାରୀ ଗ୍ରାମୀଣ ଶିଳ୍ପୀ ଓ ଉଦ୍ୟୋଗୀଙ୍କ ସହିତ ଭାବ ବିନିମୟ କରିଥିଲେ। ପରେ ସେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରାଳୟର ପାଭିଲିୟନ ପରିଦର୍ଶନ କରି ଓଡ଼ିଶାରେ ବିଦ୍ୟୁତ ଶକ୍ତି ଉତ୍ପାଦନ ଓ ବିନିଯୋଗ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ସହିତ ଜଳବିଦ୍ୟୁତ ଶକ୍ତିର ବିକଳ୍ପ ଭାବେ ସବୁଜ ଶକ୍ତି, ଅକ୍ଷୟ ଶକ୍ତି, ପୁନଃ-ନବୀକରଣୀୟ ଶକ୍ତି ଆଦି ସମ୍ପର୍କୀତ ନୂତନ ଜ୍ଞାନ କୌଶଳ ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ପାଭିଲିୟନ ପରିଦର୍ଶନ କରି ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା କୃଷି ବିଶେଷଜ୍ଞ ଓ କୃଷିଜୀବୀଙ୍କ ସହିତ ମତ ବିନିମୟ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ବ୍ୟତୀତ, ମଣିପୁର ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁରାଗ ବାଜପେୟୀ ମଧ୍ୟ ଆଜି ଓଡ଼ିଶା ପାଭିଲିୟନକୁ ଆସି ଏହାର ଆକର୍ଷଣୀୟ ପରିପାଟୀ, ସାଜସଜ୍ଜା, କୃଷିଜାତ ଦ୍ରବ୍ୟ ଓ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀର ଭୂୟସୀ ପ୍ରଶଂସା କରିଥିଲେ।

# ସ୍କୁଲ ଭ୍ୟାନରୁ ପଡ଼ି ସାତ ବର୍ଷର ଛାତ୍ରୀ ଗୁରୁତର



**କଟକ, ୧୭।୧୧ (ସଂଚାର ବ୍ୟୁରୋ) :** ସ୍କୁଲ ଭ୍ୟାନରୁ ଗଳି ପଡ଼ି ଗୁରୁତର ଭାବରେ ଆହତ ହେଲେ ସାତ ବର୍ଷ ବୟସର ଜଣେ ଛାତ୍ରୀ। ଗତ ୧୩ ତାରିଖ ଦିନ ଘଟିଛି ଏଭଳି ଏକ ଅଘଟଣ। ଛାତ୍ରୀଙ୍କର ଶରୀରର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଛି କ୍ଷତ। ଛାତ୍ରୀଙ୍କ ଘର କଖଡି ଅଞ୍ଚଳରେ ହୋଇଥିବା ବେଳେ, କଟକ ସହରର ଏକ ପ୍ରତିଷ୍ଠିତ ଘରୋଇ ବିଦ୍ୟାଳୟରେ ସେ ପାଠ ପଢ଼ୁଛନ୍ତି ଛାତ୍ରୀ। ଘରକୁ ଫେରିବା ସମୟରେ ଘଟିଛି ଘଟଣା। ଏ ନେଇ ସ୍ଥାନୀୟ ଗୁରୁଡ଼ିଝାଟିଆ ଥାନାରେ ଏତଲା ଦେଇଛନ୍ତି ଛାତ୍ରୀଙ୍କ ପରିବାରବର୍ଗ। ଘଟଣାର ଅନୁଧ୍ୟାନ କରିବା ପାଇଁ କଟକ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କଟକ ଜିଲ୍ଲାପାଳ। ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ପରିବହନ ଆୟୁକ୍ତ।

# ଆଜି କେନ୍ଦୁଝର ଜିଲ୍ଲା ୧୨ ଘଣ୍ଟିଆ ବନ୍ଦ

**କେନ୍ଦୁଝର, ୧୭।୧୧(ସଂଚାର ବ୍ୟୁରୋ):** ମଙ୍ଗଳବାର କେନ୍ଦୁଝର ଜିଲ୍ଲା ୧୨ ଘଣ୍ଟିଆ ବନ୍ଦ। ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏଭଳି ବନ୍ଦ ଡ଼ାକରା ଦିଆଯାଇଛି। କେନ୍ଦୁଝର ଜିଲ୍ଲାରେ ଅନୁପ୍ରବେଶକାରୀ ବଙ୍ଗାଳୀ ପଠାଣମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏହି ବନ୍ଦ ଡ଼ାକରା ଦିଆଯାଇଛି। ସମସ୍ତ ଅତ୍ୟାବଶ୍ୟକ ସେବାକୁ ଛାଡ଼ି ସରକାରୀ, ବେସରକାରୀ ସ୍କୁଲ୍, କଲେଜ, ଦୋକାନ, ବଜାର ଓ ଯାନବାହାନ ବନ୍ଦ ରହିବ ବୋଲି କହିଛନ୍ତି ବିଶ୍ୱହିନ୍ଦୁ ପରିଷଦର ନେତୃବୃନ୍ଦ। ଏନେଇ ଏକ ସ୍ମାରକପତ୍ର କେନ୍ଦୁଝର ଜିଲ୍ଲାପାଳଙ୍କୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦିଆଯାଇଛି। ଗତ ୧୫ ତାରିଖରେ ବାଂଶପାଳ ବ୍ଲକ ସଦର ଥାନାଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମର ଶିକାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ମାମଲାରେ ଜଣେ ବଙ୍ଗାଳୀ ମୁସଲମାନ ଗିରଫ ହୋଇଛନ୍ତି। କେବଳ ଏତିକି ନୁହେଁ, ବଙ୍ଗାଳୀ ପଠାଣମାନେ ଜିଲ୍ଲାରେ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ହେବା ସହ ଧଳା ଜହର ଆଦି ମାଦକ ଦ୍ରବ୍ୟ ମାଧ୍ୟମରେ ଯୁବପିଢ଼ିଙ୍କୁ ବିପଥଗାମୀ କରୁଥିବା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି।

# ବ୍ରାହ୍ମଣୀ ନଦୀରେ ବୁଡ଼ି ଛାତ୍ର ନିଖୋଜ

**ଭୁବନ, ୧୭।୧୧(ସଂଚାର ବ୍ୟୁରୋ):** ବ୍ରାହ୍ମଣୀ ନଦୀର ହିଙ୍ଗୁଳା ଘାଟରେ ଗାଧୋଇବା ବେଳେ ପାଣିରେ ବୁଡ଼ି ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ର ଜଣକ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୨ ଅନ୍ତର୍ଗତ ଜଗନ୍ନାଥ ମଣ୍ଡପ ନିକଟସ୍ଥ ଦିଲ୍ଲୀପ ପୋଥାଲଙ୍କ ପୁଅ ନରହରି ପୋଥାଲ। ନରହରି ଏକ ନାବାଳକକୁ ବଞ୍ଚାଇବାକୁ ଯାଇ ନିଜେ ଭୁଷା ବାଲିରେ ଖସି ଯାଇଥିଲେ। ଭୁବନ ଅଗ୍ନିଶମବାହିନୀ ଖୋଜାଖୋଜି ଜାରି ରଖିଛନ୍ତି। ନରହରି ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ +୩ କଳାର ଛାତ୍ର ଅଟନ୍ତି। ନରହରି ଦିଲ୍ଲୀପଙ୍କ ଏକ ମାତ୍ର ପୁଅ ଅଟନ୍ତି। ଭୁବନ ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ ନିଖୋଜ ଛାତ୍ରଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରି ଆଶ୍ୱାସନା ଦେବା ସହ ନିଖୋଜ ଛାତ୍ରଙ୍କୁ ଖୋଜିବାକୁ ଓଡ୍ରାଫ ଟିମ ବ୍ୟବସ୍ଥା କରିଥିଲେ। ଗନ୍ଦିଆରୁ ସ୍କୁବା ଡ୍ରାଇଭର ପହଞ୍ଚି ବହୁ ଖୋଜା ଖୋଜି କରି ନିରାଶ ହୋଇ ଫେରିଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ମିଳିଲା ୪୦ ଏକର ଜମି ପଟ୍ଟା

**ଜୟପୁର, ୧୭।୧୧(ସଂଚାର ବ୍ୟୁରୋ):** ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସକୁ ଗ୍ରୀନ ସିଗନାଲ ମିଳିବା ସହ ରଣ୍ଡାପାଲିଠାରେ ଚିହ୍ନଟ ହୋଇଥିବା ୪୦ ଏକର ଜମିର ପଟ୍ଟା ଆଜି ଅତିରିକ୍ତ ତହସିଲଦାର ଅଫିସ ପକ୍ଷରୁ ରେଜିଷ୍ଟ୍ରାର ମହେଶ୍ୱର ନାୟକଙ୍କୁ ପ୍ରଦାନ କରିଛନ୍ତି। ସଦର ବ୍ଲକ ରଣ୍ଡାପାଲି ମୌଜାରେ ୪୦ ଏକର ରାଜସ୍ୱ ବିଭାଗ ଜମି ରହିଥିଲା। ଏହା ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନୂଆ କ୍ୟାମ୍ପସ ପ୍ରତିଷ୍ଠା ଲାଗି ଚିହ୍ନଟ କରାଯାଇଥିଲା। ଗତ ଅଗଷ୍ଟ ୩୦ ତାରିଖରେ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଏହି ଜମି ହସ୍ତାନ୍ତର ବାବଦରେ ଚିଠି କରାଯାଇଥିଲା। ରାଜସ୍ୱ ବିଭାଗ ଅଧୀନରୁ ଏହା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗକୁ ଯାଇଥିଲା। ହସ୍ତାନ୍ତର ବାବଦ ମାମଲା ରେକର୍ଡ ସହ ଆରଏମସି ରିପୋର୍ଟ ଦାଖଲ କରାଯାଇଥିଲା। ଦିଆଯାଇଥିବା ରେକର୍ଡର ଏକକିତା ଲେଖାଏଁ ନକଲ ଜୟପୁର ଉପଜିଲ୍ଲାପାଳ, ତହସିଲଦାର ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ପଠାଯାଇଥିଲା। ବର୍ତ୍ତମାନ ଜମି ବିଶ୍ୱବିଦ୍ୟାଳୟ ନାମରେ ପଞ୍ଜିକରଣ ହେବା ପରେ ନୂଆ କ୍ୟାମ୍ପସ ପ୍ରତିଷ୍ଠା କାମ ଆରମ୍ଭ ହେବ।

# ୨୮ରୁ ସମ୍ବଲପୁର ଜିଲ୍ଲାରେ ଖରିଫ ଧାନ କ୍ରୟ

**ସମ୍ବଲପୁର, ୧୭।୧୧(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲାରେ ଆସନ୍ତା ୨୮ ତାରିଖ ଠାରୁ ଖରିଫ୍ ଋତୁର ଧାନ ସଂଗ୍ରହ ଆରମ୍ଭ ହେବ। ଜିଲ୍ଲାର ୯ଟି ବ୍ଲକ୍‌ର ୧୨୭ଟି ଧାନ କ୍ରୟକେନ୍ଦ୍ରରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ। ପ୍ରତି ଧାନ ସଂଗ୍ରହ ଅବା ମଣ୍ଡିରେ ନୋଡ଼ାଲ ଅଧିକାରୀଙ୍କ ସହିତ ୩୨ ଜଣ ତଦାରଖ ଅଧିକାରୀ ଦାୟିତ୍ୱରେ ରହିବେ ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ସୂଚନା ଦିଆଯାଇଛି। ପ୍ରତି ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ଯାଞ୍ଚ ମିଟର, ୱେ-ବ୍ରିଜ୍, ତାରପୋଲିନ୍, ପ୍ରତୀକ୍ଷା କକ୍ଷ, ପାନୀୟ ଜଳ, ସିସିଟିଭି ପ୍ରଭୃତି ଆନୁଷାଙ୍ଗିକ ବ୍ୟବସ୍ଥା ରହିବ। ମଣ୍ଡିରେ ପଞ୍ଜିକରଣ ପରେ ମୋବାଇଲ ଜରିଆରେ ଧାନ ନେବା ପାଇଁ ଚାଷୀଙ୍କୁ ଜଣାଇ ଦିଆଯିବ। ଚଳିତ ବର୍ଷ ୬୦ ହଜାର ୬୧୪ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ଅଦ୍ୟାବଧି ପଞ୍ଜିକରଣ କରାଇଛନ୍ତି। ବୈଠକରେ ଜିଲ୍ଲାର ବିଧାୟକ ତଥା ମନ୍ତ୍ରୀ ରବିନାରାୟଣ ନାୟକ, ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଜିଲ୍ଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଏଡ଼ିଏମ୍ ଅଶୋକ ଭୋଇ, ସମସ୍ତ ଉପଜିଲ୍ଲାପାଳ, ଯୋଗାଣ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟିର ଅଧିକାରୀମାନେ ଉପସ୍ଥିତ ଥିଲେ। ଚାଷୀମାନଙ୍କ ଉତ୍ପାଦନ ବୃଦ୍ଧି ଦୃଷ୍ଟିରୁ ଧାନ ସଂଗ୍ରହ ପାଇଁ ଭିତିଭୂମି ନିର୍ମାଣ କରାଯାଉଛି ଏବଂ ଧାନ ଭଣ୍ଡାରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

# ଦୁଇଟି ଦେଶୀ ବନ୍ଧୁକ ଓ କାର୍ ସହ ଅପରାଧୀ ଗିରଫ

**ସମ୍ବଲପୁର, ୧୭।୧୧(ସଂଚାର ବ୍ୟୁରୋ):** ସନ୍ଦିଗ୍ଧ ଅବସ୍ଥାରେ ଯାଉଥିବା ଦୁଇଜଣଙ୍କୁ ଅଇଁଠାପାଲି ଥାନା ପୁଲିସ ଯାଞ୍ଚ କରିବା ପରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ପୁଲିସ ଦୁଇଟି ଦେଶୀ ବନ୍ଧୁକ ଓ ମାଗଜିନ୍, ୭ଟି ୭.୬୫ ଏମ୍ଏମ୍ ଜୀବନ୍ତ ଗୁଳି, ଧଳା ରଙ୍ଗର ଇଣ୍ଡିଗୋ ଇସିଏସ୍ କାର୍, ଗୋଟିଏ କରି ୱାନ୍ ପ୍ଲସ୍ ଓ ଭିଭୋ ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତମାନେ ଜବତ ବନ୍ଧୁକ ବର୍ଷକ ପୂର୍ବରୁ ବିହାରରୁ ଆଣିଥିଲେ ବୋଲି ସ୍ୱୀକାର କରିଛନ୍ତି। ଏ ନେଇ ଅଧିକ ତଦନ୍ତ ପାଇଁ ପୁଲିସ ଟିମ୍ ଗଠନ କରାଯାଇଛି ବୋଲି ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ଅତାବିରା ଥାନା ଅଞ୍ଚଳର ରାଜୁ ପ୍ରଧାନ ଏବଂ ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅଞ୍ଚଳର ଶାନ୍ତନୁ ସୁହୁରା ବୋଲି ପୁଲିସ କହିଛି।

● ଦିଲ୍ଲୀ ବିସ୍ଫୋରଣ ପରେ କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ତନାଘନା

# ବାଂଲାଦେଶୀଙ୍କ ଘରେ ବୁଲିଲା ବୁଲଡୋଜର




**ଭୁବନେଶ୍ୱର,୧୭।୧୧(ସଂଚାର ବ୍ୟୁରୋ):** ଦିଲ୍ଲୀ ବିସ୍ଫୋରଣ ପରେ ଓଡ଼ିଶାରେ ଆରମ୍ଭ ହୋଇଛି ତନାଘନା। ଜଗତସିଂହପୁରରେ ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ବସ୍ତିରେ ଚଢ଼ାଉ କରିବା ପରେ ଆଜି ସେମାନଙ୍କ ଘର ଉପରେ ବୁଲିଛି ବୁଲଡୋଜର। ସେପଟେ କେନ୍ଦ୍ରାପଡାରେ ବି ଚେକିଂକୁ ଜୋରଦାର କରିଛି ପୁଲିସ୍। କେନ୍ଦ୍ରାପଡ଼ାରେ ରହୁଥିବା ବାଂଲାଦେଶୀଙ୍କୁ ଯାଞ୍ଚ କରାଯାଉଛି।

ସନ୍ଦିଗ୍ଧ ବାଂଲାଦେଶୀଙ୍କ ଘରୁ ବନ୍ଧୁକ, ଖଣ୍ଡା, କଟୁରି ଜବତ ହୋଇଛି। ଜଗତସିଂହପୁର ଥାନା ଅଧୀନ ତରିକୁନ୍ଦ ଧନୀପୁର ନିକଟ ବେହେରାମପୁର ଅଞ୍ଚଳରେ ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ଘର ଉପରେ ବୁଲଡୋଜର ଚଳାଇଛି ଜିଲ୍ଲା ପ୍ରଶାସନ। ପ୍ରଥମେ ବେହେରାମପୁର ଗୋଚର ଜମିରେ ନିର୍ମାଣ ହେଉଥିବା ୧୦ ବଖରା ଘରକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ପରେ ଧନୀପୁରରେ ବେଆଇନ ଘର କରି ରହୁଥିବା ଏକାଧିକ ଘର ଭାଙ୍ଗି ଦେଇଛି ପ୍ରଶାସନ।

ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ଠିକଣାରେ ଚଢ଼ାଉବେଳେ ସେମାନେ ନିଜକୁ ପଶ୍ଚିମବଙ୍ଗର ଅଧିବାସୀ କହୁଥିଲେ ବି ପରିଚୟପତ୍ର ଦେଖାଇ ପାରିନଥିଲେ। ସନ୍ଦେହରେ ଦୁଇଜଣ ମହିଳାଙ୍କୁ ପୁଲିସ ଗିରଫ କରିଥିଲା। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲମ ସମେତ ୧୦ରୁ ଅଧିକ ପୁରୁଷ ଓ ମହିଳା ଫେରାର ହୋଇଯାଇଥିଲେ। ଉତ୍ତେଜନା ଦେଖାଦେବାରୁ ଅଧିକ ପୁଲିସ ମୁତୟନ ପୁଲିସ ମୁତୟନ କରାଯାଇଥିଲା। ଆଜି ପୁଣି ଧନୀପୁରରେ ଚଢ଼ାଉ କରିଥିଲା ପୁଲିସ୍। ଚଢ଼ାଉ ପରେ ଘର ଭାଙ୍ଗିଥିଲା। ତେବେ ଉଚ୍ଛେଦ ବେଳେ କାନ୍ଦିଥିଲେ ଦୀର୍ଘ ଦିନ ହେବ ରହି ଆସୁଥିବା ବାଂଲାଦେଶୀ। ଜଗତସିଂହପୁରରେ ସନ୍ଦିଗ୍ଧ ବାଂଲାଦେଶୀ ଫେରାର ହେବା ପରେ କେନ୍ଦ୍ରାପଡାରେ ତନାଘନା। ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଆଧାର କାର୍ଡ ଯାଞ୍ଚ କରିଛି ପୁଲିସ୍। ବିଭିନ୍ନ ବସରେ ବି ଯାଞ୍ଚକୁ କଡ଼ାକଡ଼ି କରାଯାଉଛି। କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲାରେ ବେଆଇନ ଭାବେ ହଜାର ହଜାର ବାଂଲାଦେଶୀ ରହୁଛନ୍ତି। କିନ୍ତୁ ସେମାନଙ୍କ ନିକଟରୁ ବନ୍ଧୁକ ଓ ମାରଣାସ୍ତ୍ର ଜବତ ହେବା ପ୍ରଶାସନକୁ ଚିନ୍ତାରେ ପକାଇଛି।

● ୭ ଜଣିଆ ଡକାୟତ ଗ୍ୟାଙ୍ଗ୍ ଗିରଫ

# ୨୫ ଲକ୍ଷର ସୁନାଗହଣା ଜବତ



**କେନ୍ଦ୍ରାପଡ଼ା,୧୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନରେ ଡକାୟତି ଯୋଜନା କରୁଥିବା ୭ଜଣ ଡକାୟତଙ୍କୁ ପୁଲିସ ଗିରଫ କରିଥିବା ବେଳେ ୨ଜଣ ଫେରାର ହୋଇଯାଇଛନ୍ତି। ଏନେଇ କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟାରିଆ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଜଜାଙ୍ଗସ୍ଥିତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଯେ, ଡକାୟତି ଯୋଜନା କରୁଥିବା ବେଳେ ଏହି ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାଧିକାରୀ ୭ଜଣ ଡକାୟତଙ୍କୁ ଗିରଫ କରିଛନ୍ତି। ଗିରଫ ଡକାୟତମାନେ ହେଉଛନ୍ତି ସଞ୍ଜୟ କୁମାର ମଲ୍ଲିକ ଓରଫ ଡାମରା କାଳିଆ, କିରଣ ସେଠୀ ଓରଫ ସିପୁଆ, ମାନସ କୁମାର ନାୟକ, ରଞ୍ଜିତ ମଲ୍ଲ ଓରଫ ବାବୁ, ତ୍ରିଲୋଚନ ସାହୁ ଓରଫ ହାବୁଆ, ସୁବ୍ରତ ମଲ୍ଲିକ ଓରଫ ସାଗର ଓ ବିଶ୍ୱପ୍ରକାଶ ସିଂହ ଓରଫ ବୁବୁ। ଏହି ଗ୍ୟାଙ୍ଗରେ ସାମିଲ ଥିବା ମେଙ୍କ ମଲ୍ଲିକ ଓ ବି ମଲ୍ଲିକ ଘଟଣା ସ୍ଥଳରୁ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଡମରା କାଳିଆ ନାମରେ ୫ଟି ମାମଲା ରହିଥିବା ବେଳେ କିରଣ ସେଠୀ ନାମରେ ୧୧ରୁ ଅଧିକ ମାମଲା ରହିଛି। ସେହିପରି ଅନ୍ୟ ଅପରାଧୀମାନଙ୍କ ନାମରେ ମଧ୍ୟ ବିଭିନ୍ନ ମାମଲା ରହିଛି। ସେମାନଙ୍କ ଠାରୁ ୧୯୨ ଗ୍ରାମ ଓଜନର ସୁନାଗହଣା ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ସେହିପରି ଡକାୟତମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି ସହ ଦୁଇଟି ଲୁହାର ଖଣ୍ଡା, ୩ଟି ବାଇକ, ୭ଟି ମୋବାଇଲ ଫୋନ, ଦୁଇ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ଏକ ଲୁହା ରଡ୍, ଗୋଟିଏ ଛୁରୀ ଜବତ କରାଯାଇଛି। ଏସ୍‌ପି କହିଛନ୍ତି ଗତ ସୋମବାର ରାତି ସାଢେ ୧୧ଟାରେ ଏହି ଡକାୟତମାନେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ମୂଳବସନ୍ତ ଏନ୍‌ସି ହାଇସ୍କୁଲ ପଡିଆରେ ବସି ଡକାୟତି ପାଇଁ ଯୋଜନା କରୁଥିଲେ। ଏ ସଂପର୍କରେ ଏକ ବିଶେଷ ସୂତ୍ରରୁ ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର ଅନ୍ୟ ପୁଲିସ ଅଧିକାରୀ ଓ ପୋଲିସ ଫୋର୍ସଙ୍କ ସହ ସେଠାରେ ଚଢାଉ କରିଥିଲେ। ଚଢାଉ ବେଳେ ୭ଜଣ ଡକାୟତ ଧରାପଡିଥିବା ବେଳେ ୨ ଜଣ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇ ଯାଇଥିଲେ। ପୂର୍ବରୁ ସେମାନେ ଏକାଧିକ ଡକାୟତି ଘଟଣାରେ ସଂପୃକ୍ତ ରହି ଲୋକଙ୍କ ଠାରୁ ସୁନାଗହଣା ଲୁଟ୍ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ସୁନା ୨,୭୧୪ ଓ ରୁପା ୬,୫୨୬ ଟଙ୍କା ଶସ୍ତା



ନୂଆଦିଲ୍ଲୀ ୧୭।୧୧: ସାରା ଦେଶରେ ଏବେ ବିବାହ ଋତୁ। ଏଣୁ ସୁନା ଓ ରୂପା ଦର ଉଚ୍ଚ ରହିବା ସ୍ୱାଭାବିକ। ହେଲେ ସୋମବାର ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଦରରେ ୨,୭୧୪ ଟଙ୍କା ଶସ୍ତା ହୋଇଥିବା ବେଳେ ୧,୨୨,୭୧୪ ଟଙ୍କା ଦରରେ କାରବାର ହେଉଛି। ସେହିପରି ରୂପା କେଜି ପିଛା ଦର ୧,୫୮,୭୫୩ ଟଙ୍କାରେ କିଣିବିକା ହେଉଥିବା ଜଣା ପଡିଛି। ସୋମବାର କାରବାର ଆରମ୍ଭରେ ରୂପା କେଜି ପିଛା ଦର ୬,୫୨୬ ଟଙ୍କା ହ୍ରାସ ହୋଇଥିଲା। ଏହା ପୂର୍ବରୁ ଶୁକ୍ରବାର କାରବାର ବନ୍ଦ ହେବା ବେଳକୁ ରୂପା କେଜି ପିଛା ୧,୬୦,୬୫୬ ଟଙ୍କା ଥିଲା । ସେହିପରି ସୁନା ଦର କାରାବାର ବନ୍ଦ ହେବା ବେଳକୁ ୧୦ ଗ୍ରାମ ପିଛା ୧,୨୫,୪୨୮ ଟଙ୍କାଥିଲା।

ଗତ ଅକ୍ଟୋବର ମାସ ୧୭ ତାରିଖରେ ସୁନା ସର୍ବକାଳୀନ ଉଚ୍ଚତମ ସ୍ତରକୁ ଛୁଇଁଥିଲା। ସେବେ ଠାରୁ ଏ ପର୍ଯ୍ୟନ୍ତ ସୁନା ୮,୧୬୦ ଟଙ୍କା ଶସ୍ତା ହେଲାଣି। ସେହିପରି ରୂପା ଅକ୍ଟୋବର ୧୪ ତାରିଖ ଦିନ ସର୍ବକାଳୀନ ଉଚ୍ଚତମ ସ୍ତରରୁ ଏପର୍ଯ୍ୟନ୍ତ ୨୩,୯୭୦ ଟଙ୍କା ଶସ୍ତା ହୋଇଛି। ଇଣ୍ଡିଆନ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ଦିନରେ ଦୁଇ ଥର ସୁନା ରୂପା ଦର ସୁଧାର କରିଥାଏ। ପ୍ରଥମ ସୁଧାର ମଧ୍ୟାହ୍ନ ୧୨ଟା ବେଳେ ଜାରି ହେଉଥିବା ବେଳେ ଦ୍ୱିତୀୟ ସୁଧାର ଅପରାହ୍ନ ୫ଟା ବେଳେ ହୁଏ।

ଏହି ସୁଧାର ଅନୁସାରେ ସୋମବାର ୨୩ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୨,୭୦୩ ଟଙ୍କା ଶସ୍ତା ହୋଇ ୧,୨୨, ୨୨୩ଟଙ୍କାରେ କାରବାର ହେଉଛି। ଜିଏସଟି ସହିତ ୧୦ଗ୍ରାମ ପିଛା ମୂଲ୍ୟ ୧,୨୫,୮୮୯ ଟଙ୍କାରେ କାରବାର ହେଉଛି। ମୂଲ୍ୟ ହ୍ରାସରେ ୨୨ କ୍ୟାରେଟ ସୁନା ଦର ମଧ୍ୟ ହ୍ରାସ ହୋଇଛି। ପ୍ରତି ୧୦ ଗ୍ରାମ ୨,୪୮୬ ଟଙ୍କା ହ୍ରାସ ହୋଇଥିବା ବେଳେ ୧,୧୨,୪୦୬ ଟଙ୍କାରେ କାରବାର ହେଉଛି। ସେହିପରି ୧୮ କ୍ୟାରେଟ ସୁନା ଦର ୨,୦୩୫ ଟଙ୍କା ଶସ୍ତା ହୋଇଛି। ଚଳିତବର୍ଷ ସୁନା ୧୦ ଗ୍ରାମ ପିଛା ୪୬,୯୭୪ ଟଙ୍କା ମହଙ୍ଗା ହୋଇଛି। ସେହିପରି ରୂପା କେଜି ପିଛା ୬୮,୧୧୩ ଟଙ୍କା ବଢ଼ିଛି।

## ଆଜିର ସୁନା ଦର



ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୪,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୫୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୪,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୫୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୪,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୮୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫, ୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୪,୯୭୦ ଓ ୧,୧୪,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୬୭,୦୦୦ ଟଙ୍କା ହୋଇଛି।

# ଏଲନ ମସ୍କଙ୍କ ଷ୍ଟାର୍‌ଲିଙ୍କଙ୍କୁ ଟକ୍କର ଦେବ ଆମାଜନ ଲିଓ

ନୂଆଦିଲ୍ଲୀ, ୧୭।୧୧:ଏଲନ ମସ୍କଙ୍କର ସାଟେଲାଇଟ୍ ଇଣ୍ଟରନେଟ୍ ସର୍ଭିସ୍ ଷ୍ଟାର୍‌ଲିଙ୍କଙ୍କୁ ଟକ୍କର ଦେବାକୁ ଆସିଲା ଆମାଜନ ଲିଓ(ଆମାଜନ ଲିଓ)। କମ୍ପାନୀ ପୂର୍ବରୁ ଏହି ପ୍ରୋଜେକ୍ଟର ନାଁ ପ୍ରୋଜେକ୍ଟ କୁଇପର ରଖିଥିଲା। ହେଲେ ପରବର୍ତ୍ତି ସମୟରେ ଏହାର ନାଁ ବଦଳାଇ ଆମାଜାନ ଲିଓ ରଖିଛି। ଆମାଜନ ଲିଓ ଦ୍ୱାରା କମ୍ପାନୀ ଠିକ୍ ଭାବରେ ଇଣ୍ଟରନେଟ୍ ପାଉ ନଥିବା ଉପାନ୍ତ ଅଞ୍ଚଳରେ ହାଇ-ସ୍ପିଡ୍ ସାଟେଲାଇଟ୍ ଇଣ୍ଟରନେଟ୍ ଯୋଗାଇବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ପୃଥିବୀର ନିମ୍ନ କକ୍ଷପଥରେ ହଜାର ହଜାର ଉପଗ୍ରହ ଛାଡ଼ିଛି। ଏହାରି ମାଧ୍ୟମରେ ଆମାଜନ କୋଟି କୋଟି ଲୋକ ଏବଂ ପାରମ୍ପରିକ ନେଟୱାର୍କରୁ ବଞ୍ଚିତ ଲକ୍ଷ ଲକ୍ଷ ବ୍ୟବସାୟଙ୍କୁ ସାଟେଲାଇଟ ଇଣ୍ଟରନେଟ୍ ଯୋଗାଇବାକୁ ଲକ୍ଷ୍ୟ ରଖିଛି। ଅନେକ ପାହାଡ଼ିଆ ନଦନଦୀ ଅଞ୍ଚଳରେ କେବୁଲ ମାଧ୍ୟମରେ ଇଣ୍ଟରନେଟ୍ ଯୋଗାଇବା ସମ୍ଭବପର ହୋଇ ନଥାଏ, ଓ ଏହା ମହଙ୍ଗା ହୋଇଥାଏ। ତେଣୁ ସେହିସବୁ ଅଞ୍ଚଳଗୁଡ଼ିକରେ ସାଟେଲାଇଟ୍ ମାଧ୍ୟମରେ ଇଣ୍ଟରନେଟ୍ ସେବା ପ୍ରଦାନ କରାଯିବ। ଏହି ସିଷ୍ଟମଟି ଅଧିକାଂଶ ଦେଶକୁ କଭର କରିବ ସହ ଦୂରଦୂରାନ୍ତ, ଗ୍ରାମାଞ୍ଚଳ ସ୍ଥାନକୁ କଭର କରିବା ଭଳି ଡିଜାଇନ୍ କରାଯାଇଛି। ଆମାଜନର ଏହି ପ୍ରକଳ୍ପ ଏଲୋନ ମସ୍କଙ୍କ ଷ୍ଟାରଲିଙ୍କଙ୍କୁ ସିଧା ଟକ୍କର ଦେବ। ମସ୍କର ଏହି ଷ୍ଟାର ଲିଙ୍କ୍ ସ୍ପେସଏକ୍ସ ଦ୍ୱାରା ଯୋଗାଇ ଦିଆଯାଇଥିବା ଏକ ସାଟେଲାଇଟ୍ ଇଣ୍ଟରନେଟ୍ ସୁବିଧା। ଯାହା ବିଶ୍ୱ ସ୍ତରରେ ହାଇ-ସ୍ପିଡ୍ ଇଣ୍ଟରନେଟ୍ ପ୍ରଦାନ କରିବା ପାଇଁ ପୃଥିବୀର ନିମ୍ନ କକ୍ଷ ପଥରେ ଥିବା ହଜାର ହଜାର ଉପଗ୍ରହକୁ ବ୍ୟବହାର କରିଥାଏ। ଏହା ମଧ୍ୟ ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସେବା ଯୋଗାଇବ। ଏହାଦ୍ୱାରା ଷ୍ଟ୍ରିମିଂ, ଅନଲାଇନ ଗେମିଂ ଏବଂ ଭିଡିଓ କଲ କରି ହେବ। ଆମାଜନ ଲିଓର ପୂର୍ବ ନାମ କମ୍ପାନୀ ପ୍ରୋଜେକ୍ଟ କୁଇପର ରଖିଥିଲା। ନେପଚୁନ ଗ୍ରହ ଚାରିପାଖରେ ଥିବା ଏକ ଧଳା ଗ୍ରହାଣୁ ବଳୟ ଯାହାକୁ କୁଇପର ବେଲ୍ଟ ବୋଲି କୁହାଯାଏ। ଏହିଠାରୁ ଏହି ନାଁ ନେଇଥିଲା କମ୍ପାନୀ। କାରଣ ପୃଥିବୀର ନିମ୍ନ କକ୍ଷପଥରେ ୧୨୦୦ ମାଇଲ ଦୂର(୨ହଜାର କିଲୋମିଟର)ରେ ଆମାଜନର




୧୫୩ ଉପଗ୍ରହ କାର୍ଯ୍ୟ କରୁଛି। ଯାହା ଠିକ୍ କ୍ୱିପର ବେଲ୍ଟ ବୋଲି ଦେଖାଯାଉଛି ବୋଲି କମ୍ପାନୀ ବିଚାର କରୁଛି। ଏହାରି ମାଧ୍ୟମରେ ଆମାଜନ ସାଟେଲାଇଟ ଇଣ୍ଟରନେଟ୍ ସେବା ଯୋଗାଇ ଦେବ। ଆମାଜନ ଲିଓର ୱାଶିଂଟନର ରେଡମଣ୍ଡରେ ଥିବା ମୁଖ୍ୟାଳୟ ନିକଟବର୍ତ୍ତୀ କିର୍କଲ୍ୟାଣ୍ଡରେ ଏକ ସାଟେଲାଇଟ୍ ଉତ୍ପାଦନ ସୁବିଧା ରହିଛି। ଯେଉଁଠିରେ କମ୍ପାନୀ ପ୍ରତିଦିନ ପାଞ୍ଚଟି ପର୍ଯ୍ୟନ୍ତ ସାଟେଲାଇଟ୍ ନିର୍ମାଣ କରିପାରିବ। ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରରେ ଥିବା ସାଟେଲାଇଟ୍ ପ୍ରୋସେସିଂ ସେଣ୍ଟରରେ ସାଟେଲାଇଟ୍ ଲଞ୍ଚ କରିବାର କ୍ଷମତା ରହିଛି। ଯେଉଁଠି କମ୍ପାନୀ ବିଭିନ୍ନ ପାର୍ଟନର୍ସ ଯଥା- ବ୍ଲୁ ଅରିଜିନ୍, ସ୍ପେସ୍‌ଏକ୍ସ ଏବଂ ୟୁନାଇଟେଡ୍ ଲଞ୍ଚ ଆଲାଏନ୍ସ ସହ ମିଶି ଲଞ୍ଚ କରିପାରିବ।

ଏହି ସିଷ୍ଟମ ତିନୋଟି ମୁଖ୍ୟ ଉପାଦାନ ଉପରେ ନିର୍ମିତ- ଭୂମିଗତ ଭିତ୍ତିଭୂମି(ଇନଫ୍ରାଷ୍ଟ୍ରକ୍ଚର), ସାଟେଲାଇଟ୍ ଏବଂ କଷ୍ଟମର ଟର୍ମିନାଲ। ଗ୍ରାଉଣ୍ଡ୍ କଷ୍ଟମର ଷ୍ଟେସନଗୁଡ଼ିକରେ ସୁରକ୍ଷିତ ତଥ୍ୟ ପ୍ରସାରଣ ପାଇଁ ଗେଟୱେ ଆଣ୍ଟେନା ଏବଂ ଉପଗ୍ରହ ସ୍ଥିତି ଉପରେ ନଜର ରଖୁଥିବା ଟିଟିଆଣ୍ଡସି ଆଣ୍ଟେନା ଏହି ସିଷ୍ଟମରେ କାମ କରିଥାଏ। ଏହି ସିଷ୍ଟମର ସାଟେଲାଇଟ୍‌ଗୁଡ଼ିକୁ ଉପଭୋକ୍ତା ଏବଂ ଗେଟୱେ ମଧ୍ୟରେ ନିମ୍ନ ପୃଥିବୀ କକ୍ଷପଥ ରିଲେରେ ରଖାଯାଇଛି। ତେବେ କଷ୍ଟମର ଟର୍ମିନାଲ୍‌ଗୁଡ଼ିକ ଯଥା- ଲିଓ ନାନୋ, ପ୍ରୋ ଏବଂ ଅଲ୍ଟ୍ରା, ଆବଶ୍ୟକତା ଅନୁଯାୟୀ ଇଣ୍ଟରନେଟ୍ ଆକ୍ସେସ୍ ପ୍ରଦାନ କରିବ। ଆମାଜନ ପୃଥିବୀ ଉପରେ ୫୯୦-୬୩୦ କିଲୋମିଟର ଉପରେ କାର୍ଯ୍ୟ କରୁଥିବା ୩,୦୦୦ ରୁ ଅଧିକ ଉପଗ୍ରହ ନିୟୋଜନ କରିବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ୮୦ ରୁ ଅଧିକ ଉତ୍‌କ୍ଷେପଣ ବୁକ୍ କରିଛି, ଯାହା ଏପର୍ଯ୍ୟନ୍ତ ସର୍ବବୃହତ ବାଣିଜ୍ୟିକ ଉତ୍‌କ୍ଷେପଣ କୁହାଯାଉଛି। ସାଇଟେଲାଇଟ ଇଣ୍ଟରନେଟ୍ରେ ୟୁଜର୍ ଟର୍ମିନାଲଗୁଡ଼ିକ ୧୦୦ ଏମବିପିଏସ (ନାନୋ), ୪୦୦ ଏମବିପିଏସ (ପ୍ରୋ), ଏବଂ ୧ ଜିବିପିଏସ (ଅଲ୍ଟ୍ରା) ପର୍ଯ୍ୟନ୍ତ ସ୍ପିଡ୍ ପ୍ରଦାନ କରିବ। ୨୦୨୫ ଶେଷ ସୁଦ୍ଧା ଏଣ୍ଟରପ୍ରାଇଜ୍ ସେବା ପ୍ରଚଳନ ହେବ। ଏବଂ ୨୦୨୬ ମସିହାରେ ବ୍ୟାପକ ଉପଲବ୍ଧତା ସହିତ କଭରେଜ୍ ବିସ୍ତାର କରିବ ବୋଲି ଆମାଜନ ଲିଓ ଟାର୍ଗେଟ୍ ରଖିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।



# ମସ୍କୋରେ ଭାରତ-ଇଏଇୟୁ ଏଫ୍‌ଟିଏ ଆଲୋଚନା

ନୂଆଦିଲ୍ଲୀ, ୧୬/୧୧: ଭାରତ-ୟୁରେସିଆନ୍ ଅର୍ଥନୈତିକ ସଂଘ (ଇଏଇୟୁ) ମୁକ୍ତ ବାଣିଜ୍ୟ ରାଜିନାମା(ଏଫ୍‌ଟିଏ) ନେଇ ମସ୍କୋରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଭାରତର ଏମ୍‌ଏସ୍‌ଏମ୍‌ଇ, ଚାଷୀ ଓ ମତ୍ସ୍ୟ ଚାଷୀଙ୍କ ପାଇଁ ବଜାରକୁ ଅଧିକ ଖୋଲା କରିବାକୁ ନୂଆଦିଲ୍ଲୀ ପକ୍ଷରୁ ରୁଷକୁ କୁହାଯାଇଛି। ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ମସ୍କୋରେ ଏନେଇ ଆଲୋଚନା କରିଛନ୍ତି। ଭାରତ-ଇଏଇୟୁ ଏଫ୍‌ଟିଏକୁ ତ୍ୱରାନ୍ୱିତ କରିବା ଉପରେ ଭାରତ ଜୋର୍ ଦେଇଛି। ବଜାର ସୁବିଧା ପାଇବା କ୍ଷେତ୍ରରେ ରହିଥିବା ଅସୁବିଧା(ବିଶେଷକରି କୃଷି ଓ ସାମୁଦ୍ରିକ ଖାଦ୍ୟ ରାପ୍ତାନି କ୍ଷେତ୍ରରେ)କୁ ଦୂର କରିବା ପାଇଁ ଦୁଇ ଦେଶର ନିୟାମକ ସଂସ୍ଥାଗୁଡ଼ିକ ମଧ୍ୟରେ ପ୍ରତି ୩ ମାସରେ ଥରେ ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

ଶ୍ରୀ ଅଗ୍ରୱାଲ ମସ୍କୋରେ ରୁଷର ୟୁରେସିଆ ଅର୍ଥନୈତିକ କମିସନର ଆଣ୍ଡ୍ରେ ସ୍ଲେପେନେଭ, ଶିଳ୍ପ ଓ ବାଣିଜ୍ୟ ଉପମନ୍ତ୍ରୀ ମିଖାଇଲ ୟୁରିନଙ୍କ ସହ କଥାବାର୍ତ୍ତା କରିଛନ୍ତି। ସେ ରୁଷର ବ୍ୟବସାୟ ଓ ଶିଳ୍ପ ପ୍ରତିନିଧିଙ୍କୁ ମଧ୍ୟ ସମ୍ବୋଧିତ କରିଛନ୍ତି। ବାଣିଜ୍ୟ ଓ ଅର୍ଥନୈତିକ ସହଯୋଗିତା ସଂପର୍କରେ ଗଠିତ ଭାରତ ଓ ରୁଷ କାର୍ଯ୍ୟାନ୍ୱୟନ ଗୋଷ୍ଠୀର ସଫଳତା ଆଧାରରେ ଦୁଇ ଦେଶ ମଧ୍ୟରେ ଆଲୋଚନା ବ୍ୟାପକ



### ପ୍ରତି ୩ମାସରେ ବୈଠକ ପାଇଁ ନିଷ୍ପତ୍ତି

ହୋଇଛି। ବ୍ୟବସାୟରେ ବିବିଧତା ଆଣିବା, ଯୋଗାଣ ଶୃଙ୍ଖଳ ଦୃଢ଼ କରିବା, ନିୟାମକ ବ୍ୟବସ୍ଥାରୁ ଅନିଶ୍ଚିତତା ଦୂର କରିବା ଓ ସନ୍ତୁଳିତ ଅଭିବୃଦ୍ଧି ଉପରେ ଆଲୋଚନା ପର୍ଯ୍ୟବସିତ ଥିଲା।

ଶିଳ୍ପ ଓ ପ୍ରଯୁକ୍ତି ସହଯୋଗିତା ଜରିଆରେ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ୧୦୦ ବିଲିଅନ ଡଲାରରେ ପହଞ୍ଚାଇବାକୁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। ଆଲୋଚନାରେ ନିବେଶ ଓ ସେବା କ୍ଷେତ୍ରରେ ସହଯୋଗିତା ବଢ଼ାଇବା ଉପରେ ଧ୍ୟାନ ଦିଆଯାଉଛି। ଔଷଧ, ଟେଲିକମ ଉପକରଣ, ମେସିନ, ଚମଡ଼ା ସାମଗ୍ରୀ, ଅଟୋମୋବାଇଲ ଓ ରସାୟନ କାରବାର ବଢ଼ାଇବାକୁ ମଧ୍ୟ ଉଭୟ ଦେଶ ଭିତରେ ଆଲୋଚନା ହୋଇଛି। ସାର୍ଟିଫିକେସନ ଓ ଅନ୍ୟାନ୍ୟ ନିୟାମକ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ପାଇଁ ନିୟମକ ସଂସ୍ଥାଗୁଡ଼ିକ ସ୍ତରରେ ମଧ୍ୟ ଆଲୋଚନା ଚାଲିଛି। ଆଲୋଚନାରେ ଲଜିଷ୍ଟିକସ, ପେମେଣ୍ଟ ଓ ମାନକକୁ ମଧ୍ୟ ଯୋଡ଼ାଯାଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ରଖାଯାଇଥିବା ଲକ୍ଷ୍ୟରେ ରୁଷକୁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀର ମାନ୍ୟତା ଦିଆଯାଇଛି। ଏମିତିରେ ଭାରତ ରୁଷ ଠାରୁ ଅଶୋଧିତ ତୈଳ ଓ ସାମରିକ ସାମଗ୍ରୀ ବିପୁଳ ପରିମାଣରେ କିଣୁଛି। ଏକ ରାଜିନାମା ଜରିଆରେ ସେହି ସହଯୋଗିତାକୁ ଆହୁରି ଦୃଢ଼ କରିବାକୁ ସରକାର ଉଦ୍ୟମ କରୁଛନ୍ତି।

## ବିଏସ୍‌ଏନ୍‌ଏଲ୍ ସିଲଭର୍ ଜୁବଲି ପ୍ଲାନ୍




ନୂଆଦିଲ୍ଲୀ, ୧୭।୧୧: ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ସିଲଭର୍ ଜୁବଲି ନାମରେ ଏକ ନୂଆ ପ୍ରିପେଡ୍ ପ୍ଲାନ ଗ୍ରାହକଙ୍କ ପାଇଁ ଆଣିଛି। ମୋବାଇଲ ଫୋନ ବ୍ୟବହାରକାରୀମାନେ ୨୨୫ ଟଙ୍କାରେ ଏହି ପ୍ଲାନକୁ କିଣିପାରିବେ। ଏହାର ଭାଲିଡିଟି ବା ବୈଧତା ୩୦ ଦିନ ରହିବ। ୩୦ ଦିନ ପାଇଁ ଅସୀମିତ କଲିଂ ସୁବିଧା ସହିତ ଦୈନିକ ୨.୫ ଜିବି ଡାଟା ଏବଂ ୧୦୦ ଏସ୍‌ଏମ୍‌ଏସ୍ ମାଗଣା ପ୍ରେରଣର ଲାଭ ମିଳିବ। ଏଥିସହିତ ଦୈନିକ ଡାଟା ଶେଷ ହେବା ପରେ ୪୦ କେବିପିଏସ୍ ସ୍ପିଡ୍‌ରେ ଡାଟା ବ୍ୟବହାର କରିବାର ସୁବିଧା ମିଳିବ।

# ଡିସେମ୍ବର ସୁଦ୍ଧା ଚିଲି ସହ ବାଣିଜ୍ୟ ରାଜିନାମା

ନୂଆଦିଲ୍ଲୀ, ୧୭।୧୧: ଆସନ୍ତା ଡିସେମ୍ବର ସୁଦ୍ଧା ଚିଲି ସହ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହେବା ସମ୍ଭାବନା ରହିଛି। ଏହା ଭାରତକୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ହାସଲ କରିବାରେ ସହାୟକ ହେବ। ସେଗୁଡ଼ିକ ଅଟୋମୋବାଇଲ୍‌ଠାରୁ ଆରମ୍ଭ କରି ଇଲେକଟ୍ରୋନିକ୍ସ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରର ଉପକରଣରେ ବ୍ୟବହାର କରାଯାଉଛି। ସାଣ୍ଟିଆଗୋରେ ଭାରତ ଓ ଚିଲି ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ଚାରି ଦିନ ଧରି ଆଲୋଚନା ହୋଇଥିଲା।

## କ୍ରିଟିକାଲ ମିନେରାଲ ଉପରେ ନଜର

୨୦୦୬ରେ ଭାରତ ଓ ଚିଲି ମଧ୍ୟରେ ଏକ ଅଗ୍ରାଧିକାର ବାଣିଜ୍ୟ ବୁଝାମଣା ହୋଇଥିଲା। ଏହା ପରଠାରୁ ଦୁଇ ରାଷ୍ଟ୍ର ମଧ୍ୟରେ ସହଯୋଗିତା ବେଶ ଦୃଢ଼ ହୋଇପାରିଛି। ଉଭୟ ରାଷ୍ଟ୍ର ଏହି ସମ୍ପର୍କକୁ ଆହୁରି ମଜଭୁତ କରି ଏକ ବ୍ୟାପକ ଅର୍ଥନୈତିକ ସହଯୋଗିତାରେ ପରିଣତ କରିବାକୁ ଚାହୁଁଛନ୍ତି। ଏହି ରାଜିନାମାରେ ଡିଜିଟାଲ ସେବା, କ୍ରିଟିକାଲ ମିନେରାଲ, ନିବେଶର ପ୍ରସାର ଓ ସହଯୋଗିତା ଏବଂ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଉପରେ ଗୁରୁତ୍ୱାରୋପ କରାଯାଉଛି। ଚିଲିରୁ ଭାରତ ମୁଖ୍ୟତଃ ଖଣିଜ ପଦାର୍ଥ, ତମ୍ବା ଓ ରାସାୟନିକ ସାମଗ୍ରୀ ମଗାଉଛି। ସେହିପରି ଚିଲିକୁ ଭାରତ ଅଟୋମୋବାଇଲ ଉପକରଣ ଓ ଔଷଧ ପଠାଉଛି। ଏହାବ୍ୟତୀତ ଭାରତ ଲୁହା ଓ ଇସ୍ପାତ, ରେଡିମେଡ୍ ପୋଷାକ, କପା, ରବର, ଇଲେକ୍ଟ୍ରିକ ଉପକରଣ, ମେସିନ ଓ ଆଲୁମିନିୟମ ଆଦି ପଠାଉଛି। ଲାଟିନ ଆମେରିକୀୟ ଅଞ୍ଚଳରେ ଚିଲି ହେଉଛି ଭାରତର ପଞ୍ଚମ ବୃହତ୍ ବାଣିଜ୍ୟ ସହଯୋଗୀ।

# ଡ୍ରୋନ୍ ନିର୍ମାତା କମ୍ପାନୀକୁ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ମିଳିଲା ୧୦୨ କୋଟି ଟଙ୍କାର କାମ

ନୂଆଦିଲ୍ଲୀ, ୧୭।୧୧: ଡ୍ରୋନ୍ ନିର୍ମାଣକାରୀ କମ୍ପାନୀ ଆଇଡିଆଫୋର୍ଜ ଟେକ୍ନୋଲୋଜି ଲିମିଟେଡ୍‌କୁ ଏକ ବଡ଼ ୱାର୍କ ଅର୍ଡର ମିଳିଛି। କମ୍ପାନୀକୁ ଏହି ଦୁଇଟି ବଡ଼ ଅର୍ଡର ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଛି। ଏହି ସୂଚନା ସାମ୍ନାକୁ ଆସିବା ପରେ ଏବେ ଡ୍ରୋନ୍ ନିର୍ମାଣ କରୁଥିବା ଏହି କମ୍ପାନୀର ସେୟାର ସୋମବାର ସେୟାର ବଜାରରେ ଫୋକସରେ ରହିବ। ଏକ୍ସଚେଞ୍ଜକୁ ଦେଇଥିବା ସୂଚନାରେ ଆଇଡିଆଫୋର୍ଜ ଟେକ୍ନୋଲଜି ଲିମିଟେଡ୍ ଏକ୍ସଚେଞ୍ଜକୁ କହିଛି ଯେ, ଦୁଇଟି ଅଲଗା ଅଲଗା ଅର୍ଡର ଡିଫେନ୍ସ ମିନିଷ୍ଟ୍ରୀରୁ ମିଳିଛି। କମ୍ପାନୀକୁ ଏକ ଅର୍ଡର ୭୫ କୋଟି ଟଙ୍କାର ମିଳିଛି।

ଗୋଟିଏ ଅର୍ଡର ୭୫ କୋଟି ଟଙ୍କା। କମ୍ପାନୀକୁ ଏହି ଅର୍ଡର ଅନୁସାରେ ଏଏଫଡିଏସ୍/ ଟେକ୍ଟିକାଲ କ୍ଲାସ୍ ୟୁଏଭିଏସ୍ ସହ ଆନୁଷଙ୍ଗିକ ସାମଗ୍ରୀ ଯୋଗାଇବାକୁ ପଡ଼ିବ। ଅର୍ଡରର ମୂଲ୍ୟ ୭୫ କୋଟି ଟଙ୍କା। କମ୍ପାନୀକୁ ୧୨ମାସରେ ଆର୍ଡର ପୂରା କରିବାକୁ ଅଛି। ଦ୍ୱିତୀୟ ୱାର୍କ ଅର୍ଡରର ମୂଲ୍ୟ ୩୨ କୋଟି ଟଙ୍କା। ଏହି ୱାର୍କ ଅର୍ଡର ଅନୁସାରେ ହାଇବ୍ରିଡ୍ ୟୁଏଭିଏସ୍ ଆକ୍ସେସରିଜର ସପ୍ଲାଇ କରିବାକୁ ହେବ। ଏହି ଅର୍ଡର ମଧ୍ୟ କମ୍ପାନୀ ଡିଫେନ୍ସ ମିନିଷ୍ଟ୍ରୀରୁ ମିଳିଛି। କମ୍ପାନୀକୁ ଏହା ଦ୍ୱିତୀୟ ୱାର୍କ ଅର୍ଡରର ମୂଲ୍ୟ ୩୨ କୋଟି ଟଙ୍କାର। ଏକ୍ସଚେଞ୍ଜକୁ ଦିଆଯାଇ ଥିବା ସୂଚନାରେ ଆଇଡିଆଫୋର୍ଜ ଟେକ୍ନୋଲଜି ଲିମିଟେଡ୍ କହିଛି ଯେ, ତାଙ୍କର ନେଟ୍ ପ୍ରଫିଟ୍ ବାର୍ଷିକ ଆଧାରରେ ୪୧.୩୦ ପ୍ରତିଶତ ବଢ଼ିଛି। ସେପ୍ଟେମ୍ବର ତ୍ରୟ ମାସିକରେ ଡ୍ରୋନ୍ ନିର୍ମାତାଙ୍କ ଷ୍ଟକ୍ ୧୯.୫୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ସମାନ ତ୍ରୟ ମାସିକରେ ୧୩୮ ନିୟୁତ ନେଟ୍ ଲାଭ ଥିଲା। ଜୁଲାଇରୁ ସେପ୍ଟେମ୍ବର ତ୍ରୟମାସିକ ବେଳେ କମ୍ପାନୀର ରେଭନ୍ୟୁ ୪୦.୮୦ କୋଟି ଟଙ୍କା ରହି ଥିଲା। ବାର୍ଷିକ ଆଧାରରେ କମ୍ପାନୀର ରେଭନ୍ୟୁରେ ୧୦ପ୍ରତିଶତର ବୃଦ୍ଧି ହୋଇଛି।



# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



ବରଗଡ଼,୧୭।୧୧ (ସଂଚାର ବ୍ୟୁରୋ): ଭେଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ ଏବଂ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ଉପସ୍ଥିତ ରହି ଲୋକଙ୍କର ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ କି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୯୭ ଗୋଟି ଅଭିଯୋଗ ମଧ୍ୟରୁ ୭୭ ଗୋଟି ବ୍ୟକ୍ତିଗତ, ୨୦ ଗୋଟି ସାମୁହିକ ଅଭିଯୋଗ, ସେଥି ମଧ୍ୟରୁ ୨ ଗୋଟି ଅଭିଯୋଗର ତତକ୍ଷଣାତ ଶୁଣାଣି କରି ତଥା ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମସ୍ୟା ର ସମାଧାନ କରି ଅନ୍ୟ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଭୁଶୁଡ଼ିଯିବ ଐତିହାସିକ ଝୁଲା ପୋଲ

- ୧୦୦ ବର୍ଷରେ ପହଞ୍ଚିଲାଣି ଆୟୁଷ
- ସୁରକ୍ଷା ପ୍ରତି ଦୃଷ୍ଟି ଦେଉନି ପ୍ରଶାସନ
- ଲାଗିଲାଣି କଳଙ୍କ ହେଲାଣି ଗର୍ତ୍ତ
- ଦୈନିକ ହଜାର ହଜାର ଯାନବାହାନର ବୋଝ ବହି ହୋଇଗଲାଣି ଦୁର୍ବଳ
- ସୁରକ୍ଷା ପାଇଁ ଦାନା ବାନ୍ଧିଲାଣି ଆନ୍ଦୋଳନ

ବୈପାରୀଗୁଡ଼ା,୧୭।୧୧ (ସଂଚାର ବ୍ୟୁରୋ): ଜରାଜୀର୍ଣ୍ଣ ଅବସ୍ଥାରେ ବ୍ରିଟିଶ ଅମଳ ଝୁଲାପୋଲ। ଜୟପୁର ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥ ଜୟପୁର ଠାରୁ ମାତ୍ର ୧୨ କିମି ଦୂର କୋଲାବ ନଦୀ କୂଳରେ ବ୍ରିଟିଶ ସରକାର ତିଆରି କରିଥିଲେ ଲୁହା ଛଡ଼ ରେ ଏକ ଝୁଲା ପୋଲ। ସୂଚନା ଫଳକରେ ଏହା ୧୯୩୧ ମସିହା ରେ ନିର୍ମିତ ହୋଇଥିବା ଉଲ୍ଲେଖ ରହିଛି ଏବଂ ଏହି ପୋଲ ର କ୍ଷମତା ୧୦ ଟନ। ଏହି ରାସ୍ତା ଦେଇ ପ୍ରତିଦିନ ଲମତାପୁଟ, ବୈପାରୀଗୁଡ଼ା ସହ ମାଲକାନଗିରି ଏବଂ ପୋଡସି ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ରାଜ୍ୟ କୁ ହଜାର ହଜାର ଯାତ୍ରୀ ବାହି ଏବଂ ଟ୍ରକ ଯାତାୟାତ କରୁଛି। ଏହା ସହ ବଡ଼ ଅଫିସର ଠୁ ଆରମ୍ଭ କରି ନେତା ମନ୍ତ୍ରୀ ଏହି ବାଟ ଦେଇ ଏହି ପୋଲ ଉପର ଦେଇ ଯାତାୟାତ କରନ୍ତି। ଏହି ପୋଲ ର ମହତ୍ତ୍ୱ ଏତେ ଯେ ପୋଲ ଭୁଶୁଡ଼ି ଗଲେ ଯାତାୟାତ ପାଇଁ ଅନ୍ୟ କୌଣସି



ସାଧନା ନାହିଁ ସର୍ମଣି ରୂପେ ଯାତାୟାତ ଠପ ହୋଇଯିବ। ଏହା ସହ ଏହି ପୋଲ ର ନିର୍ମାଣ କାରିଗରି କୌଶଳ ଏତେ ସୁନ୍ଦର ଯିଏ ବାଟ ଦେଇ ଯିଏ ବି ଯାଏ ଟିକେ ଅଟକି ଫୋଟ ଟିଏ ନିଏ। ପୋଲ ତଳେ କୌଣସି ପିଲର ନାହିଁ ତେଣୁ ଏହାକୁ ଝୁଲା ପୋଲ କୁହାଯାଏ। କଲିକତା ର ହାୱଡ଼ା ପୋଲ ର ଅବିକଳ। ପୋଲ ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା ବେଳେ ପୋଲ ଉପରେ ଦିନ କୁ ଦିନ ଚାପ ବଢ଼ିବାରେ ଲାଗିଛି। ଯାନବାହାନ ବୃଦ୍ଧି ପାଉଥିବାରୁ ଦୁର୍ବଳ ପୋଲ ଉପରେ ଜୋର ପଡୁଛି। ଲୁହା ପୋଲ ହୋଇଥିବାରୁ କିଛି ଦୁର୍ବୃତ ଲୁହା କାଟି ନେଇ ଯାଉଛନ୍ତି। ଏହା ସହ ପୋଲ ର ରକ୍ଷଣ ବେକ୍ଷଣ ଅଭାବ ରୁ ପୋଲ ରେ କଳଙ୍କ ଲାଗିବା ଆରମ୍ଭ ହେବା ସହ ପୋଲ ଦୋହଲୁଛି କେତେବେଳେ ଯେ ପୋଲ ଭୁଶୁଡ଼ିପଡ଼ିବ ସମ୍ଭାବନା ରହିଛି। ତେଣୁ ପ୍ରଶାସନ ମଧ୍ୟ ପୋଲ ର ଦୁର୍ବଳତା ଉପଲବ୍ଧ କରି ନୂତନ ପୋଲ ନିର୍ମାଣ ପାଇଁ ବର୍ଷେ ତଳେ ଟେଣ୍ଡର କରିଥିଲେ ଏବଂ ଟେଣ୍ଡର ବାତିଲ ହେବାରୁ ପୁଣି ଏବେ ଟେଣ୍ଡର ପ୍ରକ୍ରିୟା ଚାଲିଛି। କିନ୍ତୁ ପୋଲ ନିର୍ମାଣ ପାଇଁ ଆଉ କେତେ ବର୍ଷ ଲାଗିବ ତାହାର ସୂଚନା ନାହିଁ। ଅପର ପଟେ ଐତିହାସିକ ଏହି ଲୁହା ଝୁଲା ପୋଲ କୁ ବିଭାଗ ଟିକେ ହେଲେ ମଧ୍ୟ ଯତ୍ନ ନେଉନାହିଁ ଫଳରେ ଲୁହା ଚୋରି ହେଉଛି, ଲୁହା ରେ କଳଙ୍କ ଲାଗି ସହ ପୋଲ ମଝିରେ ବଡ଼ ବଡ଼ ଗର୍ତ୍ତ ହୋଇଛି। ବହୁ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ଐତିହାସିକ ପୋଲ ରେ ବିଭାଗ ଚୁନ ମଧ୍ୟ ଟିକେ ଲଗାଉନାହିଁ। ଐତିହାସିକ ଏହି ପୋଲ ଇତିହାସ ପାଲିଟିବା ପୂର୍ବରୁ ଏହାର ସଂରକ୍ଷଣ ପାଇଁ ପ୍ରଶାସନ ଦୃଷ୍ଟି ନ ଦେବା ସମସ୍ତଙ୍କୁ ଚକିତ କରୁଛି। ଏହି ପୋଲ ର ମରାମତି ଏବଂ ସଂରକ୍ଷଣ ପାଇଁ ଦାବି ହେଉଥିଲେ ସୁଦ୍ଧା କର୍ଣ୍ଣପାତ କରୁନାହାନ୍ତି।

## ୨୩ରେ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

ବୈଶିଙ୍ଗା,୧୭।୧୧ (ସଂଚାର ବ୍ୟୁରୋ): ସର୍ବ ବୃହତ ମୟୂରଭଞ୍ଜ ଜିଲ୍ଲାର ସର୍ବ ପୁରାତନ ସଂଘର ବାର୍ଷିକ ଉତ୍ସବ ଚଳିତ ମାସ ୨୩ ତାରିଖ ରବିବାରରେ ଅନୁଷ୍ଠିତ ହେବାବୋଲି ସ୍ଥିର ହୋଇଛି। ୧୬ ତାରିଖ ଜାତୀୟ ପ୍ରେସ ଦିବସ ପାଳନର ପରବର୍ତ୍ତୀ ରବିବାର ଜିଲ୍ଲା ସ୍ତରୀୟ ସାମ୍ବାଦିକ ମାନଙ୍କର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଡାକ ବଙ୍ଗଳା ପରିସରରେ ଜିଲ୍ଲା ସଭାପତି ଅରୁଣ କୁମାର ଓଝା ଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ରୟାଲ ବଗିଚା ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହେବ, ଏଥିରେ କେତେକ ପ୍ରଶାସନିକ




ଅଧିକାରୀ, ବରିଷ୍ଠ ସାମ୍ବାଦିକ ଅତିଥି ଭାବେ ଯୋଗ ଦେବା ନିମନ୍ତେ ସମୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ ବନ୍ଧୁ ଯୋଗଦେବେ ବୋଲି ଜଣାପଡ଼ିଛି। ଅତିଥିଙ୍କୁ କିଭଳି ସମ୍ମାନିତ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜରେ ଉଲ୍ଲେଖନୀୟ ଅବଦାନ ଥିବା କେତେକ ସମାଜସେବୀ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯିବାର ନିଷ୍ପତ୍ତି ନିଆଯାଇଥିଲା।

## ବରିଷ୍ଠ ନାଗରିକ ପରିଷଦର ପ୍ରସ୍ତୁତି ବୈଠକ

● ଜାନୁୟାରୀ ୧୮ରେ ପାଳନ ହେବ ପ୍ରତିଷ୍ଠା ଦିବସ



ଧାମନଗର,୧୭।୧୧ (ସଂଚାର ବ୍ୟୁରୋ): ଧାମନଗର ବରିଷ୍ଠ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଅନିଲ କୁମାର ବାରିକଙ୍କ ସଂଚାଳନାରେ ଆୟୋଜିତ ବୈଠକରେ ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସାଧାରଣ ସମ୍ପାଦକ ଶଙ୍କାକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ଇଂ ନୃସିଂହ ନାୟକ, ସଦସ୍ୟ ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ସେକ ଅବଦୁଲ ହାକିମ, ଧନଞ୍ଜୟ ଦାସ, ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ନରେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସାହୁ, ବୃନ୍ଦାବନ ବେହେରା, ପ୍ରହ୍ଲାଦ ବେହେରା, ରମଣୀ ରଞ୍ଜନ ଦାଶ, ଗୋଲାମ ଜିଲାନି ହଇଦି, ଭୋଲାନାଥ ସାହୁ, ବିଦ୍ୟାଧର ରାଉତ, ବୃନ୍ଦାବନ ମହାନ୍ତି, ଭାଗ୍ୟଗ୍ରାହୀ ଖୁଣ୍ଟିଆ, ରବିନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସଂଗଠନକୁ ବ୍ୟାପକ କରିବା ସମ୍ପର୍କରେ ଆଲୋଚନା ସହ ଆସନ୍ତା ଜାନୁୟାରୀ ୧୮ ୨୦୨୬ରେ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ସର୍ବସମ୍ମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରିଷଦର ପ୍ରତିଷ୍ଠା ଦିବସକୁ ସଫଳ ରୂପାୟନ ପାଇଁ ଏବେଠାରୁ ସମସ୍ତେ ନିଜ ନିଜ ଅଞ୍ଚଳରେ ପଚାର ପ୍ରସାର କରିବା ପାଇଁ ସଭାପତି ଶ୍ରୀ ବାରିକ ଏବଂ ସମ୍ପାଦକ ଶ୍ରୀ ପଣ୍ଡା ଉପସ୍ଥିତ ସଦସ୍ୟ ମାନଙ୍କୁ ଆହ୍ୱାନ ଦେଇଥିଲେ।

# ବେଆଇନ ପାର୍କିଂ ଯୋଗୁଁ ବଢୁଛି ଦୁର୍ଘଟଣା

ଯାଜପୁର ରୋଡ଼, ୧୭।୧୧(ସଂଚାର ବ୍ୟୁରୋ): ଆଗକୁ ୨୦୨୬ ନବବର୍ଷ ଆସୁଛି। ତେବେ କୋରେଇ ଓ ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥ ପାଣିକୋଇଲି ଠାରୁ ନୂଆଗଡ଼ ବାଇପାସ ଛକ ରଗଡ଼ି ତଥା ଅନ୍ଧାରୀ ମଧ୍ୟରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମାଳମାଳ ଭାରୀଯାନ ରାସ୍ତାକୁ ମାଡି ପାର୍କିଂ କରୁଥିବା ଦୈନନ୍ଦିନ ଘଟଣା ହୋଇଛି।ଯାହା ଫଳରେ ରାସ୍ତା ସଂକୁଚିତ ହୋଇ ଜନସାଧାରଣ ମାନଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଏହା ଦୁର୍ଘଟଣା ବୃଦ୍ଧିର ଅନ୍ୟଏକ କାରଣ ପାଲଟିଛି।ବିଶେଷ କରି ବେଆଇନ ପାର୍କିଂ କରିଥିବା ଗାଡିକୁ ପଛ ପଟୁ ଅନ୍ୟ ଗାଡି ଧକ୍କା ଦେବାରୁ ଏକାଧିକ ଜୀବନ ଯାଇଛି। ଗାଡି ରହଣି ପାଇଁ ଏନ୍.ଏଚ୍. କର୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ି ସାଇଡିଂର ବ୍ୟବସ୍ଥା




କରାଯାଇଥିଲେ ମଧ୍ୟ ଭାରୀଯାନ ଏଠିସେଠି ରହୁଥିବା ଦେଖିବାକୁ ମିଳୁଛି। ରାସ୍ତା କଡରେ ହୋଟେଲ ଓ ଅନ୍ୟାନ୍ୟ ଦୋକାନ ରହିଥିବାରୁ ଗାଡି ଚାଳକ ଯେଉଁଠି ପାରି ସେଇଠି ମନଇଚ୍ଛା ଘଂଟା ଘଂଟା ଧରି ଗାଡି ପାର୍କିଂ କରୁଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଅନ୍ୟ ଗାଡି ଚାଳକ ତଥା ପଥଚାରୀ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ରାତି ସମୟରେ ଏହା ଅଧିକ ଯାତାୟାତ ସମସ୍ୟା ସୃଷ୍ଟି କରୁଛି। ଯାହାଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ଘଟୁଛି। ମନଇଚ୍ଛା ଗାଡି ପାର୍କିଂ ନକରିବା ପାଇଁ କୋର୍ଟର ନିର୍ଦ୍ଦେଶ ଥିବା ସହ ପ୍ରଶାସନ ପକ୍ଷରୁ ଏ ନେଇ ସଚେତନ କରାଯାଇଥିଲେ ମଧ୍ୟ ଏହାର ପ୍ରଭାବ କିଛି ପଡ଼ି ନଥିବା ମନେ ହୁଏ। ଏନ୍.ଏଚ୍ ପେଟ୍ରାଲିଂ ପୋଲିସ ପ୍ରଶାସନ ପକ୍ଷରୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମହିଳା ସଶକ୍ତିକରଣ ସମୀକ୍ଷା ବୈଠକ



ବାରିପଦା,୧୭।୧୧(ସଂଚାର ବ୍ୟୁରୋ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମହିଳା ସଶକ୍ତିକରଣ ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟତଃ ମୟୂରଭଞ୍ଜ ଜିଲ୍ଲାରେ ଆଗାମୀ ସମୟରେ ମହିଳାମାନଙ୍କର କିପରି ଆର୍ଥିକ ଅଭିବୃଦ୍ଧି ଘଟିବ ଯଦ୍ୱାରା ସେମାନେ ଆର୍ଥିକ କ୍ଷେତ୍ରରେ ଅଧିକ ସ୍ୱାବଲମ୍ବୀ ହୋଇପାରିବ ସେଦିଗରେ ଆଲୋଚନା ହୋଇଛି । ମହିଳାମାନଙ୍କ ବିକାଶ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଗୁଡିକର ସୁଫଳ ସମାଜରେ ତୃଣ ମୂଳ ସ୍ତରରେ ଥିବା ଲୋକଙ୍କ ପାଖରେ ପହଂଚି ପାରୁଛିକି ନାହିଁ ଏବଂ ଯଦି ପହଞ୍ଚି ପାରୁନାହିଁ ତେବେ ତାହାର କାରଣ କଣ ଓ ଏହା କିପରି ପହଞ୍ଚି ପାରିବ ତଥା ପହଞ୍ଚିବା ପରେ ସଠିକ ଭାବରେ କିପରି ଏହାର କାର୍ଯ୍ୟାନ୍ୱୟନ କରାଯିବ ସେବିଷୟରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଆଲୋଚନା କରିଥିଲେ । ଖୁବଶୀଘ୍ର ପ୍ରଥମ ପର୍ଯ୍ୟାୟରେ ମୋରଡା ନିର୍ବାଚନ ମଣ୍ଡଳୀରେ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ମହିଳା ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରି ସେମାନଙ୍କ ଜୀବନ ଜୀବିକା ରେ ଉନ୍ନତି ଆଣିବା ପାଇଁ ଶିବିର ଆୟୋଜନ କରାଯିବ।

# ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜିଲ୍ଲାସ୍ତରୀୟ ୧୫୦ ତମ ଜୟନ୍ତୀ ପାଳନ ନିମନ୍ତେ ସାମ୍ବାଦିକ ସମ୍ମିଳନୀ




ଭବାନୀପାଟଣା,୧୭।୧୧(ସଂଚାର ବ୍ୟୁରୋ): ଲୌହ ମାନବ ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ୧୫୦ ତମ ଜୟନ୍ତି ସାରା ଦେଶରେ ମହାସମାରୋହରେ ପାଳନ କରାଯାଉଅଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଆସନ୍ତା ୨୪ ଓ ୨୫ ତାରିଖ ଜିଲ୍ଲା ସଦରମହକୁମା ଭବାନିପାଟଣା, ନର୍ଲା ଓ ଧର୍ମଗଡ଼୍ ଠାରେ ଭାରତ ସରକାରଙ୍କ ମେରା ଯୁବ ଭାରତ, ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲାକ୍ରୀଡା ବିଭାଗ ତରଫରୁ ମିଳିତ ଆନୁକୁଲ୍ୟରେ ଭବାନୀପାଟଣା ଠାରେ ଚଳିତ ମାସ ୨୪ ତାରିଖ ସକାଳ ୭ଟା ରେ ଓ ଧର୍ମଗଡ଼୍ ରେ ଅପରାହ୍ନ ୨ଟା ସମୟ ରେ ଆରମ୍ଭ ହେବ ଓ ୨୫ ତାରିଖ ଦିନ ସକାଳ ୭ଟା ରେ ନର୍ଲା ଠାରେ ଆରମ୍ଭ ହେବ। ଏଥିରେ ପଦଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଲୋକସଭା ସଦସ୍ୟ କଳାହାଣ୍ଡି ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର ୱାନ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା ଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ମିତ୍ରପୁରରେ ଜଗଦ୍ଧାତ୍ରୀ ମହୋତ୍ସବ ଷଷ୍ଠ ସନ୍ଧ୍ୟା



ନୀଳଗିରି,୧୭।୧୧(ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଅଧିନ ମିତ୍ରପୁର ଠାରେ ଚାଲିଥିବା ୧୪ତମ ଜଗଦ୍ଧାତ୍ରୀ ମହୋତ୍ସବ-୨୦୨୫ର ଷଷ୍ଠ ସଂନ୍ଧ୍ୟା ଧୁମ ଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତି ସନ୍ଧ୍ୟାରେ ଅନୁଷ୍ଠିତ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ଲୋକ ଜଗଦ୍ଧାତ୍ରୀ ମହୋତ୍ସବରେ ସାମିଲ ହୋଇ ଏହାର ଆନନ୍ଦ ନେଉଛନ୍ତି। ଷଷ୍ଠ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ର ବିନ୍ଦୁ ଦାସ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଦ୍ଧରେ ସମାଜସେବୀ ମନୋରଞ୍ଜନ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, କଂଗ୍ରେସର ଯୁବନେତା ଆଶିଷ ପଟ୍ଟନାୟକ, ରଞ୍ଜନ ଦାସ, ତାପସ ପରିଡା ଏବଂ କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର ବ୍ୟକ୍ତି ପ୍ରମୁଖ ମଞ୍ଚାସୀନ ରହି ମହୋତ୍ସବର ଆଭିମୁଖ୍ୟ କହିଥିଲେ। କମିଟିର ସଦସ୍ୟ ଧୀରେନ୍ଦ୍ର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଏହି ଷଷ୍ଠ ସଂଧ୍ୟାରେ ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ ପିୟୁଷ ତ୍ରିପାଠୀ ଯୋଗ ଦେଇ ଦର୍ଶକ ମାନଙ୍କର ମନୋରଞ୍ଜନ କରିଥିଲେ। ପ୍ରତି ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବହୁ କଳାକାର ଯୋଗ ଦେଇଥିଲେ। ସଭାପତି, ସମ୍ପାଦକ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ଏହି ମହୋତ୍ସବ ଗତ ୧୦ ତାରିଖରୁ ଆରମ୍ଭ ହୋଇଅଛି ଏବଂ ୧୭ ତାରିଖରେ ଏହାର ଉଦଯାପିତ ହେଲା।

## ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



ନୀଳଗିରି,୧୭।୧୧(ସଂଚାର ବ୍ୟୁରୋ): ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଶନିବାରଦିନ ନୀଳଗିରି ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ର/ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।କନିଷ୍ଠବିଭାଗରୁ ୫୪ଜଣ ଓ ବରିଷ୍ଠବିଭାଗରୁ ୯୮ଜଣ ଛାତ୍ର/ଛାତ୍ରୀ ବିଭିନ୍ନ ବିଦ୍ୟାଳୟରୁ ଆସି ଅଂଶଗ୍ରହଣ କରିଥିଲେ। ପ୍ରଥମରୁ ପଞ୍ଚମ କନିଷ୍ଠ ଓ ଷଷ୍ଠରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠବିଭାଗ ଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓ ସୁଭାଷିନୀ ଜୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିବସୁନ୍ଦର ସାହୁ, ଜୟନ୍ତୀ ପ୍ରଧାନ, ବ୍ରହ୍ମାନନ୍ଦ ଦାସ, ସସ୍ମିତା ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ଜାନୁୟାରୀ ୧୨ତାରିଖ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# ଗରିବ ମେଧାବୀ ଛାତ୍ରକୁ ଡାକ୍ତରୀ ଶିକ୍ଷା ପାଇଁ ସହାୟତା ରାଶି

ନୀଳଗିରି,୧୭।୧୧(ସଂଚାର ବ୍ୟୁରୋ): ନୀଳଗିରି ବାଲିଗୋହିରି ସ୍ଥିତ ରତ୍ନାକର ଟାଉନ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ମାନଙ୍କ ଦ୍ୱାରା ନବ ଗଠିତ ଆର.ଟି. ଏଚ.ଏସ୍ ରାଧାକ୍ରିଷ୍ଣ ଚାରିଟେବୁଲ ଫାଉଣ୍ଡେସନ ଦ୍ୱାରା ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ, ଥାନା ଖନ୍ତାପଡ଼ା ଥାନା, ଗ୍ରାମ ଚକଜଗନ୍ନାଥ ପୁର ଗ୍ରାମର ପିତା ହରୀଶ୍ ଚନ୍ଦ୍ର ପାତ୍ର ଙ୍କ ର ସୁଯୋଗ୍ୟ ସନ୍ତାନ ତଥା ଜଣେ ମେଧାବୀ ଛାତ୍ର ଶଶିକାନ୍ତ ପାତ୍ର ଯିଏକି ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ପ୍ରଥମ ବର୍ଷ ଶିକ୍ଷା ପାଇଁ ଅର୍ଥାଭାବରୁ ଆଡ଼ମିଶନ ହୋଇ ପାରୁନଥିଲେ ଏହି ଖବର ପାଇବା ପରେ ନାବାର୍ଡର ଡି.ଜି.ଏମ ତଥା ଆର୍ ଟି ଏଚ ଏସ୍ ର ପୁରାତନ ଛାତ୍ର ତାପସ ରଂଜନ ପ୍ରଧାନ ଯାଇ ଭେଟିଥିଲେ ଓ ସହାୟତା ରାଶି ପ୍ରଦାନ କରିଥିଲେ। ଆର୍ ଟି ଏଚ ଏସ୍ ରାଧାକ୍ରିଷ୍ଣ ଚାରିଟେବୁଲ ଫାଉଣ୍ଡେସନ ଟ୍ରଷ୍ଟ ର ଚେୟାରମେନ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା ଶିକ୍ଷକ ଅଚିନ୍ତ୍ୟ କୁମାର ଦାସ, ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି , ସମସ୍ତ ସଦସ୍ୟ, ସଦସ୍ୟା ଓ ଗ୍ରାମ ବାସୀଙ୍କ ଉପସ୍ଥିତିରେ ମେଧାବୀ ଛାତ୍ର ଶଶିକାନ୍ତ ପାତ୍ରଙ୍କୁ ତାଙ୍କ ଖନ୍ତାପଡ଼ା ସ୍ଥିତ ବାସ ଭବନରେ ଦ୍ୱିତୀୟ ବର୍ଷର ଆଡ଼ମିଶନ ପାଇଁ ଅର୍ଥ ରାଶି ପ୍ରଦାନ କରିଥିଲେ ଏବଂ ତାଙ୍କ ପରିବାର ସହ କଥା ହୋଇଥିଲେ । ଶଶିକାନ୍ତ ପାତ୍ର ତାଙ୍କ ପିତା ଓ ମାତା ଙ୍କ ର ପଞ୍ଚମ ସନ୍ତାନ ତଥା ଏକ ମାତ୍ର ପୁତ୍ର। ଭବିଷ୍ୟତ ରେ ଡାକ୍ତର ନୀଳମାଧବ ରଥ ଓ ବିଦ୍ୟୁତ ଦାସ ଙ୍କ ଭଳି ଜଣେ ଭଲ ଡାକ୍ତର ହେବା ସହିତ ଗରିବ ଲୋକ ମାନଙ୍କୁ




ସହାୟତା କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏଥି ସହ ଟ୍ରଷ୍ଟ ର ସଦସ୍ୟ ମାନେ ଆଗାମୀ ଦିନରେ ଶଶିକାନ୍ତ ପାତ୍ର ଙ୍କର ସମସ୍ତ ପାଠ ପଢ଼ା ଖର୍ଚ୍ଚ ବହନ କରିବା ସହ ଅସୁବିଧା ସମୟରେ ଯଥା ସମ୍ଭବ ସାହାଯ୍ୟ କରିବେ ବୋଲି ତାଙ୍କ ପରିବାର କୁ ପ୍ରତିଶୃତି ଦେଇଛନ୍ତି।

## ଏସୟୁଜେର ସାଙ୍ଗଠନିକ ବୈଠକ



ବାଲିକୁଦା,୧୭।୧୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅଧିନସ୍ଥ ମା ଥାନପତିଙ୍କ ଠାକୁରାଣୀଙ୍କ ପୀଠରେ ରାଜ୍ୟ ସାମ୍ବାଦିକ ସଂଘ (ଏସ ୟୁ ଜେ) ଜଗତସିଂହପୁର ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଏସ ୟୁ ଜେ ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏସ ୟୁ ଜେ ରାଜ୍ୟ କଲ୍ୟାଣ ବୋର୍ଡ ଅଧକ୍ଷ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ, ଜିଲ୍ଲାର ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା, କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ, ସରୋଜ ନାୟକ, ଅକ୍ଷୟ କୁମାର ଦାସ, ଲୋକନାଥ ସାହୁ ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମାରେ ସମ୍ପୃକ୍ତ ସମସ୍ତ ସାମ୍ବାଦିକ ମାନଙ୍କୁ ସରକାରୀ ସ୍ୱୀକୃତି ଓ ପେନସନ ପ୍ରଦାନ କରିବାକୁ ଦାବି କରିଥିଲେ। ଶେଷରେଏସ ୟୁ ଜେ ବାଲିକୁଦା ବ୍ଲକ କମିଟିର ସାଙ୍ଗଠନିକ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଗଣେଶ ସ୍ୱାଇଁ ଏବଂ ସମ୍ପାଦକ ଭାବେ ଶିବଦତ୍ତ ଭରତୀଙ୍କୁ ମନୋନୀତ କରଯାଇଥିଲା ।

## ବରିଷ୍ଠ ନାଗରିକ, ଅଭିଭାବକମାନଙ୍କ ତତ୍ତ୍ୱାବଧାନ ଓ କଲ୍ୟାଣ କାର୍ଯ୍ୟକ୍ରମ




ବେତନଟୀ,୧୭।୧୧(ସଂଚାର ବ୍ୟୁରୋ): ବେତନଟୀ ପ୍ରଥମ ଶ୍ରେଣୀ ମାଜିବଷ୍ଟ୍ରେଟଙ୍କ ଅଧିନସ୍ଥ ତାଲୁକ ଆଇନ ସେବା ଜରିଆରେ ବରିଷ୍ଠ ନାଗରିକ ଓ ଅଭିଭାବକମାନଙ୍କ ନିମନ୍ତେ ଏକ ସଚେତନତା ସଂପର୍କୀତ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେ.ଏମ.ଏଫ୍.ସି. ତଥା ମାଜିଷ୍ଟ୍ରେଟ ରଶ୍ମି ନାରାୟଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଂପର୍କରେ ଆଲୋଚନା ସଭାରେ ଓକିଲ ସଂଘ ସଭାପତି ଦେବବ୍ରତ ପରିଡା, ସଂପାଦକ ପ୍ରବୀର କୁମାର ବାରିକ ଓ ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକଗଣ ନିଜ ପୁତ୍ର କନ୍ୟା, ପରିବାର,, ସର୍ବ ସାଧାରଣରେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ଓ ତା'ର ଆଇନଗତ ପ୍ରତିକାର ସମ୍ବନ୍ଧରେ ମାଜିଷ୍ଟ୍ରେଟ ମହୋଦୟା ଦଣ୍ଡବିଧାନ ର ଧାରା, ଉପଧକ୍ଷରା, ଜରିମାନା ଅର୍ଥ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଆଇନଜୀବୀ ଶ୍ରୀ ମହାନ୍ତି ସଚେତନତା ଓ ସାବଧାନତାର ସହ ସୁଖମୟ ଜୀବନ ଯାପନ ସମ୍ବନ୍ଧରେ ବ୍ୟକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରୁ ଜୟନ୍ତ କୁମାର ପଟ୍ଟନାୟକ, ଚୁଡାମଣି ମହାପାତ୍ର, ବାସୁଦେବ ନାପିତ ରାମଚନ୍ଦ୍ର ପଣ୍ଡା ଓ ଗଣେଶ ଚନ୍ଦ୍ରସାହୁ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବେତନଟୀର ସିଭିଲ ସୋସାଇଟି ଓ ବରିଷ୍ଠ ନାଗରିକ ସଂଘରୁ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସଭାପତି ଶ୍ରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଳ୍ପ ସଂକଳନ 'ଭିନ୍ନ ରଙ୍ଗ' ପୁସ୍ତକ ଉନ୍ମୋଚିତ




ନୟାଗଡ଼,୧୭।୧୧(ସଂଚାର ବ୍ୟୁରୋ): ନୂତନ ଗଳ୍ପ ସଂକଳନ 'ଭିନ୍ନ ରଙ୍ଗ' ପୁସ୍ତକ ନୟାଗଡ଼ ରୋଟାରୀ କ୍ଲବ୍ ପରିସରରେ ଉନ୍ମୋଚିତ ହୋଇଯାଇଛି। ଆଜିର ଏହି ପୁସ୍ତକ ଉନ୍ମୋଚନ ଉତ୍ସବକୁ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିବା ବେଳେ ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ସାହିତ୍ୟିକା ବସିରନ୍ ବିବି, କଥାକାର ଅନିଲ ପଣ୍ଡା, କବି ରବିନ୍ଦ୍ର ମହାପାତ୍ର, କବି ମଣିମାଳା ପାଣିଗ୍ରାହୀ, ସମାଜସେବୀ ଶ୍ରୀଧର ସାହୁ, ରୋଟାରିଆନ ଅବିନାଶ ସାହୁ, ରୋଟାରିଆନ ସନ୍ତୋଷ ନାୟକ, ସାମ୍ବାଦିକ ବିଶ୍ୱଜିତ ନାୟକ, ସୁଶାନ୍ତ ପାଇକରାୟ, ପ୍ରଦୀପ ବରାଡ଼, କାଜଲ ଡାକୁଆ, ସୌମ୍ୟରଞ୍ଜନ ରଥ, ସୁଜିତ୍ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଭିନ୍ନ ରଙ୍ଗରେ ମାନବୀୟ ଭାବନା, ଦୈନିକ ଜୀବନ ଓ ସରଳ ଶୈଳୀରେ ଲେଖାଯାଇଥିବା ଗଳ୍ପଗୁଡ଼ିକୁ ସ୍ୱାଗତ କରିଥିଲେ। ପୁସ୍ତକ ଉନ୍ମୋଚନ ପରେ ଲେଖକ ତାଙ୍କ ପ୍ରେରଣା, ଲେଖନ ଅଭିଜ୍ଞତା ଏବଂ ପାଠକଙ୍କ ଆଶୀର୍ବାଦର ଗୁରୁତ୍ୱ ବିଷୟରେ ମତାମତ ରଖିଥିଲେ। ଭିନ୍ନ ରଙ୍ଗ ବହିର ଏକ ଗଳ୍ପକୁ ନେଇ ପୂଜା ମହାନ୍ତି ଏକକ ଅଭିନୟ ପରିବେଷଣ କରିଥିଲେ।

## ମା' ଭୈରବୀ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା

# କଳାହାଣ୍ଡି ଏକାଦଶକୁ ୨-୧ ଗୋଲରେ ହରାଇ ଭଇଁରିଗୁଡ଼ା ଚମ୍ପିୟାନ




ଲାଞ୍ଜିଗଡ଼,୧୭।୧୧(ସଂଚାର ବ୍ୟୋରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ସ୍ଥିତ ମାଁ ଭୈରବୀ ଯୁବ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଳାହାଣ୍ଡି ଏକାଦଶ ଓ ଜୁନାଗଡ଼ ଭଇଁରିଗୁଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉଦଯାପନୀ ମ୍ୟାଚ ବା ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀଧର ସାହୁ, ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ପିଇଡବ୍ଲ୍ୟୁ ମିଡ଼ିଆ ଆସୋସିଏସନର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତୁଳ, ସାଧାରଣ ସମ୍ପାଦକ ଗୋପାଳ ଦାସ ମହାନନ୍ଦ ପ୍ରମୁଖ ଯୋଗ ଦେଇ ବିଜେତା ଓ ଉପ ବିଜେତା ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।ଉକ୍ତ ପ୍ରତିଯୋଗିତାରେ ଅନୁଷ୍ଠାନର ସଭାପତି ଜଗନ୍ନାଥ ଚଣ୍ଡୀ, ଉପସଭାପତି ହେମନ୍ତ ଚଣ୍ଡୀ, ସମ୍ପାଦକ ଗଣେଶ ଗଉଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ କିଶୋର ଘଡେଇ, ଯଶୋବନ୍ତ ପାତ୍ର, ସୁନୀଲ କୁମାର ମ୍ୟାଚ ପରିଚାଳନା କରିଥିଲେ।




# ୫୦ ବର୍ଷ ପରେ ପ୍ରେକ୍ଷାଳୟକୁ ଫେରୁଛି ଶୋଲେ

ଭାରତୀୟ ସିନେମାର କ୍ଲାସିକ୍ ଫିଲ୍ମ "ଶୋଲେ" ପୁଣି ଥରେ ବଡ଼ ପରଦାରେ ଧମାଲ କରିବାକୁ ଯାଉଛି। ରିଲିଜ୍ କରିବାର ପଚାଶ ବର୍ଷ ପରେ, ଏହି ଫିଲ୍ମଟି 4K ରେ ରିଷ୍ଟୋର ହେଉଛି ଏବଂ ସାରା ଦେଶରେ ୧୫୦୦ ସ୍କ୍ରିନରେ ରି-ରିଲିଜ୍ ହେବାକୁ ଯାଉଛି। ସବୁଠାରୁ ବଡ଼ କଥା ହେଉଛି: ଫିଲ୍ମର ପ୍ରକୃତ କ୍ଲାଇମାକ୍ସ, ଯାହାକୁ ଦର୍ଶକମାନେ ଦଶନ୍ଧି ଧରି କେବଳ ଏକ କାହାଣୀ ଭାବରେ ଶୁଣି ଆସୁଛନ୍ତି, ଏବେ ପ୍ରଥମ ଥର ପାଇଁ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବ। ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ଏହି ରିଷ୍ଟୋର୍ ଭର୍ସନର ନାମ "ଶୋଲେ: ଦି ଫାଇନାଲ୍ କଟ୍" ରଖିଛି। ନୂତନ ଭର୍ସନରେ କେବଳ ଭିଜୁଆଲ୍ସ ଏବଂ ସାଉଣ୍ଡକୁ ଅପଗ୍ରେଡ୍ କରାଯାଇଛି ତାହା ନୁହେଁ, ବରଂ ଏଥିରେ ଫିଲ୍ମର ଅନକଟ୍ ଅରିଜିନାଲ୍ ଏଣ୍ଡିଂ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି, ଯାହାକୁ ଦର୍ଶକ କେବେ ଦେଖିନାହାଁନ୍ତି।

ରମେଶ ସିପ୍ପିଙ୍କ ନିର୍ଦ୍ଦେଶିତ 'ଶୋଲେ' ୧୯୭୫ ମସିହାରେ ରିଲିଜ୍ କରିଥିଲା ଏବଂ ୫୦ ବର୍ଷ ପରେ, ଏହାର 4K ରିଷ୍ଟୋର୍ ଭର୍ସନ ୧୨ ଡିସେମ୍ବର, ୨୦୨୫ରେ ପ୍ରେକ୍ଷାଳୟରେ ଆସିବ। ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ଅନୁଯାୟୀ, ମୂଳ କ୍ଲାଇମାକ୍ସରେ, ଠାକୁର ଗବ୍ବର ସିଂହଙ୍କୁ ତାଙ୍କ ପାଦ ତଳେ ଚାପି ହତ୍ୟା କରନ୍ତି। ସେ ସମୟରେ ସେନ୍ସର ବୋର୍ଡ ଏହି ସିନକୁ ଅତ୍ୟଧିକ ହିଂସାତ୍ମକ ବୋଲି ବିବେଚନା କରିଥିଲା ଏବଂ ଏହାକୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏବେ, ୫୦ ବର୍ଷ ପରେ, ଦର୍ଶକ ଏହି ସିନ୍ ଦେଖିବାର ସୁଯୋଗ ପାଇବେ। 'ଶୋଲେ' କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଭାରତୀୟ ସିନେମାର ଇତିହାସ।ଧର୍ମେନ୍ଦ୍ର, ଅମିତାଭ ବଚ୍ଚନ, ଅମଜାଦ ଖାନ, ସଞ୍ଜୀବ କୁମାର ଏବଂ ହେମାମାଳିନୀଙ୍କ ଭଳି କିମ୍ବଦନ୍ତୀମାନଙ୍କ ଦମଦାର ଅଭିନୟ, ସ୍ମରଣୀୟ ଚରିତ୍ର, ଆଇକନିକ୍ ଡାଏଲଗ୍ ଏବଂ ଅମର ଆକ୍ସନ୍ ସିକ୍ୱେନ୍ସ ଏହାକୁ ଆଜି ମଧ୍ୟ ଦର୍ଶକଙ୍କ ପ୍ରିୟ ଫିଲ୍ମ ମଧ୍ୟରେ ରଖିଛି।

# ପ୍ରଥମ ଥର ଏଲିନାଙ୍କ ସହ ଅଭିଷେକ ଗିରି



ଓଲିଉଡ୍‌ର ଲୋକପ୍ରିୟ ନାୟିକା ଏଲିନା ଗତ ଦଶବର୍ଷ ଧରି ଅଭିନୟ ଜଗତରେ ସକ୍ରିୟ ଅଛନ୍ତି ଓ ସଫଳ ନାୟିକା ଭାବେ ଆସ୍ଥାନ ଜମେଇଛନ୍ତି। ଏଲିନା ତାଙ୍କ କ୍ୟାରିୟର୍‌ରେ ଅନୁଭବ, ଅରିନ୍ଦମ, ବାବୁସାନ୍, ଜ୍ୟୋତି, ଅଭିଷେକ ରଥ, ରାଜବୀର, ଆକାଶ, ସ୍ୱରାଜ, ଅର୍ଦ୍ଧେନ୍ଦୁ ଓ ସବ୍ୟସାଚୀଙ୍କ ଭଳି ଜଣାଶୁଣା ନାୟକଙ୍କ ସହ କାମ କରିଛନ୍ତି। ତାଙ୍କ ନାୟକ ତାଲିକାରେ ଏବେ ଯୋଡ଼ି ହୋଇଛନ୍ତି ଅଭିଷେକ ଗିରି। ନୂଆ ଓଡ଼ିଆ ସିନେମା 'ରକ୍ତ ଗୋଲାପ'ରେ ଅଭିଷେକଙ୍କ ସହ ଖୁବ୍‌ଶୀଘ୍ର ଏଲିନାଙ୍କୁ ଦେଖିବାକୁ ମିଳିବ। 'ଡାଲଚିନି', 'ମିଶିରି' ଓ 'ଫାଲ୍‌ଗୁନ୍ ଚଇତ୍ର' ଫେମ୍ ଶିଶିର କୁମାର ସାହୁ -ପିନାକୀ ସିଂହ ରାଜପୁତ ଯୋଡ଼ି ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। 'ରକ୍ତ ଗୋଲାପ'ରେ ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଉଦିତ ଗୁରୁ ଓ ହର ରଥଙ୍କୁ ମଧ୍ୟ ବିଭିନ୍ନ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ। ଅଭିଷେକ ଗିରି ସୂର୍ଯ୍ୟମୟୀ, ସୁପ୍ରିୟା, ଉପାସନା, ଅର୍ଲିନ୍ ଅର୍କିତା, କୁକିଜ୍ ସ୍ୱାଇଁ ଓ ପ୍ରକୃତି ମିଶ୍ରଙ୍କ ପରି ନାୟିକାଙ୍କ ସହ କାମ କରିଛନ୍ତି। ପ୍ରଥମଥର ଲାଗି ଅଭିଷେକ ଆଗଧାଡ଼ିର ନାୟିକା ଏଲିନାଙ୍କ ସହ ଅଭିନୟ କରିଛନ୍ତି। ଏହି ଯୋଡ଼ିକୁ ଦର୍ଶକ କେତେ ପସନ୍ଦ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# 'ବାରାଣସୀ'ର ଧମାକେଦାର ଟିଜର ରିଲିଜ୍

## ମହେଶ ବାବୁଙ୍କ ପ୍ରଥମ ଲୁକ୍ ଭାଇରାଲ



ଭାରତୀୟ ସିନେମାକୁ ବିଶ୍ୱ ସ୍ତରରେ ପହଞ୍ଚାଇଥିବା ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଲି ଏବେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଆର୍‌ଆର୍‌ଆର୍ ଏବଂ ବାହୁବଳୀ ଭଳି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ଏସ୍‌ଏସ୍ ରାଜାମୌଲି ଏବେ ଏସିଆର ସବୁଠାରୁ ମହଙ୍ଗା ଫିଲ୍ମ ନିର୍ମାଣ କରୁଥିବା ଜଣାଯାଇଛି। ସାଉଥ୍ ସୁପରଷ୍ଟାର ମହେଶ ବାବୁ ଏବଂ ବଲିଉଡ-ହଲିଉଡ ଷ୍ଟାର ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ଏହି ଆକ୍ସନ-ଆଡଭେଞ୍ଚର ସିନେମାଟିର ନାମ 'ବାରାଣସୀ' ରଖାଯାଇଛି। ପ୍ରଶଂସକମାନଙ୍କ ପାଇଁ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ଏକ ବିଶାଳ କାର୍ଯ୍ୟକ୍ରମ କରାଯାଇ ଫିଲ୍ମର ଟିଜର ରିଲିଜ୍ କରାଯାଇଛି। ଟିଜରରେ କଳାକାରଙ୍କ ପ୍ରଥମ ଲୁକ୍ ଦେଖିବାକୁ ମିଳିଛି। ଟିଜର ରିଲିଜ୍ ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଛି। ଟିଜର ରିଲିଜ୍ ସହ ରାଜାମୌଲି ବାରାଣସୀର ମୁକ୍ତିଲାଭ ତାରିଖ ମଧ୍ୟ ଘୋଷଣା କରିଛନ୍ତି। ୨୦୨୭ ମସିହାରେ ସିନେମାଟି ହଲରେ ରିଲିଜ୍ ହେବ ବୋଲି ସେ କହିଛନ୍ତି।

ସୂଚନା ମିଳିଛି ଯେ, ଯେତେବେଳେ ଏହି ଚଳଚିତ୍ରର ଟିଜର ରିଲିଜ୍ ହେଲା ସେତେବେଳେ କାର୍ଯ୍ୟକ୍ରମରେ ପ୍ରାୟ ୫୦,୦୦୦ ପ୍ରଶଂସକ ଭିଡ଼ ଜମାଇଥିଲେ। ଇଭେଣ୍ଟ ଆରମ୍ଭ ହେବାକୁ କିଛି ସମୟ ଲାଗିଥିଲେ ବି ପ୍ରଶଂସକମାନେ ଧୈର୍ଯ୍ୟର ସହିତ ଅପେକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୁତି ହାସନ ଲାଇଭ୍ ସଙ୍ଗୀତ ପରିବେଶଣ କରିଥିଲେ। ଫିଲ୍ମରେ ସେ 'ସଞ୍ଚାରୀ' ନାମକ ଗୀତ ଗାଇଥିବା ବେଳେ ଏହାକୁ ସେ ମଞ୍ଚ ଉପରେ ଲାଇଭ୍ ଗାଇଥିଲେ। ଫିଲ୍ମର ପ୍ରଥମ ଟିଜରରେ ମହେଶଙ୍କୁ ଦେଖିବାକୁ ମିଳିଛି, ଯେଉଁଥିରେ ସେ ଏକ ବିଶାଳ ଷଣ୍ଢ ଉପରେ ବସିଛନ୍ତି। ମହେଶଙ୍କ ମୁହଁରେ ଅନେକ ଆଘାତ ଲାଗିଥିବା ବେଳେ ସେ ତ୍ରିଶୁଳ ଧରି ଷଣ୍ଢ ଉପରେ ବସିଥିବା ଭିଡିଓରେ ଦେଖାଯାଇଛି। ଫିଲ୍ମରେ ମହେଶ ବାବୁଙ୍କ ଚରିତ୍ରର ନାମ ରୁଦ୍ର ରଖାଯାଇଛି। ଏହି ଫିଲ୍ମରେ ଅଭିନେତ୍ରୀ ପ୍ରିୟଙ୍କାଙ୍କ ଚରିତ୍ର ନାମ ମନ୍ଦାକିନୀ ରଖାଯାଇଥିବା ବେଳେ ତାଙ୍କର ଲୁକ୍ ମଧ୍ୟ ପ୍ରଶଂସକଙ୍କୁ ପସନ୍ଦ ଆସିଛି। ସେ ଏକ ହଳଦିଆ ଶାଢ଼ି ପିନ୍ଧି ହାତରେ ବନ୍ଧୁକ ଧରିଥିବା ଦେଖିବାକୁ ମିଳିଛି।

ଏହି ଚଳଚ୍ଚିତ୍ରଟି ୧,୦୦୦ କୋଟି ବଜେଟରେ ନିର୍ମିତ। ଏହି ବଜେଟ୍ ପାଇଁ ଫିଲ୍ମଟି ଏପର୍ଯ୍ୟନ୍ତର ସବୁଠାରୁ ମହଙ୍ଗା ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି। ରାଜାମୌଲି ଏବଂ ମହେଶ ବାବୁ ଉଭୟ ଚଳଚ୍ଚିତ୍ର ପାଇଁ ପାରିଶ୍ରମିକ ନେଇଥିବା ବେଳେ ରିଲିଜ୍ ପରେ ହେବାକୁ ଥିବା ଲାଭରୁ ୪୦% ନେବେ।




# 'ପତି ପତ୍ନୀ ଔର ପଙ୍ଗା' କୁ ମିଳିଲା ୱିନର୍

**ସର୍ବଗୁଣ ସମ୍ପୂର୍ଣ୍ଣା ଯୋଡି ହେଲେ ରୁବିନା-ଅଭିନବ**

'ଧମାଲ ୱିଥ୍ ପତି ପତ୍ନୀ ଔର ପଙ୍ଗା'ର ନଭେମ୍ବର ୧୬ ରେ ଗ୍ରାଣ୍ଡ ଫାଇନାଲ୍ ଥିଲା। ସେଲିବ୍ରିଟି କପଲ ରୁବିନା ଦିଲାଇକ୍ ଏବଂ ଅଭିନବ ଶୁକ୍ଳା ଏହି ଶୋ'ର ବିଜେତା ହୋଇଛନ୍ତି। ସେମାନେ "ସର୍ବଗୁଣ ସମ୍ପୂର୍ଣ୍ଣା ଯୋଡି" ଟାଇଟଲ ଅର୍ଜନ କରିଛନ୍ତି। ଏହି ଦମ୍ପତିଙ୍କୁ ଲଡୁ ସହିତ ଡିଜାଇନ୍ କରାଯାଇଥିବା ଏକ ଟ୍ରଫି ମିଳିଛି। ରୁବିନା ଏବଂ ଅଭିନବ ଏଥିପାଇଁ ନିଜର ଖୁସି ବ୍ୟକ୍ତ କରିଛନ୍ତି। ସମଗ୍ର ଶୋ'ରେ ରୁବିନା ଏବଂ ଅଭିନବଙ୍କ କେମେଷ୍ଟ୍ରି ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ସେମାନେ ଅନେକ କାର୍ଯ୍ୟରେ ଏକାଠି ଭଲ ପ୍ରଦର୍ଶନ କରିଥିଲେ। ଶୋ'ଟି ବହୁତ ମଜାଦାର ଏବଂ ଉତ୍ସାହପୂର୍ଣ୍ଣ ଥିଲା।ଅନେକ ରୋମାଞ୍ଚକର କାର୍ଯ୍ୟ ଥିଲା। ସମସ୍ତ ସେଲିବ୍ରିଟି କପଲ ଚମତ୍କାର ପ୍ରଦର୍ଶନ କରିଥିଲେ। କିନ୍ତୁ ଶୋ'ରେ ରୁବିନା ଏବଂ ଅଭିନବଙ୍କ ଯୋଡ଼ି ଖୁବ ଲୋକପ୍ରିୟ ହୋଇଥିଲା।

# ବଲିଉଡ୍‌କୁ କମବ୍ୟାକ୍ କରୁଛନ୍ତି ଇମରାନ୍

## ୧୦ ବର୍ଷ ପରେ ପରଦାରେ ଦେଖାଇବେ ଜଲୱା



ଆମିର ଖାନଙ୍କ ଭଣଜା ଏବଂ ଅଭିନେତା ଇମରାନ୍ ଖାନ୍ ଦୀର୍ଘ ୧୦ ବର୍ଷ ପରେ ବଲିଉଡ୍‌କୁ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ନିର୍ଦ୍ଦେଶକ ଦାନିଶ ଅସଲମଙ୍କ ଅପକମିଂ ପ୍ରୋଜେକ୍ଟରେ ତାଙ୍କୁ ଦେଖିବାକୁ ମିଳିବ। ନିକଟରେ ଏ ସଂପର୍କରେ ଏକ ସାକ୍ଷାତକାରରେ ଇମରାନ୍ କହିଛନ୍ତି ଯେ, ତାଙ୍କର ଆଗାମୀ ଫିଲ୍ମଟି ଦାନିଶଙ୍କ ସହ ସେ କରିଥିବା 'ବ୍ରେକ୍ କେ ବାଦ୍' ଫିଲ୍ମ ଭଳି। ଏହାର ସୁଟିଂ ଶେଷ ହୋଇସାରିଛି। ପୋଷ୍ଟ ପ୍ରଡକ୍ସନ୍ କାମ ଚାଲିଛି। ଥିଏଟର ବଦଳରେ ଓଟିଟି ପ୍ଲାଟଫର୍ମରେ ଏହା ରିଲିଜ୍ ହେବାର ଅଛି। ଖୁବ୍ ଶୀଘ୍ର ରିଲିଜ୍ ତାରିଖ ଘୋଷଣା ହେବ। ଫିଲ୍ମରେ ତାଙ୍କ ସହିତ ଅଭିନେତ୍ରୀ ଭୂମି ପେଡନେକରଙ୍କୁ ଦେଖିବାକୁ ମିଳିବ। ଅଭିନେତା ଗୁରଫତେହ ପୀରଜାଦା ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଇମରାନ୍ ଖାନଙ୍କୁ ଶେଷ ଥର ପାଇଁ ୨୦୧୫ରେ ଫିଲ୍ମ 'କଟ୍ଟି ବଟ୍ଟି'ରେ ଦେଖିବାକୁ ମିଳିଥିଲା। ସେହି ଫିଲ୍ମ ପରେ ତାଙ୍କୁ ମିଳୁଥିବା ଚରିତ୍ର ପସନ୍ଦ ଆସୁନଥିବା କହି ସେ ଅଭିନୟ ଛାଡି ଦେଇଥିଲେ।

# ୩ ଇଡିୟଟ୍‌ସ ଫିଲ୍ମ 'ମିଲିମିଟର' ରାହୁଲ ତୁର୍କୀ ଗର୍ଲଫ୍ରେଣ୍ଡକୁ କଲେ ଜୀବନସାଥୀ

ଆପଣଙ୍କୁ ଅମୀର ଖାନଙ୍କ ଅଭିନୀତ ବଲିଉଡ଼ ସୁପରହିଟ୍ ଫିଲ୍ମ '୩ ଇଡିୟଟ୍ସ' କଥା ମନେ ଅଛି ? ସେଥିରେ ଜଣେ ଚରିତ୍ର ଥିଲେ 'ମିଲିମିଟର'। ତାଙ୍କୁ ଟିକେ ମନେ ପକାନ୍ତୁ। ଫିଲ୍ମରେ ଛୋଟହେଲେ ଅଭିନୟରେ ଥିଲେ ସେ ମାହିର। ମିଲିମିଟର ରାହୁଲ କୁମାର ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ତାଙ୍କ ପତ୍ନୀ ତୁର୍କୀର। ରାହୁଲଙ୍କର ଏକ ଭିଡିଓ ଭାଇରାଲ ହେଉଛି ଯେଉଁଥିରେ ସେ ତାଙ୍କ ପତ୍ନୀଙ୍କର ପରିଚୟ ଦେଇଛନ୍ତି। ଏହାପରେ ତାଙ୍କୁ ସୋସିଆଲ ମିଡିଆରେ ଶୁଭେଚ୍ଛାର ସୁଅ ଛୁଟିଛି। '୩ ଇଡିୟଟ୍ସ 'ବନେଇଲା ଯୋଡ଼ି- ଭାଇରାଲ ଭିଡିଓ କ୍ଲିପରେ ଫଟୋଗ୍ରାଫର୍ସ ରାହୁଲଙ୍କ ଫଟୋ ଉଠାଉଛନ୍ତି। ଏହାକୁ ନେଇ ସେ କହିଛନ୍ତି, ହଁ ମୁଁ ରାହୁଲ। ଏ ମୋର ପତ୍ନୀ କେଜିବନ ଡାଗନ୍। ସେ ତୁର୍କୀର।" ତାଙ୍କ ପତ୍ନୀ ହସିହସି କୁହନ୍ତି ହଁ ଆମେ ମେ ୪ରେ ବିବାଗ କରିଛୁ। ରାହୁଲଙ୍କ ପତ୍ନୀ ଆହୁରି କହିଛନ୍ତି, ୩ ଇଡିୟଟ୍ସରେ ତାଙ୍କ କାମ ଦେଖିବାକୁ ପରେ ମୁଁ ତାଙ୍କୁ ଆପ୍ରୋଚ କରିଥିଲି। ମୁଁ ଏହି ଫିଲ୍ମ ଦେଖିଥିଲି, ସେ ଏଥିରେ ଆକ୍ଟର ଥିଲେ। ମିଲିମିଟର ନା ? ମୁଁ ତାଙ୍କୁ ମେସେଜ କଲି ଏବଂ ଆମେ କଥାବାର୍ତ୍ତା ଆରମ୍ଭ କରିଥିଲୁ। ଏହା ୧୪ ବର୍ଷ ତଳର କଥା। ମିଲିମିଟର କିଲୋମିଟିର ହୋଇଗଲେ- ରାହୁଲ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଅମୀର ଖାନଙ୍କ ସହିତ ତାଙ୍କ ଫଟୋ ରଖିଛନ୍ତି। ସେ ବଲିଉଡ଼ରେ ଅନେକ ବଡ଼ ବଡ଼ ହସ୍ତୀଙ୍କ ସହ ଫଟୋ ସେୟାର କରିଛନ୍ତି। ରାଜୁ ହିରାନୀ, ଶାହରୁଖ ଖାନ ଏବଂ ବୋମନ୍ ଇରାନୀଙ୍କ ସହ ମଧ୍ୟ ଫଟୋ ପୋଷ୍ଟ କରିଛନ୍ତି। ରାହୁଲ 'ବନ୍ଦିଶ ବଡିଟ୍‌ସ'ରେ ବି କାମ କରିଛନ୍ତି। ରାହୁଲ ତାଙ୍କ ପତ୍ନୀଙ୍କ ସହିତ ଫୋଟ ସେୟାର କରି ଲେଖିଛନ୍ତି, ଆମେ ଜିତିଗଲୁ। ଏହାପରେ ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ନେଇ ମଜାଳିଆ କମେଣ୍ଟ କରିଛନ୍ତି। ଜଣେ ୟୁଜର ଲେଖିଛନ୍ତି, ମିଲିମିଟିର ଏବଂ କିଲୋମିଟର ହୋଇଗଲେ। କିଛି ୟୁଜର୍ସ ଲେଖିଛନ୍ତି, ଏ ତ କୃଣାଳ ଖେମୁଙ୍କ ପରି ଲାଗୁଛନ୍ତି। ଜାହଁପାନା ତେଫା କୁବୁଲ୍ କିୟ୍ୟା ?



## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ପରିପ୍ରେକ୍ଷୀରେ ଏକତା ପଦଯାତ୍ରା ଆୟୋଜିତ



**ବାରିପଦା,୧୭।୧୧(ସଂଚାର ବ୍ୟୁରୋ):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'ଏକତା ପଦଯାତ୍ରା' ଆୟୋଜିତ ହୋଇଯାଇଛି। ଉକ୍ତ ଏକତା ପଦଯାତ୍ରାକୁ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଧାୟକ ବାରିପଦା ପ୍ରକାଶ ସୋରେନ, ବିଧାୟକ ସାରସକଣା ଭାଦବ ହାଁସଦା, ବିଧାୟିକା ବାଙ୍ଗିରିପୋଷୀ ସଞ୍ଜଲୀ ମୁର୍ମୁ, ବିଜେପି ର ବରିଷ୍ଠ ନେତା ଜାନ୍ଦ୍ରା ସୋରେନ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ମହାପାତ୍ର, ମହାମନୀଷୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନର ଆଦର୍ଶ ଓ ଦୃଢ଼ମନା ମନଭାବର ସ୍ମୃତି ଚାରଣ କରିବା ସହିତ ସ୍ୱାଧୀନ ଭାରତରେ ଦେଶୀୟ ରାଜ୍ୟ ସମୂହର ମିଶ୍ରଣ କେବଳ ତାଙ୍କର ବଳିଷ୍ଠ ଉଦ୍ୟମରେ ସମ୍ଭବ ହୋଇପାରିଥିଲା ବୋଲି କହିଥିଲେ। ଆଜିର ଏଇ ଏକତା ପଦଯାତ୍ରା ବା ୟୁନିଟି ମାର୍ଚ୍ଚ ଦେଶବାସୀଙ୍କ ହୃଦୟରେ ଦେଶ ମାତୃକା ପ୍ରତି ଭକ୍ତି, ସର୍ଦ୍ଦାର ପଟେଲଙ୍କ ଅଖଣ୍ଡ ଭାରତ ଗଠନ ଓ ରାଷ୍ଟ୍ରୀୟ ଏକତା ଆଦର୍ଶ ପ୍ରତି ସମ୍ମାନ ତଥା ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟ ରେ ଅନୁଷ୍ଠିତ ହେଉଛି। ତତ ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶ ମନ୍ତ୍ର ଭାରତକୁ ଏକ ସୁସ୍ଥ ଓ ନିଶାମୁକ୍ତ ରାଷ୍ଟ୍ର ଭାବେ ଗଠନ କରିବା, ସ୍ୱଦେଶୀକୁ ଆପଣାଇ ଏକ ଭାରତ -ଆତ୍ମ ନିର୍ଭର ଭାରତ ଗଠନ କରିବା ଲକ୍ଷ୍ୟ ନେଇ ଆୟୋଜିତ ହେଉଛି ବୋଲି କହିଥିଲେ।

### ଆୟୁଷ୍ମାନ କାର୍ଡରେ ସରିଗଲା ଟଙ୍କା

# ଚିକିତ୍ସା ନକରି ଫେରାଇଦେଲେ ଡାକ୍ତର

**ବାଲେଶ୍ୱର,୧୭।୧୧(ସଂଚାର ବ୍ୟୁରୋ):** ଦେହରେ ମାରାତ୍ମକ ରୋଗ ପାଇଁ ଏଓ୍ୱେଜପଣ ହୋଇ ଘରେ ପଡ଼ି ରହିଛନ୍ତି କୈଳାଶ ଖିଲାର। ମୂଳ ଲାଗିଲେ ଘର ଚଳୁଥିଲା । ଏବେ ଅବସ୍ଥା ଦୁର୍ବିସହ । ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା। ସ୍ୱାମୀଙ୍କ କିପରି ଚିକିତ୍ସା କରାଇବେ, କିପରି ଘର ଚଳିବ, ସେହି ଚିନ୍ତାରେ ଏବେ ପତ୍ନୀ ଗୀତାଞ୍ଜଳୀ କିଛି ଭାବି ପାରୁନାହାନ୍ତି । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଆରୁହାବର୍ତ୍ତୀ ଗାଁରୁ ଆସିଛି ଏଭଳି ଦୁଖଦଃ ଘଟଣା । ପରିବାର କହିଲେ ମାତ୍ର ଦୁଇ ଜଣ ସ୍ୱାମୀ ଆଉ ସ୍ତ୍ରୀ ।



ଭଙ୍ଗା ଚାଳିଆ ଘର । ସ୍ୱାମୀ କୈଳାସ ମୂଲ ମଜୁରୀ ଲାଗି ପେଟଁ ଆଉ ଆଣନ୍ତି, ସେହି ଅର୍ଥରେ ସ୍ତ୍ରୀ ଗୀତାଞ୍ଜଳି ଘର ଚଳାଉଥିଲେ। ସୁଖଦୁଃଖରେ ସଂସାର ଚାଲିଥିଲା । ହେଲେ ପରିବାର ଉପରେ ବଜ୍ରକ ପଡ଼ିଲା । ହେଲେ କୈଳାଶ ନା ଖଟିବାକୁ ଯାଇ ପାରୁଛନ୍ତି ନା ନିଜେ ଅଣ୍ଟା ଶକ୍ତି ଛିଡ଼ା ହୋଇ ପାରୁଛନ୍ତି। ଓଲଟା ସ୍ତ୍ରୀ ଗୀତାଞ୍ଜଳିର ସାହାରାରେ ତାଙ୍କ ଜୀବନ କଟୁଛି । ସୁବର୍ଣ୍ଣରେଖା ନଦୀର ବନ୍ୟା ପରେ କୈଳାସ ସବୁଦିନ ପରି ମୂଲ ଲାଗିବା ପାଇଁ ଯାଇଥିଲେ। କାମ କରିବା ବେଳେ ଗୋଡ଼ରେ କଣ ଗୋଟେ ଫୋଡି ହୋଇଗଲା, ସେବେଠୁ କୈଳାଶଙ୍କୁ ଶଯ୍ୟାସାୟୀ । ସ୍ଥାନୀୟ ଡାକ୍ତରଖାନାଠୁ ଆରମ୍ଭ କରି କଟକ ବଡ଼ ମେଡିକାଲ, ସବୁଠି ଦେଖାଇଲେ, ହେଲେ ସୁଫଳ ମିଳିଲାନି । ଆୟୁଷ୍ମାନ କାର୍ଡ ଜରିଆରେ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ ଗୀତାଞ୍ଜଳି । ଆୟୁଷ୍ମାନ କାର୍ଡରେ ୫ ଲକ୍ଷ ଟଙ୍କା ସରିଯିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ କୈଳାସଙ୍କୁ ବାହାର କରିଦେଲେ, ଶଯ୍ୟାଶାୟୀ ଅବସ୍ଥାରେ କୈଳାସ ଘରେ ପଡ଼ିରହିଛନ୍ତି । ସ୍ୱାମୀର ଚିକିତ୍ସା ପାଇଁ ଘରେ ଯାହା ଥିଲା ସବୁ ବିକିବାକି ଖର୍ଚ୍ଚ କରିସାରିଛନ୍ତି ଗୀତାଞ୍ଜଳି। ଏଓ୍ୱେକକ ସରକାରୀ ସାହାଯ୍ୟକୁ ଅନେଇ ବସିଛନ୍ତି ଦୁଇ ପ୍ରାଣୀ । ଓଳିଏ ଖାଇଲେ ଓଳିଏ ଉପବାସ ରହିବା ପାଇଁ ପଡୁଛି । ପାଖ ପୋଡ଼ଶୀଙ୍କ ସାହାଯ୍ୟରେ ଦିନ କଟୁଛି। ସରକାରଙ୍କଠୁ ମିଳୁଥିବା ୧୦ କେଜି ଚାଉଳ ହିଁ ଏଓ୍ୱେ ସାହା ଭରସା। ସୁଖର ସଂସାରଟିଏ ଅକାଳରେ ଝଡ଼ି ଯିବାକୁ ବସିଛି । ସରକାରୀ ସହାୟତା ମିଳିଲେ ଦୁଇଟି ଜୀବନକୁ ପୁଣି ବଞ୍ଚିବାକୁ ରାହା ମିଳି ଯାଆନ୍ତା ।

## ଥମୁନି ଜୁଆ ଖେଳ: ୧୧ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

**ଭଞ୍ଜନଗର,୧୭।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଂଚଳରେ ଏବେବି ଜୁଆ ଖେଳ ଥମିବାକୁ ନାହିଁ। ରବିବାର ରାତିରେ



ପୋଲିସ ଭେରେଡାରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୩ ହଜାର ୮୪୦ ଟଙ୍କା, ୧୧ଟି ମୋବାଇଲ ଫୋନ, ୫ଟି ବାଇକ ଜବତ କରାଯାଇଛି। ଏନେଇ ପୋଲିସ ୧୨୨୪/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଘଟଣାରୁ ପ୍ରକାଶ ଯେ, ଭେରେଡାରେ ବିଭିନ୍ନ ସମୟରେ ଜୁଆ ଖେଳ ହେଉଛି। ଜୁଆ ଖେଳିବା ପାଇଁ ବିଭିନ୍ନ ଆଡୁ ଲୋକେ ଆସି ସେଠି ଏକାଠି ହୁଅନ୍ତି। ଏନେଇ ଥାନା ଅଧିକାରୀ ଜିବନା ନନ୍ଦ ଜେନାଙ୍କ ପାଖରେ ସୂଚନା ପହଞ୍ଚିଥିଲା। ଏହାପରେ ଏକ ସ୍ୱତନ୍ତ୍ର ଟିମ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।

● ଜୟପୁରର ଯୁବକ ଗଞ୍ଜାମରୁ ଉଦ୍ଧାର

## ପୁଅକୁ ପାଇ ଖୁସିରେ ଆତ୍ମହରା ମା-ବାପା

**ଗଞ୍ଜାମ,୧୭।୧୧ (ସଂଚାର ବ୍ୟୁରୋ):** କୋରାପୁଟ ଜୟପୁର ଅଞ୍ଚଳର ଜଣେ ଯୁବକ ଗତ ଛଅ ତାରିଖରେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପୁଅ ନିଖୋଜ ନେଇ ବାପା ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଟାଉନ ଥାନା ପୋଲିସ ଫଟୋ ଜାରି କରିବା ସହ ପରିବାର ଲୋକଙ୍କ ସହ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଶୁକ୍ରବାର ପୁଇଁତୋଳା ଛକଠାରେ ଜଣେ ଯୁବକ ସନ୍ଦେହଜନକ ଭାବେ ବୁଲୁଥିବା ଦେଖି ଧରଣୀ ସାହୁ ଏବଂ ବିଶ୍ୱ ଭୂଷଣ ଦଳାଇ ପାଖକୁ ଡାକି ନାଁ -ଗାଁ ପଚାରିଥିଲେ। ପରେ ଜୟପୁର ଅଞ୍ଚଳର ପଙ୍କଜ ସାବତ (ପିଙ୍କୁ ) (୨୪) ସେ କୌଣସି କାରଣରୁ ଟ୍ରେନ୍ ଯୋଗେ ଭୁବନେଶ୍ୱର ଏବଂ ସେଠାରୁ ଚାଲିଚାଲି ଆସିଥିବା ଜଣାପଡ଼ିଥିଲା। ଏନେଇ ପଙ୍କଜର ମୋବାଇଲରୁ ହିଁ ତାଙ୍କ ବାପାଙ୍କୁ ପୁଅ ଗଞ୍ଜାମରେ ଥିବା ଧରଣୀ ଅବଗତ କରିବା ସହ ଆଇଆଇସି ସୁମିତ୍ରା ପାତ୍ରଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଜଣାଇଥିଲେ। ଏଥିସହ ୩ ଦିନ ହେବ ଯୁବକଙ୍କର ଖାଇବା ପିଇବା ସହ ସମସ୍ତ ବନ୍ଦୋବସ୍ତ କରିଥିଲେ ଧରଣୀ ଓ ବିଶ୍ୱଭୂଷଣ। ଖବର ପାଇ ଟ୍ରେନ୍ ଯୋଗେ ଉଦ୍ଧାର ଯୁବକଙ୍କ ବାପା ସନ୍ତୋଷ ସାବତ ଦାଦା ଓ ଦୁଇ ପିଉସୀ ସୋମବାର ଗଞ୍ଜାମରେ ଆସି ପହଞ୍ଚିଥିଲେ। ଥାନା ପୋଲିସ ପଙ୍କଜଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ଉଦ୍ଧାର ଯୁବକଙ୍କ ମା' ନ ଥିବା ବେଳେ ମା' ବାପାଙ୍କ ଗୋଟିଏ ବୋଲି ପୁଅ। ତାଙ୍କ କଥା ଘରେ କେହି ଶୁଣୁ ନ ଥିଲେ ତେଣୁ ସେ ମନ ଖରାପ କରି ପଳେଇ ଆସିଥିବା ପଙ୍କଜ ଗଣମାଧ୍ୟମକୁ କହିଛନ୍ତି।

## ଏସୟୁସିଆଇ ପକ୍ଷରୁ ରାଜ୍ୟସ୍ତରୀୟ ଗଣବିକ୍ଷୋଭ ପାଇଁ ପ୍ରଚାର ଅଭିଯାନ ଓ ପଥପ୍ରାନ୍ତ ସଭା



**ବାରଙ୍ଗ,୧୭।୧୧ (ସଂଚାର ବ୍ୟୁରୋ):** ନାରୀ ନିର୍ଯ୍ୟାତନା ବନ୍ଦ କରିବା, ମାଦକ ଦ୍ରବ୍ୟ ଓ ଇଣ୍ଟରନେଟ୍ ସମେତ ସମସ୍ତ ଗଣ ମାଧ୍ୟମରେ ଅପସଂସ୍କୃତିର ପ୍ରସାର ବନ୍ଦ କରିବା, ମାଗଣାରେ ବିଶୁଦ୍ଧ ପାଣି ଯୋଗାଇବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଶିକ୍ଷା - ସ୍ୱାସ୍ଥ୍ୟସେବା- ବିଜୁଳି ଆଦି କ୍ଷେତ୍ରର ସମସ୍ୟା ଦୂର କରିବା, ବନ୍ଦ ହୋଇଥିବା ସମସ୍ତ ସରକାରୀ ଓଡିଆ ମାଧ୍ୟମ ବିଦ୍ୟାଳୟ ଖୋଲିବା, କୃଷିଜାତ ଦ୍ରବ୍ୟ ଉପରେ ଏମଏସପିକୁ ଆଇନସମ୍ମତ କରିବା, ଏସଆଇଆର୍ ବନ୍ଦ କରିବା, ଶ୍ରମିକ କର୍ମଚାରୀ ବିରୋଧ ୪ଟି ଶ୍ରମ କୋଡ ବାତିଲ କରିବା, ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ଚାଷ ଜମି ଓ ଭିଟା ମାଟିରୁ ଉଚ୍ଛେଦ ବନ୍ଦ କରିବା ଆଦି ଦାବିରେ ଏବଂ ଦରଦାମ ବୃଦ୍ଧି, ଦୁର୍ନୀତି, ବେକାରୀ ସମସ୍ୟା ଆଦି ବିରୁଦ୍ଧରେ ଆସନ୍ତା ୨୫ ନଭେମ୍ବର ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିଧାନସଭା ସମ୍ମୁଖରେ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ବିଶାଳ ଗଣ ବିକ୍ଷୋଭକୁ ସଫଳ କରିବାର ଆବେଦନରେ ଆଜି ବାରଙ୍ଗର ଦାଢା ପାଟଣା ଠାରେ ପ୍ରଚାର ଅଭିଯାନ ଓ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି।

● ଜାତୀୟ ନାଟ୍ୟ ମହୋତ୍ସବର ନାଟ୍ୟ ସନ୍ଧ୍ୟା

## ଦର୍ଶକଙ୍କୁ ବିମୋହିତ କଲା ନାଟକ "ପ୍ରେମ ପ୍ରୀତି"

**ବାରିପଦା,୧୭।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ଆଜି



ନାଟ୍ୟ ସନ୍ଧ୍ୟାରେ ଶାନ୍ତିକୃପା, ଭୁବନେଶ୍ୱର ପ୍ରଯୋଜିତ ଓଡ଼ିଆ ନାଟକ "ପ୍ରେମ ପ୍ରୀତି" ମଞ୍ଚସ୍ଥ ହୋଇଯାଇଛି । ସୁଶାନ୍ତ କୁମାର ଶତପଥିଙ୍କ ନିର୍ଦ୍ଦେଶିତ ନାଟକରେ ସୁଶାନ୍ତ ଶତପଥି, ବାପୁ ରଥ, ମନୀଷା ରଥ ଅଭିନୟ କରିଥିବା ବେଳେ ଆଲୋକରେ ଗୋବିନ୍ଦ ଜେନା, ସଂଗୀତରେ ଗୌରବ ପାଣିଗ୍ରାହୀ, ମଞ୍ଚସଜ୍ଜାରେ ସାକିଲ ଓ ରୂପସଜ୍ଜାରେ ଶ୍ୱେତପଦ୍ମା ପଣ୍ଡା ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଟଳ ଧର୍ମରତ୍ନରେ ଭୂଷିତ ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଭୁଗୁଡେଇ ଓ ମୁଖ୍ୟ ବକ୍ତାଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ,ବାଙ୍ଗିରିପୋଷି ର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ଆଜି ସନ୍ଧ୍ୟାର ନାଟକର ଉଦଘାଟନ କରିବା ସହ ବାରିପଦାରେ ଜାତୀୟ ନାଟ୍ୟ ମହୋତ୍ସବର ଆୟୋଜନ ସ୍ଥାନୀୟ କରକାରଙ୍କୁ ପ୍ରଭାବିତ କରିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସ୍ଥାର ସମ୍ପାଦକ ଜ୍ଞାନ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରତିଷ୍ଠାତା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବଶା ନାଟକ ଉପରେ ଆଲୋକପାତ କରିଥିଲେ ।

### ହେବନାହିଁ ଧନୁଷ୍ଟଙ୍କାର-ଗଳା ସଂକ୍ରମଣ ରୋଗ

## ଟିଡି ଟିକା ନେବେ ୧୮୦୦ ଛାତ୍ରୀଛାତ୍ର

**ଭଞ୍ଜନଗର,୧୭।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଓ ଏନ୍ଏସିଏ ପ୍ରାୟ ୧୮୦୦ ଛାତ୍ରୀଛାତ୍ରଙ୍କୁ ଟିଡି ଟିକା ପ୍ରଦାନ କରାଯିବ। ତେଣୁ ଏନେଇ ବିଭିନ୍ନ ବିଦ୍ୟାଳୟ ଓ କଲେଜରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଟିକା ପ୍ରଦାନ କରାଯାଉଛି। ୧୦ ରୁ ୧୬ ବର୍ଷ ଛାତ୍ରୀଛାତ୍ରଙ୍କୁ ଏହି ଟିକା ପ୍ରଦାନ କରାଯାଉଛି। ଏହି ଟିକା ଦିଆଗଲେ



ଛାତ୍ରୀଛାତ୍ରଙ୍କୁ ଧନୁଷ୍ଟଙ୍କାର, ଗଳା ସଂକ୍ରମଣ ରୋଗ ହେବ ନାହିଁ। ତେଣୁ ସୋମବାର ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ଉକ୍ତ ଟିକା ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ କୁମୁନ୍ଦ ଚନ୍ଦ୍ର ମହାପାତ୍ର, ପ୍ରଶାସନିକ ଅଧିକାରୀ ବିଭାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭଞ୍ଜନଗର ଉପଖଣ୍ଡ ମେଡିକାଲର ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ବିଧୁପମା ସାହୁ, ମନ୍ଦାକିନୀ ବେହେରା ଛାତ୍ରୀଛାତ୍ରଙ୍କୁ ଟିକା ପ୍ରଦାନ କରିଥିଲେ।

### ମିଳୁନି ବିଏସ୍ଏନ୍ଏଲ୍ ସେବା

## ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

**ରାଇକିଆ,୧୭।୧୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ରାଇକିଆ ଥାନା ମାଣିକେଶ୍ୱର ପଞ୍ଚାୟତବାସୀ ବିଏସ୍ଏନ୍ଏଲ ସେବାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଟାଓ୍ୱାର ସ୍ଥାପନ ହେଇଥିଲେ ମଧ୍ୟ ସେବା ମିଳି ପାରିନାହିଁ। ଇଣ୍ଟରନେଟ୍ ଯୁଗରେ ଲୋକେ ମୋବାଇଲ ଭଳି ସାଧାରଣ ସୁବିଧା ପାଇ ପାରିନାହାନ୍ତି। ଏହାର ପ୍ରତିବାଦରେ ସୋମବାର ମାଣିକେଶ୍ୱର ପଞ୍ଚାୟତବାସୀ ରାସ୍ତାରୋକୋ କରିବା ସହ ଆନ୍ଦୋଳନ କରିଥିଲେ। ଖବର ପାଇ ଜି.ଉଦୟଗିରି ଏସ୍‌ଡିପିଓ



ବିଜୟ କୁମାର ବିଶି ଏବଂ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ତଥା ଟେଲିଫୋନ ଆଡଭାଇଜର କମିଟି ସଦସ୍ୟ ସନ୍ତୋଷ ଲେଙ୍କା ପହଞ୍ଚି ଲୋକଙ୍କୁ ବୁଝାଇବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ପରେ ପଞ୍ଚାୟତବାସୀ ଆନ୍ଦୋଳନରୁ ଓହରିଥିଲେ। ମାଣିକେଶ୍ୱରଠାରେ ତୁରନ୍ତ ସେବା ଆରମ୍ଭ ହେଇଥିବା ବେଳେ ବରେପାଙ୍ଗାରେ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଲେଙ୍କା କହିଛନ୍ତି।

## ସୁରଭି୨୦୨୫ରେ ଦମୟନ୍ତୀଙ୍କ କୃତିତ୍ୱ

**ବଲାଙ୍ଗିର,୧୭।୧୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ପୌରାଚଂଳ ଅନ୍ତର୍ଗତ ଗାନ୍ଧୀ ନଗର ପଡ଼ା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଦମୟନ୍ତୀ ଖୁଆସ ସୁରଭି ୨୦୨୫ କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତା ପ୍ରସଙ୍ଗ-'କୃତିମ ବୁଦ୍ଧିମତା ଶିକ୍ଷଣ ଶିକ୍ଷାଦାନରେ ଶିକ୍ଷକଙ୍କର ଭୂମିକା ନେଇପାରିବ କି?' ଉପରେ ଜିଲ୍ଲାରେ ପ୍ରଥମ ଓ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ହାଟପଦା ପଡ଼ା ନିବାସୀ ସୁଦର୍ଶନ ଖୁଆସ ଓ ତରଙ୍ଗିନୀ ଖୁଆସଙ୍କ ସୁପୁତ୍ରୀ ଅଟନ୍ତି ଦମୟନ୍ତୀ। ଗାଇଡ଼ ଶିକ୍ଷକ ଭାବେ ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ବଘାର ଏହି ରାଜ୍ୟ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଦମୟନ୍ତୀଙ୍କୁ ମାର୍ଗଦର୍ଶନ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନୂତନ ନାୟକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ଶୁଭେଚ୍ଛା ଜଣେଇଛନ୍ତି।

## ଗୋଡ଼ ଫଟା ପାଇଁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ଗଞ୍ଜାମ,୧୭।୧୧(ସଂଚାର ବ୍ୟୁରୋ):** ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଗୋଡ଼, ମୁହଁ, ଓଠ ଓ ଚର୍ମ ଫଟାର ପ୍ରତିରୋଧ ପାଇଁ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ, ଶୀତ ଦିନେ ଏହିସବୁ ରୋଗ ଦେଖାଯାଏ, ନିରାକରଣ ପାଇଁ ଶରୀରକୁ ତୈଳାକ୍ତ ସାବୁନ ଦ୍ୱାରା ସଫା ରଖିବେ। ନଡ଼ିଆ ତେଲ ବା ଘିଅ ଗରମ କରି ସେଥିରେ ଝୁଣା ପକାଇ ଲେପ ପ୍ରସ୍ତୁତ କରନ୍ତୁ। ପୁରାଶରୀରକୁ ଘୋଡାଇ ରଖନ୍ତୁ, ଏହି ଲେପ ଫଟା ସ୍ଥାନରେ ଲଗାଇଲେ ଭଲ ହୁଏ। ଓଠରେ ଲଗାଇଲେ ଅଳ୍ପ ଗେରୁ ମିଶାଇବେ ଓଠ ନାଲି ହେବ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ ଏବଂ ଶିବିରର ପରିଚାଳନାରେ ସହଯୋଗ କରିଥିଲେ କେ. ବାଳକୃଷ୍ଣ ପାତ୍ର।

## ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା, ଶନିବାର ପ୍ରବେଶ ଶୁଳ୍କ ଛାଡ଼ ଦାବି

**କୋଣାର୍କ,୧୭।୧୧(ସଂଚାର ବ୍ୟୁରୋ):** ସୂର୍ଯ୍ୟମନ୍ଦିର ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼ ଆଦି ଦାବି ନେଇ ସୋମବାର ପୂର୍ବାହ୍ଣରେ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୀର୍ଘ ୨୯ବର୍ଷ ଧରି ସୁରକ୍ଷା ସମିତି ଏହି ଆନ୍ଦୋଳନ କରିଆସୁଛି। ସୂର୍ଯ୍ୟମନ୍ଦିର ସମ୍ମୁଖରେ ସମିତି ସଦସ୍ୟ, ଯୁବଗୋଷ୍ଠୀ, ସମାଜସେବୀ ପ୍ରମୁଖ ସାମିଲ ହୋଇ ଗଣଧାରଣାରେ ବସି ରହିଥିଲେ। ସୁରକ୍ଷା ସମିତି ସଭାପତି ସୌମ୍ୟସୌରଭ ଦାଶଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ସମ୍ପାଦକ ରାମକୃଷ୍ଣ ମହାନ୍ତି,ଭାଗିରଥି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ଶନିବାର ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼, ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ, ବ୍ୟବସାୟୀଙ୍କୁ ଥଇଥାନ, ସୂର୍ଯ୍ୟ ମନ୍ଦିର ସଂରକ୍ଷଣରେ ଅବହେଳା ପ୍ରଦର୍ଶନ ହେଉଥିବା ସଂପର୍କରେ ଏକ ଦାବିପତ୍ର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓ ଏଏସଆଇ ଡିଜି, ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏଏସଆଇ ବିରୁଦ୍ଧରେ ଗଣ ଆନ୍ଦୋଳନ ଜାରି ରହିବ ବୋଲି ସମିତି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମକୁ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଖସିଲା ତାପମାତ୍ରା: ସର୍ବନିମ୍ନ ୭ ଡିଗ୍ରୀ ରେକର୍ଡ

**ଦାରିଙ୍ଗବାଡି,୧୭।୧୧(ସଂଚାର ବ୍ୟୁରୋ):** ଓଡିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ଅସହ୍ୟ ଶୀତ ଅନୁଭୂତ ହେଉଛି। ତାପମାତ୍ରା ୨ ଦିନ ସାମାନ୍ୟ ବୃଦ୍ଧି ପାଇଥିବାବେଳେ ପୁଣି ସୋମବାର



ତାପମାତ୍ରା ତଳମୁହାଁ ହୋଇ ୭ ଡିଗ୍ରୀରେ ପହଞ୍ଚିଛି। ଦାରିଙ୍ଗବାଡିକୁ ଛାଡିଦେଲେ ଆଭ୍ୟନ୍ତରୀଣ ଅଞ୍ଚଳ ତଥା ସୋନପୁର, ଦନେକବାଡି, ସିର୍କାବର୍ଗ, ଝିଞ୍ଜିରୀଗୁଡା, କୁମ୍ଭାରୀଗାଁ, ଭ୍ରମରବାଡ଼ି, ସିଆଙ୍ଗବାଲି, ପର୍ତ୍ତମାହା ଆଦି ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ପ୍ରବଳ ଅସହ୍ୟ ଶୀତ ଅନୁଭୂତ ହେଉଥିବା କୁହାଯାଇଛି। ଫଳରେ ଏହି ସବୁ ଅଞ୍ଚଳରେ ଦାରିଙ୍ଗବାଡି ତାପମାତ୍ରାଠାରୁ ଆହୁରି କମ ରହିଥିବା ଆଶଙ୍କା ବୃଦ୍ଧି ପାଇଛି। ପାଣିରେ ହାତ ଦେବା ମୁସ୍କିଲ ହୋଇଛି। ପାଣି ଜାଡ଼ ପାଲଟିଛି। ବିଭିନ୍ନ ସ୍ଥାନରେ କାକର ବୃଦ୍ଧି ପାଇଛି। ବିଭିନ୍ନ ସ୍ଥାନରେ ଲୋକ ନିଆଁ ଲଗାଇ ନିଆଁର ସାହାରା ନେଉଛନ୍ତି। ଶ୍ରମିକ ଶ୍ରେଣୀର ଲୋକମାନେ ନିଜ କାମଧନ୍ଦା ପାଇଁ ୧୦ଟା ପରେ ହିଁ ଯାଇପାରୁଛନ୍ତି। ଜରୁରୀ କାର୍ଯ୍ୟ ନ ଥିଲେ ଲୋକ ଘରୁ ବାହାରକୁ ବାହାରିବା କଷ୍ଟ ହୋଇପଡିଛି। ସୂଚନାଯୋଗ୍ୟ ଯେ, ଶନିବାର ଓ ରବିବାର ତାପମାତ୍ରା ୮ ଡିଗ୍ରୀ ରହିଥିବାବେଳେ ତା'ପୂର୍ବରୁ ଗୁରୁବାର ଓ ଶୁକ୍ରବାର ୭. ୫ ଡିଗ୍ରୀ ତାପମାତ୍ରା ରହିଥିବା ଜଣାପଡିଛି।

## ଆସନ୍ତା ୩୦ ତାରିଖରେ ଜୟପୁର ବ୍ଲକ ସ୍ତରୀୟ ପରବ

**ଜୟପୁର,୧୭।୧୧(ସଂଚାର ବ୍ୟୁରୋ):** ଜୟପୁର ବ୍ଲକ ସ୍ତରିୟ ପରବ ପାଳନ ନେଇ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ସହକାରି ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦଙ୍କ ସହ ପରବ କମଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଆସନ୍ତା ୩୦ ତାରିଖରେ ବ୍ଲକ ସ୍ତରିୟ ପରବ ଶୁଭ ଉଦଘାଟନ ହେବ। ଚଳିତ ବର୍ଷ ମା ଜଗତଜନନି ମନ୍ଦିରରେ ଶୁଭ ଉଦଘାନ ହେବ। ମାଙ୍କ ନିକଟରେ ପୁଜା ପାଠ ପରେ ମଶାଲ ଶୋଭାଯାତ୍ରା ବାହାରିବ। ବ୍ଲକ ସ୍ତରିୟ ପରବ ନେଇ ୧୨ ଟି ଗଠନ କରାଯାଇଛି। ଜୟପୁର ବ୍ଲକ ସ୍ତିରୟ ପରବ ଯେପରି ଧୁମ ଧାମ ରେ ହୋଇ ପାରିବ ସେ ନେଇ ନିଷ୍ପତ୍ତି ହୋଇଛି।

● ଅଟୋ ଧକ୍କାରେ ସାଇକେଲ ଆରୋହୀ ମୃତ

## ରେଡ଼କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କଲେ ତହସିଲଦାର

**ଭଦ୍ରକ,୧୭।୧୧(ସଂଚାର ବ୍ୟୁରୋ):** ଏହି ଜିଲାର ଚାନ୍ଦବାଲି ବ୍ଲକ ଉତୁକୁଡ଼ା ଗ୍ରାମର ଅରୁଣ କୁମାର ବେହେରା ଅଟୋ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ପୁଲିସ ସୂତ୍ର ରୁ ପ୍ରକାଶ, ଅରୁଣ କୌଣସି କାର୍ଯ୍ୟରେ ନିକଟସ୍ଥ ବଜାରକୁ ଯାଉଥିବାବେଳେ ପଛପଟରୁ ଏକ ଅଟୋ ଅରୁଣ ଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛଟିକି ପଡ଼ିଥିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେହି ତାଙ୍କ ମୃତ୍ୟୁ ଘଟିଥିଲା। ଅଟୋଟି ପଶ୍ଚିମବଙ୍ଗର ଥିବା ଜଣାପଡ଼ିଛି। ଚାନ୍ଦବାଲି ପୋଲିସ ଅଟୋକୁ ଜବଦ କରିଛି ଏବଂଅଟୋ ଥିବା ଜଣେ ସହଯୋଗୀକୁ ଗିରଫ କରାଯାଇଛି। କିନ୍ତୁ ଚାଳକ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି. ମୃତ ଅରୁଣ ଜଣେ ରୋଷେୟା ଭାବେ କାମ କରି ନିଜ ପରିବାରକୁ ପ୍ରତିପୋଷଣ କରୁଥିବା ବେଳେ ତାଙ୍କର ଦୁଇ ଛୋଟ ପୁଅ ଅଛନ୍ତି ଏବଂ ସ୍ତ୍ରୀ ଜଣେ ଭିନ୍ନକ୍ଷମ। ଅରୁଣଙ୍କ ମୃତ୍ୟୁ ଖବର ପାଇବା ପରେ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ ରେଡ଼କସ ପାଣ୍ଠିରୁ ୨୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି।

## ସ୍ମାର୍ଟ ମିଟର୍‌କୁ ବିରୋଧ: ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ, ରାଜପଥରେ ଗାଡ଼ି ଚଳାଚଳ ଠପ୍



**ଢେଙ୍କାନାଳ,୧୭।୧୧(ସଂଚାର ବ୍ୟୁରୋ):** ସୋମବାର ଢେଙ୍କାନାଳ ବନ୍ଦ । ସ୍ମାର୍ଟ ମିଟର ବିରୋଧରେ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ ହେବ। ସକାଳ ୬ଟାରୁ ରାଜପଥ ଅବରୋଧ ସହ ରେଳ ଅବରୋଧ କରାଯାଇଛି। ଦୋକାନ ବଜାର, ଯାନବାହାନ ଚଳାଚଳ ବନ୍ଦ ରହିଛି । ସକାଳ ୧୦ଟାରୁ ପିକେଟିଂ କରାଯାଇ ବ୍ୟାଙ୍କ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବ। ପରେ ଦିନ ୧୨ଟାରେ ଏକ ବିରାଟ ଶୋଭାଯାତ୍ରା କରାଯାଇ ପ୍ରତିବାଦ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏଥିରୁ ଜରୁରୀକାଳିନ ସେବାକୁ ବାଦ୍ ଦିଆଯିବ ବୋଲି କ୍ରିୟାନୁଷ୍ଠାନ କମିଟିର ଆବାହକ ଗୋପାଳ ଚନ୍ଦ୍ର ପାତ୍ର ନିବେଦନ କରିଛନ୍ତି । ସେପଟେ ପୂର୍ବତଟ ରେଳପଥର ଢେଙ୍କାନାଳ ଷ୍ଟେସନ ଠାରେ ଆନ୍ଦୋଳନକାରୀ ମାଲବାହୀ ଟ୍ରେନ୍ ଓ ଅନୁଗୁଳ ପୁରୀ ଡିଏମୟୁ ଟ୍ରେନକୁ ଅଟକ ରଖିଥିବା ସୂଚନା ମିଳିଛି। ଏପଟେ କଲେଜ ବାଇପାସ, କୋରିଆଁ, କଣ୍ଟା ନାଳୀ, ମହିଷାପାଟ ଆଦି ସ୍ଥାନରେ ୫୫ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିବାରୁ ରାଜପଥରେ ଗାଡ଼ି ଚଳାଚଳ ଠପ ହୋଇଯାଇଛି। ରବିବାର ସନ୍ଧ୍ୟା ସହରରେ ପଦଯାତ୍ରା କରି ଲୋକଙ୍କୁ ବନ୍ଦରେ ସାମିଲ ପାଇଁ ଆହ୍ୱାନ ଦିଆଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନରେ ସାମିଲ ହେବାକୁ କମିଟି ଆହ୍ୱାନ କରିଛି । ତେବେ ଆଇନଶୃଙ୍ଖଳା ଦୃଷ୍ଟିରୁ ପୁଲିସ୍ ପ୍ରଶାସନ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି।

## ଜିଲ୍ଲା ଆଇନ୍ ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ,୧୭।୧୧(ସଂଚାର ବ୍ୟୁରୋ):** ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ, ଓଡ଼ିଶା କଟକଙ୍କ ସୂଚନା କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରମା କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କାଉପୁର ସ୍ଥିତ କଲ୍ପନା ଦେବୀ ଜରା ନିବାସଠାରେ ବରିଷ୍ଠ ବୟସ୍କ ନାଗରିକ ମାନଙ୍କ ନିମନ୍ତେ ଥିବା ଭରଣ ପୋଷଣ, କଲ୍ୟାଣ ମୂଳକ କାର୍ଯ୍ୟ ଯାହାକି ବୟସ୍କ / ବୃଦ୍ଧ ବୃଦ୍ଧା ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସେସବୁ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଖଗେଶ୍ୱର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଡଃ ତାପସୀ କୁମାର ମହାନ୍ତି, ସହାୟକ ପ୍ରତିପକ୍ଷ ଓକିଲ, ନ୍ୟାୟ ରକ୍ଷକ, ଭଦ୍ରକ ତଥା କଲ୍ପନା ଦେବୀ ଜରା ନିବାସର ପରିଚାଳକ, ଡଃ ହରେକୃଷ୍ଣ ନାୟକ ଏବଂ ବୃଦ୍ଧବୃଦ୍ଧା ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ। ଉପସ୍ଥିତ ଥିବା ବୃଦ୍ଧ ବୃଦ୍ଧା ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ବିଷୟରେ ତଥା ସିନିଅର ସିଟିଜେନ ଆକ୍ଟ ୨୦୦୭ ଅନୁଯାୟୀ ବୟସ୍କ ନାଗରିକ ମାନଙ୍କପାଇଁ ଥିବା ଭରଣ ପୋଷଣ ଏବଂ ଜନହିତକର କାର୍ଯ୍ୟ ବିଷୟରେ ମଧ୍ୟ ସଚେତନତା କରାଯାଇଥିଲା। ଅନୁଷ୍ଠାନ ତରଫରୁ ଅନ୍ତେବାସୀ ମାନଙ୍କୁ ଶୀତ କମ୍ବଳ ମଧ୍ୟ ବଣ୍ଟନ କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

**ଜୟପୁର,୧୭।୧୧(ସଂଚାର ବ୍ୟୁରୋ):** ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ଠାରେ ପଞ୍ଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ସହକାରି ନିବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ପ୍ରୋଗ୍ରାମ ଅସିଷ୍ଟାଂଟାଣ୍ଡ ସସ୍ମିତା ପରିଡ଼ା ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ। ସୋଲାର ୟୁନିଟ ଖରାପ ହୋଇଥିବାରୁ ପାନିୟ ଜଳର ସମସ୍ୟା ଦେଖାଯାଇଛି। ତାହାର ସମାଧାନ ଦାବି କରିବା ସହ ଅଙ୍ଗନବାଡୀ କେନ୍ଦ୍ର ମରାମତି କରିବାକୁ ଦାବି କରାଯାଇଛି। ରାସ୍ତା ଓ ଡ୍ରେନ ନିର୍ମାଣ କରିବାକୁ ଦାବି କରାଯାଇଛି। ଏହା ସହ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରି ମାନେ ଉପସ୍ଥିତ ରହି ସଚେତନ କରିଥିଲେ। ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା।